# ସେ ଆମ ସାଙ୍ଗରେ ଥିଲେ



# He Lived Among Us
## Oriya Edition

Copyright 2015 Voice Media

info@VM1.global
Web home: www.VM1.global

All rights reserved. No part of the publication may be reproduced, distributed or transmitted in any form or by any means, including photocopying, recording, or other electronic, or mechanical methods, without the prior written permission of the publisher, except in the case of brief quotations embodied in critical reviews and certain other noncommercial uses permitted by copyright law. For permission requests, email the publisher, addressed "Attention: Permission Coordinator," at the address above.

This publication **may not be sold, and is for free distribution** only.

# ସେ ଆମ ସାଙ୍ଗରେ ଥିଲେ

ଯଦିବା ସ୍ୱଭାବତଃ ସମସ୍ତେ ଈଶ୍ୱରଙ୍କ ବିଷୟରେ ଜାଣନ୍ତି, ଅଜ୍ଞାନତା ବଶତଃ ଅଧିକାଂଶଙ୍କର ତାଙ୍କ ବିଷୟରେ ଗୋଟିଏ ଭୁଲ୍ ଧାରଣା ଅଛି।

**ପ୍ରଥମତଃ** - ଆମର ବିବେକ ଜରିଆରେ ଈଶ୍ୱର ଆମକୁ ଭଲ ବା ମନ୍ଦ ଜଣେଇ ଦିଅନ୍ତି କିନ୍ତୁ ଆମକୁ ବିଗ୍ରର କରିବାର ସ୍ୱାଧୀନତା ଦେଇଛନ୍ତି। ଏହା ଆମକୁ ବ୍ୟକ୍ତିଗତ ଦାୟିତ୍ୱ ଦିଏ।

**ଦ୍ୱିତୀୟତଃ** - ଆଦିମ ଯୁଗରୁ ଈଶ୍ୱରଙ୍କର ଅସ୍ତିତ୍ୱ ଓ ଅନନ୍ତ ଶକ୍ତି ପରିଷ୍କାର ଦେଖି ହେଉଛି। ଯେଉଁସବୁ ଘଟଣା ଘଟିଯାଉଛି ସେଥିରୁ ସବୁ ବୁଝି ହେଉଛି, ତେଣୁ ମଣିଷ କିଛି ବାହାନା ବନାଇ ପାରିବ ନାହିଁ ଯେ ସେ ଈଶ୍ୱର କିଏ ଜାଣିନି।

ତାଙ୍କର ବାକ୍ୟ ପଢି, ତାଙ୍କ ବିଷୟରେ ଅଧିକ ଜାଣିହୁଏ। **ନୂତନ ନିୟମରେ** ମଣିଷର ସବୁ ପ୍ରଶ୍ନର ଉତ୍ତର ମିଳେ। ଯାହାର କାନ ଅଛି ସେ ଶୁଣୁ।

ଆଶା ହେଉଛି ଜୀବନ। ଆମେ ସମସ୍ତେ, ସବୁଠୁ ଭଲ ବିଷୟକୁ ଆଶା କରୁ। ଆମ ସମସ୍ତଙ୍କର ବିଶ୍ୱାସ ବି ଅଛି। କିନ୍ତୁ ଆମର ବିଶ୍ୱାସ ସତ୍ୟ ଉପରେ ଆଧାରିତ କି? ଜୀବନ୍ତ ଈଶ୍ୱର ଏବଂ ତାଙ୍କ ପ୍ରତିଜ୍ଞା ଉପରେ ଆଶା ରଖ। ତାଙ୍କଠାରେ ବିଶ୍ୱାସ ରଖ - ତାହାହେଲେ ତୁମର ଆଶା ସଫଳ ହେବ।

ସମସ୍ତଙ୍କ ପାଇଁ ବହୁତ ବଡ ପ୍ରଶ୍ନ ହେଉଛି - ମୁଁ କାହିଁକି ଏଠି ରହିଛି? କେଉଁ ଉଦ୍ଦେଶ୍ୟରେ? ଉତ୍ତର ହେଉଛି ଈଶ୍ୱରଙ୍କୁ ପାଇବାକୁ। ପିତା ଓ ସନ୍ତାନ ପରି, ତାଙ୍କ ସହିତ ଏକାଠି ରହିବାକୁ। ସେ ଆମ ସମସ୍ତଙ୍କୁ ଡାକୁଛନ୍ତି। କିନ୍ତୁ ଈଶ୍ୱର ଆମକୁ ବାଧ୍ୟ କରୁ ନାହାନ୍ତି। ଆମେ ତାଙ୍କ ନିକଟକୁ ଯାଇ ପାରୁ ବା ତାଙ୍କ ପାଖରୁ ପଳାଇ ଯାଇ ପାରୁ। ତାଙ୍କ ପାଖରେ ଭରସା ରଖିପାରୁ ବା ତାଙ୍କୁ ମନେ ନ ପକାଇ ପାରୁ।

## ଈଶ୍ୱରଙ୍କ ପ୍ରେମର ଗୋଟିଏ ଉଦାହରଣ :

ପ୍ରେମ ସହନଶୀଳ, ପ୍ରେମ ଦୟାଳୁ। ଏହା ଈର୍ଷା କରେ ନାହିଁ। ଏହା ଦର୍ପ କରେ ନାହିଁ। ଏହା ଗର୍ବୀ ନୁହେଁ କି ନିଷ୍ଠୁର ନୁହେଁ। ଏହା ନିଜ ପାଇ ସୁଖ ସୁବିଧା ଖୋଜେ ନାହିଁ। ଏହା ସାମାନ୍ୟ କଥାରେ ବିରକ୍ତ ହୁଏ ନାହିଁ। ଏହା କାହାର ଭୁଲକୁ ସ୍ମରଣରେ ରଖେ ନାହିଁ। ଏହା ଅନ୍ୟାୟ ଦେଖିଲେ ଆନନ୍ଦିତ ହୁଏ ନାହିଁ ମାତ୍ର ସତ୍ୟ ବିଷୟରେ ଆନନ୍ଦ କରେ। ତୁମେ ଯାହାକୁ ପ୍ରେମକର ତାହାକୁ ରକ୍ଷା କର। ତା'ଠାରେ ଆଶା ଓ ଭରସା ରଖ। ତା' ସପକ୍ଷରେ ସବୁବେଳେ ଛିଡା ହୁଅ। ପ୍ରେମର କେବେ ପରାଜୟ ନାହିଁ।

ଏହି ସମ୍ପୂର୍ଣ୍ଣ ପ୍ରେମ, ଈଶ୍ୱର ତାଙ୍କ ପୁତ୍ରଙ୍କ ଜରିଆରେ ଆମକୁ ଦେଖାଇଛନ୍ତି। ପୁତ୍ର, ପିତା ଈଶ୍ୱରଙ୍କର ଏକ ପ୍ରତୀକ ଓ ତାଙ୍କ ଗୌରବର ଏକ ଆଲୋକ ରେଖା।

ଯୀଶୁ ମନୁଷ୍ୟ ଜନ୍ମ ନେଇଥିଲେ ଯେପରିକି ଆମେ ଈଶ୍ୱଙ୍କର ସନ୍ତାନର ଅଧିକାର ପାଇବୁ। ସେ ହେଉଛନ୍ତି ଏକମାତ୍ର ପାପ ଶୂନ୍ୟ ବ୍ୟକ୍ତି ଯେ କି ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଓ ଦୟାରେ ପରିପୂର୍ଣ୍ଣ। ଡାକ୍ତରମାନେ ଯେତେ ଅସୁସ୍ଥ ଶରୀର ସୁସ୍ଥ କରିଛନ୍ତି - ପ୍ରଭୁ ଯୀଶୁ ସେମାନଙ୍କଠାରୁ ଅଧିକ ଭଙ୍ଗା ହୃଦୟ ଯୋଡି ଦେଇଛନ୍ତି। ଏବେ ବି ସେ ସେଇକାମ କରୁଛନ୍ତି।

**ଯୀଶୁ** ହେଉଛନ୍ତି ଜଣେ ସମ୍ପୂର୍ଣ୍ଣ ମାନବ ଯିଏ କି ତୁମ ପାଇଁ ଓ ମୋ ପାଇଁ ପ୍ରାଣ ଦେଇଛନ୍ତି। ସେ କ୍ରୁଶରେ ହତ ହେଲେ - ତାଙ୍କୁ କବର ଦିଆଗଲା କିନ୍ତୁ ତୃତୀୟ ଦିନ ସେ ମୃତ ମାନଙ୍କ ମଧ୍ୟରୁ ଉଠିଲେ। **ଏହା ହେଉଛି ପୁନରୁତ୍ଥାନ। ସେ ଜୀବିତ ଅଟନ୍ତି।** ସେ ଆମକୁ ନିମନ୍ତ୍ରଣ ଜଣାଉଛନ୍ତି - "ଯେଉଁମାନେ କ୍ଲାନ୍ତ ଓ ଭାରଗ୍ରସ୍ତ ସମସ୍ତେ ମୋ ନିକଟକୁ ଆସ-ମୁଁ ତୁମକୁ ବିଶ୍ରାମ ଦେବି। ମୋର ଜୁଆଳୀ ନିଅ - ଏବଂ ମୋ ନିକଟରୁ ଶିଖ। କାରଣ ମୁଁ ଧୀର ଓ ନମ୍ର ଏବଂ ତୁମର ଆତ୍ମା ବିଶ୍ରାମ ପାଇବ।

**ପ୍ରାର୍ଥନା** : ମୋର ମୁକ୍ତିଦାତା ପ୍ରଭୁ ଯୀଶୁ! ତୁମକୁ ଧନ୍ୟବାଦ ଦେଉଛି। ମୁଁ ତୁମଠାରେ ବିଶ୍ୱାସ କରେ। ତୁମରି ସାହାଯ୍ୟରେ ମୁଁ ତୁମକୁ ଅନୁସରଣ କରିବି ଏବଂ ତୁମର ଆଜ୍ଞା ସକଳ ମାନିବି। କାରଣ ମୁଁ ତୁମକୁ ପ୍ରେମକରେ।


୩୦ ଖ୍ରୀଷ୍ଟାବ୍ଦ ବେଳକୁ ରୋମ ସାମ୍ରାଜ୍ୟ ୭୮୦ ବର୍ଷର ହୋଇଥିଲା । ଭୂମଧ୍ୟସାଗରର ଚାରିପାଖରେ ଥିବା, ସ୍ପେନ୍ ଏବଂ ଗାଲାତୀୟ ଠାରୁ ଇଜିପ୍ଟ ଓ ସିରିଆ ପର୍ଯ୍ୟନ୍ତ ସବୁ ରାଜ୍ୟ ଏହାର ଅନ୍ତର୍ଗତ ଥିଲା ।
France
Spain
Italy
Rome
Greece
Syrie
Africa
Palestina
Jeruzalem
ଦିନେ ରୋମ ଗଭର୍ଣ୍ଣରଙ୍କର ରାଜପ୍ରାସାଦରେ ପିଲାତ ତାଙ୍କ ସୈନ୍ୟମାନଙ୍କୁ ଆଦେଶ ଦେଲେ
ଏହି ସୈନ୍ୟମାନେ ଯାରୁଶାଲମରେ ରହୁଥିଲେ । ଏଇ ଯାଶୁଶାଲମ, ପାଲେଷ୍ଟାଇନ ରେ ଅବସ୍ଥିତ, ଯାହୁଦା ଦେଶର ରାଜଧାନୀ ଥିଲା ଏବଂ ତାହା ସିରିଆର ରୋମ ଅଧିକୃତ ରାଜ୍ୟରେ ଥିଲା ।
ସେନାପତି! ତୁମର ସାପ୍ତାହିକ ଖବରରେ କି ପ୍ରକାର ଖବର ଅଛି?
ଗଭର୍ଣ୍ଣର! ଯର୍ଦ୍ଦନ ନଦୀ କୂଳରେ, ମୁଁ ବହୁତ ଲୋକ ଜମା ହୋଇଥିବାର ଦେଖିଲି । ସେଠାରେ ଯୋହନ ଡୁବକ ଶିକ୍ଷା ଦେଉଛନ୍ତି । ତାଙ୍କୁ ସମସ୍ତେ, ଜଣେ ଭବିଷ୍ୟଦ୍ ବକ୍ତା ବୋଲି ବିଶ୍ୱାସ କରନ୍ତି ।
ସେ ଲୋକମାନଙ୍କୁ ଡୁବନ ଦେଉଛନ୍ତି ଏବଂ ମସିହ ନାମରେ ଜଣେ ନୂଆ ନେତା ଆସିବେ ବୋଲି କହୁଛନ୍ତି ।
ହୁଁ...ମୁଁ ଆଉ ଜଣେ ନେତାଙ୍କୁ ଦେଖିଛି ଯେ କି ସୈନ୍ୟ ସଂଗଠନ କରି ଆମ ରୋମାନମାନଙ୍କୁ ତଡି ଦେବାକୁ ଚେଷ୍ଟା କରିବେ ।
ଆମକୁ ତଡି ଦେବାକୁ ଇଏ ପ୍ରଥମ ନେତା ଥିଲେ କି ଶେଷ ନେତା ବି ନୁହନ୍ତି କିନ୍ତୁ ଆମକୁ ତଡିବା ପାଇଁ କେହି କୃତକାର୍ଯ୍ୟ ହୋଇ ନାହାନ୍ତି ।
ହଁ - ଏଇ ଯାହୁଦୀମାନେ ପ୍ରକୃତରେ ଗୋଟିଏ ବିଶେଷ ଜାତି ।
ସେମାନେ ହେଉଛନ୍ତି ଏକମାତ୍ର ଜାତି - ଯାହାକୁ ଦମନ କରାଯାଇ ପାରିବ ନାହିଁ । ସମ୍ରାଟ ଟାଇବେରିଆସ୍ ତାଙ୍କ ପାଖରେ ହାର ମାନି ଯାଉଛନ୍ତି । ମୁଁ ଯେତେବେଳେ ଏଇ ରାଜପ୍ରାସାଦ, ଆମର ରୋମାନ୍ ଠାକୁରଙ୍କୁ ରଖି, ସୁନେଲି ରଙ୍ଗରେ ଚିତ୍ରିତ କରିଥିଲି - ସେ ମୋତେ ସେ ସବୁ ହଟେଇ ଦେବାକୁ ଆଜ୍ଞା ଦେଇଥିଲେ ।


ଏଇ ଯାହୁଦି ଭାବନ୍ତି ଏହା କରିବା ଦ୍ୱାରା ତାଙ୍କର ନଗର ଅପବିତ୍ର ହୋଇଗଲା । ତାଙ୍କ ଈଶ୍ୱରଙ୍କର ଯେ କୌଣସି ପ୍ରତିମା ରଖିବା କଡାକଡି ଭାବରେ ମନା ଥିଲା । ରୋମାନ ସାମ୍ରାଜ୍ୟ ସହିତ ଜଡିତ ସମସ୍ତ ପ୍ରତୀକ ଈଶ୍ୱର ନିନ୍ଦାକାରୀ ।
ସେଥିପାଇଁ ସେମାନେ ସମ୍ରାଟ୍ ଟାଇବେରିଆସଙ୍କ ନିକଟରେ ପ୍ରତିବାଦ କରିଥିଲେ ଏବଂ ଜିତିଲେ ।
ସେ ଲୋକମାନେ ଏମିତି ଯେ ତାଙ୍କୁ ଶାସନ କରିବା ଭାରି କଷ୍ଟ । ଯୀରୁଶାଲମର ରାଜ୍ୟପାଳ ଭାବରେ ମୋର କାମ, ସମଗ୍ର ସାମ୍ରାଜ୍ୟରେ ସବୁଠାରୁ ଅପ୍ରୀତିକର ।
ଯାହା କହିଲ ଠିକ୍ । ସମଗ୍ର ସାମ୍ରାଜ୍ୟରେ କେବଳ ଏଇ ଯୀହୁଦି ମାନେ, ଆମର ରୋମାନ୍ ପ୍ରତିମା ଗୁଡିକୁ ପୂଜା କରନ୍ତି ନାହିଁ ।
ସେମାନଙ୍କୁ ବିଶ୍ରାମ ବାରରେ କିଛି କାମ କରିବାକୁ ପଡେ ନାହିଁ । ସେମାନେ ନିଜକୁ ପ୍ରଭୁଙ୍କର ମନୋନୀତ ଜାତି ବୋଲି ଭାବନ୍ତି ଓ କେବଳ ସେଇ ଆଳରେ ତାଙ୍କ ମନ୍ଦିରକୁ ଅଯୀହୁଦି ମାନଙ୍କୁ ପ୍ରବେଶର ଅଧିକାର ଦିଅନ୍ତି ନାହିଁ ।
ଓଃ! ଏ ଯୀରୁଶାଲମ ମନ୍ଦିର କି ଭୟଙ୍କର । ଯେତେବେଳେ ୨ ଲକ୍ଷ ଯାତ୍ରୀ ଯୀହୁଦି ମାନଙ୍କର ଭୋଜୀ ପାଇଁ ପହଞ୍ଚି ଯାଆନ୍ତି - ସେତେବେଳେ ସାବଧାନ ହେବା ଦରକାର । ତୁମେ କିଛି ଜାଣିବା ପୂର୍ବରୁ ସେମାନେ କଳି କରିବା ଆରମ୍ଭ କରିବେ ଓ ଦଙ୍ଗା ସୃଷ୍ଟି କରିଦେବେ ।
ପବିତ୍ର ଆଣ୍ଟୋନିଆ ପାଖରୁ ଆମେ ସେମାନଙ୍କର ଗତିବିଧି ଲକ୍ଷ୍ୟ କରୁଛୁ ଓ ଠିକ୍ ସମୟରେ ସବୁ ପ୍ରକାର ଗୋଳମାଳକୁ ପ୍ରତିରୋଧ କରି ପାରିବୁ ।
ଆଜ୍ଞା ହେଉ ସେନାପତି । ଏଇ ଯର୍ଦ୍ଦନ ନଦୀର ଅବସ୍ଥାକୁ ଭଲ ଭାବରେ ଲକ୍ଷ୍ୟ କର ଓ ମୋତେ ଖବର ଦିଅ ।
ମୁଁ ନିଜେ ସେଠାକୁ ଯାଉଛି । ମୁଁ ଜାଣିଛି ଯେ ଯୀହୁଦି ବର୍ଗଙ୍କ ଉପରିସ୍ଥ, ଏହି ଯୋହନ
ତୁବକଙ୍କ ବିଷୟରେ ଚିନ୍ତିତ । ସେମାନେ ତା' ବିଷୟରେ ନିଜେ କିଛି ଖୋଳତାଡ କରିବାକୁ ଚାହାନ୍ତି ।







ଲୂକ ୩ଃ୧-୨
ଦୀକ୍ଷାଦାତା ଯୋହନଙ୍କ ପ୍ରଗ୍ଵର
ଟୀ ଇବିରିୟସ୍ ସିଜାରଙ୍କ ରାଜତ୍ୱର ପଞ୍ଚଦଶ ବର୍ଷରେ ଜିଖରିୟଙ୍କ ପୁତ୍ର ଯୋହନ ମରୁଅଞ୍ଚଳରେ ବାସ କରୁଥିବା ସମୟରେ ଈଶ୍ୱରଙ୍କଠାରୁ ଏକ ବାର୍ତ୍ତା ପାଇଲେ। ସେତେବେଳେ ପାଲାତ ଯିହୁଦା ଦେଶର ରାଜ୍ୟପାଳ ଥିଲେ; ହେରୋଦ ଗାଲିଲୀର, ତାଙ୍କ ଭାଇ ଫିଲିପ ଇଟୁରିୟା ଓ ତ୍ରାକୋନୀଟିସ୍‌ର ଏବଂ ଲାଇସାନିୟସ୍ ଅବିଲିନୀର ସାମନ୍ତ ରାଜା ଥିଲେ; ଏବଂ ହାନାନ୍ ଓ କୟାଫା ମହାଯାଜକ ଥିଲେ।

ମାଥିଉ ୩ଃ୧-୧୨
ଦୀକ୍ଷାଦାତା ଯୋହନ
ସେମାନେ ନାଜରିତରେ ବାସକରୁଥିବା ସମୟରେ ମରୁ ଅଞ୍ଚଳରେ ପ୍ରଗ୍ଵର କରିବାକୁ ଆରମ୍ଭ କଲେ। ସେ ସର୍ବଦା ଏହି କଥା ପ୍ରଗ୍ଵର କରୁଥିଲେ: "ପାପ ପ୍ରତି ବିମୁଖ ହୁଅ, କାରଣ ଈଶ୍ୱରଙ୍କ ରାଜ୍ୟ ସନ୍ନିକଟ।" ୩ ବହୁ ଶତାବ୍ଦୀ ପୂର୍ବେ ଭାବବାଦୀ ଯିଶାୟ ଯୋହନଙ୍କ ପ୍ରଗ୍ଵର ସମ୍ବନ୍ଧରେ ଲେଖିଥିଲେ


ମୁଁ ତୁମକୁ ପାଣିରେ ବୁଡାଇଲି ।
ଏବଂ ମୁଁ ତୁମକୁ ପାଣିରୁ ବାହାର କରି ଆଣିବି ଯାହାର ଅର୍ଥ ହେଉଛି - ତୁମକୁ ପରିଷ୍କାର କରିଦେଲି ଓ ନୂଆ କରିଦେଲି ।
ଇତିମଧ୍ୟରେ...
ଭବିଷ୍ୟତ୍ ବକ୍ତା ଯାହା କହୁଛନ୍ତି ତା' ଦ୍ୱାରା ତୁମେ କଣ ପ୍ରଭାବିତ ହେଉନାହଁ ?
ଆମର ପରିବର୍ତ୍ତନ ହେବା ଦରକାର ନାହିଁ ।
ଯାରୁଶାଲମରେ ଯାହୁଦି ନେତା, ମହାଯାଜକ ଓ ଫାରୁସୀମାନଙ୍କ ବିଷୟରେ ପରିକ୍ଷା ନିରୀକ୍ଷା କରିବାକୁ ଆମେ ଏଠାକୁ ଆସିଛୁ ।
ଯାହାଙ୍କୁ ଦୀକ୍ଷାଦାତା ଯୋହନ ବୋଲି କହୁଛନ୍ତି ତୁମେ କଣ ସେହି ଲୋକ? ତୁମେ କଣ ନିଜକୁ ଖ୍ରୀଷ୍ଟ ବୋଲି ମନେ କରୁଛ?
ନାଁ - ମୁଁ ଖ୍ରୀଷ୍ଟ ନୁହେଁ । ମୁଁ ତାଙ୍କର ଯୋତା ଖୋଲିବାକୁ ବି ଅଯୋଗ୍ୟ ।
ତା' ହେଲେ - ତୁମେ କିଏ ? ତୁମେ କେଉଁଠୁ ଆସିଛ? କାହା ନାଁ ନେଇ ତୁମେ କଥା କହୁଛ?
ମରୁ ଅଞ୍ଚଳରେ "ଈଶ୍ୱରଙ୍କ ନିମନ୍ତେ ପଥ ସଳଖ କର ।" କହି ବୁଲୁଥିବା ଜଣେ ଲୋକ ।













"ମରୁପ୍ରାନ୍ତରରୁ ମୋତେ ଏକ ଧ୍ୱନି ଶୁଭୁଛି, 'ପ୍ରଭୁଙ୍କ ନିମନ୍ତେ ପଥ ପ୍ରସ୍ତୁତ କର, ତାଙ୍କର ଆଗମନର ପଥ ସଳଖ କର' ।"
୪ ଯୋହନଙ୍କର ବସ୍ତ୍ର ଓଟ ଲୋମରେ ବୁଣା ହୋଇଥିଲା ଏବଂ ସେ ଅଣ୍ଟାରେ ଚମଡ଼ାର ଏକ ପଟି
ପିନ୍ଧୁଥିଲେ । ପଙ୍ଗପାଳ ଓ ବନ୍ୟମଧୁ ତାଙ୍କର ଖାଦ୍ୟ ଥିଲା । ୫ ଲୋକମାନେ ଯିରୁଶାଲମରୁ, ସମ୍ପ୍ରାଟ ଯର୍ଦ୍ଦନ
ନଦୀ ଉପତ୍ୟକାରୁ ଏବଂ ଯିହୁଦା ପ୍ରଦେଶର ସବୁ ଅଞ୍ଚଳରୁ ଯୋହନଙ୍କ ପ୍ରଚ୍ଚାର ଶୁଣିବାକୁ ମରୁପ୍ରାନ୍ତରକୁ
ଗଲେ । ୬ ଆଉ, ସେମାନେ ଯେତେବେଳେ ପାପ ସ୍ୱୀକାର କଲେ, ସେ ସେମାନଙ୍କୁ ଯର୍ଦ୍ଦନ ନଦୀରେ ଜଳଦୀକ୍ଷା ଦେଲେ ।
୭ ମାତ୍ର ସେ ଯେତେବେଳେ ଦେଖିଲେ ଯେ ଅନେକ ଫାରୂଶୀ ଓ ସାଦୁକି ଜଳଦୀକ୍ଷା ନେବାକୁ ଆସୁଛନ୍ତି,
ସେତେବେଳେ ସେ ସେମାନଙ୍କୁ ଅଭିଯୁକ୍ତ କରି କହିଲେ, "ଆରେ ସର୍ପର ବଂଶଧର! ଈଶ୍ୱରଙ୍କ ଆଗାମୀ
କ୍ରୋଧରୁ ତୁମ୍ଭେମାନେ ରକ୍ଷା ପାଇ ପାରିବ ବୋଲି କିଏ ତମ୍ଭମାନଙ୍କୁ ଚେତନା ଦେଲା? ୮ ଜଳଦୀକ୍ଷା ନେବା
ପୂର୍ବରୁ ଆଗେ ଉତ୍ତମ କାର୍ଯ୍ୟକଳାପ ଦ୍ୱାରା ମନ ପରିବର୍ତ୍ତନର ପ୍ରମାଣ ଦିଅ । ୯ 'ଆମେତ ଯିହୁଦୀ,
ଅବ୍ରହାମଙ୍କର ବଂଶଧର, ତେଣୁ ଆମେ ସୁରକ୍ଷିତ', ମନେ ମନେ ଏପରି ଭାବି ଅପରିବର୍ତ୍ତିତ ହୃଦୟରେ ରକ୍ଷା ପାଇବାକୁ ଚେଷ୍ଟା କର ନାହିଁ । ଈଶ୍ୱର ଏହି ପଥରଗୁଡ଼ାକରୁ ଯିହୁଦୀ ଜାତି ସୃଷ୍ଟି କରି ପାରନ୍ତି!
୧୦ "ଏପରିକି ବର୍ତ୍ତମାନ ସୁଦ୍ଧା ଈଶ୍ୱରଙ୍କ ଦଣ୍ଡ ରୂପ କୁରାଢ଼ି ପ୍ରତ୍ୟେକ ଅଫଳନ୍ତି ଗଛକୁ କାଟିବା ପାଇଁ ଭଗ୍ନା ହୋଇ ରହିଛି । ସେ ସବୁ କଟା ହୋଇ ନିଆଁରେ ପୋଡ଼ା ହେବ ।
୧୧ "ଯେଉଁମାନେ ଆପଣା ଆପଣାର ପାପ ପାଇଁ ଅନୁତପ୍ତ, ସେମାନଙ୍କୁ ମୁଁ ଜଳରେ ଦୀକ୍ଷା ଦେଉଛି । ମାତ୍ର ଆଉ ଜଣେ ଆସୁଛନ୍ତି, ସେ ମୋ'ଠାରୁ ବହୁଗୁଣରେ ମହାନ୍, ଏପରିକି ମୁଁ ତାଙ୍କର ଜୋତା ବୋହିବାକୁ ସୁଦ୍ଧା



ଯୋଗ୍ୟ ନୁହେଁ। ସେ ତୁମକୁ ପବିତ୍ରଆତ୍ମା ଓ ଅଗ୍ନିରେ ଦୀକ୍ଷିତ କରିବେ। ୧୨ ସେ ଗହମରୁ ଅଗାଡ଼ିକୁ
ଅଲଗା କରିବେ। ସେ ଅଗାଡ଼ିକୁ ଚିର ପ୍ରଜ୍ୱଳିତ ଅଗ୍ନିରେ ପୋଡ଼ିପକାଇବେ ଓ ଗହମକୁ ଭଣ୍ଡାର ଘରେ
ସାଇତି ରଖିବେ।"

**ଯୀଶୁଙ୍କର ଜଳଦୀକ୍ଷା ଗ୍ରହଣ**

୧୩ ଏ ଉତ୍ତାରେ ଯୀଶୁ ଯୋହନଙ୍କ ଦ୍ୱାରା ଜଳଦୀକ୍ଷା ନେବା ପାଇଁ ଗାଲିଲୀରୁ ଯର୍ଦ୍ଦନନଦୀ କୂଳକୁ ଆସିଲେ।
୧୪ କିନ୍ତୁ ଯୋହନ ତାଙ୍କୁ ବାରଣ କରି କହିଲେ, "ନା, ବରଂ ତୁମ ଦ୍ୱାରା ମୋର ଜଳଦୀକ୍ଷା ନେବା
ପ୍ରୟୋଜନ। ଅଥଚ ତୁମେ କ'ଣ ମୋ ନିକଟକୁ ଆସିଛ?"
୧୫ କିନ୍ତୁ ଯୀଶୁ କହିଲେ, "ଏବେ ଏହାହିଁ ହେଉ। କାରଣ ଯାହା ସବୁ ମୋର ପାଳନ କରିବା କର୍ତ୍ତବ୍ୟ,
















ସେସମସ୍ତ ମୁଁ ପାଳନ କରିବି।" ତେଣୁ ଯୋହନ ତାଙ୍କୁ ଜଳଦୀକ୍ଷା ଦେଲେ.
୧୬ ଯୀଶୁ ଜଳଦୀକ୍ଷା ନେଇ ଜଳରୁ ଉଠିବା ମାତ୍ରେ ସ୍ୱର୍ଗକୁ ଉନ୍ମୁକ୍ତ ହେବାର ଏବଂ ଈଶ୍ୱରଙ୍କ ଆତ୍ମା
କପୋତ ରୂପରେ ଅବତୀର୍ଣ୍ଣ ହେବାର ଦେଖିଲେ। ୧୭ ଆକାଶରୁ ଏକ ବାଣୀ ଶୁଣାଗଲା, "ଏ ମୋର
ପ୍ରିୟ ପୁତ୍ର, ଏହାଙ୍କ ପ୍ରତି ମୁଁ ପରମ ସନ୍ତୋଷ।"



ତିରିଶ ବର୍ଷ ବୟସରେ ଯୀଶୁ ଯର୍ଦ୍ଦନ ନଦୀରେ ବୁଡନ ନେଇଥିଲେ ସେ କିଏ ଥିଲେ? ନାଜରିତର ବଢେଇ ଯୋଷେଫଙ୍କର ସେ ପୁଅ ଥିଲେ। ତାଙ୍କ ମାତାଙ୍କ ନାମ ମେରୀ ଥିଲା। ଦୀକ୍ଷାଦାତା ଯୋହନଙ୍କର ମାତା, ମେରୀଙ୍କର ସମ୍ପର୍କୀୟା ଭଉଣୀ ଥିଲେ। ତାଙ୍କ ଜନ୍ମ ବିଷୟରେ କେତେଗୁଡିଏ ସ୍ୱର୍ଗୀୟ ଆଶ୍ଚର୍ଯ୍ୟଜନକ ଘଟଣା ତାଙ୍କ ପିତାମାତା ପ୍ରକାଶ କରିଥିଲେ।




ଗୋଟିଏ ବିଶ୍ରାମ ଦିନରେ ମେରୀର ପିତାମାତା ମନ୍ଦିରରୁ ଘରକୁ ଫେରିଲେ।










ଲୂକ ୧:୨୬-୩୮
୨୬, ୨୭ ଏହାର ପରବର୍ତ୍ତୀ ମାସରେ ଈଶ୍ୱର ଗାବ୍ରିଏଲ ଦୂତଙ୍କୁ ଗାଲିଲୀ ପ୍ରଦେଶସ୍ଥ ନାଜରିତ ଗ୍ରାମରେ
ମରିୟମ୍ ନାମ୍ନୀ ଏକ କୁମାରୀଙ୍କ ନିକଟକୁ ପଠାଇଲେ। ରାଜା ଦାଉଦଙ୍କ ବଂଶଧର ଯୋସେଫ ନାମକ
ଜଣେ ପୁରୁଷଙ୍କ ସହିତ ମରିୟମ୍‌ଙ୍କର ବିବାହ ନିର୍ବନ୍ଧ ହୋଇଥିଲା। ୨୮ ଗାବ୍ରିଏଲ ମରିୟମ୍‌ଙ୍କୁ ଦେଖା
ଦେଇ କହିଲେ, "ଆଗୋ କଲ୍ୟାଣୀୟା, ପ୍ରଭୁ ତୁମର ସହବର୍ତ୍ତୀ।" ୨୯ ମରିୟମ୍ ସ୍ୱର୍ଗଦୂତଙ୍କ କଥାରେ
ବିସ୍ମିତ ଓ ବିଚଳିତ ହେଲେ।
୩୦ ସ୍ୱର୍ଗଦୂତ କହିଲେ, "ମରିୟମ୍, ଭୟ କର ନାହିଁ, କାରଣ ଈଶ୍ୱର ତୁମକୁ ଆଶ୍ଚର୍ଯ୍ୟଭାବରେ
ଆଶୀର୍ବାଦ କରିବାକୁ ସଂକଳ୍ପ କରିଛନ୍ତି! ୩୧ ଅତିଶୀଘ୍ର ତୁମେ ଗର୍ଭବତୀ ହୋଇ ଏକ ପୁତ୍ର ସନ୍ତାନ
ଲାଭ କରିବ ଓ ତାହାର ନାମ ଯୀଶୁ ଦେବ। ୩୨ ସେ ମହାନ ହୋଇ ଈଶ୍ୱରଙ୍କ ପୁତ୍ର ବୋଲି ବିଦିତ
ହେବେ ଏବଂ ପ୍ରଭୁ ଈଶ୍ୱର ତାହାଙ୍କୁ ତାହାଙ୍କ ପିତୃପୁରୁଷ ଦାଉଦଙ୍କ ସିଂହାସନ ଦେବେ। ୩୩ ସେ ଯୁଗେ
ଯୁଗେ ଇସ୍ରାଏଲ ଉପରେ ରାଜତ୍ୱ କରିବେ; ତାହାଙ୍କ ରାଜ୍ୟର ଅବସାନ ହେବ ନାହିଁ!" ୩୪ ମରିୟମ୍
ସ୍ୱର୍ଗଦୂତଙ୍କୁ ପ୍ରଶ୍ନ କଲେ, "କିନ୍ତୁ ମୋର କିପରି ସନ୍ତାନ ହେବ? ମୁଁ ତ ଅବିବାହିତା କୁମାରୀ!" ୩୫
ସ୍ୱର୍ଗଦୂତ ଉତ୍ତର ଦେଲେ, "ପବିତ୍ରଆତ୍ମା ତୁମଠାରେ ଅବତରଣ କରିବେ ଓ ଈଶ୍ୱରଙ୍କ ଶକ୍ତି ତୁମକୁ
ଆବୃତ କରିବ। ତେଣୁ ତୁମଠାରୁ ଜାତ ସେହି ସନ୍ତାନ ସମ୍ପୂର୍ଣ୍ଣ ପବିତ୍ର ଓ ଈଶ୍ୱରଙ୍କ ପୁତ୍ର ବୋଲି ଖ୍ୟାତ
ହେବେ। ୩୬ ଏହାଛଡ଼ା, ଛଅ ମାସ ହେଲା ତୁମର ଆତ୍ମୀୟା ଏଲିଶାବେଥ୍, ଯାହାଙ୍କୁ ଲୋକେ ବନ୍ଧ୍ୟା
ବୋଲି କହୁଥିଲେ, ସେ ବୃଦ୍ଧା ବୟସରେ ଗର୍ଭଧାରଣ କରିଛନ୍ତି!
୩୭ କାରଣ ଈଶ୍ୱରଙ୍କର ପ୍ରତ୍ୟେକ ପ୍ରତିଜ୍ଞା ବଚନ ଅବଶ୍ୟ ସଫଳ ହେବ।"
୩୮ ମରିୟମ୍ କହିଲେ, "ମୁଁ ପ୍ରଭୁଙ୍କର ଦାସୀ। ଆପଣ ଯାହା ଯାହା କହିଲେ, ସେ ସମସ୍ତ ମୋ'ଠାରେ
ସଫଳ ହେଉ।" ଏହାପରେ ସ୍ୱର୍ଗଦୂତ ଅନ୍ତର୍ଦ୍ଧାନ ହେଲେ।


ମୁଁ ତ ବୁଝିପାରୁ ନାହିଁ। ମୁଁ ତ ଗୋଟିଏ କୁଆଁରୀ କନ୍ୟା - ମୋର କେମିତି ପିଲା ହେବ?
ତୁମ ଉପରେ ପବିତ୍ର ଆତ୍ମା ଅଧିଷ୍ଠାନ କରିବେ। ସର୍ବୋପରିସ୍ଥ ପରମେଶ୍ୱର ସେ ତୁମକୁ ଆବୋରିବେ। ତେଣୁ ଯେଉଁ ପବିତ୍ର ସନ୍ତାନ ଜନ୍ମ ହେବ, ସେ ଈଶ୍ୱରଙ୍କ ପୁତ୍ର ବୋଲି ପରିଚିତ ହେବ। ଏହା ପ୍ରମାଣ କରିବାକୁ ମୁଁ ତୁମକୁ ଯାହା କହିଲି ତାହା ଘଟିବ। ତୁମ ଭଉଣୀ ଏଲିଜାବେଥଙ୍କର ଏ ବୃଦ୍ଧା ଅବସ୍ଥାରେ ଏକ ପୁତ୍ର ହେବ। ଯାହାଙ୍କୁ ସମସ୍ତେ ବନ୍ଧ୍ୟା ବୋଲି କହୁଥିଲେ ସେ ବର୍ତ୍ତମାନ ଛଅମାସ ଗର୍ଭବତୀ। କାରଣ ଈଶ୍ୱରଙ୍କ ପାଇଁ କିଛି ଅସମ୍ଭବ ନୁହେଁ।
ମୁଁ ପ୍ରଭୁଙ୍କର ଦାସୀ। ଆପଣଙ୍କ କଥା ଅନୁସାରେ ମୋ ପ୍ରତି ଘଟୁ।
କିଛି ଦିନ ପରେ...
ମା', ମୁଁ କିଛି ଦିନ ଭଉଣୀ ଏଲିଜାବେଥଙ୍କ ଘରେ କଟାଇବାକୁ ଚାହେଁ।
ମୁଁ ଦେଖୁଛି ଯେ ତୁ ଆନ୍ତରିକତାର ସହ ଏଇଆ ଚାହୁଁଛୁ। କିନ୍ତୁ ତୁ ତା'ର କାରଣ କହୁନାହୁଁ।
ତୁ ତା'ର ଘରକୁ ଗଲେ ସେ ନିଶ୍ଚୟ ଖୁସି ହେବ। ତା'ର ସ୍ୱାମୀ ଜିଖରିୟ ବି ଖୁସୀ ହେବ।
କିନ୍ତୁ ସେମାନେ ଏଠାରୁ ବହୁତ ଦୂର ଯାହୁଦା ପ୍ରଦେଶରେ ରହୁଛନ୍ତି।
ନାଜରୀତରୁ ଯୀରୁଶାଲମ ଯାଉଥିବା ଯାତ୍ରୀ ଦଳ ଯଦି ତୁ ପାଇବୁ, ତେବେ ତୁ ସେମାନଙ୍କ ସାଙ୍ଗେ ଯାଇ ପାରିବୁ।
କିଛି ସମୟ ପରେ ମେରୀ ଯାହୁଦା ଆଡକୁ ଚାଲିଲା।
କିନ୍ତୁ ମୁଁ ତୋତେ ଏକ ବିଶ୍ୱସ୍ତ ପରିଚାଳକଙ୍କ ଜିମା କରିଦେବି ଯେ କି ତୋର ଦେଖା ଶୁଣା କରିବେ।
ମୁଁ ଡରୁନି କାରଣ ମୁଁ ଜାଣେ ଯେ ଈଶ୍ୱର ମୋତେ ରକ୍ଷା କରିବେ।
ଈଶ୍ୱର ମୋତେ ତାଙ୍କର ସହାୟତା ଦେଇ ଆଶୀର୍ବାଦ କରିଛନ୍ତି ଏବଂ ମୋର ଅନ୍ତରରେ ମୋତେ ଜଣାଇ ଦେଇଛନ୍ତି ଯେ ମୁଁ ମସୀହଙ୍କୁ ଜନ୍ମ ଦେବି - ଯିଏ କି ଆମ ସମସ୍ତଙ୍କୁ ପାପରୁ ଉଦ୍ଧାର କରିବେ।
ବର୍ତ୍ତମାନ ମୁଁ କୌତୁହଳୀ ଯେ, ମୋ ଭଉଣୀ କିପରି ଅଛି ଓ ତାଙ୍କ ସମ୍ପର୍କରେ ଯାହା ଶୁଣିଲି ସେ ସବୁ ସତ କି ନୁହେଁ।
ମେରୀ! ତୁମେ ବୋଧେ ନାଜରୀତରୁ ଆସୁଛ। ଆଇନ୍ କାରିନକୁ ଏଇଟା ହେଉଛି ରାସ୍ତା - ଯେଉଁଠାରେ ତୁମର ଭଉଣୀ ରହନ୍ତି। ସେ ଗାଁଟି ସେଇ ଉପତ୍ୟକାରେ।
ଏ ଯାତ୍ରା ପାଇଁ ତୁମକୁ ଧନ୍ୟବାଦ। ଈଶ୍ୱର ତୁମକୁ ରକ୍ଷା କରନ୍ତୁ।


ଯେତେବେଳେ ମେରୀ ପହଞ୍ଚିଲେ...
ଭଉଣୀ ଏଲିଜାବେଥ୍ । ଈଶ୍ୱରଙ୍କଠାରୁ ତୁମକୁ ଆନନ୍ଦ ଓ ଶାନ୍ତି ମିଳୁ।
କି ଆଶ୍ଚର୍ଯ୍ୟ କଥା! ନାଜରୀତରୁ ମେରୀ ଆସିଲାଣି?
ଏଁ ! ଏ ମୋର କଣ ହେଉଛି? ମୋ ଗର୍ଭର ପିଲା ହଠାତ୍ କାହିଁକି ନାଚି ଉଠୁଛି?
ମେରୀ ! ତୁ କେମିତି ଆସିଲୁ?
ଏତେ ହଠାତ୍?
ଭଉଣୀ ଏଲିଜାବେଥ। କେତେ ଆଶ୍ଚର୍ଯ୍ୟ କଥା ଯେ ତୁ ଗର୍ଭବତୀ ହେଇଛୁ !
ଏଥିରୁ ପ୍ରମାଣିତ ହେଉଛି ଯେ ମୋତେ ଯାହା କୁହାଗଲା ସବୁ ସତ ଓ ସବୁ ଈଶ୍ୱରଙ୍କ ଆଡୁ ହେଉଛି।
ପ୍ରଥମେ ମୁଁ ତୁମକୁ ମୋର ଗୁପ୍ତ କଥା କହିବି।
ମେରୀ ତୁ କେତେ ଭଲ! ଈଶ୍ୱର ତୋତେ ଯାହା କହିଲେ ତୁ ବିଶ୍ୱାସ କଲୁ।
ମୁଁ ତୋ ଆଗରେ ପ୍ରକାଶ କରୁଛି।
ତୋର ସ୍ୱର ଶୁଣି, ମୋ ର୍ଭସ୍ଥ ଶିଶୁ ନାଚି ଉଠିଲା। ଏହା ହେଉଛି ଗୋଟିଏ ଚିହ୍ନ, ମୁଁ କେମିତି ଏତେ
ଅନୁଗ୍ରହ ପାଇଲି ଯେ ମସୀହଙ୍କ ଜନନୀ ମୋ ପାଖକୁ ଆସିଲେ।












**ଏଲିଶାବେଥ୍ଙ୍କ ସହିତ ମରିୟମଙ୍କ ସାକ୍ଷାତ**

୩୯,୪୦ ଏହାର କିଛିଦିନ ପରେ ମରିୟମ ଏଲିଶାବେଥ୍ଙ୍କୁ ଦେଖିବା ନିମନ୍ତେ ଯିହୁଦା ପ୍ରଦେଶର
ପାର୍ବତ୍ୟ ଅଞ୍ଚଳରେ ଜିଖରିୟ ବାସ କରୁଥିବା ସହରକୁ ଯାତ୍ରା କଲେ। ୪୧ ମରିୟମଙ୍କର ଶୁଭସମ୍ଭାଷଣ
ଶୁଣିବା ମାତ୍ରେ ଏଲିଶାବେଥ୍ଙ୍କର ଗର୍ଭସ୍ଥ ଶିଶୁ ଚଞ୍ଚଳ ହୋଇଉଠିଲା ଏବଂ ଏଲିଶାବେଥ୍ ପବିତ୍ରଆତ୍ମାରେ
ପୂର୍ଣ୍ଣ ହେଲେ। ୪୨ ସେ ଆନନ୍ଦରେ ବିହ୍ୱଳ ହୋଇ ଉଚ୍ଚ ସ୍ୱରରେ କହିବାକୁ ଲାଗିଲେ, "ତୁମେ
ନାରୀମାନଙ୍କ ମଧ୍ୟରେ ସର୍ବାପେକ୍ଷା ଅଧିକ ଅନୁଗ୍ରହର ପାତ୍ରୀ ଓ ତୁମର ସନ୍ତାନ ଈଶ୍ୱରଙ୍କ ସର୍ବୋଚ୍ଚ
ପ୍ରଶଂସାର ଯୋଗ୍ୟ। ୪୩ ମୋର କେଡ଼େ ସୌଭାଗ୍ୟ ଯେ ମୋର ପ୍ରଭୁଙ୍କର ମାତା ମୋତେ ଦେଖିବାକୁ
ଆସିଲେ! ୪୪ ଯେତେବେଳେ ତୁମେ ଆସି ମୋତେ ଶୁଭସମ୍ଭାଷଣ ଜଣାଇଲ, ତୁମର ସ୍ୱର
ଶୁଣିବାମାତ୍ରେ ମୋର ଗର୍ଭସ୍ଥ ଶିଶୁ ଆନନ୍ଦରେ ଅଧୀର ହୋଇ ଉଠିଲା! ୪୫ ଈଶ୍ୱର ଆପଣା
କଥାନୁସାରେ କାର୍ଯ୍ୟ କରିବେ ବୋଲି ତୁମେ ବିଶ୍ୱାସ କରିବାରୁ ସେ ତୁମକୁ ଏହି ଅପୂର୍ବ
ଆଶୀର୍ବାଦ କରିଛନ୍ତି।"
୪୬ ମରିୟମ୍ ଉତ୍ତରରେ କହଲେ, "ଆହା, ମୋର ହୃଦୟ ପ୍ରଭୁଙ୍କ ପ୍ରତି ପ୍ରଶଂସାରେ ପୂର୍ଣ୍ଣ! ୪୭
ମୋର ତ୍ରାଣକର୍ତ୍ତା ଈଶ୍ୱରଙ୍କ ପାଇଁ ଆହ୍ଲାଦିତ! ୪୮ କାରଣ ସେ ତାହାଙ୍କ ବିନୀତା ଦାସୀ ପ୍ରତି
ଦୃଷ୍ଟିପାତ କରିଛନ୍ତି। ପୁଣି, ଚିରକାଳ ପୁରୁଷାନୁକ୍ରମେ ସମସ୍ତେ ମୋତେ ଈଶ୍ୱରଙ୍କ ଅନୁଗ୍ରହପାତ୍ରୀ ବୋଲି


ଗାବ୍ରିଏଲ ଦୂତ ତାଙ୍କୁ କହିଲେ ଯେ ଆମର ଗୋଟିଏ ପୁଅ ହେବ ଓ ଆମେ ତାର ନାଁ ଯୋହନ ରଖିବା।
ଆଉ ତାଙ୍କର କାମ ହେବ - ସେ ମସୀହଙ୍କ ଆସିବା ପାଇଁ ପଥ ପ୍ରସ୍ତୁତ କରିବେ।
ମୋ ପ୍ରାର୍ଥନା ତୁମ ପାଖରେ ପହଞ୍ଚୁଛି କି ପ୍ରଭୁ?
କି ଘଟଣା ଘଟୁଛି? ମୋ ନିକଟରେ କିଛି ପ୍ରକାଶ କରିବାକୁ ଈଶ୍ୱର ତାଙ୍କର ଦୂତ ପଠାଉଛନ୍ତି !
କିନ୍ତୁ ଜିଖରିୟ - ସନ୍ଦେହ କଲେ, 'ମୁଁ ଏତେ ବୟସ୍କ, ଏହା ଅସମ୍ଭବ।'
ତା'ପରେ ପ୍ରଭୁଙ୍କ ଦୂତ ଏହା ପ୍ରମାଣ କରିବାକୁ ତାଙ୍କୁ କିଛି ଚିହ୍ନଦେଲେ। ସେ ସମୟଠାରୁ ଜିଖରିୟ ମୂକ ପାଲଟି ଗଲେ।










ମେରୀ ଏଲିଶାବେଥ ପାଖରେ ତିନିମାସ ରହିଲେ ଏବଂ ତା'ପରେ ନାଜରିତକୁ ଫେରିଲେ । ଦିନ ଆସିଲା - ଏଲିଶାବେଥ ଗୋଟିଏ ପୁତ୍ର ପ୍ରସବ କଲେ । ଅଷ୍ଟମଦିନ ସେମାନେ ତାକୁ ସୁନ୍ନତ କଲେ । ଏହି ଉତ୍ସବରେ ପିଲାର ନାମକରଣ ହୋଇଥାଏ ।










କହିବେ । ୪୯ କାରଣ ଯେ ସର୍ବଶକ୍ତିମାନ ତଥା ପବିତ୍ର, ତ୍ରସ ମୋ' ପ୍ରତି ମହତ୍କର୍ମ ସାଧନ କରିଛନ୍ତି ।
୫୦ ତାହାଙ୍କର ଦୟା ତାହାଙ୍କ ଭକ୍ତମାନଙ୍କ ପ୍ରତି ପୁରୁଷାନୁକ୍ରମେ ରହିଥାଏ ।
୫୧ "ତାହାଙ୍କର ଶକ୍ତିବନ୍ତ ବାହୁର କି ପରାକ୍ରମ! ସେ ଅହଂକାରୀ ଓ ଗର୍ବୀମାନଙ୍କୁ ଛିନ୍ନଭିନ୍ନ କରନ୍ତି! ୫୨
ସେ ରାଜାମାନଙ୍କୁ ସିଂହାସନଚ୍ୟୁତ କରି ନମ୍ରଲୋମାନଙ୍କୁ ଉନ୍ନତ କରନ୍ତି । ୫୩ ଯେଉଁମାନଙ୍କର ହୃଦୟ
କ୍ଷୁଧିତ, ସେ ସେମାନଙ୍କୁ ପରିତୃପ୍ତ କରିଛନ୍ତି । ଏବଂ ଧନବାନମାନଙ୍କୁ ଶୂନ୍ୟ ହସ୍ତରେ ଫେରାଇ ଦେଇଛନ୍ତି ।
୫୪ ସେ ଆପଣା ଦାସ ଇସ୍ରାଏଲକୁ ସାହାଯ୍ୟ କରିଛନ୍ତି! ସେ ଆପଣା ପ୍ରତିଶ୍ରୁତି ଅନୁସାରେ ଦୟା
କରିବାକୁ ଭୁଲି ନାହାନ୍ତି । ୫୫ କାରଣ ସେ ଆମ୍ଭମାନଙ୍କ ପୂର୍ବ ପୁରୁଷ ଅର୍ଥାତ ଅବ୍ରାହାମ ଓ ତାଙ୍କ
ସନ୍ତାନସନ୍ତତିମାନଙ୍କ ପ୍ରତି ଚିରକାଳ ଦୟା କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।"
୫୬ ମରିୟମ୍ ଏଲିଶାବେଥ୍ଙ୍କ ନିକଟରେ ପ୍ରାୟ ତିନିମାସ ରହିବା ପରେ ସ୍ୱଗୃହକୁ ଫେରିଗଲେ ।

**ଦୀକ୍ଷାଦାତା ଯୋହନଙ୍କ ଜନ୍ମ**

୫୭ ଏଲିଶାବେଥ୍ଙ୍କ ଗର୍ଭକାଳ ପୂର୍ଣ୍ଣ ହୁଅନ୍ତେ ସେ ଏକ ପୁତ୍ର ପ୍ରସବ କଲେ । ୫୮ ତାଙ୍କ ପ୍ରତି ପ୍ରଭୁଙ୍କର
ଏହି ମହାଦୟାର ସମ୍ବାଦ ଅତି ଶୀଘ୍ର ପ୍ରତିବାସୀ ଓ ଜ୍ଞାତିମାନଙ୍କ ମଧ୍ୟରେ ବ୍ୟାପିଗଲା ଏବଂ ତାହା ଶୁଣି





















ସମସ୍ତେ ଆନନ୍ଦିତ ହେଲେ।
୫୯ ଶିଶୁ ଜନ୍ମ ହେବାର ଅଷ୍ଟମ ଦିନରେ ସୁନ୍ନତ କ୍ରିୟା ପାଳନ କରିବା ନିମନ୍ତେ ସେମାନଙ୍କର ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ ଆସିଲେ। ସେମାନେ ସମସ୍ତେ ପିତାର ନାମାନୁସାରେ ଶିଶୁକୁ 'ଜିଖରିୟ' ନାମ ଦିଆଯିବ ବୋଲି ମନେ କରିଥିଲେ।
୬୦ ମାତ୍ର ଏଲିଶାବେଥ୍ କହିଲେ, "ନା, ତାହାର ନାମ ଯୋହନ ଦିଆଯିବ!"
୬୧ ସେମାନେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, "କାହିଁକି? ତୁମ ଆତ୍ମୀୟସ୍ୱଜନଙ୍କ ମଧ୍ୟରେ କାହାରି ତ ଏହି ନାମ ନାହିଁ?" ୬୨ ତହୁଁ ସେମାନେ ଶିଶୁର ପିତାକୁ ଇଙ୍ଗିତ କରି ପଚାରିଲେ।
୬୩ ଜିଖରିୟ ଇଙ୍ଗିତ ଦ୍ୱାରା ଖଣ୍ଡେ ପଟା ମାଗିଲେ ଏବଂ ସେଥିରେ ଯେତେବେଳେ ଲେଖିଲେ, "ତାହାର ନାମ ଯୋହନ ହେବ," ସେତେବେଳେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ! ୬୪ ତତ୍‌କ୍ଷଣାତ୍ ଜିଖରିୟ ବାକ୍‌ଶକ୍ତି ଫେରି ପାଇଲେ ଏବଂ ଈଶ୍ୱରଙ୍କର ସ୍ତୁତିଗାନ କରିବାକୁ ଲାଗିଲେ।
୬୫ ଏଥିରେ ସେମାନେ ସମସ୍ତେ ଆଶ୍ଚର୍ଯ୍ୟ ଓ ଭୀତ ହେଲେ ଏବଂ ଏହି ସମ୍ବାଦ ଯିହୁଦା ପ୍ରଦେଶର ପାର୍ବତ୍ୟ ଅଞ୍ଚଳରେ ବ୍ୟାପିଗଲା। ୬୬ ଆଉ, ଯେତେଲୋକ ଶୁଣିଲେ ସମସ୍ତେ ମନ ମଧ୍ୟରେ ଚିନ୍ତା କରି କହିଲେ, "ଏହି ପିଲାଟି ଭବିଷ୍ୟତ୍‌ରେ କ'ଣ ନ ହେବ! କାରଣ କୌଣସି ଏକ ଉଦ୍ଦେଶ୍ୟ ସାଧନ ନିମିତ୍ତ ପ୍ରଭୁଙ୍କର ହସ୍ତ ତାହା ଉପରେ ରହିଛି।"







୧୮ ଯୀଶୁଙ୍କର ଜନ୍ମବୃତ୍ତାନ୍ତ : ତାଙ୍କ ମାତା ମରିୟମ୍‌ଙ୍କର ଯୋସେଫଙ୍କ ସହ ବିବାହନିର୍ବନ୍ଧ
ହୋଇଥିଲା। କିନ୍ତୁ ସେ କୁମାରୀ ଥିବା ଅବସ୍ଥାରେ ପବିତ୍ରଆତ୍ମାଙ୍କ ଦ୍ୱାରା ଗର୍ଭବତୀ ହୋଇଥିଲେ।
୧୯ ତାଙ୍କର ଭାବୀ ସ୍ୱାମୀ ଯୋସେଫ ଅତି ନ୍ୟାୟବାନ୍ ଓ ନୀତିପରାୟଣ ବ୍ୟକ୍ତି ହୋଇଥିବାରୁ
ବିବାହନିର୍ବନ୍ଧ ଭାଙ୍ଗି ଦେବାକୁ ସ୍ଥିର କଲେ; ମାତ୍ର ସେ ତାହା ଗୋପନରେ କରିବାକୁ ଚାହିଁଥିଲେ
କାରଣ ସେ ମରିୟମ୍‌ଙ୍କୁ ପ୍ରକାଶ୍ୟରେ ଲଜ୍ଜା ଦେବାକୁ ଇଚ୍ଛା କରି ନ ଥିଲେ।
୨୦ ଏହି ବିଷୟ ଚିନ୍ତା କରୁ କରୁ ଯୋସେଫ ତନ୍ଦ୍ରାବିଷ୍ଟ ହୋଇ ସ୍ୱପ୍ନରେ ଜଣେ ସ୍ୱର୍ଗଦୂତଙ୍କୁ
ଦେଖିଲେ। ସ୍ୱର୍ଗଦୂତ କହିଲେ, "ହେ ଦାଉଦଙ୍କ ପୁତ୍ର ଯୋସେଫ, ମରିୟମ୍‌ଙ୍କୁ ଆପଣାର ପତ୍ନୀ
ରୂପେ ଗ୍ରହଣ କରିବାକୁ ଦ୍ୱିଧା କରି ନାହିଁ! କାରଣ ତାଙ୍କର ଗର୍ଭସ୍ଥ ଶିଶୁ ପବିତ୍ରଆତ୍ମାଙ୍କ ଦ୍ୱାରା
ସମ୍ଭୂତ। ୨୧ ତାଙ୍କର ଏକ ପୁତ୍ର ସନ୍ତାନ ହେବ ଏବଂ ତୁମେ ତାଙ୍କୁ ଯୀଶୁ (ଅର୍ଥାତ୍ ତ୍ରାଣକର୍ତ୍ତା)
ନାମ ଦେବ; କାରଣ ସେ ଆପଣା ଲୋକମାନଙ୍କୁ ପାପରୁ ପରିତ୍ରାଣ କରିବେ। ୨୨ ଶୁଣ, ଈଶ୍ୱର
ତାଙ୍କ ଭାବବାଦୀମାନଙ୍କ ଦ୍ୱାରା ଯେଉଁ ବାର୍ତ୍ତା ଦେଇଛନ୍ତି, ତାହା ଏହିପରି ସଫଳ ହେବ -










୨୩ 'ଜଣେ କୁମାରୀ ଗର୍ଭବତୀ ହେବେ; ସେ ଏକ ପୁତ୍ର ପ୍ରସବ କରିବେ ଓ ସେହି ପୁତ୍ରଙ୍କୁ
ଇମ୍ମାନୁୟେଲ(ଅର୍ଥାତ୍ 'ଆମ୍ଭମାନଙ୍କ ସହବର୍ତ୍ତୀ ଈଶ୍ୱର') ନାମ ଦିଆଯିବ ।'' ୨୪ ଯୋସେଫ ନିଦ୍ରାରୁ
ଉଠି ସ୍ୱର୍ଗଦୂତଙ୍କ ଆଦେଶାନୁସାରେ କାର୍ଯ୍ୟ କଲେ ଏବଂ ମରିୟମ୍‌ଙ୍କୁ ଆପଣାର ପତ୍ନୀ ରୂପେ ଗ୍ରହଣ
କରି ସ୍ୱଗୃହକୁ ଘେନି ଆସିଲେ । ୨୫ ମାତ୍ର ପୁତ୍ର ଜନ୍ମ ହେବା ପର୍ଯ୍ୟନ୍ତ ମରିୟମ୍ କୁମାରୀ
ଅବସ୍ଥାରେ ରହିଲେ । ଆଉ ଯୋଷେଫ ସେହି ପୁତ୍ରଙ୍କର ନାମ 'ଯୀଶୁ' ଦେଲେ ।









ଲୁକ ୨:୧-୨୦

୧ ପ୍ରାଯ ଏହି ସମୟରେ ରୋମୀୟ ସମ୍ରାଟ ଅଗଷ୍ଟସ୍ ସିଜାର ସମଗ୍ର ସାମ୍ରାଜ୍ୟରେ ଜନଗଣନା ପାଇଁ
ଆଦେଶ ଜାରି କଲେ। ୨ କୁରିଣୀୟସ୍ ଯେତେବେଳେ ସିରିଆ ଦେଶର ରାଜ୍ୟପାଳ ଥିଲେ, ସେହି
ସମୟରେ ଏହି ଜନଗଣନା ହୋଇଥିଲା। ୩ ଏହି ଜନଗଣନାରେ ପ୍ରତ୍ୟେକ ଲୋକକୁ ନିଜର ପୈତୃକ
ବାସସ୍ଥାନକୁ ଯାଇ ତାଲିକାରେ ନାମ ଲେଖାଇବାକୁ କୁହାଯାଇଥିଲା। ୪ ଯୋସେଫ ରାଜବଂଶଜାତ
ହୋଇଥିବାରୁ ତାଙ୍କୁ ଗାଲିଲୀ ପ୍ରଦେଶର ନାଜରିତ ଗ୍ରାମରୁ ବାହାରି ଯିହୁଦା ପ୍ରଦେଶର ବେଥ୍ଲିହିମ୍‌କୁ
ଯିବାକୁ ପଡ଼ିଲା : କାରଣ ତାହା ରାଜା ଦାଉଦଙ୍କ ପୈତୃକ ବାସସ୍ଥାନ ଥିଲା। ୫ ଯେଉଁ ମରିୟମ୍‌ଙ୍କ












ସେ ରାତିରେ ମେରୀ ତାଙ୍କର ପ୍ରଥମ ସନ୍ତାନକୁ ଜନ୍ମଦେଲେ।



ସେ ତାକୁ ଲୁଗାରେ ଗୁଡାଇଲେ ଓ ଏକ ଗୁହାଳ କୁଣ୍ଡରେ ରଖିଲେ।



ସଙ୍ଗେ ତାଙ୍କର ବିବାହନିର୍ବନ୍ଧ ହୋଇଥିଲା, ତାଙ୍କୁ ସେ ଆପଣା ସଙ୍ଗରେ ନେଲେ। ସେତେବେଳେ ମରିୟମ୍
ଗର୍ଭବତୀ ଥିଲେ। ୬, ୭ ସେମାନେ ସେଠାରେ ଥିବା ସମୟରେ ତାଙ୍କର ପ୍ରସବକାଳ ନିକଟ ହେଲା ଏବଂ
ମରିୟମ୍ ତାଙ୍କର ପ୍ରଥମ ସନ୍ତାନ, ଏକ ପୁତ୍ର ପ୍ରସବ କଲେ। ସେ ତାଙ୍କୁ ଘ୍ୱଦରରେ ଗୁଡ଼ାଇ ଏକ ଗୁହାଳ
କୁଣ୍ଡରେ ଶୁଆଇଲେ କାରଣ ଗ୍ରାମର ସରାଇଘରେ ସେମାନଙ୍କ ପାଇଁ ସ୍ଥାନ ନ ଥିଲା।

### ମେଷପାଳକ ଓ ସ୍ୱର୍ଗଦୂତଗଣ

୮ ସେହି ରାତ୍ରିରେ କେତେକ ମେଷପାଳକ ଗ୍ରାମ ନିକଟବର୍ତ୍ତୀ ପଡ଼ି ନିଜ ନିଜ ମେଷ ପଲ
ଜଗୁଥିଲେ। ୯ ହଠାତ୍ ସେମାନଙ୍କ ମଧ୍ୟରେ ଜଣେ ସ୍ୱର୍ଗଦୂତଙ୍କର ଆବିର୍ଭାବ ହେଲା ଏବଂ ପ୍ରଭୁଙ୍କର
ମହିମାରେ ସେମାନଙ୍କ ଚତୁର୍ଦ୍ଦିଗ ଉଜ୍ଜ୍ୱଳ ଆଲୋକରେ ଆଲୋକିତ ହେଲା। ସେମାନେ ଅତ୍ୟନ୍ତ ଭୀତତ୍ରସ୍ତ

ବେଥଲିହିମରେ ମେଷପାଳକ ମାନେ
ରାତିରେ ତାଙ୍କର ମେଣ୍ଢା ପଲଙ୍କୁ ପଡିଆରେ
ଜଗୁଥିଲେ ।










ଅଷ୍ଟମ ଦିନ ବାଳକଟିକୁ ସୁନ୍ନତ କରାଗଲା । ପ୍ରଭୁଙ୍କ ସହିତ ଅବ୍ରାହାମଙ୍କର
ପ୍ରତିଜ୍ଞା ଅନୁଯାୟୀ, ସବୁ ଯୀହୁଦି ବାଳକଙ୍କୁ ସୁନ୍ନତ କରାଯାଏ ।

ପରଦିନ ଅତିଶୀଘ୍ର ଖବର
ଗ୍ଭରିଆଡେ ବ୍ୟାପି ଗଲା ।




ହୋଇ ପଡ଼ିଲେ । ୧୦ କିନ୍ତୁ ସ୍ୱର୍ଗଦୂତ ସେମାନଙ୍କୁ ଅଭୟ ଦେଇ କହିଲେ, "ଭୟ କର ନାହିଁ ! ମୁଁ
ତୁମ୍ଭମାନଙ୍କ ନିକଟକୁ ମହା ଆନନ୍ଦର ଶୁଭବାର୍ତ୍ତା ନେଇ ଆସିଛି । ଏହା ସମସ୍ତଙ୍କ ପ୍ରତି ମଧ୍ୟ ଆନନ୍ଦର
କାରଣ ହେବ । ୧୧ ଆଜି ରାତିରେ ବେଥଲିହିମରେ ତ୍ରାଣକର୍ତ୍ତା, ଅର୍ଥାତ୍ ଖ୍ରୀଷ୍ଟ ପ୍ରଭୁ ଜନ୍ମଗ୍ରହଣ
କରିଛନ୍ତି! ୧୨ ତାଙ୍କୁ ଚିହ୍ନିବାର ଉପାୟ ଏହି : ତୁମ୍ଭେମାନେ ଏକ ଗୁହାଳ କୁଣ୍ଡରେ ଗ୍ଭଦରରେ ଗୁଡ଼ା
ହୋଇ ଏକ ଶିଶୁକୁ ଶୋଇଥିବା ଦେଖିବ!" ୧୩ ଅକସ୍ମାତ୍ ସ୍ୱର୍ଗଦୂତଙ୍କ ସହିତ ଆହୁରି ଅନେକ ଦୂତ -
ଏକ ସ୍ୱର୍ଗୀୟ ଦୂତବାହିନୀ - ଆସି ଯୋଗ ଦେଲେ ଓ ଈଶ୍ୱରଙ୍କ ସ୍ତୁତି ଗାଇଲେ : ୧୪ ଉଚ୍ଚତମ
ସ୍ୱର୍ଗରେ ଈଶ୍ୱରଙ୍କ ମହିମା ପୃଥିବୀରେ ତାହାଙ୍କ ସନ୍ତୋଷଭାଜନ ସମସ୍ତଙ୍କ ପ୍ରତି ଶାନ୍ତି ହେଉ ।" ୧୫
ଦୂତବାହିନୀ ସ୍ୱର୍ଗକୁ ପ୍ରସ୍ଥାନ କଲାପରେ ମେଷପାଳକମାନେ ପରସ୍ପର କହିଲେ, "ଗ୍ଭଲ, ବେଥଲିହିମକୁ
ଯିବା! ପ୍ରଭୁ ଆମ୍ଭମାନଙ୍କୁ ଯେଉଁ ବିଷୟ ଜଣାଇଛନ୍ତି, ସେହି ଆଶ୍ଚର୍ଯ୍ୟଜନକ ଘଟନା ଦେଖି ଆସିବା ।"
୧୬ ସେମାନେ ଗ୍ରାମକୁ ଧାଇଁଲେ ଏବଂ ମରିୟମ୍ ଓ ଯୋସେଫଙ୍କ ନିକଟରେ ପହଞ୍ଚିଲେ । ଆଉ,
ସେଠାରେ ଗୁହାଳ କୁଣ୍ଡରେ, ଶିଶୁଙ୍କୁ ଦେଖିଲେ । ୧୭ ଯାହା ଯାହା ଘଟିଥିଲା ଓ ଶିଶୁଙ୍କ ସମ୍ବନ୍ଧରେ
ସ୍ୱର୍ଗଦୂତ ସେମାନଙ୍କୁ ଯାହା ଯାହା କହିଥିଲେ, ସେସବୁ କଥା ମେଷପାଳକମାନେ ସମସ୍ତଙ୍କୁ କହିଲେ । ୧୮
ଯେତେ ଲୋକ ସେମାନଙ୍କର କଥା ଶୁଣିଲେ, ସମସ୍ତେ ଆଚମ୍ବିତ ହେଲେ । ୧୯ ମାତ୍ର ମରିୟମ୍ ଏ ସମସ୍ତ
କଥା ମନ ମଧ୍ୟରେ ସଞ୍ଚି ରଖି ଅନୁଧ୍ୟାନ କଲେ । ୨୦ ଏହାପରେ ମେଷପାଳକମାନେ ଯାହା ଯାହା
ଶୁଣିଲେ ଓ ଦେଖିଲେ, ସେଥିନିମନ୍ତେ ଈଶ୍ୱରଙ୍କ ସ୍ତୁତିଗାନ କରୁ କରୁ ନିଜ ନିଜ ମେଷ ପଲ ନିକଟକୁ
ଫେରିଗଲେ । କାରଣ ସ୍ୱର୍ଗଦୂତଙ୍କର କଥାନୁସାରେ ସମସ୍ତ ବିଷୟ ଘଟିଥିଲା ।







ଲୂକ ୨:୨୨-୩୮

୨୨ ମୋଶାଙ୍କର ବ୍ୟବସ୍ଥାନୁସାରେ ଯେତେବେଳେ ମରିୟମ୍‌ଙ୍କ ଶୁଦ୍ଧି ହେବା ସମୟ ଆସିଲା, ସେତେବେଳେ ସେମାନେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଶିଶୁଙ୍କୁ ଉତ୍ସର୍ଗ କରିବା ନିମନ୍ତେ ଯିରୁଶାଲମକୁ ନେଇଗଲେ । ୨୩ କାରଣ ବିଧିବ୍ୟବସ୍ଥାରେ ଈଶ୍ୱରଙ୍କର ଆଦେଶ ଥିଲା, କୌଣସି ସ୍ତ୍ରୀ ପ୍ରଥମ ସନ୍ତାନ ଯଦି ପୁତ୍ର ହୁଏ, ତାହାହେଲେ ସେହି ଶିଶୁ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାହେବ' । ୨୪ ସେତେବେଳେ ଯୀଶୁଙ୍କର ପିତାମାତା ଶୁଦ୍ଧି ହେବାର ବଳି ମଧ୍ୟ ଉତ୍ସର୍ଗ କଲେ । ଦୁଇଟି ଘୁଘୁ ପକ୍ଷୀ କିମ୍ବା ଦୁଇଟି କାପ୍ତାଛୁଆ, ବଳି ଦେବା ବିଧି ଥିଲା ।

**ମନ୍ଦିରେ ଶିମିୟୋନ ଓ ହାନ୍ନାଙ୍କର ଶିଶୁ ଯୀଶୁଙ୍କ ଦର୍ଶନଲାଭ**

୨୫ ସେହିଦିନ ଶିମିୟୋନ ନାମଙ୍କ ଜଣେ ଯିରୁଶାଲମବାସୀ ମନ୍ଦିରରେ ଉପସ୍ଥିତ ଥିଲେ । ସେ ଜଣେ ସାଧୁ, ଧର୍ମନିଷ୍ଠ ଓ ପବିତ୍ରଆତ୍ମା ବିଶିଷ୍ଟ ବ୍ୟକ୍ତି ଥିଲେ ଏବଂ ଖ୍ରୀଷ୍ଟଙ୍କର ଆଗମନ ଶୀଘ୍ର ହେବ ବୋଲି ସେ ଅପେକ୍ଷାରେ ରହିଥିଲେ । ୨୬ ଈଶ୍ୱରଙ୍କ ଅଭିଷିକ୍ତ ରାଜାଙ୍କର ଦର୍ଶନ ନ ପାଇଲା ପର୍ଯ୍ୟନ୍ତ ଶିମିୟୋନଙ୍କର ମୃତ୍ୟୁ ହେବ ନାହିଁ ବୋଲି ପବିତ୍ରଆତ୍ମା ତାଙ୍କୁ ଜଣାଇଥିଲେ । ୨୭, ୨୮ ସେହିଦିନ ମନ୍ଦିରକୁ ଯିବା ପାଇଁ ପବିତ୍ର ଆତ୍ମା ତାଙ୍କୁ ପ୍ରବର୍ତ୍ତନା ଦେଲେ । ଆଉ, ମରିୟମ୍ ଓ ଯୋସେଫ ବ୍ୟବସ୍ଥା ପାଳନାର୍ଥେ ଯେତେବେଳେ ଶିଶୁ ଯୀଶୁଙ୍କୁ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାକୁ ମନ୍ଦିରରେ ପହଞ୍ଚିଲେ, ସେତେବେଳେ ଶିମିୟୋନ ସେଠାରେ ଥିଲେ ଓ ଈଶ୍ୱରଙ୍କ ପ୍ରଶଂସା କରୁ କରୁ ଶିଶୁଙ୍କ କୋଳରେ ଧରିଲେ ।




୨୯, ୩୦, ୩୧ ସେ କହିଲେ, ''ହେ ପ୍ରଭୁ ଏବେ ମୁଁ ଶାନ୍ତିରେ ଏ ଜଗତରୁ ବିଦାୟ ନେଇ ପାରେ!
କାରଣ ତୁମର ପ୍ରତିଜ୍ଞାନୁସାରେ ମୁଁ ତାଙ୍କୁ ଦେଖିଲି । ଜଗତ ନିମନ୍ତେ ଯେଉଁ ତ୍ରାଣକର୍ତ୍ତାଙ୍କୁ ଦେଇଅଛ ମୁଁ
ତାହାଙ୍କୁ ଦର୍ଶନ କଲି । ୩୨ ସବୁ ଜାତିର ଲୋକଙ୍କୁ ଆଲୋକ ଦେବା ନିମନ୍ତେ ସେ ମହାଜ୍ୟୋତିଃ ଏବଂ
ତୁମର ଲୋକ ଇସ୍ରାଏଲୀୟମାନଙ୍କର ଗୌରବ ଅଟନ୍ତି!
୩୩ ଯୀଶୁଙ୍କ ସମ୍ବନ୍ଧରେ ଏ ସମସ୍ତ କଥା ଶୁଣି ଯୋସେଫ ଓ ମରିୟମ୍ ଆଶ୍ଚର୍ଯ୍ୟାନ୍ୱିତ ହେଲେ ।
୩୪, ୩୫ ଶିମିୟୋନ ସେମାନଙ୍କୁ ଆଶୀର୍ବାଦ କଲେ କିନ୍ତୁ ମରିୟମ୍‌ଙ୍କୁ କହିଲେ, ''ଏକ ଖଡ୍‌ଗ ତୁମ ହୃଦୟକୁ
ବିଦ୍ଧ କରିବ, କାରଣ ଇସ୍ରାଏଲରେ ଅନେକେ ଏହି ଶିଶୁଙ୍କୁ ଅଗ୍ରାହ୍ୟ କରିବେ ଏବଂ ଏହା ସେମାନଙ୍କର ପତନର
କାରଣ ହେବ । କିନ୍ତୁ ସେ ଅନ୍ୟାନ୍ୟ ଅନେକଙ୍କର ପରମ ଆନନ୍ଦର କାରଣ ହେବେ । ପୁଣି, ଅନେକଙ୍କ ହୃଦୟର
ଗଭୀର ସଂକଳ୍ପ ସବୁ ପ୍ରକାଶିତ ହେବ ।''

ଯୀଶୁଙ୍କର ପିତାମାତା, ଜ୍ୟୋତିଷ ମାନଙ୍କର କଥା ବି ମନେ ରଖିଥିଲେ । ଜ୍ୟୋତିଷ ମାନଙ୍କ ସାଙ୍ଗରେ ସାକ୍ଷାତ ସମୟରେ ସେମାନେ କହିଥିଲେ ଯେ ଯୀଶୁ ବିଦେଶୀ ମାନଙ୍କ ଦ୍ୱାରା ଗୃହୀତ ହେବେ କିନ୍ତୁ ଆପଣ ଲୋକମାନେ ତାଙ୍କୁ ପ୍ରତ୍ୟାଖାନ କରିବେ । ଯୀଶୁଙ୍କର ଜନ୍ମ ସମୟରେ ପୂର୍ବ ଦେଶରୁ ପଣ୍ଡିତ ମାନେ ଯାରୁଶାଲମରେ ପହଞ୍ଚିଥିଲେ ।











ଅଳ୍ପ ସମୟ ପରେ...




୩୬, ୩୭ ହାନ୍ନା ନାମରେ ଜଣେ ଭାବବାଦିନୀ ମଧ୍ୟ ମନ୍ଦିରରେ ଥିଲେ । ସେ ଯିହୁଦୀୟ ଆଶେର ଗୋଷ୍ଠୀର ଫାନୁଏଲଙ୍କର କନ୍ୟା ଥିଲେ । ସେ ଅତ୍ୟନ୍ତ ବୃଦ୍ଧା ଥିଲେ; ବିବାହ କରିବାର ସାତବର୍ଷ ପରେ ବିଧବା ହୋଇ ଚଉରାଅଶୀ ବର୍ଷ ପର୍ଯ୍ୟନ୍ତ ବୈଧବ୍ୟବସ୍ଥାରେ ରହିଥିଲେ । ସେ ଦିବାରାତ୍ରି ମନ୍ଦିରରେ ରହି ପ୍ରାର୍ଥନା ଓ ଉପବାସ କରି ଈଶ୍ୱରଙ୍କ ଉପାସନା କରୁଥିଲେ ।

୩୮ ଶିମିୟୋନ ଯେତେବେଳେ ମରିୟମ୍ ଓ ଯୋସେଫଙ୍କ ସହ କଥାବାର୍ତ୍ତା କରୁଥିଲେ, ସେହି ସମୟରେ ହାନ୍ନା ତତ୍‌ସଠାରେ ଆସି ପହଞ୍ଚିଲେ । ସେ ମଧ୍ୟ ଈଶ୍ୱରଙ୍କ ପ୍ରଶଂସା କରିବାକୁ ଲାଗିଲେ ଏବଂ ଯେଉଁମାନେ ତ୍ରାଣକର୍ତ୍ତାଙ୍କ ଆଗମନକୁ ଅପେକ୍ଷା କରୁଥିଲେ, ଏପରି ପ୍ରତ୍ୟେକ ଯିରୁଶାଲମବାସୀଙ୍କୁ ତାଙ୍କର ଆଗାମନ ହେଲାଣି ବୋଲି ଜଣାଇଲେ ।






ମାଥିଉ ୨:୧-୧୫

## ଜ୍ୟୋତିଷିକମାନଙ୍କର ଉପହାର

୨ ରାଜା ହେରୋଦଙ୍କର ରାଜତ୍ୱକାଳରେ ଯିହୁଦା ପ୍ରଦେଶର ବେଥ୍‌ଲିହିମ ସହରରେ ଯୀଶୁ ଜନ୍ମଗ୍ରହଣ
କରିଥିଲେ । ପ୍ରାୟ ସେହି ସମୟରେ ପୂର୍ବ ଦେଶରୁ କେତେକ ଜ୍ୟୋତିଷିକ ଯିରୂଶାଲମରେ ଆସି ପହଞ୍ଚିଲେ;
ଏବଂ ସେମାନେ ପଗ୍ଚରିଲେ, "ଯିହୁଦୀମାନଙ୍କର ନବଜାତ ରାଜା କେଉଁଠାରେ ଅଛନ୍ତି? କାରଣ ଆମ୍ଭେମାନେ
ସୁଦୂର ପୂର୍ବ ଦେଶମାନଙ୍କରେ ତାଙ୍କର ତାରା ଦେଖିଛୁ ଏବଂ ତାଙ୍କୁ ପୂଜା କରିବାକୁ ଆସିଛୁ ।" ୩ ଏହା ଶୁଣି
ରାଜା ହେରୋଦ ଅତ୍ୟନ୍ତ ବିଚଳିତ ହେଲେ ଏବଂ ସମଗ୍ର ଯିରୂଶାଲମ ନଗରରେ ଏ ସଂକ୍ରାନ୍ତରେ ଜନରବ
ବ୍ୟାପିଗଲା । ୪ ହେରୋଦ ଯିହୁଦୀ ଧର୍ମଗୁରୁମାନଙ୍କର ଏକ ସଭା ଡକାଇଲେ ଏବଂ ସେମାନଙ୍କୁ ପ୍ରଶ୍ନ କଲେ,
"ଖ୍ରୀଷ୍ଟଙ୍କର ଜନ୍ମ କେଉଁ ସ୍ଥାନରେ ହେବ, ଏ ବିଷୟରେ ଭାବବାଦୀମାନେ କ'ଣ କିଛି କହିଛନ୍ତି?" ୫ ସେମାନେ
କହିଲେ, "ହଁ, ସେ ବେଥ୍‌ଲିହିମରେ ଜନ୍ମ ହେବେ କାରଣ ଭାବବାଦୀ ମୀଖା ଏହି ପ୍ରକାରେ ଲେଖିଛନ୍ତି?"
୬ 'ହେ କ୍ଷୁଦ୍ର ସହର ବେଥ୍‌ଲିହିମ, ତୁ ଯିହୁଦା ପ୍ରଦେଶରେ ସାମାନ୍ୟ ନୋହୁ; କାରଣ ମୋର ଇସ୍ରାଏଲୀୟ
ଲୋକମାନଙ୍କ ଉପରେ ରାଜତ୍ୱ କରିବା ପାଇଁ ତୋ' ମଧ୍ୟରେ ଜଣେ ଶାସନକର୍ତ୍ତା ବାହାରିବେ ।" ୭, ୮
ଏହାପରେ ହେରୋଦ ତାଙ୍କ ସହିତ ସାକ୍ଷାତ୍ କରିବା ନିମନ୍ତେ ଜ୍ୟୋତିଷିକମାନଙ୍କ ନିକଟକୁ ଗୋପନରେ ସମ୍ବାଦ
ପଠାଇଲେ । ସେମାନେ ସେହି ତାରାକୁ ଠିକ୍ କେଉଁ ସମୟରେ ପ୍ରଥମେ ଦେଖିଥିଲେ, ସେକଥା ହେରୋଦ




















କିଛି ଦିନ ପରବାସ ପରେ ଯୋଷେଫ ଏବଂ ମେରୀ ଗାଲିଲୀର ନାଜରିତକୁ ଫେରିଲେ । ସେଠାରେ ଯୀଶୁ ପିତାମାତାଙ୍କର ବାଧ୍ୟ ହୋଇ ଶରୀର ଏବଂ ବୁଦ୍ଧିରେ ବଢ଼ିବାକୁ ଲାଗିଲେ । ତିରିଶ ବର୍ଷ ବୟସରେ ସେ ଦୀକ୍ଷାଦାତା ଯୋହନଙ୍କ ପାଖକୁ ଯାଇଥିଲେ ଏବଂ ତୁବନ ଗ୍ରହଣ କରିଥିଲେ ।

ସେମାନଙ୍କଠାରୁ ବୁଝିନେଲେ । ତତ୍‌ପରେ ସେ ସେମାନଙ୍କୁ କହିଲେ, "ତୁମ୍ଭେମାନେ ବେଥ୍‌ଲହିମକୁ ଯାଅ ଓ ସେହି
ଶିଶୁର ସନ୍ଧାନ ନିଅ । ତାହାର ସନ୍ଧାନ ପାଇଲେ ଫେରି ଆସି ମୋତେ ଖବର ଦିଅ, ତାହାହେଲେ ମୁଁ ମଧ୍ୟ
ଯାଇ ପୂଜା କରିବି!" ୯ ରାଜାଙ୍କ ସଙ୍ଗେ ଏହି କଥାବାର୍ତ୍ତା ପରେ ଜ୍ୟୋତିଷିକମାନେ ପୁନର୍ବାର ଯାତ୍ରା ଆରମ୍ଭ
କଲେ । ଆଉ ଦେଖ! ପୂର୍ବ ଦେଶରେ ସେମାନେ ଦେଖିଥିବା ତାରା ପୁନର୍ବାର ସେମାନଙ୍କୁ ପଥ କଢ଼ାଇ ନେଇ
ଯେଉଁଠାରେ ଏହି ଶିଶୁ ଅବସ୍ଥାନ କରୁଥିଲେ, ସେହିଠାରେ ସ୍ଥଗିତ ହେଲା । ୧୦ ଏହା ଦେଖି ସେମାନଙ୍କର
ଆନନ୍ଦର ସୀମା ରହିଲା ନାହିଁ । ୧୧ ସେମାନେ ଶିଶୁ ଓ ତାଙ୍କ ମାତା ମରିୟମ୍ ରହୁଥିବା ଗୃହରେ ପ୍ରବେଶ କରି
ତାଙ୍କୁ ଭୂମିଷ୍ଠ ପ୍ରଣାମ କଲେ । ତତ୍‌ପରେ ସେମାନେ ଆପଣା ଆପଣାର ଉପହାର ପେଡ଼ି ଫିଟାଇ ତାଙ୍କୁ ସୁନା,
ଗୁଗ୍‌ଗୁଳ ଓ ଗନ୍ଧରସ ଭେଟି ଦେଲେ । ୧୨ କିନ୍ତୁ ସେମାନେ ହେରୋଦଙ୍କୁ ଜଣାଇବା ନିମନ୍ତେ ଯିରୂଶାଲମକୁ
ଗଲେ ନାହିଁ କାରଣ ଅନ୍ୟ ପଥରେ ସ୍ୱଦେଶକୁ ଫେରିଯିବା ପାଇଁ ଈଶ୍ୱର ସେମାନଙ୍କୁ ସ୍ୱପ୍ନରେ ସତର୍କ କରାଇ
ଦେଇଥିଲେ ।

## ମିଶର ଦେଶକୁ ପଳାୟନ

୧୩ ସେମାନେ ଚ୍ଲିଯିବା ପରେ ପ୍ରଭୁଙ୍କର ଜଣେ ଦୂତ ସ୍ୱପ୍ନରେ ଯୋସେଫଙ୍କୁ ଦେଖା ଦେଇ କହିଲେ, "ଉଠ,
ଶିଶୁ ଓ ମାତା, ଉଭୟଙ୍କୁ ନେଇ ମିଶର ଦେଶକୁ ପଳାଅ ଏବଂ ଫେରିବାକୁ ନ କହିବା ପର୍ଯ୍ୟନ୍ତ ସେହିଠାରେ
ରୁହ । କାରଣ ରାଜା ହେରୋଦ ଏହି ଶିଶୁକୁ ହତ୍ୟା କରିବାକୁ ଚେଷ୍ଟା କରୁଛି ।" ୧୪, ୧୫ ସେହି ରାତ୍ରିରେ
ଯୋସେଫ ମରିୟମ୍ ଓ ଶିଶୁଙ୍କୁ ସଙ୍ଗରେ ନେଇ ମିଶର ଦେଶକୁ ବାହାରିଲେ ଏବଂ ରାଜା ହେରୋଦଙ୍କ ମୃତ୍ୟୁ
ପର୍ଯ୍ୟନ୍ତ ସେହିଠାରେ ରହିଲେ । "ମୁଁ ମୋର ପୁତ୍ରଙ୍କୁ ମିଶର ଦେଶରୁ ଆହ୍ୱାନ କଲି" - ଭାବବାଦୀଙ୍କର କଥିତ
ଏହି ଭବିଷ୍ୟଦ୍‌ବାଣୀ ଏତଦ୍ୱାରା ସଫଳ ହେଲା ।

## ଲୂକ ୨:୩୯-୪୦

୩୯ ଯୀଶୁଙ୍କର ପିତାମାତା ଈଶ୍ୱରଙ୍କ ବିଧି-ବ୍ୟବସ୍ଥାନୁସାରେ ସମସ୍ତ କର୍ମ ଶେଷ କଲା ଉତ୍ତାରେ
ଗାଲିଲୀସ୍ଥ ନାଜରିତରେ ସ୍ୱଗୃହକୁ ଫେରିଗଲେ । ୪୦ ସେଠାରେ ସେହି ଶିଶୁ ହୃଷ୍ଟପୁଷ୍ଟ ଓ ବଳିଷ୍ଠ
ହୋଇ ବଢ଼ିବାକୁ ଲାଗିଲେ ଓ ତାଙ୍କର ବୟସ ତୁଳନାରେ ଜ୍ଞାନରେ ଅଧିକ ବୋଲି ଖ୍ୟାତ ହେଲେ;
ଏବଂ ଈଶ୍ୱର ତାଙ୍କୁ ଅଶେଷ ଆଶୀର୍ବାଦ କଲେ ।





ଦିନେ ଦୀକ୍ଷାଦାତା ଯୋହନ, ଯୀଶୁଙ୍କୁ ଯାଉଥିବାର ଦେଖିଲେ...
ହେ ମୋର ଶିଷ୍ୟ, ତୁମ ଦୁଇଜଣଙ୍କୁ ମୁଁ ପଚାରୁଛି - ସେ ଲୋକଟିକୁ ତୁମେ ଦେଖି ପାରୁଛ କି?
ସେ ଈଶ୍ୱରଙ୍କ ମେଷ ଶାବକ । ଯାହାଙ୍କ ବିଷୟରେ ଲେଖାଯାଇଛି ଗୋଟିଏ ମେଷ ଶାବକ ପରି ତାଙ୍କୁ ବଳିରେ ଚଢ଼ାଯିବ । ସେ ସାରା ଜଗତରେ ପାପ ନିଜ ଉପରେ ବହିନେବେ ।
ଏହାର ଅର୍ଥ - ସେହି ହେଉଛନ୍ତି ପ୍ରତିଜ୍ଞା କରାହୋଇ ଥିବା ଖ୍ରୀଷ୍ଟ ମସୀହ ।
ହଁ ତାଙ୍କ ଉପରକୁ ଈଶ୍ୱରଙ୍କ ଆତ୍ମା ଓହ୍ଲାଇ ଆସିବାର ମୁଁ ଦେଖିଲି ସେଥିପାଇଁ ମୁଁ ପ୍ରମାଣ ସିଦ୍ଧ ଯେ ସେ ଈଶ୍ୱରଙ୍କର ପୁତ୍ର ।
ଆନ୍ଦ୍ରିୟ - ତୁ ଆ! ଆମେ ତାଙ୍କୁ ଅନୁଗମନ କରିବା ।
ତୁମେ କଣ ଖୋଜୁଛ?
ତୁମେ କେଉଁଠି ରହୁଛ? ଆମେ ତୁମ ସାଙ୍ଗେ କଥା କହିବାକୁ ଚାହୁଁଛୁ ।ତୁମେ କଣ ଖୋଜୁଛ?
ଆସ ଏବଂ ଦେଖ ।
ସେମାନେ ତାଙ୍କ ସହିତ ବହୁତ ସମୟ କଥା ହେଲେ ।
ତାହା ଏକ ମର୍ମସ୍ପର୍ଶୀ ଆଲୋଚନା ଥିଲା ।
ମୋତେ ମୋ ଭାଇ ଶିମୋନକୁ ସାଙ୍ଗେ ସାଙ୍ଗେ କହିବା କଥା ।
ଶିମୋନ! ଶିମୋନ! ଆମେ ମସୀହଙ୍କୁ ପାଇଲୁ । ସେ ହେଉଛନ୍ତି ଖ୍ରୀଷ୍ଟ । ଜଲଦି ବାହାର । ମୁଁ ତୋତେ ତାଙ୍କ ପାଖରୁ ନେଇଯିବି ।
କଣ? ଖ୍ରୀଷ୍ଟ? ମସୀହ? ଅସମ୍ଭବ!
କେଉଁଟ ଶିମୋନ! ତୋତେ ପିତର ବୋଲି ସମସ୍ତେ ଡାକିବେ । ମୋ ସାଙ୍ଗେ ସାଙ୍ଗେ ଚାଲ ।
ଯୀଶୁ ! ଏ ହେଉଛନ୍ତି ଫିଲିପ । ସେ ଆମ୍ଭମାନଙ୍କର ଜଣେ ବନ୍ଧୁ । ସେ ମଧ୍ୟ ବେଥସେଦାରୁ ଆସିଛନ୍ତି ।
ଫିଲିପ! ମୋତେ ଅନୁସରଣ କର ଓ ମୋର ଶିଷ୍ୟ ହୁଅ ।
ଫିଲିପ - ଜଣେ ସାଙ୍ଗକୁ କହିବାକୁ, ନିଜ ରାସ୍ତାରେ ଚାଲିଗଲେ ।




## ଯୋହନ ୧:୨୯-୫୧
୨୯ ପରବର୍ତ୍ତୀ ଦିନ ଯୀଶୁଙ୍କୁ ତାଙ୍କ ନିକଟକୁ ଆସୁଥିବା ଦେଖି ଯୋହନ କହିଲେ, "ଦେଖ, ଈଶ୍ୱରଙ୍କ
ମେଷଶାବକ ଯେ ଜଗତର ପାପ ବହି ନେଇ ଯାଆନ୍ତି। ୩୦ ଏହାଙ୍କ ସମ୍ବନ୍ଧରେ ମୁଁ କହିଥିଲି, 'ମୋ'ଠାରୁ
ଯିଏ ବହୁଗୁଣରେ ଶ୍ରେଷ୍ଠ ଓ ଯାହାଙ୍କର ସ୍ଥିତି ମୋର ବହୁ ପୂର୍ବରୁ ରହିଛି, ଏପରି ଜଣେ ବ୍ୟକ୍ତି ଶୀଘ୍ର
ଆସୁଛନ୍ତି।' ୩୧ ଏ ଯେ ସେହି ବ୍ୟକ୍ତି, ତାହା ମୁଁ ଜାଣି ନ ଥିଲି, ମାତ୍ର ତାହାଙ୍କୁ ଇସ୍ରାଏଲ ଜାତି ନିକଟରେ
ଚିହ୍ନାଇ ଦେବା ପାଇଁ ମୁଁ ଏଠାରେ ଜଳଦୀକ୍ଷା ଦେଉଛି।" ୩୨ ତା'ପରେ, ପବିତ୍ରଆତ୍ମାଙ୍କୁ କପୋତ ରୂପରେ
ସ୍ୱର୍ଗରୁ ଓହ୍ଲାଇ ଯୀଶୁଙ୍କ ଉପରେ ଅବତରଣ କରିବାର ଦେଖିଥିବା କଥା ସେ ପ୍ରକାଶ କଲେ। ୩୩ ଯୋହନ
ପୁନର୍ବାର କହିଲେ, "ଏ ଯେ ସେହି ବ୍ୟକ୍ତି, ତାହା ମୁଁ ଜାଣି ନ ଥିଲି କିନ୍ତୁ ଜଳଦୀକ୍ଷା ଦେବା ନିମନ୍ତେ ଈଶ୍ୱର
ମୋତେ ପଠାଇଲାବେଳେ କହିଥିଲେ, 'ପବିତ୍ରଆତ୍ମା ଓହ୍ଲାଇ ଆସି ଯାହାଙ୍କ ଉପରେ ଅବସ୍ଥାନ କରିବାର
ଦେଖିବ, ସେହି ହେଉଛନ୍ତି ତୁମର ପ୍ରତ୍ୟାଶିତ ବ୍ୟକ୍ତି। ଯେ ପବିତ୍ରଆତ୍ମାରେ ଦୀକ୍ଷିତ କରନ୍ତି, ଏ ସେହି
ବୋଲି ଜାଣିବ।' ୩୪ ଏହି ବ୍ୟକ୍ତିଙ୍କଠାରେ ତାହା ସଫଳ ହେବାର ମୁଁ ଦେଖିଲି, ସେଥିପାଇଁ ସେ ଈଶ୍ୱରଙ୍କ
ପୁତ୍ର ବୋଲି ମୁଁ ସାକ୍ଷ୍ୟ ଦେଉଛି।"

## ଈଶ୍ୱରଙ୍କ ମେଷଶାବକ
୩୫, ୩୬ ପରବର୍ତ୍ତୀ ଦିନ ତାଙ୍କର ଦୁଇ ଜଣ ଶିଷ୍ୟଙ୍କ ସଙ୍ଗେ ଯୋହନ ଠିଆ ହୋଇଥିବା ସମୟରେ ଯୀଶୁ
ସେହି ବାଟ ଦେଇ ଗ୍ଲିଗଲେ। ଯୋହନ ଏକ ଦୃଷ୍ଟିରେ ତାଙ୍କୁ ଗ୍ହିଁ କହିଲେ, "ଏହି ଦେଖ, ଈଶ୍ୱରଙ୍କ
ମେଷଶାବକ!" ୩୭ ଏହା ପରେ ଦୁଇ ଶିଷ୍ୟ ବୁଲିପଡ଼ି ଯୀଶୁଙ୍କର ଅନୁଗମନ କଲେ। ୩୮ ଯୀଶୁ ଫେରି
ଅନାଇଲେ ଓ ସେମାନେ ତାଙ୍କ ପଛେ ପଛେ ଆସୁଥିବାର ଦେଖି ପଗ୍ରିଲେ, "ତୁମେ କ'ଣ ଗ୍ହଁ ?"
ସେମାନେ ଉତ୍ତରରେ କହିଲେ, "ମହାଶୟ, ଆପଣ କେଉଁଠାରେ ରହନ୍ତି?" ୩୯ ଯୀଶୁ କହିଲେ, "ଆସ
ଦେଖିବ।" ସେମାନେ ତାଙ୍କ ସଙ୍ଗେ ତାଙ୍କର ରହିବା ସ୍ଥାନକୁ ଗଲେ ଏବଂ ସେହିଦିନ ପ୍ରାୟ ଗ୍ରିଟା ସମୟରୁ
ସନ୍ଧ୍ୟା ପର୍ଯ୍ୟନ୍ତ ତାଙ୍କ ସଙ୍ଗେ ରହିଲେ। ୪୦ (ଏମାନଙ୍କ ମଧ୍ୟରୁ ଜଣେ ଶିମୋନ ପିତରଙ୍କ ଭାଇ ଆନ୍ଦ୍ରିୟ
ଥିଲେ)।
୪୧ ଏହାପରେ ଆନ୍ଦ୍ରିୟ ଆପଣା ଭାଇ ପିତରଙ୍କୁ ଖୋଜି କହିଲେ, "ଆମେ ଖ୍ରୀଷ୍ଟଙ୍କର ଦେଖା ପାଇଛୁ।"
୪୨ ସେ ଯୀଶୁଙ୍କ ସହିତ ସାକ୍ଷାତ୍ କରାଇବା ପାଇଁ ପିତରଙ୍କୁ ନେଇ ଆସିଲେ। ଯୀଶୁ ପିତରଙ୍କୁ କ୍ଷଣକାଳ
















ନିବିଷ୍ଟଚିତ୍ତରେ ଚାହିଁ କହିଲେ, "ତୁମେ ଯୋହନଙ୍କ ପୁତ୍ର ଶିମୋନ; କିନ୍ତୁ ତୁମ ନାମ 'ପିତର' (ଅର୍ଥାତ୍
ପ୍ରସ୍ତର) ହେବ ।" ୪୩, ୪୪ ତହିଁ ଆରଦିନ ଯୀଶୁ ଗାଲିଲୀକୁ ଯିବା ପାଇଁ ମନସ୍ଥ କଲେ । ସେ ଫିଲିପଙ୍କ
ଭେଟ ପାଇ ତାଙ୍କୁ କହିଲେ, "ମୋ ସହିତ ଆସ ।" (ଫିଲିପ, ଆନ୍ଦ୍ରିୟ ଓ ପିତରଙ୍କ ଗ୍ରାମ ବେଥ୍ସାଇଦାର
ଅଧିବାସୀ ଥିଲେ) । ୪୫ ଫିଲିପ ନିଥନିଏଲଙ୍କ ପାଖକୁ ଯାଇ କହିଲେ, "ଆମେ ଖ୍ରୀଷ୍ଟଙ୍କର ଦେଖା ପାଇଛୁ -
ମୋଶା ଓ ଭାବବାଦୀମାନେ ଯାହାଙ୍କ ବିଷୟରେ କହିଥିଲେ, ଏ ସେହି ବ୍ୟକ୍ତି । ସେ ନାଜରିତବାସୀ
ଯୋସେଫଙ୍କର ପୁତ୍ର ଯୀଶୁ ।" ୪୬ "ନାଜରିତ!" ନିଥନିଏଲ ବିସ୍ମିତ ହୋଇ କହିଲେ, "ନାଜରିତରୁ
କୌଣସି ଭଲ ବିଷୟ କ'ଣ ଉତ୍ପନ୍ନ ହୋଇପାରେ?" ଫିଲିପ ତାଙ୍କୁ କହିଲେ, "ନିଜେ ଆସି ଦେଖ ।" ୪୭
ସେମାନେ ନିକଟବର୍ତ୍ତୀ ହେବାରୁ ଯୀଶୁ କହିଲେ, "ଦେଖ, ଜଣେ ନିଷ୍କପଟ, ସରଳ ମନୁଷ୍ୟ ଆସୁଛନ୍ତି,
ଇସ୍ରାଏଲର ଜଣେ ପ୍ରକୃତ ସନ୍ତାନ ।" ୪୮ ନିଥନିଏଲ ପଚାରିଲେ, ମୁଁ କି ପ୍ରକାର ଲୋକ, ଆପଣ ଜାଣିଲେ
କିପରି?" ଯୀଶୁ ଉତ୍ତର ଦେଲେ, "ଫିଲିପ ତୁମର ଦେଖା ପାଇବା ପୂର୍ବରୁ ଡିମ୍ବିରି ଗଛମୂଳେ ମୁଁ ତୁମକୁ
ଦେଖିଥିଲି ।" ୪୯ ନିଥନିଏଲ କହିଲେ, "ଆଜ୍ଞା, ଆପଣ ହିଁ ଈଶ୍ୱରଙ୍କ ପୁତ୍ର - ଇସ୍ରାଏଲର ରାଜା!" ୫୦
ଯୀଶୁ କହିଲେ, "ଡିମ୍ବିରି ଗଛମୂଳେ ତୁମକୁ ଦେଖିଲି ବୋଲି କହିବାରୁ କଅଣ ତୁମେ ଏହା ବିଶ୍ୱାସ କରୁଛ?
ଏହାଠାରୁ ଆହୁରି ବଡ଼ ବଡ଼ ପ୍ରମାଣ ତୁମେ ଦେଖିବ । ୫୧ ଏପରିକି, ସ୍ୱର୍ଗ ଉନ୍ମୁକ୍ତ ହୋଇ ଈଶ୍ୱରଙ୍କ
ଦୂତମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଯିବାଆସିବା କରିବାର ଦେଖିବ ।"







### ଯୋହନ ୨:୧-୧୧ ଯୀଶୁଙ୍କର ପ୍ରଥମ ଅଲୌକିକ କାର୍ଯ୍ୟ

୨ ଏହାର ଦୁଇ ଦିନ ପରେ, ଗାଲିଲୀର କାନା ଗ୍ରାମରେ ଏକ ବିବାହଉତ୍ସବରେ ଯୋଗ ଦେବାକୁ
ଯୀଶୁଙ୍କର ମାତା ଅତିଥି ହୋଇ ଯାଇଥିଲେ । ୨ ଯୀଶୁ ଓ ତାଙ୍କର ଶିଷ୍ୟମାନେ ମଧ୍ୟ ସେଠାକୁ ନିମନ୍ତ୍ରିତ
ହୋଇଥିଲେ । ୩ ଭୋଜିବେଳେ ଦ୍ରାକ୍ଷାରସ ସରିଗଲା ଏବଂ ଯୀଶୁଙ୍କର ମାତା ଏହି ସମସ୍ୟା ନେଇ
ଯୀଶୁଙ୍କ ପାଖକୁ ଆସିଲେ ।
୪ ଯୀଶୁ କହିଲେ, ''ମୁଁ ବର୍ତ୍ତମାନ ତୁମକୁ ସାହାଯ୍ୟ କରି ପାରିବି ନାହିଁ । ମୋର ଅଲୌକିକ କାର୍ଯ୍ୟ
କରିବା ସମୟ ଏବେ ଆସି ନାହିଁ ।''
୫ ମାତ୍ର ତାଙ୍କର ମାତା ଦାସମାନଙ୍କୁ କହିଲେ, ''ସେ ତୁମ୍ଭମାନଙ୍କୁ ଯାହା କହିବେ ତାହା ହିଁ କର ।''
୬ ଯିହୁଦୀୟ ଉତ୍ସବାଦିରେ ବ୍ୟବହୃତ ହେଉଥିବା ଛଅଟି ପଥର ଜଳକୁଣ୍ଡ ସେଠାରେ ଥିଲା । ପ୍ରତ୍ୟେକ
କୁଣ୍ଡ ପ୍ରାୟ ୧୦୦ ରୁ ୧୫୦ ଲିଟର ପାଣି ଧରୁଥିଲା ୭ ୮ କୁଣ୍ଡଗୁଡ଼ିକୁ ଫନ୍ଦ ପର୍ଯ୍ୟନ୍ତ ଜଳରେ ପୂର୍ଣ୍ଣ
କରିବା ପାଇଁ ଯୀଶୁ ଦାସମାନଙ୍କୁ ଆଦେଶ ଦେଲେ । ସେମାନେ ତାହା କରିବା ପରେ ସେ କହିଲେ,
''ଏଥିରୁ କିଛି କାଢ଼ି ଭୋଜକର୍ତ୍ତାଙ୍କୁ ଚାଖିବାକୁ ଦିଅ ।''







୯ ଭୋଜକର୍ତ୍ତା ଦ୍ରାକ୍ଷାରସରେ ପରିଣତ ହୋଇଥିବା ଜଳକୁ ଚାଖି ତାହା କେଉଁଠାରୁ ଆସିଲା ଜାଣି ନ ପାରି, (ଯଦ୍ୟପି ଦାସମାନେ ତାହା ଜାଣିଥିଲେ) ବରଙ୍କୁ ଡାକି କହିଲେ। ୧୦ "ଏହା ତ ଖୁବ୍ ବଢ଼ିଆ ଜିନିଷ! ତୁମେ ଅନ୍ୟମାନଙ୍କ ପରି ନୁହଁ। ଭୋଜଦାତା ସାଧାରଣତଃ ଭଲ ଦ୍ରାକ୍ଷାରସ ପ୍ରଥମେ ଦିଅନ୍ତି; ପୁଣି ସମସ୍ତେ ତୃପ୍ତ ହେଲା ପରେ ସେ ଶସ୍ତା ଧରଣର ଦ୍ରାକ୍ଷାରସ ବାହାର କରନ୍ତି, ମାତ୍ର ତୁମେ ଭଲ ଜିନିଷ ଭୋଜି ଶେଷକୁ ରଖିଛ !" ୧୧ ଗାଲିଲୀ ପ୍ରଦେଶର କାନା ଗ୍ରାମରେ ଏହି ଅଲୌକିକ କାର୍ଯ୍ୟ ଦ୍ୱାରା ଯୀଶୁଙ୍କର ଐଶ୍ୱରିକ ଶକ୍ତି ପ୍ରଥମେ ସର୍ବସାଧାରଣରେ ପ୍ରକାଶିତ ହୋଇଥିଲା ଏବଂ ସେ ଯେ ପ୍ରକୃତରେ ଖ୍ରୀଷ୍ଟ, ଏହା ତାଙ୍କର ଶିଷ୍ୟମାନେ ବିଶ୍ୱାସ କଲେ।




ଲୂକ ୪:୩୮-୪୧
୩୮ ସେଦିନ ଉପାସନାଳୟରୁ ବାହାରି ସେ ଶିମୋନଙ୍କ ଗୃହକୁ ଗଲେ ଓ ସେଠାରେ ଶିମୋନଙ୍କ
ଶାଶୁଙ୍କୁ ଅତିଶୟ ଜ୍ୱରରେ ପୀଡ଼ିତା ଦେଖିଲେ । ତାଙ୍କୁ ସୁସ୍ଥ କରିବା ପାଇଁ ସେଠାରେ ସମସ୍ତେ ତାଙ୍କୁ
ଅନୁରୋଧ କଲେ । ୩୯ ଯୀଶୁ ତାଙ୍କର ରୋଗଶଯ୍ୟା ନିକଟରେ ଠିଆ ହୋଇ ଜ୍ୱରକୁ ଧମକ ଦେବା
ମାତ୍ରେ ଜ୍ୱର ଛାଡ଼ିଗଲା । ଆଉ, ପିତରଙ୍କ ଶାଶୁ ଉଠି ସେମାନଙ୍କ ପରିମାନଙ୍କ ପରିଚର୍ଯ୍ୟା କଲେ!
୪୦ ସେହିଦିନ ସୂର୍ଯ୍ୟାସ୍ତ ବେଳକୁ ଯାହା ଘରେ ଯେଉଁ ପ୍ରକାର ରୋଗୀ ଥିଲେ, ସେସମସ୍ତଙ୍କୁ
ସେମାନେ ଯୀଶୁଙ୍କ ନିକଟକୁ ଆଣିଲେ ଏବଂ ତାଙ୍କ ହସ୍ତର ସ୍ପର୍ଶରେ ପ୍ରତ୍ୟେକେ ସୁସ୍ଥ ହେଲେ !
୪୧ ସେମାନଙ୍କ ମଧ୍ୟରୁ କେତେକ ଭୂତାବିଷ୍ଟ ଲୋକ ଥିଲେ ଏବଂ ଭୂତାତ୍ମାମାନେ ତାଙ୍କ
ଆଦେଶରେ ବାହାରି ଆସୁ ଆସୁ 'ତୁମେ ଈଶ୍ୱରଙ୍କ ପୁତ୍ର' ବୋଲି ଚିତ୍କାର କରୁଥିଲେ । ମାତ୍ର ସେ
ଖ୍ରୀଷ୍ଟ ବୋଲି ଭୂତାତ୍ମାମାନେ ଜାଣିଥିବାରୁ ସେ ସେମାନଙ୍କୁ ଧମକ ଦେଇ ନୀରବ ରହିବାକୁ
କହୁଥିଲେ ।




ଲୂକ ୫:୧-୧୧
୫ ଦିନେ ସେ ଗିନେସରତ୍ ହ୍ରଦ କୂଳରେ ଉପଦେଶ ଦେଉଥିଲେ । ଈଶ୍ୱରଙ୍କ ବାଣୀ ଶୁଣିବା ପାଇଁ
ସେଠାରେ ବହୁ ଲୋକଙ୍କର ସମାଗମ ହୋଇଥିଲା ଓ ସେମାନେ ତାଙ୍କ ଉପରେ ମାଡ଼ି ପଡୁଥିଲେ ।
୨ କୂଳରେ ଦୁଇଟି ଖାଲି ନୌକା ଥିବାର ସେ ଲକ୍ଷ୍ୟ କଲେ; ସେତେବେଳେ କେଉଁମାନେ ଜାଲ
ଧୋଉଥିଲେ । ୩ ସେ ଗୋଟିକରେ ଚଢ଼ି ନୌକାର ମାଲିକ ଶିମୋନଙ୍କୁ ତାହା ଆଉ ଟିକେ ପାଣି
ଭିତରକୁ ଠେଲି ଦେବାକୁ କହିଲେ ଯେପରି କି ସେ ସେହି ନୌକାରେ ବସି ଲୋକମାନଙ୍କୁ
ଉପଦେଶ ଦେଇପାରିବେ । ୪ ତାଙ୍କର ଉପଦେଶ ଶେଷ ହେଲାପରେ ସେ ଶିମୋନଙ୍କୁ କହିଲେ,
"ବର୍ତ୍ତମାନ ଗଭୀର ଜଳକୁ ଯାଇ ଜାଲ ପକାଅ । ଆଉ, ତୁମେ ବହୁତ ମାଛ ଧରି ପାରିବ !" ୫
ଶିମୋନ ଉତ୍ତର ଦେଲେ, "ଆଜ୍ଞା, ଆମେ କାଲି ରାତିସାରା ବହୁତ ପରିଶ୍ରମ କରି ସୁଦ୍ଧା କିଛି ମାଛ









ପାଇନାହୁଁ, କିନ୍ତୁ ଆପଣଙ୍କ କଥାନୁସାରେ ପୁଣି ଚେଷ୍ଟା କରିବା।" ୬ ସେମାନେ ସେହିପରି କଲେ। ଏଥର ଜାଲରେ ଏତେ ମାଛ ପଡ଼ିଲା ଯେ ଜାଲ ଛିଣ୍ଡିବାକୁ ଲାଗିଲା ! ୭ ସେମାନେ ଅନ୍ୟ ନୌକାରେ ଥିବା ସହକର୍ମୀମାନଙ୍କୁ ସାହାଯ୍ୟ ପାଇଁ ଡାକ ପକାଇଲେ ଓ ଉଭୟ ନୌକା ମାଛରେ ଭର୍ତ୍ତି ହୋଇ ବୁଡ଼ିବା ପରି ହେଲା। ୮ ଏ ଘଟନା ଦେଖି ଶିମୋନ ପିତର ଯୀଶୁଙ୍କ ପାଦତଳେ ପଡ଼ି କହିଲେ, "ପ୍ରଭୁ, ମୁଁ ନିତାନ୍ତ ପାପୀ ମନୁଷ୍ୟ, ମୋ' ନିକଟରେ ରହନ୍ତୁ ନାହିଁ।" ୯, ୧୦ କାରଣ ଜାଲରେ ଏତେ ମାଛ ପଡ଼ିଥିଲା ଯେ ସେ ଓ ତାଙ୍କ ସଙ୍ଗରେ ଥିବା ଲୋକମାନେ ତଥା ତାଙ୍କର ସହକର୍ମୀମାନେ ଅର୍ଥାତ୍ ଯେବଦୀଙ୍କ ଦୁଇ ପୁତ୍ର, ଯାକୁବ ଓ ଯୋହନ ଏକାବେଳେ ସ୍ତମ୍ଭୀଭୂତ




ହୋଇଯାଇଥିଲେ । ଯୀଶୁ କହିଲେ, "ଭୟ କରନାହିଁ, ଏଣିକି ତୁମ୍ଭେମାନେ ମନୁଷ୍ୟମାନଙ୍କର ଆତ୍ମା ଧରିବ!" ୧୧ ଆଉ, ସେମାନେ କୂଳରେ ପହଞ୍ଚିଲାକ୍ଷଣି ସବୁ ଛାଡ଼ିଦେଇ ତାଙ୍କ ସଙ୍ଗରେ ଗଲେ ।



ଯୀଶୁ ସମଗ୍ର ଗାଲିଲୀରେ ସୁସମାଚ୍ଚର ପ୍ରଚ୍ଚର କରି ଓ ରୋଗୀମାନଙ୍କୁ
ସୁସ୍ଥ କରି ଚ୍ଚଲିଲେ । ଜନତା ତାଙ୍କ ପଛେ ପଛେ ଅନୁସରଣ କଲେ ।












## ମାଥିଉ ୪:୨୩-୨୫

୨୩ ଯୀଶୁ ସମଗ୍ର ଗାଲିଲୀ ପ୍ରଦେଶରେ ବୁଲି ବୁଲି ଯିହୁଦୀମାନଙ୍କର ଉପାସନାଳୟମାନଙ୍କରେ
ଉପଦେଶ ଦେଲେ । ସେ ସବୁ ସ୍ଥାନରେ ସ୍ୱର୍ଗରାଜ୍ୟ ସମ୍ବନ୍ଧୀୟ ସୁସମାଚ୍ଚର ପ୍ରଚ୍ଚର କଲେ । ସେ
ସବୁପ୍ରକାର ରୋଗ ଓ ବ୍ୟାଧି ଆରୋଗ୍ୟ କଲେ । ୨୪ ତାଙ୍କର ଅଲୌକିକ କର୍ମର ସମ୍ବାଦ ଗାଲିଲୀ
ପ୍ରଦେଶର ସୀମା ଅତିକ୍ରମ କରି ଦୁରଦୂରାନ୍ତରକୁ ବ୍ୟାପିଗଲା । ଫଳତଃ ସୁଦୂର ସିରିଆ ଦେଶରୁ
ମଧ୍ୟ ରୋଗୀମାନେ ଆରୋଗ୍ୟ ହେବା ଆଶାରେ ଆସିବାକୁ ଲାଗିଲେ । ସେମାନେ ଭୂତାବିଷ୍ଟ,
ପାଗଳ, ପକ୍ଷାଘାତଗ୍ରସ୍ତ ହୁଅନ୍ତୁ ବା ଯେ କୌଣସି ରୋଗ ଓ ପୀଡ଼ାଗ୍ରସ୍ତ ହୋଇଥାନ୍ତୁ ନା କାହିଁକି,
ଯୀଶୁ ସମସ୍ତଙ୍କୁ ଆରୋଗ୍ୟ କଲେ । ୨୫ ତେଣୁ ଗାଲିଲୀ, ଦଶପଲ୍ଲୀ, ଯିରୂଶାଲମ ଓ ସମଗ୍ର ଯିହୁଦା
ପ୍ରଦେଶରୁ, ଏପରିକି ଯର୍ଦ୍ଦନ ନଦୀର ଅପରପାର୍ଶ୍ୱରୁ ବହୁ ସଂଖ୍ୟକ ଲୋକ ଆସି ଯୀଶୁ ଯେଉଁଆଡ଼େ
ଗଲେ, ତାଙ୍କ ପଛେ ପଛେ ଗଲେ ।










## ଲୁକ ୫:୧୨-୧୪

୧୨ ଥରେ ସେ କୌଣସି ଏକ ଗ୍ରାମକୁ ଯାଇଥିଲେ । ସେଠାରେ ଜଣେ ସର୍ବାଙ୍ଗ କୁଷ୍ଠୀ ଥିଲା । ସେ
ଯୀଶୁଙ୍କୁ ଦେଖି ତାଙ୍କ ସମ୍ମୁଖରେ ଭୂମିରେ ମୁହଁମାଡ଼ି ପଡ଼ିଲା ଓ ତାହାକୁ ଆରୋଗ୍ୟ କରିବା ପାଇଁ
ମିନତି କଲା, "ଆଜ୍ଞା, ଆପଣ ଇଚ୍ଛା କଲେ ମୋତେ ମୋ' ରୋଗରୁ ସମ୍ପୂର୍ଣ୍ଣ ଶୁଚି କରି ପାରନ୍ତି ।"
୧୩ ଯୀଶୁ ହାତ ବଢ଼ାଇ ତାହାକୁ ସ୍ପର୍ଶ କରି କହିଲେ, "ମୋର ଇଚ୍ଛା ଅଛି । ସୁସ୍ଥ ହୁଅ ।"
ସେହିକ୍ଷଣି ସେ କୁଷ୍ଠ ରୋଗରୁ ଆରୋଗ୍ୟଲାଭ କଲା! ୧୪ ଏହାପରେ ଯୀଶୁ ସେ କଥା କାହାରିକୁ
ନ କହିବା ପାଇଁ ତାହାକୁ ଆଦେଶ ଦେଇ କହିଲେ, "ଆଗେ ଯାଜକଙ୍କ ନିକଟକୁ ଯାଅ । ସେ ତୁମକୁ
ପରୀକ୍ଷା କରନ୍ତୁ । ପୁଣି, କୁଷ୍ଠ ରୋଗୀ ଶୁଚି ହେଲେ ମୋଶାଙ୍କ ବ୍ୟବସ୍ଥାନୁସାରେ ଯେଉଁ ବଳି ଦେବା
କଥା, ତାହା ଉତ୍ସର୍ଗ କର । ଏହାଦ୍ୱାରା ସମସ୍ତଙ୍କ ନିକଟରେ ତୁମେ ସୁସ୍ଥ ବୋଲି ପ୍ରମାଣିତ ହେବ ।










## ମାଥିଉ ୯:୯-୧୩

୯ ଯୀଶୁ ସେଠାରୁ ବାହାରି ବାଟରେ ଯାଉଁ ଯାଉଁ ମାଥିଉ ନାମକ ଜଣେ କରଆଦାୟକାରୀଙ୍କୁ କର ଆଦାୟ ସ୍ଥାନରେ
ବସିଥିବା ଦେଖିଲେ । ଯୀଶୁ ତାଙ୍କୁ କହିଲେ, "ଆସ, ମୋର ଶିଷ୍ୟ ହୁଅ ।" ମାଥିଉ ଉଠି ତାଙ୍କ ସଙ୍ଗରେ ଗଲେ ।
୧୦ ପରେ, ମାଥିଉଙ୍କ ଗୃହରେ ଯୀଶୁ ଓ ତାଙ୍କର ଶିଷ୍ୟମାନେ ଯେତେବେଳେ ଭୋଜନରେ ବସିଲେ,
ସେମାନଙ୍କ ସହିତ ଅନେକ ଦୁର୍ନୀତିଗ୍ରସ୍ତ କରଆଦାୟକାରୀ ଓ ଦୁଶ୍ଚରିତ୍ର ଲୋକ ମଧ୍ୟ ନିମନ୍ତ୍ରିତ ହୋଇ ଭୋଜନରେ
ବସିଥିଲେ । !! ଫାରୁଶୀମାନେ ତାହା ଦେଖି ଯୀଶୁଙ୍କ ଶିଷ୍ୟମାନଙ୍କୁ କହିଲେ, "ତୁମ୍ଭମାନଙ୍କର ଗୁରୁ କାହିଁକି ଏ
ପ୍ରକାରର ଲୋକମାନଙ୍କ ସହିତ ମିଳାମିଶା କରନ୍ତି?"
୧୨ ଯୀଶୁ ଉତ୍ତର ଦେଇ କହିଲେ, "ସୁସ୍ଥ ମନୁଷ୍ୟର ଚିକିତ୍ସକଠାରେ ପ୍ରୟୋଜନ ନ ଥାଏ; ମାତ୍ର ଅସୁସ୍ଥ ମନୁଷ୍ୟର
ପ୍ରୟୋଜନ ଥାଏ ।" ୧୩ ସେ ଆହୁରି ମଧ୍ୟ କହିଲେ, "ଯାଅ, ଧର୍ମଶାସ୍ତ୍ରରେ ଏହି ଉକ୍ତିର ଅର୍ଥ ଶିକ୍ଷା କର :
'ମୁଁ ତୁମ୍ଭମାନଙ୍କର ବଳିଦାନ ଓ ନୈବେଦ୍ୟ ଚାହେଁ ନାହିଁ; ମୁଁ ଚାହେଁ, ତୁମ୍ଭେମାନେ ଦୟାଳୁ ହୁଅ ।' କାରଣ ଈଶ୍ୱରଙ୍କ
ପ୍ରତି ପାପୀମାନଙ୍କର ହୃଦୟ ଫେରାଇ ଆଣିବା ପାଇଁ ମୁଁ ପାପୀମାନଙ୍କୁ ଆହ୍ୱାନ କରିବାକୁ ଆସିଛି, ଧାର୍ମିମାନଙ୍କୁ ଆହ୍ୱାନ
କରିବାକୁ ଆସିନାହିଁ ।"




## ମାର୍କ ୨:୧-୧୨

୨ କିଛିଦିନ ଉତ୍ତାରେ ଯୀଶୁ କଫାର୍ନାହୁମକୁ ଫେରିଗଲେ ଏବଂ ସଙ୍ଗେ ସଙ୍ଗେ ତାଙ୍କର ପହଞ୍ଚିବା ଖବର ସମଗ୍ର
ସହରରେ ବ୍ୟାପିଗଲା ।

ଯୀଶୁ ଯେଉଁ ଗୃହରେ ରହୁଥିଲେ, ତାହା ଅତିଶୀଘ୍ର ଲୋକପୂର୍ଣ୍ଣ ହୋଇଗଲା । ସେହି ଗୃହରେ ଏତେ ଲୋକଭିଡ଼ ହେଲା ଯେ ଆଉ ଜଣକ ପାଇଁ ସୁଦ୍ଧା ସ୍ଥାନ ରହିଲା ନାହିଁ, ଏପରି କି ଦ୍ୱାର ବାହାରେ ମଧ୍ୟ ସ୍ଥାନ ନ ଥିଲା । ଆଉ,




ଯୀଶୁ ରହିଥିବା କଫର୍ନାହୂମ ସହରର ଅଧିବାସୀମାନେ ଦିନେ ଶିମୋନ କେଉଁଟଙ୍କ ଘରେ ଏକାଠି ହୋଇଛନ୍ତି । ସମସ୍ତେ ଯୀଶୁଙ୍କ କଥା ଶୁଣିବାକୁ ଚାହାନ୍ତି ।







ସେ ସମାନଙ୍କ ନିକଟରେ ଈଶ୍ୱରଙ୍କ ବାଣୀ ପ୍ରଚାର କଲେ । ୩ ସେତେବେଳେ ଚାରିଜଣ ଲୋକ ଏକ ପକ୍ଷାଘାତଗ୍ରସ୍ତ ରୋଗୀକୁ ବୋହିଆଣି ପହଞ୍ଚିଲେ । ୪ ସେମାନେ ଲୋକଗହଳି ମଧ୍ୟରେ ପଶି ଯୀଶୁଙ୍କ ନିକଟକୁ ଯାଇ ପାରିଲେ ନାହିଁ । ତେଣୁ ଯୀଶୁ ଯେଉଁ ଗୃହରେ ଥିଲେ, ତାହାର ଛାତକୁ ଖୋଲି ସେମାନେ ଖଟିଆ ସହ ରୋଗୀକୁ ଯୀଶୁଙ୍କ ସମ୍ମୁଖରେ ତଳକୁ ଖସାଇ ଦେଲେ ।
୫ ଯୀଶୁ ସେମାନଙ୍କର ପ୍ରଗାଢ ବିଶ୍ୱାସ ଦେଖି ସେହି ପକ୍ଷାଘାତଗ୍ରସ୍ତ ରୋଗୀକୁ କହିଲେ, "ପୁଅ, ତୁମର ପାପ ସବୁ କ୍ଷମା ହେଲା!"
୬, ୭ ମାତ୍ର ସେଠାରେ ବସିଥିବା ଶାସ୍ତ୍ରୀମାନେ ମନେ ମନେ କହିଲେ, "ଏ କ'ଣ? ଏହା ତ ଈଶ୍ୱରନିନ୍ଦା! ଏ କ'ଣ ନିଜକୁ ଈଶ୍ୱର ବୋଲି ମନେ କରୁଛି? କାରଣ କେବଳ ଈଶ୍ୱର ହିଁ ପାପକ୍ଷମା କରିପାରନ୍ତି ।"




୮ ଯୀଶୁ ସେହିକ୍ଷଣି ସେମାନଙ୍କ ମନୋଭାବ ବୁଝିପାରି ସେମାନଙ୍କୁ କହିଲେ, "ତୁମ୍ଭେମାନେ କାହିଁକି ଏ ବିଷୟରେ
ମନେ ମନେ ଯୁକ୍ତି କରୁଛ? ୯, ୧୦, ୧୧ ପକ୍ଷାଘାତଗ୍ରସ୍ତ ରୋଗୀକୁ କ'ଣ କହିବା ସହଜ - 'ତୋର ପାପସବୁ କ୍ଷମା
ହେଲା' କିମ୍ବା 'ଉଠ୍, ତୋର ବିଛଣା ଧରି ଚାଲ୍?' କିନ୍ତୁ ମୁଁ ତୁମ୍ଭମାନଙ୍କୁ ଦର୍ଶାଇବି ଯେ ଏହି ଜଗତରେ ପାପକ୍ଷମା
କରିବାକୁ ଖ୍ରୀଷ୍ଟଙ୍କର କ୍ଷମତା ଅଛି।" ତତ୍ପରେ ସେ ପକ୍ଷାଘାତଗ୍ରସ୍ତ ଲୋକଙ୍କୁ ଚାହିଁ ଆଜ୍ଞା କଲେ, "ଉଠ, ତୁମର
ବିଛଣା ଧରି ଘରକୁ ଯାଅ; କାରଣ ତୁମେ ସୁସ୍ଥ ହେଲ!"
୧୨ ଏଥିରେ ସେହି ଲୋକ ଡେଇଁ ଉଠିଲା ଓ ତାହାର ବିଛଣା ଧରି ଲୋକଭିଡ଼ ମଧ୍ୟ ଦେଇ ଚାଲିଗଲା! ଆଉ,
ଲୋକମାନେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଈଶ୍ୱରଙ୍କର ପ୍ରଶଂସା କରିବାକୁ ଲାଗିଲେ ଓ କହିଲେ, "ଆମେ କେବେ ଏପରି
ଦେଖି ନ ଥିଲୁ!"


ତା' ପାପ ସହିତ, ତା' ପକ୍ଷାଘାତ ରୋଗର କି ସମ୍ପର୍କ।
ଯୀଶୁ ଜାଣନ୍ତି ଯେ ତା'ର ଆତ୍ମା, ତା'ର ଶରୀର ଠାରୁ ଆହୁରି କଦର୍ଯ୍ୟ।
ସେ କଣ କହୁଛି ଶୁଣିଲ ତ? ସେ ଈଶ୍ୱରଙ୍କୁ ଅଖାତର କରି କଥା କହୁଛି।
ଈଶ୍ୱରଙ୍କ ଛଡା କିଏ ପାପ କ୍ଷମା କରିପାରେ।
ମୁଁ ଜାଣିପାରୁଚି - ତୁମେ କଣ ଭାବୁଛ। ମୋତେ କୁହ କେଉଁଟା ସହଜ। ଏ ଲୋକକୁ 'ତୋର ପାପ କ୍ଷମା ହେଲା କହିବା ସହଜ ବା
ଉଠ ଓ ଘରକୁ ଯାଅ କହିବା ସହଜ।
ମୋର ଉତ୍ତର ଦେବାକୁ କିଛି ନାହିଁ, କିନ୍ତୁ ମୁଁ ନିଶ୍ଚୟ ଜଣେ ଯେ ଉଭୟ ବିଷୟ ଅତି କଷ୍ଟ। ଏ କାମ କରିବାକୁ ପ୍ରକୃତରେ ଈଶ୍ୱରଙ୍କ ଶକ୍ତି ଦରକାର।
ଚୁପ୍ ରହିବା ଭଲ। ମୁଁ ଅପେକ୍ଷା କରିବି ଏବଂ ଦେଖିବି।
ତୁମେ ସମସ୍ତେ ଦିନେ ସାକ୍ଷୀ ହେବ ଯେ ମନୁଷ୍ୟ ପୁତ୍ରଙ୍କର ପାପ କ୍ଷମା ଦେବାକୁ ଅଧିକାର ଅଛି। ଏଇ ପକ୍ଷାଘାତ ରୋଗୀ ତା'ର ପ୍ରମାଣ ହେବ।
ଉଠ! ତୁମର ଶେଯ ନେଇ ଘରକୁ ଯାଅ।
ପ୍ରଭୁଙ୍କୁ ଧନ୍ୟବାଦ ଦିଅ ଏବଂ ତାଙ୍କର ଗୌରବ ହେଉ।
ଆଶ୍ଚର୍ଯ୍ୟ ! ସେ ନିଜକୁ ମନୁଷ୍ୟ ପୁତ୍ର ବୋଲି କହୁଛି ! ଏ କଥା ଭୁଲିଯାଅ ନାହିଁ। ସେ ଆମ ପାଖରୁ କଣ ଲୁଗ୍ଉଛି?
ଦାନିୟେଲ ଭବିଷ୍ୟତ ବକ୍ତା ତାଙ୍କର ଦର୍ଶନ ବିଷୟରେ କହୁଥିଲା ବେଳେ, ଥରେ, ମନୁଷ୍ୟପୁତ୍ର ବୋଲି, ଜଣ ଗୋଟିଏ କହୁଥିଲେ। ସେ କହିଥିଲେ ମନୁଷ୍ୟପୁତ୍ର ଏକାଧାରରେ ଈଶ୍ୱର ଏବଂ ମନୁଷ୍ୟ। ମୁଁ ପ୍ରକୃତରେ ଆଚମ୍ବିତ ହେଉଛି।






**ଲୂକ ୭:୩୬-୫୦ ପାପିଷ୍ଠା ନାରୀର ପାପସମୂହ କ୍ଷମା ହେଲା**

୩୬, ୩୭ ଜଣେ ଫାରୁଶୀ ଯୀଶୁଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ନିମନ୍ତ୍ରଣ କଲେ ଏବଂ ଯୀଶୁ ତାଙ୍କ
ଗୃହକୁ ଗଲେ । ସେହି ସହରର ଜଣେ ଦୁଶ୍ଚରିତ୍ରା ସ୍ତ୍ରୀ ଯୀଶୁ ଫାରୁଶୀ ଗୃହରେ ଭୋଜନ କରୁଛନ୍ତି
ବୋଲି ଶୁଣିପାରି ମୂଲ୍ୟବାନ ଅତରର ଏକ ପଥର ଫରୁଆ ନେଇ ଆସିଲା । ୩୮ ସେ ଭିତରକୁ
ଯାଇ ଯୀଶୁଙ୍କ ପଛଆଡ଼େ ପାଦ ପାଖେ ଆଣ୍ଠେଇ କାନ୍ଦୁ କାନ୍ଦୁ ଅଶ୍ରୁଜଳରେ ତାଙ୍କର ପାଦ ଧୋଇ
ଦେଲା । ପୁଣି, ନିଜ କେଶରେ ପାଦ ଦୁଇଟିକୁ ପୋଛି ଚୁମ୍ବନ କଲା ଓ ପାଦ ଉପରେ ଅତର
ଢାଳିଦେଲା । ୩୯ ଯେଉଁ ଫାରୁଶୀ ତାଙ୍କୁ ନିମନ୍ତ୍ରଣ କରିଥିଲେ, ସେ ଏହା ଦେଖି ଓ ସେହି ସ୍ତ୍ରୀକୁ




ଚିହ୍ନିପାରି ମନେ ମନେ କହିଲେ, 'ଯୀଶୁ ଯେ ଭାବବାଦୀ ନୁହନ୍ତି, ଏଥିରୁ ଜଣାପଡୁଛି । କାରଣ ସେ ଯଦି ପ୍ରକୃତରେ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ହୋଇଥାଆନ୍ତେ, ତେବେ ଏହି ସ୍ତ୍ରୀ କି ପ୍ରକାରର ମନୁଷ୍ୟ, ତାହା ଜାଣି ପାରିଥାନ୍ତେ!'' ୪୦ ଯୀଶୁ ସେହି ଫାରୁଶୀଙ୍କ ମନର ଭାବନା ଜାଣିପାରି ତାଙ୍କୁ କହିଲେ, ''ଶିମୋନ, ତୁମକୁ ମୋର କିଛି କହିବାର ଅଛି ।'' ଶିମୋନ ଉତ୍ତର ଦେଲେ, ''ଗୁରୁ, କୁହନ୍ତୁ ।'' ୪୧ ଯୀଶୁ କହିଲେ, ''ଜଣେ ଲୋକ ଟଙ୍କା ଋଣ ଦେଲା - ଜଣକୁ ୫୦୦୦ ଟଙ୍କା ଓ ଅନ୍ୟ ଜଣକୁ ୫୦୦ ଟଙ୍କା । ୪୨ କିନ୍ତୁ ଦୁଇଜଣଙ୍କ ମଧ୍ୟରୁ କେହି ଋଣ ପରିଶୋଧ କରି ପାରିଲେ ନାହିଁ । ତେଣୁ ସେ ଦୟାକରି ସେମାନଙ୍କର ଋଣ ଛାଡ଼ କରି ଦେଲା । ତାହାହେଲେ, ସେ ଦୁଇଜଣଙ୍କ ମଧ୍ୟରୁ କିଏ ସେହି ଲୋକକୁ ଅଧିକ ଭଲ ପାଇବ ବୋଲି ଭାବୁଛ?'' ୪୩ ଶିମୋନ ଉତ୍ତର ଦେଲେ, ''ଯାହାର ବେଶୀ ଋଣ ଛାଡ଼ କରାଗଲା, ସେ ଅଧିକ ଭଲ ପାଇବ ।'' ଯୀଶୁ କହିଲେ, ''ଠିକ୍ କଥା ।'' ୪୪ ତହୁଁ ସେ ସେହି ସ୍ତ୍ରୀ ଆଡ଼କୁ ବୁଲି ଶିମୋନଙ୍କୁ କହିଲେ, ''ଏଠାରେ ଆଣ୍ଠେଇଥିବା ଏହି ସ୍ତ୍ରୀକୁ ଦେଖ! ମୁଁ ଯେତେବେଳେ ତୁମ ଗୃହରେ ପ୍ରବେଶ କଲି, ସେତେବେଳେ ଗୋଡ଼ ଧୋଇବା ପାଇଁ ମୋତେ ଜଳ ଦେଲନାହିଁ । କିନ୍ତୁ ଏ ତାହାର ଅଶ୍ରୁଜଳରେ ମୋର ପାଦ ଧୋଇ ଆପଣା କେଶରେ ପୋଛି ଦେଇଛି । ୪୫ ତୁମେ ମୋତେ ଅଭିବାଦନ ଜଣାଇବା ପାଇଁ ପ୍ରଥାନୁଯାୟୀ ଚୁମ୍ବନ କଲ




ନାହିଁ। କିନ୍ତୁ ମୋର ଆସିବା ସମୟରୁ ଏ ମୋର ପାଦ ଦୁଇଟିକୁ ବାରମ୍ବାର ଚୁମ୍ବନ କରୁଛି। ୪୬
ତୁମେ ମୋ' ମସ୍ତକରେ ଅଲିଭ ତେଲ ଦେଇ ଶିଷ୍ଟାଗ୍ରର ପ୍ରଦର୍ଶନ କଲ ନାହିଁ, କିନ୍ତୁ ଏ ମୋର ପାଦ
ଦୁଇଟିରେ ବହୁମୂଲ୍ୟ ଅତର ମଖାଇଛି। ୪୭ ତେଣୁ ଏହାର ପାପ, ଅନେକ ହେଲେ ସୁଦ୍ଧା କ୍ଷମା
ଦିଆଯିବ, କାରଣ ସେ ମୋତେ ଅଶେଷ ପ୍ରେମ କରିଛି। ମାତ୍ର ଯେ ଅଳ୍ପ କ୍ଷମା ପାଏ, ସେ ଅଳ୍ପ
ପ୍ରେମ କରେ।" ୪୮ ଆଉ, ଯୀଶୁ ସେହି ସ୍ତ୍ରୀକୁ କହିଲେ, "ତୁମର ପାପସବୁ କ୍ଷମା ହୋଇଛି।"
୪୯ ଏହା ଶୁଣି ଖାଇବାକୁ ବସିଥିବା ଲୋକମାନେ ମନେ ମନେ ସହିଲେ, "ଏ କିଏ ଯେ ପାପ
ସୁଦ୍ଧା କ୍ଷମା ଦେଉଛି?" ୫୦ ଯୀଶୁ ସେହି ସ୍ତ୍ରୀକୁ କହିଲେ, "ତୁମର ବିଶ୍ୱାସ ତୁମକୁ ଉଦ୍ଧାର କରିଛି;
ଶାନ୍ତିରେ ଯାଅ।"







ଲୂକ ୭: ୧୧-୧୭
୧୧ କିଛିଦିନ ପରେ ଯୀଶୁ ଶିଷ୍ୟମାନଙ୍କ ସହିତ ନାଇନ ସହରକୁ ଗଲେ ଓ ତାଙ୍କ ପଛେ
ପଛେ ଅନେକ ଲୋକ ମଧ୍ୟ ଗଲେ । ୧୨ ସେ ସହରର ପ୍ରବେଶ ଦ୍ୱାର ନିକଟବର୍ତ୍ତୀ
ହେଲାବେଳକୁ ଏକ ଶବଯାତ୍ରା ସହରରୁ ବାହାରି ଆସୁଥିଲା । ମୃତ ବ୍ୟକ୍ତି ତାହାର ବିଧବା
ମାତାର ଏକମାତ୍ର ପୁତ୍ର ଥିଲା । ସେହି ବିଧବା ସଙ୍ଗରେ ସହରର ଅନେକ ଲୋକ ମଧ୍ୟ
ଗ୍ଭଲିଥିଲେ । ୧୩ ପ୍ରଭୁ ଯେତେବେଳେ ସେହି ବିଧବାକୁ ଦେଖିଲେ, ତାଙ୍କର ହୃଦୟ
ଦୟାରେ ପୂର୍ଣ୍ଣ ହେଲା ଓ ସେ ତାହାକୁ କହିଲେ, "କାନ୍ଦ ନାହିଁ" ! ୧୪ ତତ୍‌ପରେ ସେ
ପାଖକୁ ଯାଇ ଶବାଧାରକୁ ସ୍ପର୍ଶ କଲେ ଏବଂ ଶବାଧାର ବାହକମାନେ ଠିଆ ହୋଇଗଲେ ।
ସେ କହିଲେ, "ହେ ଯୁବକ, ମୁଁ କହୁଛି, ଉଠ ।" ୧୫ ତହୁଁ ମୃତ ଯୁବକ ଉଠି ବସିଲା ଓ
କଥାବାର୍ତ୍ତା କଲା ! ଆଉ, ଯୀଶୁ ତାହାକୁ ତାହାର ମାତାର ହସ୍ତରେ ସମର୍ପଣ କଲେ ।
୧୬ ଲୋକମାନଙ୍କ ମଧ୍ୟରେ ଭୟ ଖେଳିଗଲା ଏବଂ ସେମାନେ ଈଶ୍ୱରଙ୍କର ସ୍ତୁତି କରୁ
କରୁ କହିଲେ, "ଆମ୍ଭମାନଙ୍କ ମଧ୍ୟରେ ଜଣେ ମହାନ୍ ଭାବବାଦୀଙ୍କର ଆବିର୍ଭାବ
ହୋଇଛି", ପୁଣି, "ଆମ୍ଭେମାନେ ଆଜି ଈଶ୍ୱରଙ୍କ ହସ୍ତର କାର୍ଯ୍ୟ ଦେଖିଲୁ ।"
୧୭ ଯୀଶୁଙ୍କ ବିଷୟରେ ଏହି ସମ୍ବାଦ ଯୁହୁଦୀ ପ୍ରଦେଶର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ
ପର୍ଯ୍ୟନ୍ତ, ଏପରିକି ହୀହୁଦୀ ପ୍ରଦେଶର ସୀମା ଅତିକ୍ରମ କରି ବ୍ୟାପିଗଲା ।




ଯୋହନ ୬:୧-୧୫
୬ ଏହାପରେ ଯୀଶୁ ଗାଲିଲୀ ସମୁଦ୍ର (ଯାହାକୁ ତିବିରିଆ ସମୁଦ୍ର ମଧ୍ୟ କହନ୍ତି) ପାର ହୋଇ
ଆରପାରିକି ଗଲେ। ୨-୫ ସେ କିପରି ରୋଗୀମାନଙ୍କୁ ସୁସ୍ଥ କରୁଛନ୍ତି, ତାହା ଦେଖିବା ପାଇଁ ସେ
ଯେଉଁଆଡ଼େ ଯାଉଥିଲେ, ତାଙ୍କ ପଛେ ପଛେ ଏକ ବିରାଟ ଜନତା ସେହିଆଡ଼େ ଗ୍ଳିଥିଲା।
ତହିଁମଧ୍ୟରୁ ଅଧିକାଂଶ ଲୋକ ବାର୍ଷିକ ନିସ୍ତାର ପର୍ବ ପାଳନ ପାଇଁ ଯିରୂଶାଲମକୁ ଯାଉଥିବା
ତୀର୍ଥଯାତ୍ରୀ ଥିଲେ। ଅତଏବ ଯୀଶୁ ଯେତେବେଳେ ପାହାଡ଼ ଉପରେ ଉଠି ଶିଷ୍ୟମାନଙ୍କ ଗହଣରେ
ବସିଲେ, ସେତେବେଳେ ତାଙ୍କ ଅନ୍ୱେଷଣରେ ବହୁଲୋକ ପାହାଡ଼ ଉପରକୁ ଚଢି ଆସୁଥିବାର ସେ
ଦେଖିଲେ। ଫିଲିପଙ୍କ ଆଡ଼କୁ ଗ୍ହିଁ ସେ କହିଲେ, "ଫିଲିପ, ଏହି ଲୋକମାନଙ୍କୁ ଦେବା ପାଇଁ
ଆମେ କେଉଁଠାରୁ ରୋଟୀ କିଣି ପାରିବା?" ୬ (ସେ ଏକଥା ଫିଲିପଙ୍କୁ ପରୀକ୍ଷା କରିବା ପାଇଁ
ପଗ୍ରିଲେ, କାରଣ ସେ କଅଣ କରିବାକୁ ଉଦ୍ୟତ, ତାହା ସେ ଜାଣିଥିଲେ।)

୭ ଫିଲିପ ଉତ୍ତର ଦେଲେ, "ଏମାନଙ୍କୁ ଖାଇବାକୁ ଦେବା ପାଇଁ ବିପୁଳ ଅର୍ଥ ଆବଶ୍ୟକ ହେବ!"
୮, ୯ ତା'ପରେ ଶିମୋନ ପିତରଙ୍କର ଭାଇ ଆନ୍ଦ୍ରିୟ କହିଲେ, "ଏଠାରେ ଜଣେ ବାଳକ ଅଛି।
ତା'ପାଖେ ପାଞ୍ଚୋଟି ରୋଟୀ ଓ ଦୁଇଟି ମାଛ ଅଛି। କିନ୍ତୁ ଏତେ ଲୋକଙ୍କ ପାଇଁ ଏତିକି ଅବା କ'ଣ
ହେବ?"
୧୦ ଯୀଶୁ ଆଦେଶ ଦେଲେ, "ସମସ୍ତଙ୍କୁ ବସିବାକୁ କୁହ।" ସମସ୍ତେ ପର୍ବତଢାଲୁର ଘାସଭୂମି
ଉପରେ ବସିଲେ। ଏମାନଙ୍କ ମଧ୍ୟରୁ କେବଳ ପୁରୁଷଙ୍କର ସଂଖ୍ୟା ପ୍ରାୟ ପାଞ୍ଚହଜାର ଥିଲା। ୧୧
ଏହାପରେ ଯୀଶୁ ରୋଟୀ ନେଇ ଈଶ୍ୱରଙ୍କୁ ଧନ୍ୟବାଦ ଦେଲେ ଏବଂ ଲୋକମାନଙ୍କ ମଧ୍ୟରେ ତାହା
ବାଣ୍ଟିଦେବାକୁ ଦେଲେ। ତଦ୍‌ପରେ ସେ ମାଛକୁ ନେଇ ସେହିପରି ବାଣ୍ଟିବାକୁ ଦେଲେ। ଆଉ, ତୃପ୍ତ
ହେବା ପର୍ଯ୍ୟନ୍ତ ସମସ୍ତେ ଖାଇଲେ!
୧୨ ଯୀଶୁ ଶିଷ୍ୟମାନଙ୍କୁ କହିଲେ, "ବଳକା ଖାଦ୍ୟ ଏକାଠି କରି ରଖ, କିଛି ଯେପରି ନଷ୍ଟ ନ







ହୁଏ।" ୧୩ ସଂଗୃହୀତ ବଳକା ଖାଦ୍ୟରେ ବାରଗୋଟି ଟୋକେଇ ପୂର୍ଣ୍ଣ ହୋଇଗଲା !
୧୪ ଯୀଶୁ ଯେଉଁ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କଲେ, ତାହା ଦେଖି ଲୋକେ କହିଲେ, "ଆମେ ଯେଉଁ
ଭାବବାଦୀଙ୍କର ଅପେକ୍ଷାରେ ଥିଲୁ, ଏ ନିଶ୍ଚୟ ସେହି।"
୧୫ ସେମାନେ ତାଙ୍କୁ ବଳପୂର୍ବକ ରାଜା କରିବାକୁ ଉଦ୍ୟତ ଜାଣି ଯୀଶୁ ଏକାକୀ ପର୍ବତ ଉପରକୁ
ଉଠିଗଲେ।




ମାଥିଉ ୧୬:୧୩-୧୯

୧୩. ଯୀଶୁ କାଇସରିଆ ଫିଲିପିରେ ପହଞ୍ଚିଲା ପରେ ଶିଷ୍ୟମାନଙ୍କୁ ପଚାରିଲେ, "ମୁଁ କିଏ, ଏ ବିଷୟରେ ଲୋକେ କ'ଣ କହୁଛନ୍ତି?" ୧୪ ସେମାନେ ଉତ୍ତର ଦେଲେ, "ଆପଣଙ୍କୁ କେହି କେହି ଦୀକ୍ଷାଦାତା ଯୋହନ, କେହି କେହି ଏଲିୟ, ଆଉ କେହି କେହି ଯିରିମିୟ କିମ୍ବା ଅନ୍ୟ କୌଣସି ଭାବବାଦୀ ବୋଲି କହନ୍ତି।" ୧୫ ତା' ପରେ ସେ ସେମାନଙ୍କୁ ପଚାରିଲେ, "ମୁଁ କିଏ ବୋଲି ତୁମ୍ଭେମାନେ ମନେ କରୁଛ?" ୧୬ ଶିମୋନ ପିତର ଉତ୍ତର ଦେଲେ, "ଆପଣ ଖ୍ରୀଷ୍ଟ, ନିତ୍ୟଜୀବୀ ଈଶ୍ୱରଙ୍କ ପୁତ୍ର।" ୧୭ ଯୀଶୁ କହିଲେ, "ହେ ଯୂନସଙ୍କ ପୁତ୍ର ଶିମୋନ, ଈଶ୍ୱର ତିମକୁ ଆଶୀର୍ବାଦ କରନ୍ତି। କାରଣ ମୋର ସ୍ୱରୀୟ ପିତାହିଁ ତୁମକୁ ଏହା ଜଣାଇଛନ୍ତି। ମନୁଷ୍ୟ ଦ୍ୱାରା ଏହା ତୁମ୍ଭ ନିକଟରେ ପ୍ରକାଶିତ ହୋଇନାହିଁ। ୧୮ ତୁମେ ପିତର, ଅର୍ଥାତ୍ 'ପ୍ରସ୍ତର' ଏବଂ ଏହି ପ୍ରସ୍ତରକୁ ଭିତ୍ତି କରି ମୁଁ ମୋର ମଣ୍ଡଳୀ ଗଢ଼ିବି। ଆଉ. ନରକର ସମସ୍ତ ଶକ୍ତି ତାହାକୁ ପରାସ୍ତ କରି ପାରିବ ନାହିଁ। ୧୯ ମୁଁ ତୁମକୁ ସ୍ୱର୍ଗରାଜ୍ୟର ଚାବି ଦେବି। ଏହି ପୃଥିବୀରେ ଯେଉଁସବୁ ଦ୍ୱାର ତୁମେ ବନ୍ଦ କରିବ, ସେହିସବୁ ଦ୍ୱାର ସ୍ୱର୍ଗରେ ବନ୍ଦ ହୋଇ ରହିବ; ଏବଂ ପୃଥିବୀରେ ଯେଉଁସବୁ ଦ୍ୱାର ତୁମେ ଖୋଲିବ, ସେହିସବୁ ଦ୍ୱାର ସ୍ୱର୍ଗରେ ଖୋଲା ହେବ।"

ଯୋହନ ୬:୬୬-୭୧

୬୬ ଏହି ସମୟରେ ତାଙ୍କର ଶିଷ୍ୟମାନଙ୍କ ମଧ୍ୟରୁ ଅନେକେ ବିମୁଖ ହୋଇ ତାହାଙ୍କୁ ଛାଡ଼ି ଚାଲିଗଲେ। ୬୭ ଏହାପରେ ଯୀଶୁ ଦ୍ୱାଦଶ ଶିଷ୍ୟଙ୍କୁ ଅନାଇ ପଚାରିଲେ, "ତୁମ୍ଭେମାନେ ମଧ୍ୟ କ'ଣ ମୋତେ ଛାଡ଼ି ଚାଲିଯିବ?" ୬୮ ଶିମୋନ ପିତର ଉତ୍ତର ଦେଲେ, "ଗୁରୁ, ଆମେ କାହା ପାଖକୁ ଯିବୁ? ଅନନ୍ତଜୀବନଦାୟକ ବାଣୀ କେବଳ ଆପଣଙ୍କ ପାଖରେ ଅଛି। ୬୯ ଆମେ ତାହା ବିଶ୍ୱାସ କରୁ ଏବଂ ଜାଣୁ ଯେ ଆପଣ ହିଁ ଈଶ୍ୱରଙ୍କର ପବିତ୍ର ପୁତ୍ର।" ୭୦ ତା'ପରେ ଯୀଶୁ କହିଲେ, "ତୁମ ବାରଜଣଙ୍କୁ ମୁଁ ମନୋନୀତ କଲି; ମାତ୍ର ତୁମ ମଧ୍ୟରୁ ଜଣେ ପାପାତ୍ମା।" ୭୧ ସେ ଶିମୋନ ଇଷ୍କାରିୟୋଥର ପୁତ୍ର ଯିହୁଦାକୁ ଲକ୍ଷ୍ୟ କରି ଏହା କହିଥିଲେ। ସେହି ଯିହୁଦୀ ଦ୍ୱାଦଶଙ୍କ ମଧ୍ୟରୁ ଜଣେ ଥିଲା ଯେ କି ପରେ ବିଶ୍ୱାସଘାତକତା କରି ତାଙ୍କୁ ଶତ୍ରୁ ହସ୍ତରେ ଧରାଇ ଦେଇଥିଲା।




ମାଥିଉ ୨୦:୨୦-୨୪

୨୦ ଏହାପରେ ଜେବଦୀଙ୍କ ପୁତ୍ର ଯାକୁବ ଓ ଯୋହନଙ୍କ ମାତା ତାଙ୍କର ପୁତ୍ରମାନଙ୍କୁ ଯୀଶୁଙ୍କ ନିକଟକୁ ଆଣିଲେ ଓ ପ୍ରଣାମ କରି ଏକ ବର ମାଗିଲେ। ୨୧ ଯୀଶୁ ପଗ୍ଭରିଲେ, "ତୁମର ଇଚ୍ଛା କ'ଣ?" ସେ ଉତ୍ତର ଦେଲେ, "ଆପଣଙ୍କ ରାଜ୍ୟରେ ଆପଣଙ୍କ ସିଂହାସନର ଦୁଇ ପାଖରେ ମୋର ଏହି ଦୁଇ ପୁଅଙ୍କୁ ବସିବାକୁ ଅନୁମତି ଦେବେ କି?" ୨୨ କିନ୍ତୁ ଯୀଶୁ ତାଙ୍କୁ କହିଲେ, "ତୁମେ କ'ଣ ମାଗୁଛ, ତାହା ତୁମେ ବୁଝୁନାହିଁ !'ଆ ସେ ଯାକୁବ ଓ ଯୋହନଙ୍କୁ ଅନାଇ ପଗ୍ଭରିଲେ, "ମୁଁ ଯେଉଁ ପାତ୍ର ପାନ କରିବାକୁ ଯାଉଛି, ତୁମ୍ଭେମାନେ କ'ଣ ସେଥିରୁ ପାନ କରି ପାରିବ?" ସେମାନେ ଉତ୍ତର ଦେଲେ "ହିଁ ଆମେ ପାନ କରି ପାରିବୁ।"










୨୩ ସେ ସେମାନଙ୍କୁ କହିଲେ, "ହଁ, ତୁମ୍ଭେମାନେ ସେଥିରୁ ପାନ କରିବ ସତ, କିନ୍ତୁ ମୋର
ସିଂହାସନର ଦକ୍ଷିଣ ଓ ବାମ ପାଖରେ କିଏ ବସିବେ, ସେ ବିଷୟ ସ୍ଥିର କରିବାକୁ ମୋର ଅଧିକାର
ନାହିଁ। ମୋର ପିତା ଯେଉଁମାନଙ୍କୁ ମନୋନୀତ କରିଛନ୍ତି, ସେମାନଙ୍କ ନିମନ୍ତେ କିଏ ସେହି ସ୍ଥାନ
ପ୍ରସ୍ତୁତ ହୋଇଛି।" ୨୪ ଅନ ଅନ୍ୟ ଦଶଜଣ ଶିଷ୍ୟ ଯାକୁବ ଓ ଯୋହନଙ୍କ ନିବେଦନ ଶୁଣି ବିରକ୍ତ
ହେଲେ।

ମାଥିଉ ୧୬:୨୧-୨୩
୨୧ ସେହି ସମୟରୁ ଯୀଶୁ ଶିଷ୍ୟମାନଙ୍କୁ ତାଙ୍କର ଯିରୂଶାଲମ ଯାତ୍ରା ବିଷୟ ଓ ସେଠାରେ ତାଙ୍କ ପ୍ରତି
କ'ଣ କ'ଣ ଘଟିବ, ଯିହୁଦୀ ନେତାମାନଙ୍କ ହାତରେ ସେ କିପରି ତାଡ଼ନା ପାଇ ନିହତ ହେବେ ଏବଂ
ତିନିଦିନ ପରେ କିପରି ପୁନରୁଜ୍ଜୀବିତ ହେବେ, ଏ ସମସ୍ତ କଥା ସ୍ପଷ୍ଟଭାବେ କହିବାକୁ ଲାଗିଲେ। ୨୨
କିନ୍ତୁ ପିତର ତାଙ୍କୁ ଏକ ପାର୍ଶ୍ୱକୁ ନେଇଯାଇ ଅନୁଯୋଗ କରି କହିଲେ, "ଗୁରୁ ଈଶ୍ୱର ଏହା ନ
କରନ୍ତୁ। ଏହା ଆପଣଙ୍କ ପ୍ରତି ନ ଘଟୁ।" ୨୩ ଯୀଶୁ ପିତରଙ୍କ ଆଡ଼କୁ ବୁଲିପଡ଼ି କହିଲେ, "ଦୂର ହୁଅ,
ଶୟତାନ ! ତୁମେ ମୋ' ପ୍ରତି ଏକ ବିପଜ୍ଜନକ ଫାନ୍ଦ ସ୍ୱରୂପ। ତୁମେ ଈଶ୍ୱରଙ୍କ ଦୃଷ୍ଟିକୋଣରୁ ବିଗ୍ଭର
କରୁନାହିଁ, କେବଳ ମନୁଷ୍ୟର ଦୃଷ୍ଟିକୋଣରୁ ବିଗ୍ଭର କରୁଛ।"

## ମାଥିଉ ୪:୧-୧୧ ଶୟତାନର ପ୍ରଲୋଭନ

୪ ଏ ଉତ୍ତାରେ ଯୀଶୁ ଶୟତାନ ଦ୍ୱାରା ପ୍ରଲୋଭିତ ହେବାକୁ ପବିତ୍ରଆତ୍ମାଙ୍କ ଚ୍ଚାଳନାରେ ମରୁ
ପ୍ରାନ୍ତରକୁ ଗଲେ। ୨ ସେ ଚ୍ଚାଳିଶ ଦିନ ଓ ଚ୍ଚାଳିଶ ରାତ୍ରି ଉପବାସରେ ରହି ଅତ୍ୟନ୍ତ କ୍ଷୁଧିତ ହୋଇ
ପଡ଼ିଲେ। ୩ ତହୁଁ ଶୟତାନ ତାଙ୍କୁ ପ୍ରଲୋଭନ ଦେଖାଇ କହିଲା "ତୁମେ ଯଦି ଈଶ୍ୱରଙ୍କ ପୁତ୍ର
ହୋଇଥାଅ, ତେବେ ଏହି ପଥରଗୁଡ଼ାକ ରୋଟୀ ହେବାକୁ ଆଜ୍ଞା କର।" ୪ କିନ୍ତୁ ଯୀଶୁ ତାହାକୁ
କହିଲେ, "ନା ! ଧର୍ମଶାସ୍ତ୍ରରେ ଲେଖାଅଛି, 'ମନୁଷ୍ୟର ଆତ୍ମା ରୋଟୀରେ ବଞ୍ଚେ ନାହିଁ; ଈଶ୍ୱରଙ୍କ

ଶୟତାନ କହିଲା - "ତୋତେ ଭୋକ ଲାଗୁଛି। କିନ୍ତୁ ତୁ ଯଦି ଈଶ୍ୱରଙ୍କ ପୁତ୍ର, ଏଇ ପଥର ଗୁଡାକ ରୁଟି କରିଦେ।" ଯେହେତୁ ମୁଁ ମସୀହ ଓ ଖ୍ରୀଷ୍ଟ କ୍ଷୁଧାଜନିତ କଷ୍ଟବି ମୋତେ ହେବା

କଥା ନୁହେଁ, ଶୟତାନର ଏଇ ଯେଉଁ ପ୍ରଲୋଭନ, ତାକୁ ମୁଁ ଏଡାଇ ଦେଲି। ମଣିଷ କେବଳ ରୁଟିରେ ବଞ୍ଚେ ନାହିଁ - ମାତ୍ର ଈଶ୍ୱରଙ୍କର ବାକ୍ୟରେ ବଞ୍ଚେ।



ମୁଁ ଏମିତି ଏକ ମସୀହ ବା ଖ୍ରୀଷ୍ଟ ଯେ କି - ଲୋକଙ୍କ ମନରେ ଉତ୍ତେଜନା ସୃଷ୍ଟିକରି, ଜଣେ ଅଦ୍ଭୁତ ଶକ୍ତିମାନ ଭାବରେ ସେମାନଙ୍କୁ ଦର୍ଶନ ଦେଇ ତାଙ୍କର ମନ ଜୟ କରି ପାରିବି, ଶୟତାନର ଏ ଯେଉଁ ପ୍ରଲୋଭନ ମୁଁ ତାହା ଅସ୍ୱୀକାର କଲି।

ଆଉଥରେ ମୁଁ ମନ୍ଦିରର ଚୂଡ଼ା ଉପରେ ଥିଲି ଶୟତାନ କହି ଲା - "ତଳକୁ ଡେଇଁ ପଡ। ତୋର କିଛି କ୍ଷତି ହେବ ନାହିଁ। ଯଦି ତୁ ଈଶ୍ୱରଙ୍କ ପୁତ୍ର, ଈସ୍ୱର ତୋତେ ରକ୍ଷା କରିବେ ଓ ଲୋକମାନେ ତୋତେ ପୂଜା କରିବେ।

ମୁଖ ନିସୃତ ପ୍ରତ୍ୟେକ ଆଜ୍ଞା ପାଳନରେ ବଞ୍ଚେ।" ୫ ତତ୍‌ପରେ ଶୟତାନ ଯୀଶୁଙ୍କୁ ଯିରୂଶାଲମରେ
ମନ୍ଦିରର ଛାତ ଉପରକୁ ନେଇଗଲା। ୬ ସେ କହିଲା, "ତୁମେ ଯେବେ ଈଶ୍ୱରଙ୍କ ପୁତ୍ର ହୋଇଥାଅ,
ତେବେ ଏଠାରୁ ତଳକୁ ଡେଇଁପଡ଼; କାରଣ ଧର୍ମଶାସ୍ତ୍ରରେ ଲେଖାଅଛି, 'ତୁମକୁ ବିପଦରୁ ରକ୍ଷା
କରିବାକୁ ଈଶ୍ୱର ଆପଣା ଦୂତମାନଙ୍କୁ ପଠାଇବେ; ତୁମର ପାଦ ପଥରରେ ବାଜି ଯେପରି
କ୍ଷତବିକ୍ଷତ ନ ହୁଏ, ଏଥିପାଇଁ ସେମାନେ ତୁମକୁ ହସ୍ତରେ ଟେକି ଧରିବେ।" ୭ ଯୀଶୁ ଉତ୍ତର ଦେଇ
କହିଲେ, "ଧର୍ମଶାସ୍ତ୍ରରେ ଏହା ମଧ୍ୟ ଲେଖାଅଛି ଯେ ତୁମ୍ଭେ ଆପଣା ପ୍ରଭୁ ଈଶ୍ୱରଙ୍କୁ ପରୀକ୍ଷା କରିବ
ନାହିଁ।" ୮,୯ ଏହାପରେ ଶୟତାନ ତାଙ୍କୁ ଏକ ଅତିଉଚ୍ଚ ପର୍ବତର ଶିଖର ଉପରକୁ ନେଇଗଲା
ଏବଂ ଜଗତର ସକଳ ରାଜ୍ୟ ଓ ସମସ୍ତ ଐଶ୍ୱର୍ଯ୍ୟ ଆଦି ଦେଖାଇ କହିଲା, "ତୁମେ ଯେବେ ମୋତେ




ଭୂମିଷ୍ଠ ପ୍ରଣାମ କରିବ ଓ ପୂଜା କରିବ, ତେବେ ଏ ସମସ୍ତ ମୁଁ ତୁମକୁ ଦେବି।"୩ ୧୦ ଯୀଶୁ ତାହାକୁ କହିଲେ, "ଶୟତାନ, ଏଠାରୁ ଚାଲିଯା। ଧର୍ମଶାସ୍ତ୍ରରେ ଲେଖାଅଛି, 'କେବଳ ପ୍ରଭୁ ଈଶ୍ୱରଙ୍କୁ ପୂଜା କର। କେବଳ ତାଙ୍କର ଆଜ୍ଞା ପାଳନ କର'।" ୧୧ ଏହାପରେ ଶୟତାନ ଚାଲିଗଲା ଏବଂ ସ୍ୱର୍ଗଦୂତମାନେଆସି ଯୀଶୁଙ୍କର ପରିଚର୍ଯ୍ୟା କଲେ।






ଅଧରାତିରେ ହଠାତ୍ ଏତେ ଉଜ୍ଜଳ ଆଲୋକ ଦେଖା ଯାଉଛି ଯେ ପିତର, ଯାକୁବ ଓ ଯୋହନଙ୍କୁ ଅନ୍ଧ ହେଇଗଲା ପରି ଜଣା ପଡୁଛି ସେଇ ଆଲୋକ ଭିତରେ ଯୀଶୁ, ମୋଶା ଓ ଏଲିୟଙ୍କ ସାଙ୍ଗରେ କଥାବାର୍ତ୍ତା ହେଉଥିବାର ସେମାନେ ଦେଖି ପାରୁଛନ୍ତି ।



ସେ ଦୃଶ୍ୟ ଗ୍ଭଲିଗଲା ପରେ, ସେମାନେ ଯୀଶୁଙ୍କୁ ପୂର୍ବଭଳି ତାଙ୍କ ପାଖରେ ଦେଖି ପାରୁଛନ୍ତି ।



ସକାଳ ହେଲାରୁ ସେ ଗ୍ଭରିଜଣ ଜିନିଷ ପତ୍ର ଧରି ପାହାଡ ତଳକୁ ଆସିଛନ୍ତି ।

**ମାଥିଉ ୧୭:୧-୧୯**

୧୭ ଛଅଦିନ ଉତ୍ତାରେ ଯୀଶୁ ପିତର, ଯାକୁବ ଓ ତାଙ୍କ ଭାଇ ଯୋହନଙ୍କୁ ସଙ୍ଗରେ ନେଇ ଏକ ଉଚ୍ଚ ଓ
ନିର୍ଜନ ପର୍ବତର ଶିଖରକୁ ଗଲେ । ୨ ଦେଖୁଁ ଦେଖୁଁ ସେମାନଙ୍କ ସମ୍ମୁଖରେ ଯୀଶୁଙ୍କର ରୂପ ବଦଳିଗଲା ।
ତାଙ୍କର ମୁଖ ସୂର୍ଯ୍ୟ ପରି ତେଜୋମୟ ଓ ତାଙ୍କ ବସ୍ତ୍ର ଉଜ୍ଜ୍ୱଳ ଶୁଭ୍ରବର୍ଣ୍ଣ ହେଲା ।
୩ ଅକସ୍ମାତ୍ ମୋଶା ଓ ଏଲିୟ ଆବିର୍ଭୂତ ହୋଇ ତାଙ୍କ ସଙ୍ଗେ କଥାବାର୍ତ୍ତା କଲେ । ୪ ପିତର କହି
ଉଠିଲେ "ଗୁରୁ, ଆମେ ଯେ ଏଠାରେ ଅଛୁ, ଏହା ଅତି ଆନନ୍ଦର କଥା । ଆପଣ ଯଦି ଇଚ୍ଛା କରନ୍ତି,
ତେବେ ମୁଁ ତିନୋଟି କୁଡ଼ିଆ ତିଆରି କରିଦେବି ଗୋଟିଏ ଆପଣଙ୍କ ପାଇଁ, ଗୋଟିଏ ମୋଶାଙ୍କ ପାଇଁ ଓ
ଗୋଟିଏ ଏଲିୟଙ୍କ ପାଇଁ ।" ୫ ସେ ଏହା କହୁ କହୁ ଖଣ୍ଡେ ଉଜ୍ଜ୍ୱଳ ମେଘ ଆସି ସେମାନଙ୍କ ଉପରେ
ଛାୟା କଲା ଏବଂ ମେଘ ମଧ୍ୟରୁ ଏକ ବାଣୀ ଶୁଣାଗଲା "ଏ ମୋର ପ୍ରିୟ ପୁତ୍ର ଏବଂ ମୁଁ ଏହାଙ୍କଠାରେ
ଆମର ପରମ ସନ୍ତୋଷ ଏହାଙ୍କର ଆଜ୍ଞା ପାଳନ କର ।" ୬ ଏହା ଶୁଣି ଶିଷ୍ୟମାନେ ଅତ୍ୟନ୍ତ ଭୀତ ହୋଇ
ମୁହଁ ମାଡ଼ି ଭୂମିରେ ପଡ଼ିଗଲେ । ୭ ଯୀଶୁ ସେମାନଙ୍କ ନିକଟକୁ ଯାଇ ସେମାନଙ୍କୁ ସ୍ପର୍ଶ କରି କହିଲେ,
"ଉଠ, ଭୟ କର ନାହିଁ ।" ୮ ଆଉ, ସେମାନେ ଉଠି ଗ୍ଭହିଲାବେଳେ ଯୀଶୁଙ୍କୁ ସେମାନଙ୍କ ନିକଟରେ
ଦେଖିଲେ । ୯ ସେମାନେ ପର୍ବତରୁ ଓହ୍ଲାଇବାବେଳେ ଯୀଶୁ ସେମାନଙ୍କୁ ଆଜ୍ଞା ଦେଇ କହିଲେ, "ଖ୍ରୀଷ୍ଟ"
ମୃତ୍ୟୁରୁ ପୁନରୁତ୍ଥିତ ନ ହେବା ପର୍ଯ୍ୟନ୍ତ ତୁମ୍ଭେମାନେ ଦେଖିଥିବା ଦୃଶ୍ୟ କାହାକୁ କୁହ ନାହିଁ ।"


କାଲି ରାତିର ଘଟଣା ବର୍ଣ୍ଣନା କରିବାକୁ ଭାଷା ନାହିଁ ମୋତେ ପରିଷ୍କାର ଭାବେ ଜଣାପଡୁଛି ଯେ ମୋଶା ଓ ଏଲିୟଙ୍କ ଠାରୁ ଯୀଶୁ ବହୁତ ବଡ଼ ।
ହଁ - ନିଶ୍ଚୟ ! ସେମାନେ କେବଳ ତାଙ୍କ ଆସିବା ପାଇଁ ପ୍ରସ୍ତୁତ ହୋଇଥିଲେ । କିନ୍ତୁ ସେ ନିଜେ ଈଶ୍ୱରଙ୍କ ଗୌରବର ଅଧିକାରୀ ଅଟନ୍ତି ।
ମୁଁ ଏ ଶୂନ୍ୟବାଣୀ ଶୁଣିଥିଲି - "ଯୀଶୁ ମୋର ପୁତ୍ର' ଯାହାକୁ ମୁଁ ପ୍ରେମ କରେ । ତାଙ୍କ ଅନୁସରଣ କର । ତାଙ୍କ କଥା ଶୁଣ ।"
ମୁଁ ବି ଠିକ୍ ସେଇଆ ଦେଖୁଛି । ମୁଁ ତୁମକୁ କହିଦେଉଛି ଯୀଶୁ ହେଉଛନ୍ତି ଖ୍ରୀଷ୍ଟ ଓ ମସୀହ । ନିଶ୍ଚୟ ସେ ଜୀବିତ ପରମେଶ୍ୱରଙ୍କ ପୁତ୍ର ।
ପିତର ! ମୁଁ ଶୁଣିଲି, ତୁମେ କହୁଛ "ପ୍ରଭୁ ଏଠି ଉପସ୍ଥିତ ରହିବା, ଆମପାଇଁ ଏକ ଉତ୍ତମ ବିଷୟ । ଆପଣ ଯଦି ଚାହାନ୍ତି - ମୁଁ ଏଠାରେ ତିନିଟା ତମ୍ବୁ ପକାଇବି । ଗୋଟିଏ ମୋଶାଙ୍କ ପାଇଁ, ଗୋଟିଏ ଏଲିୟ ପାଇଁ । ଆଉ ଗୋଟିଏ ଆପଣଙ୍କ ପାଇଁ ।
ବନ୍ଧୁଗଣ । ମୁଁ ତୁମକୁ ସତର୍କ କରି ଦେଉଛି ଯେ ପର୍ଯ୍ୟନ୍ତ ମନୁଷ୍ୟ ପୁତ୍ର, ମୃତ ମାନଙ୍କ ମଧ୍ୟରୁ ଉଠି ନାହାନ୍ତି, ଯାହା ଦେଖୁଛ, କାହାକୁ କିଛି କୁହନାହିଁ ।
ମୁଁ ତ କିଛି ବୁଝିପାରୁନାହିଁ କିନ୍ତୁ ଆମେ ନୀରବ ରହିବା ପାଇଁ ପ୍ରତିଜ୍ଞା କରୁଛୁ ।
ଯାକୁବ, ଯୋହନ ଏବଂ ମୁଁ ପିତର, ବିଶ୍ୱାସ କରୁଛୁ ଯେ ଈଶ୍ୱର ଆମ ସହିତ ଅଛନ୍ତି ।
ବନ୍ଧୁମାନେ, ସମସ୍ତେ ଚାଲ, ଯିରୁଶାଲମକୁ ଯିବା ।






ମାଥିଉ ୨୧:୧-୧୭
୨୧ ଯୀଶୁ ଓ ଶିଷ୍ୟମାନେ ଯେତେବେଳେ ଯିରୁଶାଲମର ନିକଟବର୍ତ୍ତୀ ହୋଇ ଜୀତ ପର୍ବତ ପାର୍ଶ୍ୱସ୍ଥ
ବେଥ୍‌ଫାଗୀ ସହର ନିକଟରେ ପହଞ୍ଚିଲେ, ତ୍ତସତେବେଳେ ସେ ଦୁଇଜଣ ଶିଷ୍ୟଙ୍କୁ ଏହା କହି ଆଗେ
ପଠାଇଲେ, ''ତୁମ୍ଭେମାନେ ସମ୍ମୁଖସ୍ଥ ଗ୍ରାମକୁ ଯାଅ । ଗ୍ରାମ ଭିତରେ ପଶିଲା ବେଳେ ଗୋଟିଏ ଗଧକୁ ତାହାର
ଛୁଆ ସହିତ ବନ୍ଧା ହୋଇଥିବା ଦେଖିବ । ସେମାନଙ୍କୁ ଫିଟାଇ ଏଠାକୁ ନେଇଆସ । ୩ ତୁମ୍ଭେମାନେ କ'ଣ
କରୁଛ ବୋଲି କେହି ଯେବେ ତୁମ୍ଭମାନଙ୍କୁ ପଚ୍ଚରେ, ତେବେ ଏତିକି କହିବ, 'ଗୁରୁଙ୍କର ଏଥିରେ ପ୍ରୟୋଜନ
ଅଛି ।' ତାହାହେଲେ, ସେ ସେହିକ୍ଷଣି ଗଧ ଓ ଛୁଆକୁ ଛାଡ଼ି ଦେବ । ୪ ପୁରାତନ ଭବିଷ୍ୟଦ୍‌ବାଣୀ ସଫଳ
ହେବା ନିମନ୍ତେ ଏହା ଘଟିଲା : ୫ ''ଯିରୁଶାଲମକୁ କୁହ, ତାହାର ରାଜା ତାହା ନିକଟକୁ ଆସୁଛନ୍ତି, ସେ
ନମ୍ର ଭାବରେ ଏକ ଗଧଛୁଆ ଉପରେ ବସି ଆସୁଛନ୍ତି !'' ୬, ୭ ଶିଷ୍ୟଦ୍ୱୟ ଯୀଶୁଙ୍କର ଆଦେଶାନୁସାରେ
କାର୍ଯ୍ୟ କଲେ ଏବଂ ଗଧ ଓ ତାହାର ଛୁଆକୁ ତାଙ୍କ ନିକଟକୁ ଆଣି ଗଧଛୁଆର ପିଠି ଉପରେ ଯୀଶୁ ବସିବା




ନିମନ୍ତେ ନିଜ ନିଜ ବସ୍ତ୍ର ବିଛାଇଲେ । ୮ ପୁଣି, ଜନତା ମଧ୍ୟରୁ କେହି କେହି ଆପଣା ଆପଣାର ଜାମା ତାଙ୍କ ସମ୍ମୁଖରେ ରାସ୍ତା ଉପରେ ବିଛାଇଦେଲେ ଏବଂ ଅନ୍ୟମାନେ ଗଛରୁ ଡାଳ କାଟି ତାଙ୍କ ସମ୍ମୁଖରେ ରାସ୍ତାରେ ପକାଇଲେ । ୯ ଲୋକମାନେ ତାଙ୍କ ଆଗରେ ଓ ପଛରେ ଖୁବ୍ ଖୁବ୍ ଉଚ୍ଚସ୍ୱରରେ କହୁଥିଲେ, "ରାଜା ଦାଉଦଙ୍କ ସନ୍ତାନଙ୍କର ଜୟ ! ଈଶ୍ୱରଙ୍କ ନାମରେ ଯେ ଆସିଛନ୍ତି, ସେ ଧନ୍ୟ ! ସ୍ୱର୍ଗଲୋକରେ ଈଶ୍ୱରଙ୍କ ପ୍ରଶଂସା ହେଉ !" ୧୦ ସେ ଯିରୂଶାଲମରେ ପ୍ରବେଶ କରିବା ସମୟରେ ନଗରସାରା ଚହଳ ପଡ଼ିଗଲା । ଲୋକେ ପଚ୍ଚାରିଲେ, "ଏ କିଏ ?" ୧୧ ଜନତା ମଧ୍ୟରୁ ଲୋକେ ଉତ୍ତର ଦେଲେ, "ଏ ହେଉଛନ୍ତି ଗାଲିଲୀ ପ୍ରଦେଶର ନାଜରିତୀୟ ଭାବବାଦୀ ଯୀଶୁ ।"







ଏଇ ଶୋଭାଯାତ୍ରା ମନ୍ଦିର ହତା ପର୍ଯ୍ୟନ୍ତ ଆସି ଗଲାଣି, ଭିଖାରୀ, ରୋଗୀ ଏବଂ ଅକର୍ମଣ୍ୟ ଲୋକେ ତାଙ୍କୁ ଅନୁସରଣ କରୁଛନ୍ତି ।






ବର୍ତ୍ତମାନ, ପିଲାମାନେ ଯୀଶୁଙ୍କ ପାଇଁ ଆନନ୍ଦଧ୍ୱନି କରୁଛନ୍ତି ।







ଏ ପିଲାମାନଙ୍କର ପାଟି ଶୁଣିପାରୁଛ ତ ?
ଆଉ ତୁମେ ସେ ପିଲାମାନଙ୍କୁ ଚିତ୍କାର କରିବାକୁ
ବାରଣ ବି କରୁନାହଁ । ସେମାନଙ୍କୁ ବନ୍ଦ କରାଅ
ଏବଂ ଏ ପବିତ୍ର ସ୍ଥାନକୁ ଉପଯୁକ୍ତ
ସମ୍ମାନ ଦେଖାଅ ।
ଏ ପିବତ୍ର ସ୍ଥାନ
କୁ ସମ୍ମାନ ?
ଏ ପବିତ୍ର ସ୍ଥାନରେ ଲୋକେ
କଣା ବିକା କରୁଛନ୍ତି - ଏହା କଣ
ଲଜ୍ଜାଜନକ ନୁହେଁ ?




୧୨ ଯୀଶୁ ମନ୍ଦିରରେ ପ୍ରବେଶ କରି ସେଠାରୁ ବ୍ୟବସାୟୀମାନଙ୍କୁ ବାହାର କରିଦେଲେ, ମୁଦ୍ରା ବିନିମୟକାରୀମାନଙ୍କ ମେଜ ଓ କାପ୍ତା ବେପାରୀମାନଙ୍କ ଦୋକାନ ସବୁ ଓଲଟାଇ ଦେଲେ । ୧୩ ସେ କହିଲେ, "ଧର୍ମଶାସ୍ତ୍ରରେ ଲେଖାଅଛି, 'ମୋର ମନ୍ଦିର ପ୍ରାର୍ଥନାର ଗୃହ', ମାତ୍ର ତୁମ୍ଭେମାନେ ତାହାକୁ ଦସ୍ୟୁମାନଙ୍କର ଗହ୍ୱର କରିଛ ।" ୧୪ ସେତେବେଳେ କେତେକ ଅନ୍ଧ ଓ ଖଞ୍ଜ ଲୋକ ତାଙ୍କ ନିକଟକୁ ଆସିଲେ ଏବଂ ସେ ସେହି ମନ୍ଦିର ମଧ୍ୟରେ ସେମାନଙ୍କୁ ଆରୋଗ୍ୟ କଲେ । ଯିହୁଦୀ ନେତାମାନେ ଯେତେବେଳେ, ତାଙ୍କର କୃତ ଅଲୌକିକ କାର୍ଯ୍ୟସବୁ ଦେଖିଲେ ଓ ମନ୍ଦିର ମଧ୍ୟରେ ପିଲାମାନେ ସୁଦ୍ଧା 'ଦାଉଦସନ୍ତାନଙ୍କର ଜୟ' ବୋଲି ଚିତ୍କାର କରୁଥିବା ଶୁଣିଲେ, ସେତେବେଳେ ସେମାନେ ବିଚଳିତ ଓ ବିରକ୍ତ ହୋଇ ତାଙ୍କୁ ପଚାରିଲେ "ଏ ପିଲାମାନେ କ'ଣ କହୁଛନ୍ତି, ତାହା ତୁମେ ଶୁଣୁଛ ତ ?" ୧୬ ଯୀଶୁ ଉତ୍ତର ଦେଲେ, "ହଁ ଶୁଣୁଛି । ତୁମ୍ଭେମାନେ କ'ଣ ଧର୍ମଶାସ୍ତ୍ରରେ ଲିଖିତ ଏହି କଥା କେବେ ପଢିନାହଁ, 'ଶିଶୁମାନେ ସୁଦ୍ଧା ତାଙ୍କର ପ୍ରଶଂସା ଗାନ କରିବେ' ! ୧୭ ଏହାପରେ ସେ ବେଥାନୀକୁ ଫେରିଯାଇ ସେଠାରେ ରାତ୍ରି କ୍ଷେପଣ କଲେ ।




ପ୍ରକୃତରେ ଏ ଗୋଟିଏ  କାହାଣୀ । ଯୀଶୁ ତାଙ୍କର ଶରୀର କଥା କହିଲେ ଯାହା ଈଶ୍ୱରଙ୍କର ନୂତନ ମନ୍ଦିର ଥିଲା । ନଷ୍ଟ କିର ଦିଆଗଲା - ମାରି ଦିଆଗଲା - କିନ୍ତୁ ୩ ଦିନ ପରେ ସେ ମୃତମାନଙ୍କ ମଧ୍ୟରୁ ପୁଣି ଉଠିଲେ ।  ତାଙ୍କର ପୁନରୁତ୍ଥାନ ପରେ ତାଙ୍କ ଶିଷ୍ୟମାନେ ଏ କଥାର ମର୍ମ ବୁଝିପାରିଥିଲେ ।

ଅଳ୍ପ କିଛି ଦିନ ପରେ, ଯୀଶୁଙ୍କର ଶତ୍ରୁ ଫାରୁଶୀମାନେ ପ୍ରଧାନ ଯାଜକ କୟଫାଙ୍କ
ନେତୃତ୍ୱରେ ଗୋଟିଏ ସଭା ଡାକିଲେ ।



















ଯୋହନ ୧୧:୪୭:୫୪
୪୭ ଏହାପରେ ପ୍ରଧାନ ଯାଜକ ଓ ଫାରୁଶୀମାନେ ପରିସ୍ଥିତି ଆଲୋଚନା କରିବା ପାଇଁ ଏକ ସଭା
ଡାକିଲେ । ସେମାନେ ପରସ୍ପର ମଧ୍ୟରେ କଥାବାର୍ତ୍ତା ହେଲେ, "ଆମେ କ'ଣ କରିବା ? କାରଣ ଏହି
ବ୍ୟକ୍ତି ବାସ୍ତବିକ ଅଲୌକିକ କାର୍ଯ୍ୟ କରୁଛି । ୪୮ ତାହାକୁ ଛାଡ଼ିଦେଲେ ସମଗ୍ର ଜାତି ତାହାର ଅନୁସରଣ
କରିବେ ଆଉ, ରୋମୀୟ ସୈନ୍ୟମାନେ ଆସି ଆମ୍ଭମାନଙ୍କୁ ମାରି ଯିହୂଦୀ ରାଜ୍ୟର ଶାସନଭାର ହାତକୁ
ନେଇଯିବେ ।" ୪୯ ସେମାନଙ୍କ ମଧ୍ୟରୁ କୟାଫା ନାମକ ଜଣେ ବ୍ୟକ୍ତି, ଯେ କି ସେ ବର୍ଷର ମହାଯାଜକ
ଥିଲେ, ସେ କହିଲେ, "ତୁମେ ସବୁ ନିର୍ବୋଧ । ୫୦ ଏହି ମନୁଷ୍ୟ ଦେଶବାସୀଙ୍କ ପାଇଁ ପ୍ରାଣ ଦେଉ-
ସମଗ୍ର ଜାତି କାହିଁକି ଧ୍ୱଂସ ପାଇବ ?" ୫୧ ଯୀଶୁ ସମଗ୍ର ଜାତି ପାଇଁ ପ୍ରାଣ ଦେବେ, ଏହି ଭାବବାଣୀ
ମହାଯାଜକ ପଦରେ ଥାଇ କୟାଫା ଉଚ୍ଚାରଣ କରିଥିଲେ । ସେ ଏହା ନିଜେ ଭାବିଚିନ୍ତି କହି ନ ଥିଲେ;
ମାତ୍ର ଊର୍ଦ୍ଧ୍ୱରୁ ଅନୁପ୍ରାଣିତ ହୋଇ କହିଥିଲେ । ୫୨ ଯୀଶୁଙ୍କର ମରଣ କେବଳ ଇସ୍ରାଏଲ ଜାତି ପାଇଁ ନ
ହୋଇ ସାରା ପୃଥିବୀରେ ବିକ୍ଷିପ୍ତ ଈଶ୍ୱରଙ୍କର ସନ୍ତାନମାନଙ୍କ ପାଇଁ ହେବ ବୋଲି ଏହା ଏକ ଭାବବାଣୀ
ଥିଲା । ୫୩ ଅତଏବ ସେହି ସମୟରୁ ଯିହୁଦୀ ନେତୃବର୍ଗ ଯୀଶୁଙ୍କୁ ମାରିବା ପାଇଁ ଷଡ଼ଯନ୍ତ୍ର କରିବାକୁ
ଲାଗିଲେ । ୫୪ ଯୀଶୁ ସର୍ବସାଧାରଣରେ ଆଉ ଉପଦେଶ ଦେଲେ ନାହିଁ ଏବଂ ଯିରୁଶାଲମ ଛାଡ଼ି
ମରୁଭୂମି ସିମାରେ ଅବସ୍ଥିତ ଇଫ୍ରାଇମ ପ୍ରାନ୍ତରକୁ ଗ୍ଭଲିଗଲେ । ସେଠାରେ ସେ ଶିଷ୍ୟମାନଙ୍କ ସହିତ
ଅବସ୍ଥାନ କଲେ ।







ମାଥିଉ ୨୬:୩-୫ + ୧୪-୧୬
୩,୪ ଠିକ୍ ସେହି ସମୟରେ ପ୍ରଧାନ ଯାଜକମାନେ ଓ ଅନ୍ୟାନ୍ୟ ଯିହୁଦୀ କର୍ମକର୍ତ୍ତାମାନେ ଯୀଶୁଙ୍କୁ କିପରି ଭାବରେ
ଗୋପନରେ ଧରି ହତ୍ୟା କରିପାରିବେ, ସେହି ବିଷୟ ଆଲୋଚନା କରିବାକୁ ମହାଯାଜକ କୟାଫାଙ୍କ ଗୃହରେ ଏକତ୍ରିତ
ହୋଇଥିଲେ । ୫ ସେମାନେ ସମସ୍ତେ ଏକମତ ହୋଇ କହିଲେ, ''ଆମେ ନିସ୍ତାର ପର୍ବର ଉତ୍ସବ ସମୟରେ ତାହାକୁ
ଧରିବା ନାହିଁ, କାରଣ ତାହାହେଲେ ଗଣ୍ଡଗୋଳ ହେବ ।'' ୧୪, ୧୫ ଏହାପରେ ବାରଜଣ ଶିଷ୍ୟଙ୍କ ମଧ୍ୟରୁ ଯୁହୁଦା
ଇଷ୍କାରିୟୋଥ ନାମକ ଶିଷ୍ୟ ପ୍ରଧାନ ଯାଜକମାନଙ୍କ ନିକଟକୁ ଯାଇ ପଚ୍ଚାରିଲା, ''ମୁଁ ଯୀଶୁଙ୍କୁ ଆପଣମାନଙ୍କ ହାତରେ
ଧରାଇଦେଲେ ଆପଣମାନେ ମୋତେ କ'ଣ ଦେବେ?'' ସେମାନେ ତିରିଶଟି ରୌପ୍ୟ ମୁଦ୍ରା ଗଣି ତାହାକୁ ଦେଲେ ।
୧୬ ସେହି ସମୟଠାରୁ ଯିହୁଦା ବିଶ୍ୱାସଘାତକତା କରି ଯୀଶୁଙ୍କୁ ଧରାଇ ଦେବାର ସୁଯୋଗ ଖୋଜିବାକୁ ଲାଗିଲା ।


ପ୍ରଧାନ ଯାଜକଙ୍କର କର୍ମଚ୍ଚରୀ ମାନେ ଯେତେବେଳେ ଯୀଶୁଙ୍କୁ ଖୋଜିଥିଲେ, ସେ ଏବଂ ତାଙ୍କର ଶିଷ୍ୟମାନେ କେତେକ ସପ୍ତାହ ପର୍ଯ୍ୟନ୍ତ ଲୁଚି ଲୁଚି ବୁଲୁଥିଲେ ।
ବନ୍ଧୁମାନେ ! ଆଜି ନିସ୍ତାର ପର୍ବର ଦିନ । ପିତର ଏବଂ ଯୋହନ ଯାଅ ଓ ନିସ୍ତାର ପର୍ବ ପାଇଁ ଆମ୍ଭମାନଙ୍କ ନିମନ୍ତେ ଭୋଜ ପ୍ରସ୍ତୁତ କର ।
ହଁ ପ୍ରଭୁ ! କିନ୍ତୁ କେଉଁଠି କରିବା ? କାହା ସହିତ ?
ମୁଁ ଯାରୁଶାଲମରେ ଗୋଟିଏ ବଡ ବଖରା ଭଡ଼ା ନେଇଛି । ତୁମେ ଯାଅ ଏବଂ ତାକୁ ଦେଖିଆସ ।
ତୁମେ ଯେମିତି ସହର ଭିତରକୁ ଯିବ - ତୁମେ ଜଣେ ଲୋକକୁ ଗୋଟିଏ କଳସୀରେ ପାଣି ନେଇ ଯାଉଥିବାର ଦେଖିବ । ତା' ପଛେ ପଛେ ଯାଅ । ସେ ଯେଉଁ ଘରେ ପ୍ରବେଶ କରିବ - ସେଇଟି ହେଉଛି ସେ ଯାଗା ।
ଓହୋ ! ଯୀଶୁ ମୋତେ ଆଉ ବିଶ୍ୱାସ କରୁ ନାହାନ୍ତି । କିନ୍ତୁ ଯେହେତୁ ମୁଁ କୋଷାଧ୍ୟକ୍ଷ, ନିସ୍ତାର ପର୍ବର ପ୍ରସ୍ତୁତି ହେଉଛି ମୋର କାମ । - ତେଣୁ ସମସ୍ତେ କେଉଁଠି ଏକାଠି ହେବା - ସେ ସ୍ଥାନ ବିଷୟରେ ମୁଁ ଜାଣିବା ଦରକାର ।
ତାହାହେଲେ ମୁଁ ଅଧିକାରୀ ମାନଙ୍କୁ ଜଣେଇ ଦେଇ ପାରିଥା'ନ୍ତି । ଯେମିତିକି ସେମାନେ ତାଙ୍କୁ ଧରି ପାରିଥା'ନ୍ତେ ।
କିଛି ସମୟ ପରେ ।
ସ୍ତ୍ରୀ ଲୋକମାନେ ପାଣି କଳସୀ ନେଇ ଯାଉଛନ୍ତି । ଏଇଟା ତ କିଛୁ ଗୋଟିଏ ବିଶେଷ କଥା ନୁହେଁ ।
କିନ୍ତୁ ହେଇ ସେ'ଠି ଦେଖ ! ଜଣେ ପୁରୁଷ ଲୋକ କଳସୀରେ ପାଣି ନେଉଛନ୍ତି ଯାହା ଏକ ଅସାଧାରଣ ଘଟଣା । ସେ ଲୋକଟି ସେଇ ହୋଇପାରେକି ?
ହଁ । ନିଶ୍ଚୟ ସେ ସେହି ଲୋକ । ଚ୍ଚଲ ତାକୁ ଅନୁସରଣ କରିବା ।






ଲୂକ ୨୨:୭-୧୬ + ୨୪-୨୬

୭ ତହୁଁ ନିସ୍ତାରପର୍ବ ପାଳନର ଦିନ ଆସିଲା । ସେହି ଦିନରେ ନିସ୍ତାରପର୍ବର ମେଣ୍ଢା ମରାଯାଇ ବିନା ତାଡ଼ିରେ
ପ୍ରସ୍ତୁତ ରୋଟୀ ସଙ୍ଗେ ଭୋଜନ କରାଯାଏ । ୮ ଯୀଶୁ ପିତର ଓ ଯୋହନଙ୍କୁ ପଠାଇ କହିଲେ, "ତୁମ୍ଭେମାନେ
ଆଗରୁ ଯାଇ ନିସ୍ତାରପର୍ବ ଭୋଜି ଆୟୋଜନ କରିବା ନିମନ୍ତେ ସ୍ଥାନ ପ୍ରସ୍ତୁତ କର ।" ୯ ସେମାନେ ତାଙ୍କୁ
ପଚାରିଲେ, "ଆମେ କେଉଁଠାରେ ଭୋଜିର ଆୟୋଜନ କରିବା ବୋଲି ଆପଣ ଚାହାଁନ୍ତି ?" ୧୦, ୧୧ ସେ
ଉତ୍ତର ଦେଲେ, "ତୁମ୍ଭମାନେ ଯିରୂଶାଲମ ନଗର ମଧ୍ୟରେ ପ୍ରବେଶ କରିବାମାତ୍ରେ ଜଣେ ପୁରୁଷକୁ କଳସୀରେ
ପାଣି ନେଉଥିବା ଦେଖିବ । ସେ ଯେଉଁ ଗୃହରେ ପ୍ରବେଶ କରିବ, ତୁମ୍ଭେମାନେ ତାହାର ପଛେ ପଛେ ଯାଇ ସେହି
ଗୃହରେ ପ୍ରବେଶ କରି ଗୃହସ୍ଥଙ୍କୁ କହିବ, 'ଆମର ଗୁରୁ କହିଛନ୍ତି, ସେ ଶିଷ୍ୟମାନଙ୍କ ସହିତ ନିସ୍ତାରପର୍ବର ଭୋଜି
ପାଳନ କରିବେ ଓ ସେଥିପାଇଁ ଆପଣଙ୍କର ଯେଉଁ ଅତିଥିଶାଳା ଅଛି, ତାହା ଆମ୍ଭମାନଙ୍କୁ ଦେଖାଇ ଦିଅନ୍ତୁ ।'
୧୨ ତହୁଁ ସେ ତୁମ୍ଭମାନଙ୍କୁ ଉପର ମହଲାରେ ଆମ୍ଭମାନଙ୍କ ନିମନ୍ତେ ଏକ ସୁସଜ୍ଜିତ ବଡ଼ କୋଠରୀ ଦେଖାଇ
ଦେବେ । ସେହିଠାରେ ଭୋଜି ପ୍ରସ୍ତୁତ କର ।" ୧୩ ସେମାନେ ନଗରକୁ ଯାଇ ଯୀଶୁଙ୍କ କଥାନୁସାରେ ସମସ୍ତ
ବିଷୟ ଦେଖିବାକୁ ପାଇଲେ ଏବଂ ନିସ୍ତାର ଭୋଜି ପ୍ରସ୍ତୁତ କଲେ । ୧୪ ଯଥାସମୟରେ ଯୀଶୁ ଅନ୍ୟ
ଶିଷ୍ୟମାନଙ୍କ ସହିତ ସେଠାକୁ ଗଲେ ଓ ସମସ୍ତେ ଏକତ୍ର ଭୋଜନ କରିବାକୁ ବସିଲେ । ୧୫ ସେ ସେମାନଙ୍କୁ
କହିଲେ, "ମୋର ଦୁଃଖଭୋଗ ଆରମ୍ଭ ହେବା ପୂର୍ବରୁ ତୁମ୍ଭମାନଙ୍କ ସଙ୍ଗରେ ଏହି ନିସ୍ତାରପର୍ବ ଭୋଜି ପାଳନର


ସେମାନେ ମେଜ ନିକଟରେ ବସିଛନ୍ତି କିନ୍ତୁ ଜଣ ଗୋଟିଏ ଗୋଳମାଳ ଆରମ୍ଭ ହେଲାଣି ।
ଏ ଜାଗାଟି ମୋ ପାଇଁ ଛାଡ଼ିଦିଅ । ଯୀଶୁଙ୍କ ପରେ ସେ ସ୍ଥାନଟି ପାଇବା ମୋର ଅଧିକାର ।
କଦାପି ନୁହେଁ । ମୁଁ ଏଇଠି ଅଛି ଏବଂ ଏଇସ୍ଥାନରେ ରହିଥିବି । ଆମେ ଜଣ ସମସ୍ତେ ସମାନ 'ଦଳର ନୋହୁଁ କି?
ହଁ । ଏ କଥା ତ ଠିକ୍ । ପାତର ଅନ୍ତର ବା କୌଣସି ବିଶେଷ ସୁବିଧା କାହାରି ପାଇଁ ଅନୁଚିତ ।
ବନ୍ଧୁମାନେ ! ତୁମେ ନିଜ ନିଜ ଜାଗାରେ ବସିବା ପୂର୍ବରୁ ଗୋଟିଏ ମୁହୂର୍ତ୍ତ ପାଇ ଅପେକ୍ଷା କର ।
ତୁମେ ସମସ୍ତେ ଜାଣ ଯେ ଅଣଯିହୁଦୀ ମାନଙ୍କର ରାଜାମାନେ ସେମାନଙ୍କ ଉପରେ କର୍ତ୍ତା ପଣ କରନ୍ତି । ଖଣ୍ଡା ଓ ଶକ୍ତି ଦେଖାଇ ସେମାନଙ୍କୁ ଶାସନ କରନ୍ତି । କିନ୍ତୁ ତୁମ୍ଭେମାନେ ସେପରି ନୁହଁ ।
ବଦଳରେ, ତୁମର କର୍ତ୍ତବ୍ୟ ହେଉଛି, ତୁମେ ପରସ୍ପରର ସେବା କର ।
ତା'ପରେ -
ଦେଖ ! ସେ ଜଣ କରୁଛନ୍ତି ।
ମୁଁ ତ କିଛି ବୁଝି ପାରୁନାହିଁ । ଜଣାପଡୁଛି, ଯେପରି କିଛି ଧୁଆଧୋଇ କାମ କରିବା ପାଇଁ ସେ ପ୍ରସ୍ତୁତ ହେଉଛନ୍ତି ।







ସମୟଟିକୁ ମୁଁ ବଡ଼ ଆଗ୍ରହରେ ଗ୍ରହିଥିଲି। ୧୬ କାରଣ ଈଶ୍ୱରଙ୍କ ରାଜ୍ୟରେ ଏହାର ଉଦ୍ଦେଶ୍ୟ ସଫଳ ନ
ହେବା ପର୍ଯ୍ୟନ୍ତ ମୁଁ ଆଉ ଏହା ଭୋଜନ କରିବି ନାହିଁ।" ୨୪ ଆହୁରୀ ମଧ୍ୟ [ଈଶ୍ୱରଙ୍କ ରାଜ୍ୟରେ] କିଏ
ସର୍ବୋଚ୍ଚ ପଦ ପାଇବ, ଏହା ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗିଲା।

## ଯେ ପ୍ରଧାନ ହେବାକୁ ଗ୍ରହେଁ, ସେ ସେବକ ହେଉ

୨୫ ଯୀଶୁ ସେମାନଙ୍କୁ କହିଲେ, "ଏହି ଜଗତର ଅଧିପତି ଓ ଶାସନକର୍ତ୍ତାମାନେ ସେମାନଙ୍କ ଅଧିନସ୍ଥ ଲୋକଙ୍କ
ଉପରେ ପ୍ରଭୁତ୍ୱ କରନ୍ତି, ଆଉ ସେମାନଙ୍କୁ 'ଲୋକସେବକ' ଆଖ୍ୟା ଦିଆ ଯାଇଥାଏ ! ୨୬ କିନ୍ତୁ ତୁମ୍ଭମାନଙ୍କ
ମଧ୍ୟରେ ସେପରି ହେବ ନାହିଁ ବରଂ ଯିଏ ତୁମ୍ଭମାନଙ୍କ ମଧ୍ୟରେ ବଡ଼, ସେ ସାନ ହେଉ ଏବଂ ଯିଏ ନେତା, ସେ
ସେବକ ହେଉ।

ଯୋହନ ୧୩:୨-୧୫+୨୧-୩୦

ଯୀଶୁଙ୍କୁ ଶତ୍ରୁ ହସ୍ତରେ ଧରାଇଦେବା ପରିକଳ୍ପନା କାର୍ଯ୍ୟକାରୀ କରିବାକୁ ସେହି ରାତ୍ରିହିଁ ଉପଯୁକ୍ତ ସମୟ ବୋଲି ରାତ୍ରିଭୋଜନବେଳେ ଶିମୋନର ପୁତ୍ର ଯିହୁଦା ଇଷ୍କାରିୟୋଥକୁ ଶୟତାନ ସୂଗ୍ରଇଥିଲା। ପିତା ଯେ ତାଙ୍କୁ ସମସ୍ତ ଦେଇଛନ୍ତି ଏବଂ ସେ ଯେ ଈଶ୍ୱରଙ୍କଠାରୁ ଆଗତ ଓ ତାଙ୍କ ନିକଟକୁ ପୁନର୍ବାର ଫେରିଯିବେ,

ତାଙ୍କୁ କହିଲେ, "ପ୍ରଭୁ, ଆପଣ ଏପରି ଆମର ପାଦ ଧୋଇବା ଉଚିତ ନୁହେଁ।"
୭ ଯୀଶୁ କହିଲେ, ମୁଁ କାହିଁକି ଏପରି କରିଛୁ, ତାହା ତୁମେ ବର୍ତ୍ତମାନ ବୁଝିପାରୁ ନାହିଁ, ଦିନେ ବୁଝିବ।"
୮ ପିତର ପ୍ରତିବାଦ କରି କହିଲେ, "ନା, ଆପଣ କଦାପି ମୋର ପାଦ ଧୋଇବେ ନାହିଁ।" ଯୀଶୁ କହିଲେ,
"ମୁଁ ଯଦି ତୁମର ପାଦ ନ ଧୁଏ, ତେବେ ତୁମେ ମୋର ସହଭାଗୀ ହୋଇପାରିବ ନାହିଁ।"













୯ ଶିମୋନ ପିତର କହିଲେ, "ତାହାହେଲେ କେବଳ ମୋର ପାଦ ନ ଧୋଇ ମୋର ହାତ ଓ ମୁଣ୍ଡ ମଧ୍ୟ
ଧୋଇଦିଅନ୍ତୁ ।" ୧୦ ଯୀଶୁ ଉତ୍ତର ଦେଲେ, "ଯେ ସ୍ନାନ କରିଛି, କେବଳ ତା'ର ପାଦ ଧୋଇଦେଲେ ସେ
ସମ୍ପୂର୍ଣ ପରିଷ୍କୃତ ହୋଇଯାଏ । ତୁମ୍ଭେମାନେ ଶୁଚିମନ୍ତ, ମାତ୍ର ସମସ୍ତେ ନୁହଁ ।" ୧୧ କାରଣ କିଏ ତାଙ୍କୁ ଶତ୍ରୁ
ହସ୍ତଗତ କରିବ, ତାହା ଯୀଶୁ ଜାଣିଥିଲେ । ସେହି ଅର୍ଥରେ "ତୁମେ ସମସ୍ତେ ଶୁଚିମନ୍ତ ନୁହଁ" ବୋଲି ସେ
କହିଥିଲେ । ୧୨ ସେମାନଙ୍କର ପାଦ ଧୋଇ ସାରିଲା ପରେ ସେ ପୁନର୍ବାର ତାଙ୍କର ଉପର ପୋଷାକ
ପିନ୍ଧିଲେ ଏବଂ ବସିପଡ଼ି ପଗ୍ଭରିଲେ, "ମୁଁ ବର୍ତ୍ତମାନ ଯାହା କଲି, ତାହା ତୁମ୍ଭେମାନେ ବୁଝିପାରିଲ? ୧୩
ତୁମେ ମୋତେ, 'ଗୁରୁ' ଓ 'ପ୍ରଭୁ' ବୋଲି ସମ୍ବୋଧନ କରିଥାଅ । ଭଲ କଥା, କାରଣ ତାହା ସତ୍ୟ । ୧୪ ମୁଁ




ତୁମର ପ୍ରଭୁ ଓ ଗୁରୁ ହୋଇ ଯଦି ତୁମର ପାଦ ଧୋଇଲି, ତେବେ ତୁମେ ମଧ୍ୟ ପରସ୍ପରର ପାଦ ଧୋଇବା
ଉଚିତ । ୧୫ ତୁମର ଅନୁସରଣ ପାଇଁ ମୁଁ ଏକ ଆଦର୍ଶ ଦେଲି । ମୁଁ ତୁମ ପ୍ରତି ଯେପରି କଲି, ତୁମେ
ସେହିପରି କର । ୨୧ ସେତେବେଳେ ଯୀଶୁ ଅନ୍ତରରେ ଅତ୍ୟନ୍ତ ଉଦ୍‌ବିଗ୍ନ ହୋଇ କହିଲେ, "ହଁ,
ତୁମ୍ଭମାନଙ୍କ ମଧ୍ୟରୁ ଜଣେ ମୋ ପ୍ରତି ବିଶ୍ୱାସଘାତକତା କରିବ, ଏହା ସତ କଥା ।" ୨୨ ସେ କାହାକୁ
ଲକ୍ଷ୍ୟ କରି କହିଲେ ବିସ୍ମୟରେ ତାହା ଭାବୁ ଶିଷ୍ୟମାନେ ପରସ୍ପର ଚାହାଁଚାହିଁ ହେଲେ । ୨୩,୨୪
ମୁଁ ମେଜ ପାଖେ ଯୀଶୁଙ୍କ ନିକଟରେ ବସିଥିବାରୁ ଏବଂ ତାଙ୍କର ଅନ୍ତରଙ୍ଗ ବନ୍ଧୁ ହୋଇଥିବାରୁ, ଏଭଳି
ଭୟାନକ କାର୍ଯ୍ୟ କିଏ କରିବ, ଏ କଥା ତାଙ୍କୁ ପଚାରିବାକୁ ଶିମୋନ ପିତର ମୋତେ ଇଙ୍ଗିତ କଲେ ।

୨୫ ତେଣୁ ମୁଁ ବୁଲିପଡ଼ି ତାଙ୍କୁ ପଚାରିଲି, "ପ୍ରଭୁ, ସେ କିଏ?" ୨୬ ସେ ମୋତେ କହିଲେ, "ପାତ୍ରରେ
ବୁଡ଼ାଇ ଏ ରୋଟୀଖଣ୍ଡ ମୁଁ ଯାହାକୁ ଦେବି, ସେ ସେହି ।" ସେ ରୋଟୀକୁ ପାତ୍ରରେ ବୁଡ଼ାଇଲା ପରେ
ଶିମୋନ ଇଷ୍କାରିୟୋଥର ପୁତ୍ର ଯିହୁଦାକୁ ଦେଲେ । ୨୭ ଯିହୁଦା ତାହା ଖାଇଲା ମାତ୍ରେ ତାହା ମଧ୍ୟରେ
ଶୟତାନ ପ୍ରବେଶ କଲା ଏହାପରେ ଯୀଶୁ ତାହାକୁ କହିଲେ "ଯାହା କରିବାକୁ ଯାଉଛ, ତାହା ଶୀଘ୍ର
କର ।" ୨୮ ଯୀଶୁଙ୍କ କଥାର ଅର୍ଥ ମେଜ ଚାରିପାଖରେ ବସିଥିବା ଅନ୍ୟ କେହିଁ ବୁଝିଲେ ନାହିଁ । ୨୯
ଯିହୁଦୀ ହାତରେ ଟଙ୍କାଥଳୀ ଥିବାରୁ କେହି କେହି ମନେ କଲେ ଯେ ଖାଦ୍ୟସାମଗ୍ରୀର ଦାମ୍ ଦେବା ପାଇଁ
ଦରିଦ୍ରମାନଙ୍କୁ କିଛି ଦାନ ଦେବା ପାଇଁ ଯୀଶୁ ତାହାକୁ କହିଲେ । ୩୦ ତତ୍‌କ୍ଷଣାତ୍ ଯିହୁଦା ରାତ୍ରିର
ଅନ୍ଧକାରକୁ ବାହାରି ଚାଲିଗଲା ।












ଲୁକ ୨୨:୧୯-୨୦

୧୯ ଏହା ପରେ ସେ ରୋଟୀ ନେଇ ଈଶ୍ୱରଙ୍କୁ ଧନ୍ୟବାଦ ଦେଲାପରେ ତାହା ଭାଙ୍ଗି ସେମାନଙ୍କୁ
ଦେଇ କହିଲେ, "ଏହା ତୁମ୍ଭମାନଙ୍କ ନିମନ୍ତେ ଦତ୍ତ ମୋର ଶରୀର। ମୋର ସ୍ମରଣାର୍ଥେ ଏହା
ଭୋଜନ କର।"

୨୦ ରାତ୍ରିଭୋଜ ଶେଷ ହେଲା ପରେ ସେ ସେମାନଙ୍କୁ ଆଉ ଏକ ପିଆଲା ଦ୍ରାକ୍ଷାରସ ଦେଇ
କହିଲେ, "ଏହି ଦ୍ରାକ୍ଷାରସ ତୁମ୍ଭମାନଙ୍କର ମୁକ୍ତି ନିମିତ୍ତ ଈଶ୍ୱରଙ୍କ ନୂତନ ନିୟମର ଚିହ୍ନ।
ତୁମ୍ଭମାନଙ୍କର ଆତ୍ମାର ମୁକ୍ତି ନିମନ୍ତେ ମୁଁ ଯେଉଁ ରକ୍ତଦାନ କରୁଛି, ସେହି ରକ୍ତରେ ଏ ନିୟମ
ମୁଦ୍ରାଙ୍କିତ ହେବ।

ରୁଟି ଖାଇ ସାରିଲା ପରେ ଯୀଶୁ ପାନପାତ୍ର ଧରି ପ୍ରଭୁଙ୍କୁ ଧନ୍ୟବାଦ ଦେଲେ ।




କିନ୍ତୁ ସେ ଆହୁରି କହିଲେ ।







ତା'ପରେ ଯୀଶୁ ଓ ଶିଷ୍ୟମାନେ ଖାଇଲେ ଓ ନିସ୍ତାର ପର୍ବର ଗୀତ ଗାଇଲେ ।



ତା'ପରେ ସେମାନେ ଯୀରୁଶାଲମରୁ ଚାଲିଗଲେ ।



ଯୀଶୁ ଏବଂ ତାଙ୍କ ଶିଷ୍ୟମାନେ କିଦ୍ରୋଣ ଉପତ୍ୟକା ଦେଇ ଗମନ କଲେ ।



କିଡ୍ରୋଣ ନଦୀ ପାର ହେବା ପରେ ସେମାନେ ଅଲିଭ ପାହାଡରେ ଚଢିବାକୁ ଲାଗିଲେ ।







ସେମାନେ ଗେଥ୍ସିମନି ବଗିଚ୍ଚାକୁ ଚାଲିଲେ ।







ମାର୍କ ୧୪:୨୬-୭୨
୨୬ ସେମାନେ ଏକ ସ୍ତବ ଗାନ କଲା ପରେ ଜୀତପର୍ବତକୁ ବାହାରିଗଲେ ।
୨୭ ଯୀଶୁ ସେମାନଙ୍କୁ କହିଲେ, "ତୁମ୍ଭେମାନେ ସମସ୍ତେ ମୋତେ ପରିତ୍ୟାଗ କରିବ । କାରଣ
ଧର୍ମଶାସ୍ତ୍ରରେ ଏହିପରି ଲେଖାଅଛି, 'ମୁଁ ମେଷପାଳକକୁ ପ୍ରହାର କରିବି ଓ ମେଷଗୁଡ଼ିକ ଛିନ୍ନଭିନ୍ନ
ହେବେ !' ୨୮ କିନ୍ତୁ ମୁଁ ପୁନରୁଜ୍ଜୀବିତ ହେଲା ଉତ୍ତାରେ ଗାଲିଲୀକୁ ଯାଇ ତୁମ୍ଭମାନଙ୍କୁ ଭେଟିବି ।"
୨୯ ପିତର ଯୀଶୁଙ୍କୁ କହିଲେ, "ଅନ୍ୟମାନେ ଯାହା କରନ୍ତୁ ନା କାହିଁକି, ମୁଁ କଦାପି ଆପଣଙ୍କୁ ଛାଡ଼ି
ଯିବି ନାହିଁ !" ୩୦ ଯୀଶୁ କହିଲେ, "ପିତର, କାଲି ସକାଳେ କୁକୁଡ଼ା ଦ୍ୱିତୀୟ ଥର ଡାକିବା
ପୂର୍ବରୁ ତୁମେ ମୋତେ ତିନିଥର ଅସ୍ୱୀକାର କରିଥିବ ।" ୩୧ ପିତର ଦୃଢ଼ଭାବେ କହିଲେ, "ନା,
ଆପଣଙ୍କ ସଙ୍ଗେ ମୋତେ ମରିବାକୁ ହେଲେ ସୁଦ୍ଧା ମୁଁ କେବେହେଲେ ଆପଣଙ୍କୁ ଅସ୍ୱୀକାର କରିବି
ନାହିଁ !" ସେହି ପ୍ରକାରେ ଅନ୍ୟ ସମସ୍ତେ କହିଲେ ।

ଗେଥ୍ସେମନୀ ଉଦ୍ୟାନରେ

୩୨ ସେମାନେ ଗେଥ୍ସେମନୀ ନାମକ ଏକ ଅଲିଭ୍ ଉଦ୍ୟାନକୁ ଗଲେ । ଯୀଶୁ ଶିଷ୍ୟମାନଙ୍କୁ
କହିଲେ, "ମୁଁ ପ୍ରାର୍ଥନା କରିବାକୁ ଯାଉଛି । ତୁମ୍ଭେମାନେ ସେତେବେଳେଯାଏ । ଏହିଠାରେ

ଯୀଶୁ ତାଙ୍କର ତିନି ଶିଷ୍ୟଙ୍କୁ ସାଙ୍ଗରେ ନେଇ ଗଲେ।














ଯୀଶୁ ସାନ୍ତ୍ୱନା ପାଇବାକୁ, ନିଜର ଶିଷ୍ୟମାନଙ୍କ ପାଖକୁ ଫେରି ଆସିଲେ। କିନ୍ତୁ -




ବସିଥାଅ।'' ୩୩ ଆଉ, ସେ ପିତର, ଯାକୁବ ଓ ଯୋହନଙ୍କୁ ସଭ୍ରହରେ ନେଲେ ଏବଂ ହୃଦୟରେ
ଆଶଙ୍କା ଓ ମର୍ମାନ୍ତିକ ଯନ୍ତ୍ରଣା ଅନୁଭବ କରିବାକୁ ଲାଗିଲେ। ୩୪ ସେ ସେମାନଙ୍କୁ କହିଲେ
''ମୋର ପ୍ରାଣ ମରଣ ସଦୃଶ ଦୁଃଖରେ ଭାଙ୍ଗି ପଡୁଛି; ତୁମ୍ଭେମାନେ ଏଠାରେ ବସି ମୋ' ସହିତ
ଜାଗି ରୁହ।'' ୩୫ ସେ କିଛି ଦୂର ଆଗକୁ ଯାଇ ଭୂମିରେ ପଡ଼ି ପ୍ରାର୍ଥନା କରିବାକୁ ଲାଗିଲେ
ଯେପରି କି ସମ୍ଭବ ହେଲେ, ସେହି ଦାରୁଣ ସମୟ ତାଙ୍କ ପ୍ରତି ନ ଆସେ। ୩୬ ସେ ପ୍ରାର୍ଥନା
କଲେ, ''ହେ ମୋର ପିତା ସବୁହିଁ ତୁମର ସାଧ୍ୟ। ଏହି ପିଆଲା ମୋ'ଠାରୁ ନେଇଯାଅ। ତଥାପି
ମୋର ଇଛା ନୁହେଁ, ମାତ୍ର ତୁମର ଇଛା ସାଧିତ ହେଉ।'' ୩୭ ସେ ଫେରିଆସି ତିନି ଶିଷ୍ୟଙ୍କୁ
ନିଦ୍ରିତ ଦେଖିଲେ ଓ କହିଲେ, ''ଶିମୋନ, ଶୋଇ ପଡ଼ିଲ? ମୋ' ସହିତ ଘଡ଼ିଏ ସୁଦ୍ଧା ଜାଗି ରହି
ପାରିଲ ନାହିଁ ? ୩୮ ପ୍ରଲୋଭନରେ ଯେପରି ନ ପଡ଼, ଏଥିପାଇଁ ସଜାଗ ରୁହ ଓ ପ୍ରାର୍ଥନା କର।
କାରଣ ଆତ୍ମା ଇଛୁକ, ମାତ୍ର ଶରୀର ଦୁର୍ବଳ।'' ୩୯ ସେ ପୁନର୍ବାର ଯାଇ ସେହି କଥା କହି ପ୍ରାର୍ଥନା
କରିବାକୁ ଲାଗିଲେ। ଆଉଥରେ ସେ ଫେରି ଆସି ସେମାନଙ୍କୁ ନିଦ୍ରିତ ଦେଖିଲେ। କାରଣ ତନ୍ଦ୍ରାରେ
ସେମାନଙ୍କ ଚକ୍ଷୁ ବୁଜି ହୋଇଯାଉଥିଲା। ଆଉ, ସେମାନେ ତାଙ୍କୁ କ'ଣ ଉତ୍ତର ଦେବେ, ଜାଣି ପାରୁ
ନ ଥିଲେ। ୪୧ ସେ ଯେତେବେଳେ ତୃତୀୟ ଥର ସେମାନଙ୍କ ନିକଟକୁ ଆସିଲେ, ସେତେବେଳେ
ସେ କହିଲେ, ''ତୁମ୍ଭେମାନେ କ'ଣ ଆହୁରି ଶୋଇଛ? ନା, ନା, ଶୋଇବାର ସମୟ ଶେଷ






ଦେଲାଣି! ଦେଖ, ଖ୍ରୀଷ୍ଟ ଦୁଷ୍ଟଲୋକମାନଙ୍କ ହସ୍ତରେ ସମର୍ପିତ ହେବା ସମୟ ଆସିଲାଣି। ୪୨
ଉଠ, ଆମ୍ଭମାନଙ୍କ ଯିବାକୁ ହେବ। ଯିଏ ମୋତେ ଧରାଇଦେବ, ସେ ଆସି ପହଞ୍ଚିଲାଣି! "
ଯିହୂଦାର ବିଶ୍ୱାସଘାତକତା।
୪୩ ସେ ଏହି କଥା କହୁ ତାଙ୍କର ଶିଷ୍ୟମାନଙ୍କ ମଧ୍ୟରୁ ଯିହୁଦା ନାମକ ଶିଷ୍ୟ ଆସି
ପହଞ୍ଚିଲା। ତାହା ସହିତ ଖଣ୍ଡା ଓ ଲାଠିଧାରୀ ଅନେକ ଲୋକ ଆସିଥିଲେ। ଏମାନଙ୍କୁ ପ୍ରଧାନ ଯାଜକ
'ଓ ଅନ୍ୟାନ୍ୟ ଯିହୁଦୀ ନେତାମାନେ ପଠାଇଥିଲେ। ୪୪ ଯିହୁଦା ଏମାନଙ୍କୁ ଏକ ସଙ୍କେତ ଦେଇ
କହିଥିଲା, "ମୁଁ ଯାଇ ଯାହାଙ୍କୁ ଚୁମ୍ବନ କରିବି, ସେହି ବ୍ୟକ୍ତିଙ୍କୁ ଗିରଫ କରାହେବ ବୋଲି ଜାଣିବ।
ତାହାହେଲେ, ତୁମ୍ଭେମାନେ ତାଙ୍କୁ ସହଜରେ ଧରିପାରିବ।" ୪୫ ଅତଏବ ସେମାନେ ସେଠାରେ
ପହଞ୍ଚିଲାମାତ୍ରେ ସେ ଯୀଶୁଙ୍କ ନିକଟକୁ ଯାଇ 'ଗୁରୁ' ବୋଲି ଡାକି ତାଙ୍କୁ ଚୁମ୍ବନ କଲା। ୪୬ ତହୁଁ
ଲୋକମାନେ ଯୀଶୁଙ୍କୁ ଦୃଢ଼ ଭାବେ ଧରିଲେ। ୪୭ ସେଠାରେ ଠିଆ ହୋଇଥିବା ଲୋକମାନଙ୍କ
ମଧ୍ୟରୁ ଜଣେ ଖଣ୍ଡା ବାହାର କରି ମହାଯାଜକଙ୍କ ଭୃତ୍ୟର କାନ କାଟି ପକାଇଲା।
୪୮ ଯୀଶୁ ସେମାନଙ୍କୁ ପଚ୍ଚରିଲେ, "ମୁଁ କ'ଣ ଜଣେ ଡକାଇତ ଯେ ତୁମ୍ଭେମାନେ ମୋତେ ଧରିବା
ପାଇଁ ଏପରି ଅସ୍ତ୍ରଶସ୍ତ୍ର ନେଇ ଆସିଛ? ୪୯ ମୁଁ ତ ପ୍ରତିଦିନ ମନ୍ଦିରରେ ଉପଦେଶ ଦେଉଥିଲି,

ପ୍ରଥମେ ଟିକେ ଆଶ୍ଚର୍ଯ୍ୟ ହେଇଗଲା ପରେ ଶିଷ୍ୟମାନେ ନିଜେ
ନିଜେ ସବୁ ଅନୁମାନ କରି ପକାଇଲେ ।







ଯୀଶୁ ସେମାନଙ୍କୁ ଧରା ଦେଇଦେଲେ । ତାହା ଦେଖି ସବୁ ଶିଷ୍ୟମାନେ
ତାଙ୍କୁ ଛାଡି ପଳାଇଲେ ।



ସେତେବେଳେ ମୋତେ ଗିରଫ କଲ ନାହିଁ? କିନ୍ତୁ ମୋ' ସମ୍ବନ୍ଧରେ ଭବିଷ୍ୟଦ୍‌ବାଣୀ ସବୁ ଯେପରି ସଫଳ ହେବ, ସେଥିପାଇଁ 'ଏସମସ୍ତ ଘଟୁଛି ।'' ୫୦ ଇତିମଧ୍ୟରେ ତାଙ୍କର ସବୁ ଶିଷ୍ୟ ତାଙ୍କୁ ଛାଡ଼ି ପଳାଇଥିଲେ । ୫୧, ୫୨ କିନ୍ତୁ ଜଣେ ଯୁବକ ଦେହରେ ଖଣ୍ଡେ ଚାଦର ଘୋଡ଼ାଇ ତାଙ୍କ ପଛେ ପଛେ ଯାଉଥିବଲା । ଲୋକେ ତାହାକୁ ଧରିବା ପାଇଁ ଚେଷ୍ଟା କରିବାରୁ ସେ ଚାଦରଟିକୁ ଛାଡ଼ିଦେଇ ଉଲଙ୍ଗ ହୋଇ ଦୌଡ଼ି ପଳାଇଲା ।

**ମହାଯାଜକଙ୍କ ଗୃହରେ ଯୀଶୁଙ୍କର ବିଗ୍ଭର**

୪୩ ସେମାନେ ଯୀଶୁଙ୍କୁ ମହାଯାଜକଙ୍କ ଗୃହକୁ ନେଇଗଲେ । ପ୍ରଧାନ ଯାଜକମାନେ ଓ ଅନ୍ୟାନ୍ୟ ଯିହୁଦୀନେତାମାନେ ଆସି ସେଠାରେ ସମବେତ ହେଲେ । ୫୪ ପିତର ଦୂରରେ ରହି ପଛେ ପଛେ


ସେନାଦଳ, ଅଲିଭ ପର୍ବତରୁ, ଯୀଶୁଙ୍କୁ ଯିରୁଶାଲମ ନେଇଗଲେ ।
ସେମାନେ ତାଙ୍କୁ କୁଆଡେ ନେଉଛନ୍ତି ?
ଟିକେ ନିରାପଦ ଦୂରତାରେ ରହି - ମୁଁ ସେମାନଙ୍କ ପଛେ ପଛେ ଯିବି ।
ସେମାନେ ତାଙ୍କୁ ପ୍ରଧାନ ଯାଜକଙ୍କ ଘରକୁ ନେଉଛନ୍ତି ।
ମୁଁ ଯାଉଛି - ସେ ଅଗଣାରେ ପଶିବି ଓ ସେମାନେ କଣ କରିବାକୁ ଚ୍ହାନ୍ତି, ଦେଖିବି ।
ଗଲେ ଓ ମହାଯାଜକଙ୍କ ଗୃହରେ ପ୍ରବେଶ କରି ଦାସମାନଙ୍କ ସହିତ ନିଆଁ ପୋଇଁବାକୁ ବସିଲେ । ୫୫ ଗୃହ ମଧ୍ୟରେ ପ୍ରଧାନ ଯାଜକମାନେ ଓ ଯିହୁଦୀ ବିଗ୍ଚରସଭାର ସଦସ୍ୟମାନେ ଯୀଶୁଙ୍କ ବିରୁଦ୍ଧରେ ଅଭିଯୋଗ ଆଣିବାକୁ ଚେଷ୍ଟା କଲେ ଯଦ୍ୱାରା ସେମାନେ ତାଙ୍କୁ ପ୍ରାଣଦଣ୍ଡରେ ଦଣ୍ଡିତ କରିପାରିବେ । କିନ୍ତୁ ସେମାନଙ୍କର ସମସ୍ତ ଚେଷ୍ଟା ବିଫଳ ହେଲା । ୫୬ ଅନେକେ ତାଙ୍କ ବିରୁଦ୍ଧରେ ମିଥ୍ୟା ସାକ୍ଷ୍ୟ ଦେଲେ କିନ୍ତୁ କାହାରି କଥା କାହାରି ସହିତ ମିଶିଲା ନାହିଁ । ୫୭,୪୮ ଅବଶେଷରେ ....


ସେ ଯେ ଅଚିହ୍ନା ଲୋକଟା ବସିଛି - ମୁଁ ତାକୁ ବିଶ୍ୱାସ କରେନି ।
ସେ ବି, ସେ ଯୀଶୁ ସାଙ୍ଗରେ ଥିଲା ।
ତୁମେ କାହା ବିଷୟରେ କଥାବାର୍ତ୍ତା ହେଉଛ ? ନାଜରିତର ଯୀଶୁଙ୍କ ବିଷୟରେ ? ମୁଁ ତାଙ୍କୁ ଜାଣି ନାହିଁ ।
ମୁଁ ଏ ବାଟେ ଯାଉଥିଲି । ଆଜ ରାତିରେ ଭାରି ଥଣ୍ଡା ଲାଗୁଛି ତ? ତେଣୁ ମୁଁ ନିଆଁ ପୋଇଁବାକୁ ଭିତରକୁ ପଶି ଆସିଲି ।
ସତରେ? କିନ୍ତୁ ତୋର କାର୍ଯ୍ୟ କଳାପ ତ ସନ୍ଦେହ ଜନକ । ତୁ ତ ତାଙ୍କ ଶିଷ୍ୟ ମାନଙ୍କ ଭିତରୁ ଜଣେ ।
ମୋ କଥା ଶୁଣ ! ମୁଁ ତୋତେ କହୁଛି ।
ଯେ ! ମୁଁ ଏ ଲୋକକୁ ଜାଣି ନାହିଁ ।
ଇତିମଧ୍ୟରେ କାର୍ଯ୍ୟାଳୟରେ ।







କେତେକ ଲୋକ ଉଠି ତାଙ୍କ ବିରୁଦ୍ଧରେ ମିଥ୍ୟା ସାକ୍ଷ୍ୟ ଦେଇ କହିଲେ, "ସେ ଏହି କଥା କହିବାର ଆମେ ଶୁଣିଛୁ-'ମୁଁ ମନୁଷ୍ୟ ହସ୍ତନିର୍ମିତ ଏହି ମନ୍ଦିରକୁ ଭାଙ୍ଗି ମନୁଷ୍ୟ ହସ୍ତରେ ନିର୍ମିତ ହୋଇ ନ ଥିବା ଅନ୍ୟ ଏକ ମନ୍ଦିର ତିନି ଦିନରେ ଗଢିଦେବି, !" ୫୯ ତଥାପି ସେମାନଙ୍କର ସାକ୍ଷ୍ୟ ମିଶିଲା ନାହିଁ । ୬୦ ଏହାପରେ ମହାଯାଜକ ବିଚାର ସଭା ସମ୍ମୁଖରେ ଠିଆ ହୋଇ ଯୀଶୁଙ୍କୁ ପଚାରିଲେ, "ତୁମେ କ'ଣ ଏହି ଅଭିଯୋଗର ଉତ୍ତର ଦେବାକୁ ଚାହଁ ନାହିଁ? ନିଜ ସପକ୍ଷରେ ତୁମର କ'ଣ କହିବାକୁ ଅଛି?" ୬୨ ଯୀଶୁ କୌଣସି ଉତ୍ତର ଦେଲେ ନାହିଁ । ଏହାପରେ ମହାଯାଜକ ତାଙ୍କୁ ପଚାରିଲେ "ତୁମେ କ'ଣ ଈଶ୍ୱରଙ୍କର ପୁତ୍ର, ଖ୍ରୀଷ୍ଟ?" ୬୨ ଯୀଶୁ କହିଲେ, "ହଁ, ମୁଁ ସେହିଁ । ତୁମ୍ଭେମାନେ ଖ୍ରୀଷ୍ଟଙ୍କୁ ଈଶ୍ୱରେ ବସିଥିବାର ଓ ଆକାଶର ମେଘମାଳାରେ




ପୁନର୍ବାର ଆସିବାର ଦେଖିବ।" ୬୩, ୬୪ ଏହା ଶୁଣି ମହାଯାଜକ ଆପଣା ବସ୍ତ୍ର ଚିରି କହିଲେ, "ଆଉ ସାକ୍ଷୀରେ କି ପ୍ରୟୋଜନ? ତୁମ୍ଭେମାନେ ଏହି ଈଶ୍ୱର ନିନ୍ଦା ଶୁଣିଲ ତ ! ତୁମ୍ଭମାନଙ୍କର ଶେଷ ନିଷ୍ପତ୍ତି କ'ଣ ?" ସେ ପ୍ରାଣଦଣ୍ଡର ଯୋଗ୍ୟ ବୋଲି ସେମାନେ ସମସ୍ତେ ଏକ ସ୍ୱରରେ ମତ ଦେଲେ। ୬୫ ଏଥିଉତ୍ତାରେ କେହି କେହି ତାଙ୍କ ଉପରେ ଛେପ ପକାଇଲେ ଏବଂ ତାଙ୍କର ଆଖି ବାନ୍ଧି ବିଧା ମାରି ବିଦ୍ରୂପ କରି ପଗ୍ଭରିଲେ, "ହେ ଭବିଷ୍ୟଦ୍‌ବକ୍ତା ! କୁହ ତ, କିଏ ତୁମକୁ ମାରିଲା?" ଏପରି କି ପ୍ରହରୀମାନେ ମଧ୍ୟ ତାଙ୍କୁ ନେଇଗଲା ବେଳେ ଗ୍ଭପୁଡ଼ା ମାରିଲେ।

**ପିତର ଯୀଶୁଙ୍କୁ ଅସ୍ୱୀକାର କଲେ**

୬୬, ୬୭ ଇତିମଧ୍ୟରେ ପିତର ତଳେ ଅଗଣାରେ ଥିବା ସମୟରେ ମହାଯାଜକଙ୍କର ଜଣେ ଦାସୀ









ପିତରକୁ ନିଆଁ ପୋଇଁବାର ଦେଖିଲା ସେ ତାଙ୍କୁ ଏକ ଦୃଷ୍ଟିରେ ଗ୍ଭହି କହିଲା, "ତୁମେ ମଧ୍ୟ
ନାଜରିତର ଯୀଶୁଙ୍କ ସଙ୍ଗରେ ଥିଲ ।" ୬୮ ପିତର ସେ କଥା ଅସ୍ୱୀକାର କଲେ । ସେ କିହଲେ,
"ତୁମେ କ'ଣ କହୁଛ, ମୁଁ ଜାଣେ ନାହିଁ ।" ଏହା କହି ସେ ଦାଣ୍ଡ ଅଗଣାକୁ ଗ୍ଭଲିଗଲେ । ଠିକ୍
ସେତିକିବେଳେ ଏକ କୁକୁଡ଼ା ଡାକିଲା ୬୯ ସେହି ଦାସୀ ତାଙ୍କୁ ସେଠାରେ ଠିଆ ହୋଇଥିବା ଦେଖି
ଅନ୍ୟମାନଙ୍କୁ କହିବାକୁ ଲାଗିଲା, "ହେଇଟି, ଏହି ଲୋକ ଯୀଶୁଙ୍କର ଜଣେ ଶିଷ୍ୟ !" ୭୦ ପିତର
ପୁନର୍ବାର ଅସ୍ୱୀକାର କଲେ । କିଛି ସମୟ ପରେ ନିଆଁକୁ ଘେରି ଠିଆ ହୋଇଥିବା ଲୋକମାନେ
ପିତରଙ୍କୁ କହିବାକୁ ଲାଗିଲେ, "ତୁମେ ମଧ୍ୟ ସେମାନଙ୍କ ମଧ୍ୟରୁ ଜଣେ । କାରଣ ତୁମେ ତ
ଗାଲିଲୀ ପ୍ରଦେଶର ଲୋକ!" ୭୧ ପିତର ରାଣ ପକାଇ, ଶପଥ କରି କହିଲେ, "ତୁମ୍ଭେମାନେ
ଯେଉଁ ଲୋକର କଥା କହୁଛ, ମୁଁ ତାକୁ ଚିହ୍ନେ ନାହିଁ ।" ୭୨ ଆଉ, ସେହିକ୍ଷଣି କୁକୁଡ଼ା ଦ୍ୱିତୀୟ
ଥର ଡାକିଲା । ହଠାତ୍ ଯୀଶୁଙ୍କର କଥା ପିତରଙ୍କ ମନେ ପଡ଼ିଗଲା, "କୁକୁଡ଼ା ଦ୍ୱିତୀୟ ଥର ଡାକିବା
ପୂର୍ବରୁ ତୁମେ ମୋତେ ତିନିଥର ଅସ୍ୱୀକାର କରିଥିବ ।" ଆଉ, ପିତର କାନ୍ଦିବାକୁ ଲାଗିଲେ ।




**ମାଥିଉ ୨୭:୩-୫**

୩,୪ ଏହି ସମୟରେ ଯିହୁଦା, ଯେ କି ଯୀଶୁଙ୍କ ପ୍ରତି ବିଶ୍ୱାସଘାତକତା କରିଥିଲା, ସେ ଯୀଶୁଙ୍କୁ
ପ୍ରାଣଦଣ୍ଡରେ ଦଣ୍ଡିତ ହେବାର ଦେଖି ମନସ୍ତାପ କଲା ଓ ପ୍ରଧାନ ଯାଜକ ଓ ଅନ୍ୟାନ୍ୟ
ଯିହୁଦୀନେତାମାନଙ୍କୁ ସେହି ତିରିଶ ଟଙ୍କା ଫେରାଇଦେଇ କହିଲା, "ମୁଁ ଜଣେ ନିର୍ଦ୍ଦୋଷ ମନୁଷ୍ୟ
ପ୍ରତି ବିଶ୍ୱାସଘାତକତା କରି ପାପ କରିଛି ।" ସେମାନେ ଉତ୍ତର କଲେ, "ଆମର ସେଥିରେ କ'ଣ
ଅଛି? ସେ କଥା ତୁମେ ବୁଝ ।" ୫ ତେଣୁ ସେ ମୁଦ୍ରାଗୁଡ଼ିକ ମନ୍ଦିରର ଚଟାଣ ଉପରେ ଫୋପାଡ଼ି
ଦେଇ ଗ୍ଭଲିଗଲା ଓ ଗଳାରେ ଦଉଡ଼ି ଦେଇ ଆତ୍ମହତ୍ୟା କଲା ।







ଯୋହନ ୧୮:୨୮-୪୦, ୧୯:୧-୧୬

୨୮ ପାହାନ୍ତାବେଳକୁ କୟାଫାଙ୍କ ପାଖେ ଯୀଶୁଙ୍କର ବିଗ୍ଚର ଶେଷ ହେଲା। ଏହାପରେ ସେମାନେ ତାଙ୍କୁ
ରୋମୀୟ ରାଜ୍ୟପାଳଙ୍କ ନଅରକୁ ନେଇଗଲେ। ତାଙ୍କର ଅଭିଯୋଗକାରୀମାନେ କାଳେ ଅଶୁଚି ହେବେ ଓ
ନିସ୍ତାରପର୍ବର ମେଣ୍ଢାଛୁଆ ଭୋଜନ କରିବାକୁ ଅନୁମତି ପାଇବେ ନାହିଁ, ଏହି ଭୟରେ ସେମାନେ ନିଜେ
ଭିତରକୁ ଗଲେ ନାହିଁ। ୨୯ ଅତଏବ ରାଜ୍ୟପାଳ ପୀଲାତ ନଅର ବାହାରେ ସେମାନଙ୍କ ପାଖକୁ ଯାଇ
ପଗ୍ଚରିଲେ, "ଏହି ବ୍ୟକ୍ତିଙ୍କ ବିରୁଦ୍ଧରେ ତୁମ୍ଭମାନଙ୍କର ଅଭିଯୋଗ କ'ଣ? ସେ କ'ଣ କରିଛନ୍ତି ବୋଲି ତୁମ୍ଭମାନେ
ଦୋଷାରୋପ କରୁଛ?" ୩୦ ସେମାନେ କହିଲେ, "ସେ ଜଣେ ଅପରାଧୀ ହୋଇ ନ ଥିଲେ ଆମେ ତାହାକୁ
ଧରି ନ ଆଆନ୍ତୁ?" ୩୧ ପୀଲାତ ସେମାନଙ୍କୁ କହିଲେ, "ତେବେ ତାଙ୍କୁ ନେଇଯାଅ ଓ ତୁମର ବ୍ୟବସ୍ଥା
ଅନୁସାରେ ତାଙ୍କର ବିଗ୍ଚର କର।" ସେମାନେ କହିଲେ, "କିନ୍ତୁ ସେ କ୍ରୁଶରେ ମୃତ୍ୟୁଦଣ୍ଡ ପାଉ, ଏହା ଆମେ
ଗ୍ଚହୁଁ ଏବଂ ସେଥିପାଇଁ ଆପଣଙ୍କର ସମ୍ମତି ଦରକାର। ୩୧ ଏତଦ୍ୱାରା ସେ କି ପ୍ରକାର ମୃତ୍ୟୁଦଣ୍ଡ ଭୋଗ
କରିବେ, ସେ ବିଷୟରେ ଯୀଶୁଙ୍କର ଭାବବାଣୀ ସଫଳ ହୋଇଥିଲା। ୩୩ ଏହାପରେ ପୀଲାତ ନଅର ଭିତରକୁ
ଯାଇ ଯୀଶୁଙ୍କୁ ତାଙ୍କ ସମ୍ମୁଖକୁ ଅଣାଯିବା ପାଇଁ ଆଦେଶ ଦେଲେ। ସେ ତାଙ୍କୁ ପଗ୍ଚରିଲେ, "ତୁମେ କ'ଣ
ଯିହୁଦୀମାନଙ୍କର ରାଜା?" ୩୪ ଯୀଶୁ କହୁଲେ, "ଏହା କ'ଣ ତୁମେ ନିଜ ମନରୁ କହୁଛ, ଅବା ଅନ୍ୟମାନେ
ମୋ' ବିଷୟରେ ତୁମକୁ ଏହା କହିଛନ୍ତି?" ୩୫ ପୀଲାତ ପ୍ରତ୍ୟୁତ୍ତର କଲେ, "ମୁଁ କ'ଣ ଜଣେ ଯିହୁଦୀ? ତୁମର
ନିଜ ଲୋକମାନେ ଓ ସେମାନଙ୍କର ପ୍ରଧାନ ଯାଜକମାନେ ତୁମକୁ ଏଠାକୁ ଆଣିଛନ୍ତି। କାହିଁକି? ତୁମେ କ'ଣ
କରିଛ? ୩୬ ତା'ପରେ ଯୀଶୁ ଉତ୍ତର ଦେଲେ, "ମୁଁ ଜାଗତିକ ରାଜା ନୁହେଁ। ଯଦି ତାହା ହୋଇଥାନ୍ତି,
ତେବେ ଯିହୁଦୀନେତାମାନଙ୍କ ଦ୍ୱାରା ମୁଁ ଧରାହେଲାବେଳେ ମୋର ଅନୁଚରମାନେ ପ୍ରତିରୋଧ କରିଥାଆନ୍ତେ,
ମାତ୍ର ମୋର ରାଜ୍ୟ ଏ ଜଗତର ନୁହେଁ।" ୩୭ ପୀଲାତ କହିଲେ, "ତୁମେ କ'ଣ ତାହାହେଲେ ଜଣେ ରାଜା?"
ଯୀଶୁ କହିଲେ, "ହଁ, ମୁଁ ସେହି ଉଦ୍ଦେଶ୍ୟରେ ଜନ୍ମଗ୍ରହଣ କରିଥିଲି ଓ ଜଗତରେ ସତ୍ୟର ସାକ୍ଷ୍ୟ ଦେବା ପାଇଁ


ତା'ହେଲେ ତୁ ଜଣେ ରାଜା?
ହଁ - ମୁଁ ଜଣେ ରାଜା
ପ୍ରକୃତରେ - ଏଇଥି ପାଇଁ ସଂସାରରେ ମୁଁ ଜନ୍ମ ନେଇଛି । ସତ୍ୟକୁ ପ୍ରମାଣ କରିବାକୁ ଏ ସଂସାରକୁ ମୁଁ ଆସିଛି । ସତ୍ୟର ସପକ୍ଷ ସମସ୍ତେ ମୋ କଥା ଶୁଣନ୍ତି ।
ସତ୍ୟ? ସତ୍ୟ କଣ?
ଏହା ସ୍ପଷ୍ଟ ଜଣା ପଡୁଛି ଯେ ମୁଁ ଜଣେ ବିପଦ୍‌ଜନକ ବିଦ୍ରୋହୀ ବିଷୟ ହାତକୁ ନେଇନାହିଁ ବରଂ ଏ ଲୋକଟି ଗୋଟିଏ ପ୍ରକାର ଦାର୍ଶନିକ ବା ଗୋଟିଏ ପ୍ରକାର ପାଗଳ କିନ୍ତୁ ଏହି ଫାରୁଶୀ ମାନଙ୍କର ଯୀଶୁଙ୍କ ଉପରେ ଯେଉଁ କ୍ରୋଧ ତା'ର ନିଶ୍ଚୟ କିଛି ଅନ୍ୟ ଗୋପନୀୟ କାରଣ ଅଛି । ମୋତେ ଏ ବିଷୟରେ ଚିନ୍ତା କରିବାକୁ ପଡିବ । ମୁଁ ଚାହେଁ ନାହିଁ ମୋତେ କେହି ଭୁଡେଇ ଭାଡେଇ କାମ କରେଇ ନିଅନ୍ତୁ ।
ଦୋଷୀକୁ ସୈନ୍ୟଜୀଦାର ଘରକୁ ନେଇଯାଅ ।
ହେଇ ଦେଖ । ନିଜକୁ ରାଜା ବୋଲି ଭାବୁଥିବା ଲୋକଟା ଆସୁଛି ।
ଜଣେ ରାଜା?
ହେ ମହାରାଜ୍ । ଏଠାକୁ ଆସନ୍ତୁ । ଆମେ ଟିକେ ମଜା କରିବା ।
















ଇତି ମଧ୍ୟରେ ପିଲାତ ଭାବିଲେ...




**ପୀଲାତଙ୍କଦ୍ୱାରା ଯୀଶୁ ନିର୍ଦ୍ଦୋଷ ବିବେଚିତ ହେଲେ ୧୯:୧-୧୬**

୧ ଏଥିଉତ୍ତାରେ ପୀଲାତ ଯୀଶୁଙ୍କ ପିଠିରେ କୋରଡ଼ା ପ୍ରହାର କରାଇଲେ ଏବଂ ସୈନିକମାନେ କଣ୍ଟା ଗଛର
ମୁକୁଟ ତିଆରି କରି ତାଙ୍କ ମୁଣ୍ଡରେ ପିନ୍ଧାଇଲେ ଓ ତାଙ୍କୁ ରାଜକୀୟ ବାଇଗଣି ରଙ୍ଗର ପୋଷାକ ପିନ୍ଧାଇଲେ।
୩ "ଯିହୁଦୀମାନଙ୍କ ରାଜାଙ୍କର ଜୟ", ଏହା ପରିହାସରେ କହି ତାଙ୍କୁ ବିଧା ମାରିଲେ। ୪ ପୀଲାତ ପୁନର୍ବାର
ବାହାରକୁ ଯାଇ ଯିହୁଦୀମାନଙ୍କୁ କହିଲେ, "ବର୍ତ୍ତମାନ ମୁଁ ତାଙ୍କୁ ତୁମ୍ଭମାନଙ୍କ ସମ୍ମୁଖକୁ ଅଣାଇବି, କିନ୍ତୁ ଏ କଥା
ଭଲଭାବେ ଜାଣିରଖ ଯେ ମୁଁ ତାଙ୍କଠାରେ କୌଣସି ଦୋଷ ପାଉନାହିଁ।" ୪ କଣ୍ଟାର ମୁକୁଟ ଓ ବାଇଗଣି
ରଙ୍ଗର ପୋଷାକ ପିନ୍ଧି ଯୀଶୁ ବାହାରକୁ ଆସିଲେ। ପିଲାତ କହିଲେ, "ଏହି ମନୁଷ୍ୟକୁ ଦେଖ!" ୬ ତାଙ୍କୁ
ଦେଖିଲା ମାତ୍ରେ ପ୍ରଧାନଯାଜକ ଓ ଯିହୂଦୀନେତାମାନେ ଚିତ୍କାର କରିବାକୁ ଲାଗିଲେ, "କ୍ରୁଶରେ ଚଢ଼ାଅ,
କ୍ରୁଶରେ ଚଢ଼ାଅ।" ପିଲାତ କହିଲେ, "ତୁମ୍ଭେମାନେ ତାଙ୍କୁ ନେଇ କ୍ରୁଶରେ ଚଢ଼ାଅ, କିନ୍ତୁ ମୁଁ ଜାଣେ ଯେ ସେ
ନିର୍ଦ୍ଦୋଷ।" ୭ ସେମାନେ ଉତ୍ତର ଦେଲେ, "ଆମର ବ୍ୟବସ୍ଥାନୁସାରେ ସେ ମୃତ୍ୟୁ ଦଣ୍ଡ ଯୋଗ୍ୟ, କାରଣ ସେ
ଆପଣାକୁ ଈଶ୍ୱରଙ୍କ ପୁତ୍ର ବୋଲି କହିଅଛି।" ୮ ପିଲାତ ଏ କଥା ଶୁଣି ଆହୁରି ଶଙ୍କିତ ହେଲେ।


କାଲିତ ନିସ୍ତାର ପର୍ବର ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଦିନ । ଯାହୁଦି ମାନଙ୍କର ପବିତ୍ର ଜାତୀୟ ଭୋଜୀ
ଅଗଣା ତ ଲୋକ ଗହଳିରେ ଭରି ଗଲାଣି - ସେମାନେ ତୋତେ ଦେଖିବାକୁ ଚାହୁଁଛନ୍ତି ।
ତାଙ୍କ ପସନ୍ଦର ଗୋଟିଏ ବନ୍ଦୀକୁ ମୁକ୍ତ କର ବୋଲି ସେମାନେ ତୋଠାରୁ ଆଶା କରୁଛନ୍ତି ।
ମୁଁ ଜାଣେ - ସେ ବିଷୟରେ ମୋର ଧାରଣା ଅଛି ।
ସମସ୍ତେ ଏକାଠି କହିବା ଯେ ଆମେ ବାରବାବାର ମୁକ୍ତି ଚାହୁଁଛୁ ।
ବାରବ୍ବାର ମୁକ୍ତି ପାଇଁ ଆମ ସମସ୍ତେ ରାଜି ।
ଜଣେ ପ୍ରକୃତ ବିଦ୍ରୋହୀ । ରୋମାନ୍ ମାନଙ୍କୁ ବହିଷ୍କୃତ କରିବାକୁ, ସେ ଆତଙ୍କବାଦୀର ଚାଲାଖିବି ବ୍ୟବହାର କରିବାକୁ ଡରେ ନାହିଁ ।
ଯିରୁଶାଲମର ନାଗରିକ । ଶାନ୍ତ ହୁଅ । ତୁମର ନିସ୍ତାର ପର୍ବ ଶାନ୍ତିରେ ପାଳନ କର ବୋଲି ଆମେ ଚାହୁଁ । ସବୁ ଯାତ୍ରୀମାନଙ୍କୁ ଉଚିତ ଅଭ୍ୟର୍ଥନା ଦିଆଯିବ - ଏହା ବିଶ୍ୱାସ ରଖ ।
ଆମେ ଧର୍ମନେତା ମାନେ ବାରବ୍ବାର ମୁକ୍ତି ଚାହୁଁଛୁ ।


ମୁଁ ତୁମକୁ କହି ଦେଉଛି - ରୋମାନ ସେନାମାନେ ବହୁତ ଶକ୍ତିଶାଳୀ ହେଇ ଯାଇଛନ୍ତି । ଯେକୌଣସି ସମସ୍ୟା ଆସିଲେ ବି ତାକୁ ପ୍ରତିରୋଧ କରିବା ପାଇଁ ସେମାନେ ଆଣ୍ଟୋନିଅ ନଗରୀରୁ ଲକ୍ଷ୍ୟ କରୁଛନ୍ତି ।
ଶେଷରେ, ନିସ୍ତାର ପର୍ବ ସମୟରେ ଗୋଟିଏ ବନ୍ଦୀକୁ ମୁକ୍ତି ଦେବାର ଯେଉଁ ରୀତି ଚଳି ଆସୁଛି, ସେଇ ରୀତି ଅନୁସାରେ, ମୁଁ ତୁମ ଇଚ୍ଛା ଅନୁସାରେ ଗୋଟିଏ ବନ୍ଦୀକୁ ମୁକ୍ତ କରିବି ।
ଯୀଶୁ ଓ ବାରବ୍ବା - ବନ୍ଦୀମାନଙ୍କ ମଧ୍ୟରେ ଏ ଦୁଇଜଣ ବଡ ପ୍ରସିଦ୍ଧ ତୁମେ ଏ ଦୁଇଜଣ ଭିତରୁ କାହାର ମୁକ୍ତି ଚାହୁଁଛ?
ଆମକୁ ବାରବ୍ବାକୁ ଦିଅ ।
ବାରବ୍ବା ଦୀର୍ଘଜୀବି ହେଉ ।
ବାରବ୍ବାକୁ ମୁକ୍ତି ଦିଅ ।
ମହାନ ଭବିଷ୍ୟତ ବକ୍ତା - ନାଜରିତୀୟ ଯୀଶୁଙ୍କ ବିଷୟରେ ବୋଧେ କଥାବାର୍ତ୍ତା ହେଉଥିଲେ - ମୁଁ ଶୁଣିଲି । ରୋମାନ୍ ମାନେ କଣ ତାଙ୍କୁ ବନ୍ଦୀ କରି ନେଲେ କି?
କେତେବେଳେ ? କାହିଁକି?
ପ୍ରକୃତରେ ଲୋକମାନେ ଖବର ପାଇଲେ ନାହିଁ ନ ହେଲେ ସେମାନେ ଯୀଶୁଙ୍କ ସପକ୍ଷରେ ଆନ୍ଦୋଳନ କରି ଥା'ନ୍ତେ ।
ମୁଁ କେବଳ ଧର୍ମନେତା ଓ ବିଦେଶୀ ମାନଙ୍କୁ ଦେଖୁଛି । ଆହା ! କେତେ ଦୁଃଖର କଥା ।
କେତେ ଅଦ୍ଭୁତ ଲୋକ! ସେମାନେ ଗୋଟିଏ ନିର୍ଦ୍ଦୋଷ ଓ ଜ୍ଞାନୀ ଲୋକ ବଦଳରେ ଗୋଟିଏ ବିଦ୍ରୋହୀକୁ ପସନ୍ଦ କଲେ ।
ମୁଁ ଭାବିଥିଲି ଯେ ଏ ଫାରୁଶୀ ମାନଙ୍କର ଯୋଜନାକୁ ମୁଁ ଆଡେଇ ଦେଇ ପାରିବି ।


ଶାନ୍ତ ହୁଅ । ମୁଁ ଦୁଇଜଣ ଯାକ ବନ୍ଦୀଙ୍କୁ ବାହାରକୁ ଆଣିବି । ତୁମେ ସେମାନଙ୍କୁ ଦେଖ ଏବଂ ବିଗ୍ଭର କର - କାହାର ମୁକ୍ତି ତୁମର ଲୋଡା ।
ଜଗୁଆଳୀ ମାନେ! ଯୀଶୁଙ୍କୁ ଓ ବାରବ୍ବାକୁ ବାହାକୁ ଆଣ ।
ଏ ଲୋକକୁ ଦେଖ ।
ନାହିଁ ! ଆମର ଯୀଶୁ ନୁହେଁ କିନ୍ତୁ ବାରବ୍ବା ଦରକାର ।
ଆମେ ବାରବ୍ବାକୁ ଗ୍ଭହୁଁ - ତାକୁ ମୁକ୍ତ କରି ଦିଅ ।
ଯୀଶୁଙ୍କୁ କ୍ରୁଶରେ ଚଢାଅ । ମୃତ୍ୟୁ ତା'ର ପ୍ରାପ୍ୟ ।
ହଁ ବାରବ୍ବା ପାଇଁ ଡାକ ପକାଅ । ତା'ହେଲେ ତୁମେ ଜାତି ପାଇଁ ଏକ ମହାନ୍ କାମ କରିବ ।
ଯୀଶୁ 'ଲୋକଙ୍କୁ ଆକର୍ଷିତ କରେ । ସେ ଲୋକଙ୍କୁ ପ୍ରତାରିତ କରେ ମୃତ୍ୟୁ ତା'ର ପ୍ରାପ୍ୟ ।
ବାରବ୍ବା ।
ବାରବ୍ବା ।
ନାଜରୀତର ଯୀଶୁଙ୍କୁ ମୃତ୍ୟୁ ଦଣ୍ଡ ପାଇଁ ତୁମେ କଣ ଲଜ୍ଜିତ ନୁହଁ?
ସେ ତ ଜଣେ ଭବିଷ୍ୟତ ବକ୍ତା ଯିଏକି ରୋଗୀ ମାନଙ୍କୁ ସୁସ୍ଥ କରନ୍ତି । ଅନ୍ଧ ଓ ପକ୍ଷାଘାତ ରୋଗଙ୍କୁ ସୁସ୍ଥତା ଦିଅନ୍ତି । ଗରିବ, ଦଳିତ ଓ ହାତାଶ ଲୋକଙ୍କ ମନରେ ଆଶା ଦିଅନ୍ତି ।




୯ ସେ ପୁନର୍ବାର ଯୀଶୁଙ୍କୁ ପ୍ରାସାଦ ଭିତରକୁ ନେଇ ପଚ୍ଚାରିଲେ, "ତୁମେ କେଉଁଠାରୁ ଆସିଛ?" ମାତ୍ର ଯୀଶୁ
କୌଣସି ଉତ୍ତର ଦେଲେନାହିଁ । ୧୦ ପୀଲାତ କହିଲେ, "ତୁମେ କ'ଣ କଥା କହିବ ନାହିଁ? ତୁମକୁ ମୁକ୍ତି
ଦେବାକୁ ବା କ୍ରୁଶରେ ଚଢ଼ାଇବାକୁ ମୋର କ୍ଷମତା ଅଛି ବୋଲି ତୁମେ କ'ଣ ଜାଣି ନାହିଁ?" ୧୧ ତା'ପରେ
ଯୀଶୁ କହିଲେ, "ଉର୍ଦ୍ଧ୍ୱରୁ ତୁମକୁ ଦତ୍ତ ହୋଇ ନ ଥିଲେ ମୋ' ଉପରେ ତୁମର କୌଣସି କ୍ଷମତା ନ ଥାଆନ୍ତା ।
ତେଣୁ ଯେଉଁମାନେ ମୋତେ ତୁମ ନିକଟକୁ ଆଣିଛନ୍ତି, ସେମାନଙ୍କର ପାପ ଆହୁରି ଗୁରୁତର ।" ୧୨ ଏହାପରେ
ପୀଲାତ ତାଙ୍କୁ ମୁକ୍ତି ଦେବାକୁ ଚେଷ୍ଟା କଲେ ମାତ୍ର ଯିହୁଦୀନେତାମାନେ ତାଙ୍କୁ କହିଲେ, "ଆପଣ ଯଦି ଏ
ବ୍ୟକ୍ତିକୁ ମୁକ୍ତ କରି ଦିଅନ୍ତି, ତେବେ ଆପଣ ସିଜାରଙ୍କର ବନ୍ଧୁ ନୁହନ୍ତି । ଯେ ଆପଣାକୁ ରାଜା ବୋଲାଏ, ସେ
ସିଜାରଙ୍କ ବିରୁଦ୍ଧରେ ରାଜଦ୍ରୋହ ଅପରାଧ କରିଛି ।" ୧୩ ଏହି କଥା ଶୁଣି ପୀଲାତ ଯୀଶୁଙ୍କୁ ପୁନର୍ବାର
ବାହାରକୁ ଅଣାଇ ସେମାନଙ୍କ ସମ୍ମୁଖରେ ଠିଆ କରାଇଲେ ଏବଂ ପ୍ରସ୍ତର ମଣ୍ଡପରେ ଥିବା ବିଚାରାସନରେ
ବସିଲେ । ୧୪ ସେ ଦିନ ନିସ୍ତାରପର୍ବ ପୂର୍ବଦିନର ମଧ୍ୟାହ୍ନ ଥିଲା । ପୀଲାତ ଯିହୁଦୀମାନଙ୍କୁ କହିଲେ, "ତୁମର
ରାଜାଙ୍କୁ ଦେଖ!" ୧୫ ସେମାନେ ଚିତ୍କାର କରି କହିଲେ, "ତାଙ୍କୁ ଦୂର କର, ତାଙ୍କୁ ଦୂର କର, ତାଙ୍କୁ କ୍ରୁଶରେ
ଚଢ଼ାଅ ।" ପୀଲାତ ପଚ୍ଚାରିଲେ, "କଅଣ? ତୁମର ରାଜାଙ୍କୁ କ୍ରୁଶରେ ଚଢ଼ାଇବ?" ପ୍ରଧାନ ଯାଜକମାନେ ଉଚ୍ଚ
ସ୍ୱରରେ ଉତ୍ତର ଦେଲେ, "ସିଜାରଙ୍କ ଛଡ଼ା ଆମର ଅନ୍ୟ ରାଜା କେହି ନାହିଁ ।" ୧୬ ତା'ପରେ ପୀଲାତ
ଯୀଶୁଙ୍କୁ କ୍ରୁଶରେ ମାରିବା ପାଇଁ ସେମାନଙ୍କ ହାତରେ ସମର୍ପି ଦେଲେ ।




କେମିତି ସେ ଆମର ରାଜା ହେବ? କଣ ଏ କଣ୍ଟା ମୁକୁଟ ଓ ଉପହାସ ଜନକ ପୋଷାକ ପିନ୍ଧି?
ଇଏ ମସୀହ? ଆମ ରାଜା? ଆମର ଦରକାର ନାହିଁ। ତାଙ୍କୁ କ୍ରୁଶରେ ମାର।
ତାଙ୍କୁ କ୍ରୁଶରେ ଚଢ଼ାଅ।
ପିଲାତଙ୍କ ସଙ୍ଗେ ଫାଜିଲାମି କରିବାକୁ ତୁମେ କିଏ?
ଏହା ତୁମର ଦାୟିତ୍ବ।
ମୁଁ ନିର୍ଦ୍ଦୋଷ। ମୁଁ ହାତ ଧୋଇଦେଲି।
ମୋର ବିଚାର ଶୁଣ। ଯୀରୁଶାଲମର ନାଗରିକମାନଙ୍କର ଇଚ୍ଛା ଅନୁସାରେ ଏହି ନିସ୍ତାର ପର୍ବ ଦିନରେ, ବାରବ୍ବାଙ୍କୁ ମୁଁ ମୁକ୍ତି ଦେଲି। ନାଜରୀତର ଯୀଶୁ, ତୁମକୁ କ୍ରୁଶରେ ମରାଯିବ।
ବାରବ୍ବା - ତୁମେ ଦୀର୍ଘଜୀବି ହୁଅ।
ବାରବ୍ବା ତୁମେ ଦୀର୍ଘଜୀବି ହୁଅ।
ଓହୋ। ଯୀରୁଶାଲମର ଭଲ ଭଲ ଲୋକମାନେ ଯୀଶୁଙ୍କୁ ରକ୍ଷା କରିବାକୁ ଏଠି ନ ଥିଲେ। କେବଳ ଏଇ ବାରବ୍ବାର ଦୁଷ୍ଟ ଚମଚ ମାନେ ଥିଲେ।


ବାରଢା ଜାଗାରେ ଇଏ ଆସିଲା ।
ସେ ଗୋଟିଏ ରାଜା ବୋଲି ଛଳନା କରୁଛି । ତେଣୁ ତାକୁ ଗୋଟିଏ ପ୍ରକୃତରେ ବଢିଆ ବ୍ୟବହାର ଦେଖେଇଦିଅ । ରାଜକୀୟ ବ୍ୟବହାର!
ବ୍ୟସ୍ତ ହୁଅନା । ଆମେ ତା କଥା ବୁଝିବା ।
ଆଜି ତିନିଟା ମୃତ୍ୟୁଦଣ୍ଡ ପାଇବେ । ଆଉ ରୀତି ଅନୁଯାୟୀ, ପ୍ରତ୍ୟେକ ଦଣ୍ଡିତ ବ୍ୟକ୍ତିଙ୍କୁ ଚାବୁକ ପ୍ରହାର କରାଯିବା କଥା ।
ଏବେ ଯୀଶୁ ନିଜର କ୍ରୁଶକାଠ ବୋହିବେ । ତା' ବେକ ଚାରି ପାଖରେ ଗୋଟିଏ ଘୋଷଣା ପତ୍ର ଲେଖି ଟଙ୍ଗେଇ ଦିଅ - ଯେ ତା'ର କିପରି ବିଚାର ହେଲା ।
ଯୀହୁଦି ମାନଙ୍କର ରାଜାକୁ ଏଇଆ ଠିକ୍ । ତାକୁ ଯଥେଷ୍ଟ ହେଲା ।


IESVS NAZARENVS
REX IVDAEORVM
ଏବଂ ଏ ଦୁଃଖର ଶୋଭାଯାତ୍ରା ଧୀରେ ଧୀରେ ଆଗେଇଲା...
ବାଟଛାଡ଼! ଆମକୁ ଯିବାକୁ ଦିଅ।
ସେ କିଏ?
ସେ ତ ନାଜରୀରେ ଯୀଶୁ ପରି ଦେଖାଯାଉଛନ୍ତି, ସେଇ ବିଖ୍ୟାତ ଭବିଷ୍ୟତ ବକ୍ତା।



ଏଇତ ସେଇ ଲୋକ ଯିଏକି କେବଳ ଭଲହିଁ କରୁଥିଲେ । ରୋଗୀ ମାନଙ୍କୁ ସୁସ୍ଥ କରୁଥିଲେ ଓ ଦଳିତ ଓ ଦରିଦ୍ର ଲୋକଙ୍କୁ ରକ୍ଷା କରୁଥିଲେ । ଓହୋ! କି ଭୟଙ୍କର ଅନ୍ୟାୟ !
ସେମାନଙ୍କୁ ଦୁଃଖ ଘୋଟିଯାଉ! ଘୃଣା କରି ସେମାନେ ପ୍ରଭୁଙ୍କୁ ରୋମାନ୍ ମାନଙ୍କ ହାତରେ ସମର୍ପଣ କରି ଦେଲେ ।
ଫାରୁଶୀ ମାନେ ତାଙ୍କୁ ଘୃଣା କରୁଥିଲେ କାରଣ ସେ ସତ କହୁଥିଲେ ଓ ସେମାନଙ୍କର କପଟତା, ପଦାରେ ପକେଇ ଦେଉ ଥିଲେ ।
ହେଇ ଜଣେ ପଡ଼ିଗଲା ।
ସେ ଏତେ ଦୁର୍ବଳ ଯେ ଏ କ୍ରୁଶ ବୋହି ପାରିବ ନାହିଁ । ଚାବୁକ ମାଡରେ ତା' ଦେହରୁ ବହୁତ ରକ୍ତ ଯାଇଛି ।
ହେଇଟି ଶୁଣ । ଏ ଦୋଷୀର କ୍ରୁଶକୁ ଗଲଗଥା ପର୍ଯ୍ୟନ୍ତ ବୋହି ନେବାକୁ ମୁଁ ତୁମକୁ ଆଦେଶ ଦେଉଛି । ଏହା ଏକ ଆଜ୍ଞା - ଏହା ପାଳନ କର ।
ମୁଁ ?? ମୁଁ ଯିରୁଶାଲମରୁ ଆସିନାହିଁ । ସିରିନ୍‌ର ମୁଁ ଜଣେ ଭଦ୍ର ଲୋକ ।
ବୁଦ୍ଧିର କାମ କର । ମନା କର ନା ନହେଲେ ପଛେ ପସ୍ତେଇବୁ । ରୋମାନ ମାନେ ଭାରି ନିଷ୍ଠୁର ତା'ଛଡ଼ା ଗଲାଗଥା ତ ଏଠୁ ଏତେ ଦୂର ନୁହେଁ ।
ଉଠ୍ । ମୁଁ ତୋ ଲାଗି ଏଟା ବୋହିନେବି ।
ତାକୁ ସାହାଯ୍ୟ କର । ସେ ନିର୍ଦ୍ଦୋଷ । ସେ ନାଜରିତର ଯୀଶୁ । ମହାନ୍ ଭବିଷ୍ୟତ ବକ୍ତା!












ଲୂକ : ୨୩:୨୫-୫୬

୨୪, ୨୫ ତହୁଁ ପୀଲାତ ସେମାନଙ୍କର ଦାବୀ ଅନୁସାରେ ଯୀଶୁଙ୍କୁ ପ୍ରାଣଦଣ୍ଡ ଦେଲେ ଏବଂ ସେମାନଙ୍କ
ଅନୁରୋଧ କ୍ରମେ ବିଦ୍ରୋହ ଓ ନରହତ୍ୟା ଅପରାଧରେ ବନ୍ଦୀ ବାରବ୍ବାକୁ ମୁକ୍ତି ଦେଲେ । ସେ ସେମାନଙ୍କ
ଇଚ୍ଛାନୁସାରେ ଦଣ୍ଡିତ ହେବାକୁ ଯୀଶୁଙ୍କୁ ସେମାନଙ୍କ ହସ୍ତରେ ସମର୍ପି ଦେଲେ । ୨୬ ଲୋକମାନେ ଯୀଶୁଙ୍କୁ
ବଧସ୍ଥଳୀକୁ ନେଇଯାଉଥିବା ସମୟରେ ସାଇରିନିବାସୀ ଶିମୋନ ନାମକ ଜଣେ ବ୍ୟକ୍ତି ଗ୍ରାମାଞ୍ଚଳରୁ
ଯିରୁଶାଲମକୁ ଯାଉଥିଲେ । ସେମାନେ ତାଙ୍କୁ ଯୀଶୁଙ୍କର କ୍ରୁଶ ବୋହି ତାଙ୍କ ପଛେ ପଛେ ଯିବା ପାଇଁ
ବାଧ୍ୟ କଲେ । ୨୭ ବହୁସଂଖ୍ୟକ ଲୋକ ତାଙ୍କ ପଛେ ପଛେ ଯାଉଥିଲେ ଓ ଅନେକ ସ୍ତ୍ରୀଲୋକ ମଧ୍ୟ
ତାଙ୍କ ପାଇଁ ବିଳାପ କରୁ କରୁ ଗ୍ଭଲୁଥିଲେ । ୨୮ ମାତ୍ର ଯୀଶୁ ସେମାନଙ୍କୁ ଅନାଇ କହିଲେ, "ହେ
ଯିରୁଶାଲମର ଝିଅମାନେ, ମୋ' ପାଇଁ କାନ୍ଦ ନାହିଁ, ବରଂ ତୁମ ନିଜ ନିମନ୍ତେ ଓ ତୁମ ସନ୍ତାନମାନଙ୍କ
ନିମନ୍ତେ କାନ୍ଦ । ୨୯ କାରଣ ଯେଉଁ ସମୟରେ ଲୋକେ ବନ୍ଧ୍ୟା ସ୍ତ୍ରୀମାନଙ୍କୁ ଭାଗ୍ୟବତୀ କହିବେ, ଏପରି
ଦିନ ଆସୁଛି । ୩୦ ସେତେବେଳେ ଲୋକେ ପର୍ବତସବୁକୁ କହିବେ, ଆମ ଉପରେ ପଡ଼', ଓ
ପାହାଡ଼ଗୁଡ଼ିକୁ କହିବେ, 'ଆମକୁ ଘୋଡ଼ାଇ ପକାଅ ।' ୩୧ କାରଣ ସେମାନେ ଜୀବନ୍ତ ବୃକ୍ଷକୁ ଯଦି


ଯେତେବେଳେ ଗଲଗଥାରେ ପହଞ୍ଚିଲେ-
ସେମାନେ ନିଷ୍ଠୁର ଭାବରେ, ଯୀଶୁଙ୍କ
ଲୁଗା ତାଙ୍କ ଦେହରୁ କାଢି ପକାଇଲେ ।
ସେ ଲୁଗା ଗୁଡାକ ସେଠି ଜମା ରଖ ।
ଆମେ ତାକୁ ପରେ ବଣ୍ଟାବଣ୍ଟି କରିବା ।
















ଯିହୁଦୀମାନଙ୍କର ରାଜା।" ୩୯ ତାଙ୍କ ନିକଟରେ କ୍ରୁଶବିଦ୍ଧ ହୋଇଥିବା ଅପରାଧୀମାନଙ୍କ ମଧ୍ୟରୁ ଜଣେ ତାଙ୍କୁ ଥଟ୍ଟା କରି କହିଲା, "ତୁ ପରା ଖ୍ରୀଷ୍ଟ? ତାହାହେଲେ, ନିଜକୁ ଓ ଆମ୍ଭମାନଙ୍କୁ ରକ୍ଷା କର।" ୪୦, ୪୧ କିନ୍ତୁ ଅନ୍ୟ ଜଣକ ପ୍ରତିବାଦ କରି କହିଲା, "ତୋର କ'ଣ ଈଶ୍ୱରଭୟ ନାହିଁ? ଆମର ଦୁଷ୍କର୍ମ ଯୋଗୁଁ ଆମେ ମୃତ୍ୟୁଦଣ୍ଡ ପାଇଛୁ ମାତ୍ର ଏହି ବ୍ୟକ୍ତି କୌଣସି ଅପରାଧ କରିନାହିଁ।" ୪୨ ତପରେ ସେ କହିଲା, "ଯୀଶୁ, ଆପଣ ନିଜ ରାଜ୍ୟରେ ପ୍ରବେଶ କଲାବେଳେ ମୋତେ ସ୍ମରଣ କରିବେ।" ୪୩ ଯୀଶୁ ଉତ୍ତର ଦେଲେ, "ମୁଁ ତୁମକୁ କହୁଛି, ଆଜି ତୁମେ ମୋ' ସହିତ ସ୍ୱର୍ଗୋଦ୍ୟାନକୁ ଯିବ।" ୪୪ ମଧ୍ୟାହ୍ନରୁ ଅପରାହ୍ନ ତିନିଘଣ୍ଟା ପର୍ଯ୍ୟନ୍ତ ସାରା ଦେଶ ଅନ୍ଧକାରାଚ୍ଛନ୍ନ ହେଲା। ୪୫ ସୂର୍ଯ୍ୟ ନିସ୍ତେଜ ହେଲା ଓ ହଠାତ୍ ମନ୍ଦିରର ପରଦା ଦୁଇଖଣ୍ଡ ହୋଇ ବିଦୀର୍ଣ୍ଣ ହେଲା।

**ଯୀଶୁ ପ୍ରାଣତ୍ୟାଗ କଲେ**

୪୬ ତପରେ ଯୀଶୁ ଉଚ୍ଚସ୍ୱରରେ ଡାକି କହିଲେ, "ହେ ପିତା, ମୁଁ ତୁମ୍ଭ ହସ୍ତରେ ମୋର ଆତ୍ମା ସମର୍ପଣ










ଏପରି କଲେ, ତେବେ ବୃକ୍ଷ ଶୁଷ୍କ ହେଲେ କ'ଣ ନ କରିବେ?"

**ଯୀଶୁ କ୍ରୁଶ ବିଦ୍ଧ ହେଲେ**

୩୨ ପୁଣି ଯୀଶୁଙ୍କ ସଙ୍ଗେ ପ୍ରାଣଦଣ୍ଡ ପାଇବାକୁ ଦୁଇଜଣ ଅପରାଧୀ ମଧ୍ୟ ନିଆ ଯାଉଥିଲେ । ୩୩
ସେମାନେ 'ନର-କପାଳ' ନାମକ ସ୍ଥାନରେ ପହଞ୍ଚି ସେଠାରେ ତିନିଜଣଙ୍କୁ କ୍ରୁଶବିଦ୍ଧ କଲେ; ଅପରାଧୀ
ଦ୍ୱୟଙ୍କ ମଧ୍ୟରୁ ଜଣକୁ ତାଙ୍କ ବାମ ପାର୍ଶ୍ୱରେ ଓ ଅନ୍ୟ ଜଣକୁ ଦକ୍ଷିଣ ପାର୍ଶ୍ୱରେ କ୍ରୁଶରେ ଚଢ଼ାଇଲେ ।
୩୪ ତହିଁରେ ଯୀଶୁ କହିଲେ, "ହେ ପିତା, ଏମାନଙ୍କୁ କ୍ଷମା କର, ଏମାନେ କ'ଣ କରୁଛନ୍ତି, ତାହା
ବୁଝୁନାହାନ୍ତି ।" ସୈନିକମାନେ ତାଙ୍କର ବସ୍ତ୍ର ପାଇଁ ଆପଣା ଆପଣା ମଧ୍ୟରେ ଗୁଲିବାଣ୍ଟ କଲେ । ୩୫
ଆଉ, ଲୋକମାନେ ଠିଆ ହୋଇ ଦେଖୁଥିଲେ ଓ ସେମାନଙ୍କ ନେତାମାନେ ଥଟ୍ଟା, ପରିହାସ କରି
କହୁଥିଲେ, ସେ ଅନ୍ୟମାନଙ୍କୁ ରକ୍ଷା କଲା, ସେ ଯଦି ପ୍ରକୃତରେ ଈଶ୍ୱରଙ୍କ ମନୋନୀତ ଖ୍ରୀଷ୍ଟ, ତେବେ
ବର୍ତ୍ତମାନ ନିଜକୁ ରକ୍ଷା କରୁ ।" ୩୬, ୩୭ ସୈନିକମାନେ ମଧ୍ୟ ତାଙ୍କୁ ଅମ୍ଳ ଦ୍ରାକ୍ଷାରସ ଯାଚି ଥଟ୍ଟା
କଲେ ଏବଂ ଡାକି କହିଲେ, "ତୁ ଯେବେ ଯିହୁଦୀମାନଙ୍କର ରାଜା, ତେବେ ନିଜକୁ ରକ୍ଷା କର!" ୩୮
ଯୀଶୁଙ୍କର ମୁଣ୍ଡ ଉପରେ କ୍ରୁଶରେ ଏକ ବିଜ୍ଞାପନ ପଟା ଲଗା ହୋଇଥିଲା । ସେଥିରେ ଲେଖାଥିଲା - "ଏ










କରୁଛି!" ଏହା କହି ସେ ପ୍ରାଣତ୍ୟାଗ କଲେ । ୪୭ ସେଠାରେ ରୋମୀୟ ସେନାଧ୍ୟକ୍ଷ ଏସମସ୍ତ ଘଟନା ଦେଖି ଭକ୍ତି ଓ ବିସ୍ମୟରେ ଅଭିଭୂତ ହୋଇ କହିଲେ, "ପ୍ରକୃତରେ ଏହି ବ୍ୟକ୍ତି ଧାର୍ମିକ ଥିଲେ ।" ୪୮ ଆଉ, ଯେଉଁ ଲୋକମାନେ ଦେଖିବାକୁ ଯାଇଥିଲେ, ସେମାନେ ଏସମସ୍ତ ଘଟନା ଦେଖି ବିଳାପ କରୁ କରୁ ଫେରିଗଲେ । ୪୯ ଇତିମଧ୍ୟରେ ଯୀଶୁଙ୍କର ବନ୍ଧୁଗଣ ଏବଂ ଗାଲିଲୀରୁ ତାଙ୍କ ସହିତ ଆସିଥିବା ମହିଳାମାନେ ଦୂରରେ ରହି ଏସମସ୍ତ ଦେଖୁଥିଲେ । ୫୦, ୫୧, ୫୨ ଏହାପରେ ଯିହୂଦା ପ୍ରଦେଶର ଅରିମଥାୟା ସହରବାସୀ ଯୋସେଫ ନାମକ ଜଣେ ବ୍ୟକ୍ତି ଯେ କି ଯିହୁଦୀୟ ବିଚାର  ସଭାର ସଭ୍ୟ ଥିଲେ, ସେ ପୀଲାତଙ୍କ ନିକଟକୁ ଯାଇ ଯୀଶୁଙ୍କର ମୃତ ଶରୀର ନେବାକୁ ଅନୁମତି ମାଗିଲେ । ସେ ଜଣେ ଧାର୍ମିକ ବ୍ୟକ୍ତି ଥିଲେ ଏବଂ ଖ୍ରୀଷ୍ଟଙ୍କ ଆଗମନ ଅପେକ୍ଷାରେ ଥିଲେ. ସେ ଅନ୍ୟ ଯିହୁଦୀନେତାମାନଙ୍କର ବିଚାର ନିଷ୍ପତ୍ତିରେ ସମ୍ମତି ଦେଇ ନ ଥିଲେ । ୫୩ ଯୋସେଫ ଯୀଶୁଙ୍କର ମୃତ ଶରୀରକୁ କ୍ରୁଶରୁ ଓହ୍ଲାଇ ନେଲେ ଓ ଲମ୍ବା ଚାଦରରେ ଗୁଡ଼ାଇ ପାହାଡ଼ରେ ଖୋଳା ହୋଇଥିବା ଏକ ଅବ୍ୟବହୃତ ସମାଧିରେ ରଖିଲେ । ୫୪ ସେଦିନ ଶୁକ୍ରବାର ଥିଲା, ବିଶ୍ରାମବାରର ଆୟୋଜନ ଦିବସ, ପୁଣି ସନ୍ଧ୍ୟା ହୋଇ ଆସୁଥିଲା । ୫୫ ଯୀଶୁଙ୍କର ମୃତ ଶରୀର ନିଆ ହେଲାବେଳେ ଗାଲିଲୀରୁ ଯେଉଁ ମହିଳାମାନେ ଆସିଥିଲେ, ସେମାନେ ଯୋସେଫଙ୍କ ପଛେ ପଛେ ଯାଇ ସମାଧିରେ ତାହା ରଖାଯିବା ଦେଖିଲେ । ୫୬ ତପରେ ସେମାନେ ଗୃହକୁ ଯାଇ ମୃତ ଶରୀରକୁ ସୁଗନ୍ଧିତ କରିବା ପାଇଁ ସୁଗନ୍ଧି ତୈଳ ଓ ମସଲାଦି ପ୍ରସ୍ତୁତ କଲେ । ସେମାନଙ୍କର କାର୍ଯ୍ୟ ଶେଷ ହେଲାବେଳକୁ ବିଶ୍ରାମବାର ଆରମ୍ଭ ହେଲା । ତେଣୁ ଯିହୁଦୀୟ ନିୟମାନୁସାରେ ସେମାନେ ସେହିଦିନଟି ବିଶ୍ରାମ କଲେ ।



ସେ ମରି ସାରିଲାଣି ।
ଗୋଟିଏ ପାଖ ବର୍ଚ୍ଛାରେ କେଞ୍ଚିଲେ ଠିକ ଜଣା ପଡିବ ।
ଗୋଟିଏ ପାଖ ବର୍ଚ୍ଛାରେ କେଞ୍ଚିଲେ ଠିକ ଦିଣା ପଡିବ ।
ଏଥି ମଧ୍ୟରେ -
ଆରିମଥିଆର ଯୋଷେଫ - ମୁଁ ଥକ୍କି ଗଲିଣି ।
ନିକୋଦିମସ୍ - ଜଲ୍‌ଦି ଚ୍ଚଲ- ରାତି ହୋଇଯାଉଛି ।
ଯୀଶୁ ଗୋଟିଏ ଅପରାଧୀ ପରି ମଲେ । କିନ୍ତୁ ମୁଁ ବିଶ୍ୱାସ କରୁଛି ଯେ ସେ ପ୍ରକୃତରେ ମସୀହ ଥିଲେ ।
ଯୀଶୁଙ୍କର ଶରୀର ନେବାପାଇଁ ମୁଁ ପିଲାତଙ୍କର ଅନୁମିତ ନେଇଛି ଯେମିତିକି ମୁଁ ତାକୁ କବର ଦେଇ ପାରିବି ।
ଏଠୁ, ବେଶୀ ଦୂର ନୁହେଁ - ମୋର ଗୋଟିଏ ବଗିଚ୍ଚା ଅଛି । ସେଠି ଗୋଟିଏ ନୂଆ, ବ୍ୟବହାରନ ହୋଇଥିବା କବର ଅଛି । ମୁଁ ଯୀଶୁଙ୍କର ଶରୀରକୁ ସେଇଠି କବର ଦେବି ।
ଯେତେବେଳେ ମୁଁ ତାଙ୍କ ମୃତ୍ୟୁର ଖବର ପାଇଲି ମୁଁ ମିର୍ ଓ ଆଲୋସ ର ଏକ ମିଶ୍ରଣ ତିଆରି କରିଛି । ଯୋଷେଫ ଗୋଟିଏ ଗୁଦର ଓ ଖଣ୍ଡେ ଲୁଗା ଆଣୁଛନ୍ତି ।
ଜଲଦି ଚ୍ଚଲ ! ନିସ୍ତାର ପର୍ବ ଓ ବିଶ୍ରାମବାରର ଘଣ୍ଟି ବାଜିବା ପୂର୍ବରୁ ନଗଲେ - ଆମେ ତାଙ୍କୁ କବର ଦେବାକୁ ଅନୁମତି ପାଇବା ନାହିଁ ।






ଶେଷରେ ସେମାନେ ସମାଧିର ଦ୍ୱାର ମୁହଁକୁ ଏକ ବଡ ପଥର ଗଡାଇ ଦେଲେ ।








ମାର୍କ ୧୬:୧-୮

୧ ତହିଆରଦିନ ସନ୍ଧ୍ୟାରେ ବିଶ୍ରାମବାର ଶେଷ ହେଲାରୁ ମଗ୍ଦଲୀନୀ ମରିୟମ, ଶାଲୋମୀ ଓ ଯାକୁବଙ୍କ
ମାତା ମରିୟମ ଯୀଶୁଙ୍କ ମୃତ ଦେହରେ ମଖାଇବା ପାଇଁ ସୁଗନ୍ଧି ମସଲା ଆଦି କିଣି ଆଣିଲେ। ୨ ପରବର୍ତ୍ତୀ
ଦିନ ପ୍ରତ୍ୟୁଷରେ, ସେମାନେ ସେହି ସୁଗନ୍ଧି ମସଲା ସଙ୍ଗରେ ନେଇ ସମାଧିକୁ ଗଲେ। ୩ ସମାଧି ଦ୍ୱାରରୁ ପ୍ରକାଣ୍ଡ
ପଥରଟିକୁ କିପରି ଘୁଞ୍ଚାଇବେ, ଏହି ବିଷୟ ସେମାନେ ବାଟରେ ଯାଉଁ ଯାଉଁ କଥାବାର୍ତ୍ତା ହେଉଥିଲେ।

ଯୀଶୁଙ୍କର ପୁନରୁତ୍ଥାନ

୪ କିନ୍ତୁ ସେଠାରେ ପହଞ୍ଚି ସେମାନେ ଦେଖିଲେ ଯେ ସେହି ଭାରୀ ପଥରଟା କିଏ ଘୁଞ୍ଚାଇ ଦେଇଛି ଓ ସମାଧି
ଦ୍ୱାର ଖୋଲା ପଡ଼ିଛି ! ୫ ତହୁଁ ସେମାନେ ସମାଧି ମଧ୍ୟରେ ପ୍ରବେଶ କରି ଦକ୍ଷିଣ ପାର୍ଶ୍ୱରେ ଜଣେ ଶୁଭ୍ର ବସ୍ତ୍ର
ପରିହିତ ଯୁବକଙ୍କୁ ବସିଥିବା ଦେଖି ଚମକି ଉଠିଲେ। ୬ କିନ୍ତୁ ସେହି ସ୍ୱର୍ଗଦୂତ କହିଲେ, "ଆଶ୍ଚର୍ଯ୍ୟ ହୁଅନାହିଁ'।
ଯେଉଁ ନାଜରିତୀୟ ଯୀଶୁ କ୍ରୁଶରେ ହତ ହେଇଥିଲେ, ତୁମ୍ଭେମାନେ କ'ଣ ତାଙ୍କୁ ଖୋଜୁଛ? ସେ ଏଠାରେ
ନାହାନ୍ତି, ପୁନର୍ବାର ଜୀବିତ ହୋଇ ଉଠିଛନ୍ତି ! ଦେଖ, ଏହି ସ୍ଥାନରେ ତାଙ୍କର ମୃତଦେହ ରଖା ହୋଇଥିଲା। ୭
ବର୍ତ୍ତମାନ ତୁମ୍ଭେମାନେ ଯାଇ ପିତର ଓ ଅନ୍ୟାନ୍ୟ ଶିଷ୍ୟମାନଙ୍କୁ ଏହି ସମ୍ବାଦ ଦିଅ : 'ଯୀଶୁ ତୁମ୍ଭମାନଙ୍କର ଆଗେ
ଆଗେ ଗାଲିଲୀକୁ ଯାଉଛନ୍ତି। ତାଙ୍କର ମୃତ୍ୟୁ ପୂର୍ବରୁ ସେ ତୁମ୍ଭମାନଙ୍କୁ ଯେପରି କହିଥିଲେ, ଠିକ୍ ସେହିପରି
ତୁମ୍ଭେମାନେ ସେଠାରେ ତାଙ୍କର ଦେଖା ପାଇବ' !"
୮ ସେହି ସ୍ତ୍ରିଲୋକମାନେ ସମାଧି ନିକଟରୁ ଦୌଡ଼ି ପଳାଇଗଲେ। ସେମାନେ ଭୟରେ କମ୍ପୁଥିଲେ ଓ ହତବୁଦ୍ଧି
ହୋଇପଡ଼ିଥିଲେ, ଏପରିକି ଭୟ ହେତୁ କଥା ମଧ୍ୟ କହି ପାରୁ ନ ଥିଲେ।






ଯୋହନ ୨୦:୧-୧୮
୨୦ ରବିବାର ପ୍ରତ୍ୟୁଷରେ, ଅନ୍ଧାର ଥାଉଁ ଥାଉଁ ମଗ୍‌ଦଲିନୀ ମରିୟମ ସମାଧି ସ୍ଥାନକୁ ଆସିଲେ ଏବଂ ପଥରଟି ସମାଧି ମୁହଁରୁ ଗୋଟିଏ ଆଡ଼କୁ ଘୁଞ୍ଚାଇ ଦିଆଯାଇଥିବାର ଦେଖିଲେ । ୨ ସେ ଦୌଡ଼ିଯାଇ ଶିମୋନ ପିତର ଓ ମୋତେ ଭେଟି କହିଲେ, "ସେମାନେ ପ୍ରଭୁଙ୍କର ମୃତଦେହକୁ ସମାଧି ମଧ୍ୟରୁ ନେଇଯାଇଛନ୍ତି, ଆଉ ତାହା କେଉଁଠାରେ ରଖିଛନ୍ତି, ମୁଁ ଜାଣେ ନାହିଁ ।" ୩, ୪, ୫ ଆମ୍ଭେମାନେ ଦେଖିବା ପାଇଁ ସମାଧି ନିକଟକୁ ଦୌଡ଼ିଗଲୁ; ମୁଁ ପିତରଙ୍କ ଆଗେ ଆଗେ ଦୌଡ଼ି ସେଠାରେ ପ୍ରଥମେ ପହଞ୍ଚିଲି, ଏବଂ ନଇଁପଡ଼ି ଭିତରକୁ ଚାହିଁ ସମାଧି ବସ୍ତ୍ର ସେଠାରେ ପଡ଼ିଥିବା ଦେଖିଲି; କିନ୍ତୁ ମୁଁ ଭିତରକୁ ଗଲି ନାହିଁ । ୬ ଏହାପରେ ଶିମୋନ ପିତର ପହଞ୍ଚି ସିଧା ଭିତରକୁ ଚାଲିଗଲେ । ସେ ମଧ୍ୟ ସେଠାରେ ବସ୍ତ୍ର ପଡ଼ି ରହିଥିବା ଲକ୍ଷ୍ୟ କଲେ । ୭ ଯେଉଁ ଲୁଗାଟି ଯୀଶୁଙ୍କ ମୁଣ୍ଡରେ ଗୁଡ଼ା ହୋଇଥିଲା, ତାହା ଅନ୍ୟ ଲୁଗା ସଙ୍ଗରେ ନ ଥାଇ ଅଲଗା ସ୍ଥାନରେ ସେହିପରି ଗୁଡ଼ା ହୋଇ ରହିଥିବା ସେ ଦେଖିଲେ । ୮ ଏହାପରେ ମୁଁ ମଧ୍ୟ ଭିତରକୁ ଗଲି, ଏବଂ ଦେଖି ବିଶ୍ୱାସ କଲି (ଯେ ସେ ମୃତ୍ୟୁରୁ ପୁନରୁତଥିତ ହୋଇଛନ୍ତି) । ୯ କାରଣ ଶାସ୍ତ୍ରବଚନ ଅନୁସାରେ ସେ ପୁନର୍ବାର ଜୀବିତ ହେବେ, ଏହାର ଅର୍ଥ ଆମେ ସେ ପର୍ଯ୍ୟନ୍ତ ବୁଝି ପାରି ନ ଥିଲୁ । ୧୦ ଆମ୍ଭମାନେ ଘରକୁ ଗଲୁ । ୧୧, ୧୨ ଇତିମଧ୍ୟରେ ମରିୟମ ସମାଧିସ୍ଥାନକୁ ଫେରି ଯାଇଥିଲେ ଓ ବାହାରେ ଠିଆ ହୋଇ କାନ୍ଦୁଥିଲେ । ସେ କାନ୍ଦୁ କାନ୍ଦୁ ନଇଁପଡ଼ି ଭିତରକୁ ଚାହିଁଲେ; ଏବଂ ଯୀଶୁଙ୍କର ଶରୀର ଯେଉଁ ସ୍ଥାନରେ ଥିଲା, ତାହାର ମୁଣ୍ଡ ଓ ପାଦ ପାଖେ ଶୁଭ୍ରବସ୍ତ୍ର ପରିହିତ ଦୁଇ ସ୍ୱର୍ଗଦୂତଙ୍କୁ ବସିଥିବାର ଦେଖିଲେ । ୧୩ ଦୂତମାନେ ତାଙ୍କୁ ପଚାରିଲେ, "ତୁମେ କାହିଁକି କାନ୍ଦୁଛ?" ସେ ଉତ୍ତର ଦେଲେ, "ମୋର ପ୍ରଭୁଙ୍କୁ ସେମାନେ ନେଇଯାଇଥିବାରୁ ମୁଁ କାନ୍ଦୁଛି; ଆଉ ସେମାନେ ତାଙ୍କୁ କେଉଁଠାରେ ରଖିଛନ୍ତି, ତାହା ମୁଁ ଜାଣେ ନାହିଁ ।"









## ଯୀଶୁ ମରିୟମକୁ ଦର୍ଶନ ଦେଲେ

୧୪ ମରିୟମ ପଛକୁ ଘୁରି ଜଣେ କେହି ଠିଆ ହୋଇଥିବାର ଦେଖିଲେ । ଯୀଶୁ ଠିଆ ହୋଇଥିଲେ ମାତ୍ର ମରିୟମ୍
ତାଙ୍କୁ ଚିହ୍ନି ପାରିଲେ ନାହିଁ । ୧୫ ଯୀଶୁ ତାଙ୍କୁ ପଚାରିଲେ, "ତୁମେ କାହିଁକି କାନ୍ଦୁଛ? କାହାକୁ ଖୋଜୁଛ?" ମରିୟମ୍
ତାଙ୍କୁ ମାଳୀ ବୋଲି ମନେ କରି କହିଲେ, "ଆଜ୍ଞା, ଆପଣ ଯଦି ତାଙ୍କୁ ନେଇ ଯାଇଛନ୍ତି, ତେବେ କେଉଁଠାରେ,
ରଖିଛନ୍ତି, ମୋତେ କହନ୍ତୁ; ଆଉ, ମୁଁ ତାଙ୍କୁ ନେଇଯିବି ।" ୧୬ ଯୀଶୁ ଡାକିଲେ, "ମରିୟମ!" ମରିୟମ ତାଙ୍କ
ଆଡ଼କୁ ବୁଲିପଡ଼ି ଆଶ୍ଚର୍ଯ୍ୟ ହୋଇ କହିଲେ, "ଗୁରୁ !" ୧୭ ଯୀଶୁ ତାଙ୍କୁ ସତର୍କ କରାଇ କହିଲେ, "ମୋତେ ସ୍ପର୍ଶ
କର ନାହିଁ, କାରଣ ମୁଁ ଏ ପର୍ଯ୍ୟନ୍ତ ସ୍ୱର୍ଗାରୋହଣ କରି ପିତାଙ୍କ ନିକଟକୁ ଯାଇନାହିଁ । କିନ୍ତୁ ତୁମେ ଯାଇଁ ମୋର
ଭାଇମାନଙ୍କୁ କୁହ ଯେ ମୁଁ ସ୍ୱର୍ଗାରୋହଣ କରି ମୋର ପିତା ଓ ତୁମର ପିତା, ମୋର ଈଶ୍ୱର ଓ ତୁମର ଈଶ୍ୱରଙ୍କ
ନିକଟକୁ ଯାଉଅଛି ।"

## ଯୀଶୁ ଶିଷ୍ୟମାନଙ୍କୁ ଦର୍ଶନ ଦେଲେ

୧୮ ମଗ୍‌ଦଲିନୀ ମରିୟମ ଶିଷ୍ୟମାନଙ୍କୁ ଭେଟି କହିଲେ, "ମୁଁ ପ୍ରଭୁଙ୍କୁ ଦେଖିଲି!" ତା'ପରେ ମରିୟମ ସେମାନଙ୍କୁ
ତାଙ୍କର ବାର୍ତ୍ତା ଦେଲେ ।




ହେ ମୋର ପ୍ରଭୁ !
ମୋତେ ଧରି ରଖିବାକୁ ଚେଷ୍ଟା କରନା ।
କାରଣ ମୁଁ ମୋର ସ୍ୱର୍ଗସ୍ଥ ପିତାଙ୍କ ପାଖକୁ ଫେରିଯିବି । କିନ୍ତୁ ତୁମେ ଯାଅ - ଓ ମୋର ଶିଷ୍ୟମାନଙ୍କୁ କୁହ ।
ବନ୍ଧୁଗଣ! ମୁଁ ପ୍ରଭୁ ଯୀଶୁଙ୍କୁ ଦେଖିଛି । ସେ ବଞ୍ଚିଛନ୍ତି । ସେ ଉଠିଛନ୍ତି । ସେ ମୋତେ କଣ କହିଲେ ଶୁଣ...
ମରିୟମ୍! ତୁ ଭାବ ବିହ୍ୱଳ ହୋଇ ଯାଇଛୁ !
ଟିକେ ବୁଦ୍ଧି ଥିଲା ଭଳିଆ, ଯୁକ୍ତିମୂଳକ କଥା କହ । ଯାହା କହୁଛ, ତା'ତ ଅସମ୍ଭବ ।
ମନଗଢା କଥା! ସବୁଖାଲି ସ୍ତ୍ରୀଲୋକମାନଙ୍କର କଳ୍ପନା ।


ସେଇଦିନ ସନ୍ଧ୍ୟାରେ, ଦୁଇଜଣ ଶିଷ୍ୟ, ଯାରୁଶାଲମରୁ ଇମାୟୁ ସହରକୁ ଯାଉଛନ୍ତି ।
କେତେ ନିରାଶ ଜନକ କଥା । ମୁଁ ଯୀଶୁଙ୍କୁ ବିଶ୍ୱାସ କରିଥିଲି ଏବଂ ଭାବିଥିଲି ଯେ ସେ ବିଶ୍ୱ ଅପେକ୍ଷା କରିଥିବା ମସୀହ ହୋଇଥିବେ ।
କିନ୍ତୁ ବଦଳରେ ସେ ପ୍ରାଣଦଣ୍ଡ ପାଇଲେ ଓ ଗୋଟିଏ ଅପରାଧୀ ପରି କ୍ରୁଶାର୍ପିତ ହେଲେ ।
ହଁ କ୍ଲିଓପା - କି ନୈରାଶ୍ୟଜନକ ଘଟଣା । ମୁଁ ବି ତୋ ପରି ଘାବରା ହୋଇ ଯାଉଛି ।
ବନ୍ଧୁ ଶାଲୋମ! ତୁମେ ବଡ ଦୁଃଖିତ ଜଣାପଡୁଛ । କେଉଁ ବିଷୟରେ ଆଲୋଚନା କରୁଛ?
ମୋତେ କୁହ - ମୁଁ ହୁଏତ କିଛି ସାହାଯ୍ୟ କରି ପାରିବି ।
ଆଜିକାଲି ଯାରୁଶାଲମକୁ ଯେଉଁ ଘଟଣା ଥରେଇ ଦେଇଛି - ତୁମେ କଣ ତା' ଜାଣିନାହିଁ? ନାଜରୀତର ଯୀଶୁଙ୍କ ବିଷୟରେ ।
ଆମେ ଆଶା କରିଥିଲୁ ଯେ ସେ ଇଶ୍ରାଏଲକୁ ଉଦ୍ଧାର କରିବେ ।
ହଁ - କାରଣ ସେ ଖ୍ରୀଷ୍ଟ ଥିଲେ - କିନ୍ତୁ ସବୁ ସରିଗଲା ଏହା ହେଉଛି...
ସବୁ ଘଟଣା ଘଟିଯିବାର ତୃତୀୟ ଦିନ । ବର୍ତ୍ତମାନ ସେ ମୃତ ।
ଆମର କେତେ ଜଣ ସ୍ତ୍ରୀ ଲୋକ-ଆମକୁ ଚକିତ କରି ଦେଲେଣି ।
ସେମାନେ ଆଜି ବଡି ସକାଳୁ ସମାଧି ପାଖକୁ ଯାଇଥିଲେ ।










ଏକ ଘଣ୍ଟା ପରେ...



**ଲୂକ ୨୪: ୧୩-୪୮ ଇମାୟୁ ଗ୍ରାମ ପଥରେ**

୧୩ ସେହି ରବିବାର ଯୀଶୁଙ୍କର ଦୁଇଜଣ ଶିଷ୍ୟ ଯିରୁଶାଲମରୁ ସାତ ମାଇଲ ଦୂରବର୍ତ୍ତୀ ଇମାୟୁ
ଗ୍ରାମକୁ ଗ୍ୱଲି ଗ୍ୱଲି ଯାଉଥିଲେ । ୧୪ ସେମାନେ ବାଟରେ ଯାଉଁ ଯାଉଁ ଯୀଶୁଙ୍କର ମୃତ୍ୟୁ ବିଷୟ
କଥାବାର୍ତ୍ତା ହେଉଥିଲେ । ୧୫ ସେତିକିବେଳେ ହଠାତ୍ ଯୀଶୁ ନିଜେ ଆସି ସେମାନଙ୍କ ସହିତ
ଗ୍ୱଲିବାକୁ ଲାଗିଲେ । ୧୬ ମାତ୍ର ସେମାନେ ତାଙ୍କୁ ଚିହ୍ନି ପାରିଲେ ନାହିଁ, କାରଣ ସେମାନଙ୍କ ଚକ୍ଷୁ
ରୁଦ୍ଧ କରାଯାଇଥିଲା । ୧୭ ଯୀଶୁ ସେମାନଙ୍କୁ ପଗ୍ୱରିଲେ, "ତୁମ୍ଭେମାନେ କେଉଁ ବିଷୟରେ
କଥାବାର୍ତ୍ତା ହେଉଛ?" ସେମାନେ ଠିଆ ହୋଇଗଲେ, ସେମାନଙ୍କର ମୁଖରେ ଦୁଃଖର ଛାୟା
ଖେଳିଗଲା । ୧୮ ସେ ଦୁହିଁଙ୍କ ମଧ୍ୟରୁ କ୍ଲିଓପା ନାମକ ବ୍ୟକ୍ତି ଉତ୍ତର ଦେଲେ, "ଯିରୂଶାଲମରେ
ଆପଣ ବୋଧହୁଏ ଏକମାତ୍ର ବ୍ୟକ୍ତି ଯେ କି ଗତ ସପ୍ତାହ ସେଠାରେ ଘଟିଥିବା ଘଟନା ବିଷୟରେ
କିଛିହିଁ ଜାଣନ୍ତି ନାହିଁ ?" ୧୯ ଯୀଶୁ ପଗ୍ୱରିଲେ, "କେଉଁ ଘଟନା?" ସେମାନେ କହିଲେ,
"ଆପଣ କ'ଣ ନାଜରିତବାସୀ ଯୀଶୁଙ୍କ ବିଷୟରେ ଶୁଣି ନାହାନ୍ତି? ସେ ଜଣେ ଭାବବାଦୀ ଥିଲେ,
ନାନା ଅଲୌକିକ କାର୍ଯ୍ୟ କରିଥିଲେ ଓ ଜଣେ ମହାନ୍ ଉପଦେଶକ ଥିଲେ । ପୁଣି, ସେ ଈଶ୍ୱର
ତଥା ମନୁଷ୍ୟମାନଙ୍କର ପ୍ରିୟପାତ୍ର ଥିଲେ । ୨୦ କିନ୍ତୁ ପ୍ରଧାନ ଯାଜକମାନେ ଓ ଆମର ନେତାଗଣ
ତାଙ୍କୁ ଧରି ପ୍ରାଣଦଣ୍ଡରେ ଦଣ୍ଡିତ କରିବା ପାଇଁ ରୋମୀୟ ସରକାରଙ୍କୁ ସମର୍ପି ଦେଲେ ଓ ସେମାନେ
ତାଙ୍କୁ କ୍ରୁଶରେ ବଧ କଲେ । ୨୧ ଆମେ ମନେ କରିଥିଲୁ ଯେ ସେ ଥିଲେ ମଶୀହ ଏବଂ ସେ
ଇସ୍ରାଏଲର ମୁକ୍ତି ସାଧନ କରିବାକୁ ଆସିଥିଲେ ବୋଲି ଆଶା କରିଥିଲୁ । ଏସମସ୍ତ ଘଟନା
ଘଟିବାର ଆଜିକୁ ତିନିଦିନ ହେଲାଣି । ୨୨, ୨୩ "ଆହୁରି ମଧ୍ୟ, ଆଜି ପ୍ରଭାତରେ ଆମ
ଶିଷ୍ୟଦଳ ମଧ୍ୟରୁ କେତେକ ସ୍ତ୍ରୀଲୋକ ତାଙ୍କ ସମାଧି ନିକଟକୁ ଯାଇଥିଲେ । ସେଠାରେ ସେମାନେ
ତାଙ୍କର ମୃତ ଶରୀର ନ ଥିବା ଏବଂ କେତେକ ଦୂତଙ୍କ ମୁଖରୁ ଯୀଶୁ ପୁନରୁଜ୍ଜୀବିତ ହୋଇଥିବା
ଆଶ୍ଚର୍ଯ୍ୟଜନକ ସମ୍ବାଦ ନେଇ ଫେରି ଆସିଛନ୍ତି । ୨୪ ତହୁଁ ଆମ ଦଳର କେତେକେ ସେଠାକୁ
ଦୌଡ଼ି ଯାଇ ସେହି ସ୍ତ୍ରୀଲୋକମାନଙ୍କ କଥାନୁସାରେ ଯୀଶୁଙ୍କ ଶରୀର ସେଠାରେ ନ ଥିବାର
ଦେଖିଛନ୍ତି ।" ୨୫ ସେଥିରେ ଯୀଶୁ ସେମାନଙ୍କୁ କହିଲେ, "ତୁମ୍ଭେମାନେ କେଡ଼େ ନିର୍ବୋଧ!
ଧର୍ମଶାସ୍ତ୍ରରେ ଭବିଷ୍ୟଦ୍ ବକ୍ତାମାନେ ଯାହା ଲେଖିଯାଇଚନ୍ତି, ସେସବୁ ବିଶ୍ୱାସ କରିବା ତୁମ ପକ୍ଷରେ
କ'ଣ ଏଡ଼େ କଠିନ? ୨୬ ଆପଣା ମହିମାରେ ପ୍ରବେଶ କରିବା ପୂର୍ବରୁ ଖ୍ରୀଷ୍ଟଙ୍କୁ ଯେ ଏସମସ୍ତ
ଦୁଃଖ ଭୋଗ କରିବାକୁ ହେବ, ଏହା କ'ଣ ଭାବବାଦୀମାନେ ଭବିଷ୍ୟଦ୍ ବାଣୀରେ କହି ନ
ଥିଲେ?" ୨୭ ତତ୍ପରେ ଯୀଶୁ ଆଦି ପୁସ୍ତକରୁ ଆରମ୍ଭ କରି ସମଗ୍ର ଧର୍ମଶାସ୍ତ୍ରରେ ନିଜ ସମ୍ବନ୍ଧରେ
ଲିଖିତ ଭବିଷ୍ୟଦବାଣୀ ଉଦ୍ଧୃତ କରି ସେମାନଙ୍କୁ ବୁଝାଇବାକୁ ଲାଗିଲେ । ୨୮ ସେତେବେଳକୁ









ସେମାନେ ଇମାୟୁ ଗ୍ରାମର ନିକଟବର୍ତ୍ତୀ ହୋଇ ଆସୁଥିଲେ । ଯୀଶୁ ଆହୁରି ଆଗକୁ ଯିବାର ଭାବ
ଦେଖାଇଲେ । ୨୯ ମାତ୍ର ସେମାନେ ତାଙ୍କୁ ଅଟକାଇ କହିଲେ, ''ସନ୍ଧ୍ୟା ହୋଇଆସୁଛି, ବେଳ
ଗଡ଼ିଗଲାଣି, ରାତିଟା ଆମ ସଙ୍ଗରେ ରୁହନ୍ତୁ ।'' ତେଣୁ ସେ ସେମାନଙ୍କ ସଙ୍ଗେ ଗୃହ ଭିତରକୁ
ଗଲେ । ୩୦ ସେମାନେ ଭୋଜନରେ ବସିଲାବେଳେ ସେ ରୋଟୀ ନେଇ ଈଶ୍ୱରଙ୍କ ଆଶୀର୍ବାଦ
ଭିକ୍ଷା କଲେ ଓ ତାହା ଖଣ୍ଡ ଖଣ୍ଡ ଭାଙ୍ଗି ସେମାନଙ୍କୁ ବଢ଼ାଇ ଦେଲେ । ୩୧ ସେତିକିବେଳେ ହଠାତ୍
ସେମାନ ତାଙ୍କୁ ଚିହ୍ନି ପାରିଲେ । ସତେ ଯେପରି ସେମାନଙ୍କ ଚକ୍ଷୁ ଉନ୍ମୁକ୍ତ ହୋଇଗଲା । ଆଉ, ସେହି
ମୁହୂର୍ତ୍ତରେ ସେ ଅନ୍ତର୍ଦ୍ଧାନ ହେଲେ! ୩୨ ଏଥିରେ ସେମାନେ ପରସ୍ପର କୁହାକୁହି ହେଲେ, ''ସେ
ଯେତେବେଳେ ବାଟରେ ଆମ ସଙ୍ଗେ କଥାବାର୍ତ୍ତା କରୁଥିଲେ ଓ ଧର୍ମଶାସ୍ତ୍ର ବୁଝାଉଥିଲେ,
ସେତେବେଳେ କ'ଣ ଆମ ହୃଦୟ ଉଦ୍ଦୀପ୍ତ ହେଉ ନ ଥିଲା?'' ୩୩, ୩୪ ଆଉ, ସେମାନେ
ସେହିକ୍ଷଣି ଯିରୁଶାଲମକୁ ଫେରିଗଲେ । ସେଠାରେ ସେମାନେ ଏକାଦଶ ଶିଷ୍ୟ ଓ ଯୀଶୁଙ୍କର ଅନ୍ୟ
ଶିଷ୍ୟମାନଙ୍କୁ ଭେଟି ସେମାନଙ୍କଠାରୁ ଏହି କଥା ଶୁଣିଲେ, ''ପ୍ରଭୁ ପ୍ରକୃତରେ ପୁନରୁଜ୍ଜୀବିତ ହୋଇ
ଉଠିଛନ୍ତି ଓଶିମୋନ ପିତରଙ୍କୁ ଦେଖା ଦେଇଛନ୍ତି !''

**ଯୀଶୁ ଶିଷ୍ୟମାନଙ୍କୁ ଦର୍ଶନ ଦେଲେ**

୩୫ ତହୁଁ ଇମାୟୁ ଗ୍ରାମବାସୀ ଶିଷ୍ୟଦ୍ୱୟ ବାଟରେ ଯାଉଁ ଯାଉଁ କିପରି ଯୀଶୁଙ୍କର ଦର୍ଶନ ପାଇଲେ
ଏବଂ ରୋଟୀ ଭାଙ୍ଗିଲାବେଳେ ସେମାନେ କିପରି ତାଙ୍କୁ ଚିହ୍ନିପାରିଲେ, ସେସମସ୍ତ କଥା ବର୍ଣ୍ଣନା






















କଲେ । ୩୬ ସେମାନେ କହୁ କହୁ ହଠାତ୍ ଯୀଶୁ ନିଜେ ସେମାନଙ୍କ ମଧ୍ୟରେ ଆସି ଠିଆ ହେଲେ
ଓ ଶୁଭସମ୍ଭାଷଣ ଜଣାଇଲେ । ୩୭ କିନ୍ତୁ ସେମାନେ ସମସ୍ତେ ଭୂତ ଦେଖୁଛନ୍ତି ବୋଲି ମନେ କରି
ଭୀତତ୍ରସ୍ତ ହେଲେ ! ୩୮ ଯୀଶୁ ପଗ୍ଭରିଲେ, "ତୁମ୍ଭେମାନେ ମନରେ କାହିଁକି ଭୟ କରୁଛ? ମୋ'
ବିଷୟରେ ତୁମ୍ଭମାନଙ୍କ ମନରେ କାହିଁକି ସନ୍ଦେହ ଉଠୁଛି? ୩୯ ମୋର ହାତ ଓ ପାଦ ଦେଖ । ଏ
ଯେ ସ୍ୱୟଂ ମୁଁ, ତୁମେ ଜାଣିପାରିବ । ମୋତେ ସ୍ପର୍ଶ କର, ମୁଁ ଭୂତପ୍ରେତ ନୁହେଁ । ମୋର ଶରୀର
ଅଛି, ଭୂତର ଶରୀର ନ ଥାଏ!" ୪୦ ଏହା କହି ସେ ସେମାନଙ୍କୁ ଆପଣାର ହାତ ଓ ପାଦ
ଦେଖାଇଲେ । ୪୧ ତଥାପି ସେମାନଙ୍କ ମନରେ ସନ୍ଦେହ ଥିଲା, କିନ୍ତୁ ସେମାନଙ୍କ ମନ ଆନନ୍ଦରେ
ପୂର୍ଣ୍ଣ ଥିଲା । ଏହାପରେ ସେ ସେମାନଙ୍କୁ ପଗ୍ଭରିଲେ, "ଏଠାରେ କିଛି ଖାଦ୍ୟ ଅଛି?" ୪୨, ୪୩
ସେମାନେ ତାଙ୍କୁ ଖଣ୍ଡେ ଭଜା ମାଛ ଦେଲେ ଓ ସେ ତାହା ନେଇ ସେମାନଙ୍କ ସାକ୍ଷାତରେ ଖାଇଲେ!
୪୪ ସେ କହିଲେ, "ମୋ" ସମ୍ବନ୍ଧରେ ମୋଶା, ଭାବବାଦୀ ଓ ଗୀତସଂହିତା ପୁସ୍ତକରେ ଯାହା ଯାହା
ଲେଖାଅଛି, ସେସମସ୍ତ ଯେ ସଫଳ ହେବ, ଏହା କ'ଣ ମୁଁ ତୁମ୍ଭମାନଙ୍କ ସହିତ ଥିଲାବେଳେ କହି ନ
ଥିଲି ?" ୪୫ ତପରେ ସେମାନେ ଯେପରି ଶାସ୍ତ୍ରବାକ୍ୟ ବୁଝିପାରନ୍ତି, ଏଥିପାଇଁ ସେ ସେମାନଙ୍କ
ବୋଧଶକ୍ତି ଉନ୍ମୁକ୍ତ କଲେ । ୪୬ ସେ କହିଲେ, "ହଁ, ଖ୍ରୀଷ୍ଟ ଯେ ଦୁଃଖ ଓ ମୃତ୍ୟୁଭୋଗ କରି
ତୃତୀୟ ଦିନରେ ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥିତ ହେବେ, ଏସମସ୍ତ ବିଷୟ ଶାସ୍ତ୍ରରେ ବହୁ
ପୂର୍ବରୁ ଲିଖିତ ହୋଇଛି । ୪ ୭ ପୁଣି, ଯେଉଁମାନେ ହୃଦୟ ପରିବର୍ତ୍ତନ କରିବେ, ସେମାନେ ଯେ
ପାପରୁ କ୍ଷମା ଲାଭ କରିବେ, ଏହି ପରିତ୍ରାଣର ବାର୍ତ୍ତା ଯିରୂଶାଲମରୁ ଆରମ୍ଭ କରି ସବୁ ଜାତିର
ଲୋକଙ୍କ ମଧ୍ୟରେ ପ୍ରଗ୍ଭର କରାଯିବ । ୪୮ ତୁମ୍ଭେମାନେ ଏସମସ୍ତ ସଫଳ ହେବାର ଦେଖୁଛ,
ତେଣୁ ତୁମ୍ଭେମାନେ ମୋର ସାକ୍ଷୀ ।

ନିସ୍ତାର ପର୍ବର ପରଦିନ ସନ୍ଧ୍ୟାରେ ପୁନରୁତ୍ଥିତ ଯୀଶୁ ତାଙ୍କର ଶିଷ୍ୟମାନଙ୍କୁ ଦର୍ଶନ ଦେଇଥିଲେ । ସପ୍ତାହକ ପରେ ସେମାନେ ପୁଣିଥରେ ମିଳିତ ହୋଇଥିଲେ ।



















ଯୋହନ ୨୦:୧୯-୨୯
୧୯, ୨୦ ଯିହୁଦୀ ନେତୃବର୍ଗଙ୍କ ଭୟରେ ଶିଷ୍ୟମାନେ ସେଦିନ ସନ୍ଧ୍ୟାରେ ଦ୍ୱାର ବନ୍ଦ କରି ଘର
ଭିତରେ ଏକତ୍ରିତ ହୋଇଥିଲେ । ହଠାତ୍ ଯୀଶୁ ସେମାନଙ୍କ ମଧ୍ୟରେ ଉଭା ହେଲେ । ସେ ସେମାନଙ୍କୁ
ଶୁଭ ସମ୍ଭାଷଣ ଜଣାଇ, ଆପଣାର ହସ୍ତ ଓ କକ୍ଷ ଦେଖାଇଲେ । ସେମାନେ ପ୍ରଭୁଙ୍କୁ ଦେଖି ଆନନ୍ଦରେ
ବିହ୍ୱଳ ହେଲେ! ୨୧ ଯୀଶୁ ପୁନର୍ବାର ସେମାନଙ୍କ ସଙ୍ଗେ କଥାବାର୍ତ୍ତା କରି କହିଲେ, ''ପିତା
ମୋତେ ଯେପରି ପଠାଇଛନ୍ତି, ମୁଁ ସେହିପରି ତୁମ୍ଭମାନଙ୍କୁ ପଠାଉଛି । ୨୨ ତା'ପରେ ସେ ସେମାନଙ୍କ
ଉପରେ ପ୍ର ଶ୍ୱାସ ଛାଡ଼ି କହିଲେ, ''ପବିତ୍ରଆତ୍ମାଙ୍କୁ ଗ୍ରହଣ କର । ୨୩ ତୁମେ ଯେବେ କାହାରି ପାପ
କ୍ଷମା କର, ତେବେ ତାହାର ପାପ କ୍ଷମା ହେବ । ଯଦି ତୁମେ କାହାରି ପାପ କ୍ଷମା ନ କର, ତେବେ
ତାହା ଅକ୍ଷମଣୀୟ ରହିବ ।'' ୨୪ ଶିଷ୍ୟମାନଙ୍କ ମଧ୍ୟରୁ ଥୋମା ନାମକ ଶିଷ୍ୟ, ଯାହାଙ୍କୁ ଯମଜ
ଡାକନ୍ତି, ସେ ଅନ୍ୟମାନଙ୍କ ସହିତ ସେତେବେଳେ ସେଠାରେ ନ ଥିଲେ । ୨୫ 'ଆମେ ପ୍ରଭୁଙ୍କୁ
ଦେଖିଛୁ,' ଏ କଥା ଅନ୍ୟମାନଙ୍କ ନିକଟରୁ ଶୁଣି ଥୋମା କହିଲେ, ''ତାଙ୍କ ହାତରେ କଣ୍ଟାର କ୍ଷତ
ଦାଗ ଦେଖି ମୋର ଅଙ୍ଗୁଳିରେ ତାହା ସ୍ପର୍ଶ ନ କରିବା ପର୍ଯ୍ୟନ୍ତ ଓ ତାଙ୍କ କକ୍ଷସ୍ଥଳରେ ମୋର ହାତ






ନ ଦେବା ପର୍ଯ୍ୟନ୍ତ ମୁଁ କାହାରି କଥା ବିଶ୍ୱାସ କରିବି ନାହିଁ ।" ୨୬ ଆଠଦିନ ପରେ ଶିଷ୍ୟମାନେ ପୁଣି ଏକତ୍ରିତ ହୋଇଥିଲେ ଏବଂ ଏଥର ଥୋମା ସେମାନଙ୍କ ସହିତ ଥିଲେ । ଦ୍ୱାରସବୁ ବନ୍ଦ ଥିଲା । ମାତ୍ର ହଠାତ୍ ଯୀଶୁ ପୂର୍ବପରି ସେମାନଙ୍କ ମଧ୍ୟରେ ଉଭା ହୋଇ ଶୁଭ ସମ୍ଭାଷଣ ଜଣାଇଲେ । ୨୭ ସେ ଥୋମାଙ୍କୁ କହିଲେ, "ମୋର ହାତରେ ତୁମର ଅଙ୍ଗୁଳି ଦେଇ ଦେଖ । ତୁମ ହାତରେ ମୋର ବକ୍ଷସ୍ଥଳ ସ୍ପର୍ଶ କର । ଆଉ ଅବିଶ୍ୱାସୀ ହୁଅ ନାହିଁ । ବିଶ୍ୱାସ କର!" ୨୮ ଥୋମା କହିଲେ, "ମୋର ପ୍ର
ମୋର ଈଶ୍ୱର!" ୨୯ ଏହାପରେ ଯୀଶୁ ତାଙ୍କୁ କହିଲେ, "ତୁମେ ମୋତେ ଦେଖିବାରୁ ବିଶ୍ୱାସ କରୁଛ । ମାତ୍ର ଯେଉଁମାନେ ମୋତେ ନ ଦେଖି ବିଶ୍ୱାସ କରନ୍ତି, ସେମାନେ ଧନ୍ୟ ।"




ଯୋହନ ୨୧:୧-୨୪
୧ ପରେ ଗାଲିଲୀ ହ୍ରଦକୂଳରେ ଯୀଶୁ ପୁନର୍ବାର ଶିଷ୍ୟମାନଙ୍କୁ ଦେଖାଦେଲେ । ସେ ଏହି ପ୍ରକାରେ ଦର୍ଶନ
ଦେଇଥିଲେ : ୨ ଆମ୍ଭମାନଙ୍କ ମଧ୍ୟରୁ ଦଳେ, ଯଥା : ଶିମୋନ ପିତର, ଥୋମା ଯାହାଙ୍କ ନାମ ଯମଜ,
ଗାଲିଲୀର କାନାନିବାସୀ ନିଥନିୟେଲ, ମୋର ଭାଇ ଯାକୁବ ଓ ମୁଁ ଏବଂ ଅନ୍ୟ ଦୁଇଜଣ ଶିଷ୍ୟ ସେଠାରେ
ଥିଲୁ । ୩ ଶିମୋନ ପିତର କହିଲେ, "ମୁଁ ମାଛ ଧରିବାକୁ ଯାଉଛି ।" ଆମ୍ଭେମାନେ ସମସ୍ତେ କହିଲୁ, ଆମେ
ମଧ୍ୟ ତୁମ ସଙ୍ଗେ ଯିବୁ ।" ଆମେ ରାତିସାରା ମାଛ ଧରିବାକୁ ଚେଷ୍ଟା କଲୁ, କିନ୍ତୁ କିଛି ପାଇଲୁ ନାହିଁ । ୪
ପାହାନ୍ତାବେଳକୁ ହ୍ରଦକୂଳରେ କେହି ଜଣେ ଠିଆ ହୋଇଥିବାର ଆମେ ଦେଖିଲୁ, କିନ୍ତୁ ତାଙ୍କୁ ଚିହ୍ନିପାରି ନ
ଥିଲୁ । ୫ ସେ ଡାକି ପଚାରିଲେ, "ପିଲାମାନେ, କିଛି ମାଛ ପାଇଛ?" ଆମେ ଉତ୍ତର ଦେଲୁ, "ନାହିଁ ।" ୬
ତା'ପରେ ସେ କହିଲେ, "ନୌକାର ଡାହାଣ ପାଖେ ଜାଲ ପକାଅ , ଆଉ, ତୁମ୍ଭେମାନେ ଯଥେଷ୍ଟ ମାଛ
ପାଇବ!" ଆମେ ତଦ୍ରୂପ କଲୁ ଏବଂ ଜାଲରେ ଏତେ ମାଛ ପଡ଼ିଲେ ଯେ ମାଛ ଭାରରେ ଜାଲ ଟାଣି ପାରିଲୁ
ନାହିଁ ! ୭ ଏହାପରେ ମୁଁ ପିତରଙ୍କୁ କହିଲି, "ସେ ତ ପ୍ରଭୁ!" ଏହା ଶୁଣି ଶିମୋନ ପିତର ଆପଣାର କୁର୍ତ୍ତା









ଯେତେବେଳେ ସେମାନେ ଜାଲକୁ ଭିଡିଲେ।







ପିନ୍ଧିଲେ, (କାରଣ ସେ ଅଣ୍ଟାରୁ ଉପରା ପର୍ଯ୍ୟନ୍ତ ଖାଲି ଦେହରେ ଥିଲେ) ଓ ପାଣିକୁ ଡେଇଁ ପଡ଼ିଲେ (ଏବଂ
ପହଁରି ପହଁରି କୂଳକୁ ଗଲେ) ୮ ବାକି ଆମେ ସମସ୍ତେ ନୌକାରେ ରହିଲୁ; ସେଠାରୁ କୂଳ ପ୍ରାୟ ୩୦୦
ଫୁଟ ଦୂର ଥିଲା। ୯ ଆମେ ସେଠାରେ ପହୁଞ୍ଚି ନିଆଁ ଜଳୁଥିବା ଓ ତହିଁ ଉପରେ ମାଛ ଭଜା ହେଉଥିବାର
ଦେଖିଲୁ ଏବଂ ସେଠାରେ ରୋଟୀ ମଧ୍ୟ ଥିଲା। ୧୦ ଯୀଶୁ କହିଲେ, "ତୁମ୍ଭେମାନେ ଏହିକ୍ଷଣି ଧରିଥିବା
ମାଛରୁ କିଛି ଆଣ।" ୧୧ ତେଣୁ ଶିମୋନ ପିତର ଯାଇ ଜାଲଟିକୁ କୂଳ ଉପରକୁ ଟାଣି ଆଣିଲେ। ସେ ଗଣି
ଦେଖିଲେ ଯେ, ଜାଲରେ ୧୫୩ ଟି ବଡ଼ ବଡ଼ ମାଛ ଥିଲା, ତଥାପି ଜାଲ ଛିଣ୍ଡିଯାଇ ନ ଥିଲା। ୧୨ ଯୀଶୁ
କହିଲେ, "ଏବେ ଆସ ଓ କିଛି ଖାଅ।" କିନ୍ତୁ ସେ କିଏ, ଏ କଥା ପଚାରିବାକୁ ଆମ ମଧ୍ୟରୁ କାହାରି ସାହସ
ହେଲା ନାହିଁ, କାରଣ ସେ ପ୍ରଭୁ ବୋଲି ଆମେ ନିଶ୍ଚିତଭାବେ ଜାଣିଥିଲୁ। ୧୩ ତା'ପରେ ଯୀଶୁ ଆମ୍ଭମାନଙ୍କୁ
ରୋଟୀ ଓ ମାଛ ଦେଲେ। ୧୪ ଯୀଶୁ ମୃତ୍ୟୁରୁ ପୁନରୁତ୍ଥିତ ହେବା ପରେ ଆମ୍ଭମାନଙ୍କ ନିକଟରେ ଦର୍ଶନ
ଦେବାର ଏହା ତୃତୀୟ ଥର।






**ଶିମୋନ ପିତରଙ୍କ ପ୍ରତି ଯୀଶୁଙ୍କର ଶେଷ ଆଜ୍ଞା**

୧୫ ଭୋଜନ ଶେଷ ହେଲା ଉତ୍ତାରେ ଯୀଶୁ ଶିମୋନ ପିତରଙ୍କୁ କହିଲେ, "ଯୋହନଙ୍କ ପୁଅ ଶିମୋନ,
ତୁମେ କ'ଣ ଏମାନଙ୍କ ଅପେକ୍ଷା ମୋତେ ଅଧିକ ପ୍ରେମ କର?" ପିତର ଉତ୍ତର ଦେଲେ, "ହଁ, ପ୍ରଭୁ, ମୁଁ
ଆପଣଙ୍କୁ ଭଲ ପାଏ ବୋଲି ଆପଣ ଜାଣନ୍ତି।" ଯୀଶୁ ତାଙ୍କୁ କହିଲେ, "ତାହାହେଲେ ମୋର
ମେଷଶାବକମାନଙ୍କୁ ପ୍ରତିପାଳନ କର।" ୧୬ ଯୀଶୁ ପୁନର୍ବାର ସେହି ପ୍ରଶ୍ନ ପଚାରିଲେ, "ଯୋହନଙ୍କ ପୁଅ
ଶିମୋନ, ତୁମେ କ'ଣ ପ୍ରକୃତରେ ମୋତେ ପ୍ରେମ କର?" ପିତର କହିଲେ, "ହଁ, ପ୍ରଭୁ, ମୁଁ ଆପଣଙ୍କୁ ଭଲ
ପାଏ ବୋଲି ଆପଣ ଜାଣନ୍ତି।" ଯୀଶୁ କହିଲେ, "ତେବେ ମୋର ମେଷମାନଙ୍କର ତତ୍ତ୍ୱାବଧାନ କର।" ୧୭
ଆଉଥରେ ସେ ତାଙ୍କୁ ପଚାରିଲେ, "ଯୋହନଙ୍କ ପୁଅ ଶିମୋନ, ତୁମେ କି ମୋତେ ଭଲ ପାଅ?" ଯୀଶୁ ତାଙ୍କୁ
ଏପରିଭାବେ ପ୍ରଶ୍ନ କରିବାରୁ ପିତର ଦୁଃଖିତ ହେଲେ। ସେ କହିଲେ, "ପ୍ରଭୁ, ଆପଣ ମୋର ହୃଦୟ
ଦେଖୁଛନ୍ତି। ମୁଁ ଆପଣଙ୍କୁ ଭଲ ପାଏ ବୋଲି ଆପଣ ଜାଣନ୍ତି। ଯୀଶୁ କହିଲେ, "ତେବେ ମୋର ମେଷମାନଙ୍କୁ
ପ୍ରତିପାଳନ କର। ୧୮ ଯୌବନକାଳରେ ତୁମେ ଇଚ୍ଛାନୁସାରେ କାର୍ଯ୍ୟ କଲ ଓ ଯେଉଁଠାକୁ ଇଚ୍ଛା ସେଠାକୁ
ଗଲ। ମାତ୍ର ବୃଦ୍ଧ ବୟସରେ ତୁମେ ହାତ ବଢ଼ାଇବ ଓ ଯେଉଁଠାକୁ ଯିବାକୁ ତୁମର ଇଚ୍ଛା ନାହିଁ, ସେଠାକୁ










ଅନ୍ୟମାନେ ତୁମକୁ ନେଇଯିବେ ।" ୧୯ ଈଶ୍ୱରଙ୍କ ଗୌରବାର୍ଥେ ପିତର କି ପ୍ରକାର ମୃତ୍ୟୁଭୋଗ କରିବେ,
ଏହା ଜଣାଇବା ଉଦ୍ଦେଶ୍ୟରେ ଯୀଶୁ ସେପରି କହିଥିଲେ । ଏହାପରେ ଯୀଶୁ ତାଙ୍କୁ କହିଲେ, "ମୋ" ପଛେ
ପଛେ ଆସ ।" ୨୦ ପିତର ବୁଲିପଡ଼ି ଦେଖିଲେ ଯେ ଯେଉଁ ଶିଷ୍ୟଙ୍କୁ ଯୀଶୁ ଭଲ ପାଉଥିଲେ, ସେ ପଛେ
ପଛେ ଆସୁଛନ୍ତି । ସେହି ରାତ୍ରି ଭୋଜନବେଳେ ଯେଉଁ ଶିଷ୍ୟ ଯୀଶୁଙ୍କ ଉପରେ ଆଉଜି ପଡ଼ି ପଗ୍ଭରିଥିଲେ,
'ଗୁରୁ, ଆମ ମଧ୍ୟରୁ କିଏ ଆପଣଙ୍କୁ ଶତ୍ରୁ ହାତରେ ଧରାଇ ଦେବ', ଏ ସେହି ଶିଷ୍ୟ । ୨୧ ପିତର ଯୀଶୁଙ୍କୁ
ପଗ୍ଭରିଲେ, "ଏହାଙ୍କ ବିଷୟରେ କ'ଣ ହେବ, ପ୍ରଭୁ? ଏ କି ପ୍ରକାର ମୃତ୍ୟୁ ଭୋଗ କରିବେ?" ୨୨ ଯୀଶୁ
ଉତ୍ତର ଦେଲେ, "ମୋର ପୁନରାଗମନ ପର୍ଯ୍ୟନ୍ତ ସେ ବଞ୍ଚି ରହୁ ବୋଲି ମୁଁ ଯଦି ଇଚ୍ଛା କରେ, ତେବେ
ସେଥିରେ ତୁମର କ'ଣ ଅଛି? ତୁମେ ମୋର ପଛେ ପଛେ ଆସ ।" ୨୩ ସେଥିଯୋଗୁଁ ସେହି ଶିଷ୍ୟ ମରିବେ
ନାହିଁ ବୋଲି ଏକ ପ୍ରବାଦ ଭ୍ରାତୃମଣ୍ଡଳୀରେ ପ୍ରଗ୍ଭରିତ ହୋଇଥିଲା । କିନ୍ତୁ ଯୀଶୁ ଆଦୌ ତାହା କହି ନ ଥିଲେ ।
ସେ ଏତିକି ମାତ୍ର କହିଥିଲେ, "ମୋର ପୁନରାଗମନ ପର୍ଯ୍ୟନ୍ତ ସେ ବଞ୍ଚି ରହୁ ବୋଲି ମୁଁ ଯଦି ଇଚ୍ଛା କରେ,
ତେବେ ସେଥିରେ ତୁମର କ'ଣ ଅଛି?" ୨୪ ମୁଁ ହେଉଛି, ସେହି ଶିଷ୍ୟ ! ମୁଁ ଏ ସମସ୍ତ ଘଟଣା ଦେଖିଛି ଓ
ଏଠାରେ ଲିପିବଦ୍ଧ କରିଛି । ଏ ସମ୍ବନ୍ଧରେ ମୋର ବିବରଣୀ ଯେ ସତ୍ୟ, ଏହା ଆମ୍ଭେମାନେ ସମସ୍ତେ ଜାଣୁ ।

*ଅଲିଭ ପାହାଡ ଉପରେ, ଶିଷ୍ୟମାନେ ଯୀଶୁଙ୍କୁ ସ୍ୱର୍ଗାରୋହଣ କରିବାର ଦେଖିଲେ । ସେ ଠିକ୍ ଏହିପରି ଦିନେ ଫେରି ଆସିବେ ।*

## *'ଅତି ଶୀଘ୍ର !!!*




ମାଥିଉ ୨୮ : ୧୬-୨୦
୧୬ ଇତିମଧ୍ୟରେ ଏକାଦଶ ଶିଷ୍ୟ ଗାଲିଲୀ ଅଭିମୁଖେ ଯାତ୍ରା କରି ଯୀଶୁ ଯେଉଁ ପର୍ବତରେ
ସେମାନଙ୍କୁ ଦେଖା ଦେବେ ବୋଲି କହିଥିଲେ, ସେହିଠାରେ ପହଞ୍ଚିଲେ । ୧୭ ସେଠାରେ
ସେମାନେ ତାଙ୍କର ଦେଖା ପାଇ ତାଙ୍କୁ ପ୍ରଣାମ କଲେ । କିନ୍ତୁ ସେମାନଙ୍କ ମଧ୍ୟରୁ କେହି କେହି
ପ୍ରକୃତରେ ସେ ଯୀଶୁ କି ନୁହନ୍ତି, ମନରେ ସନ୍ଦେହ କଲେ !
"ସମଗ୍ର ଜଗତରେ ସୁସମାଗ୍ଭର ପ୍ରଗ୍ଭର କର"
୧୮ ଯୀଶୁ ପବିତ୍ରମାନଙ୍କୁ କହିଲେ, "ସ୍ୱର୍ଗ ଓ ମର୍ତ୍ତ୍ୟରେ ସମସ୍ତ କ୍ଷମତା ମୋତେ ଦତ୍ତ ହୋଇଚି ।
୧୯ ତେଣୁ ସବୁ ଦେଶର ଲୋକମାନଙ୍କୁ ପିତା, ପୁତ୍ର ଓ ପବିତ୍ରଆତ୍ମାଙ୍କ ନାମରେ ଜଳଦୀକ୍ଷା
ଦେଇ ଶିଷ୍ୟ କର । ୨୦ ପୁଣି, ମୁଁ ତୁମ୍ଭମାନଙ୍କୁ ଯେଉଁ ସବୁ ଆଜ୍ଞା ଦେଇଛି, ସେହିସବୁ ପାଳନ
କରିବାକୁ ନୂତନ ଶିଷ୍ୟମାନଙ୍କୁ ଶିକ୍ଷା ଦିଅ । ଆଉ, ଏହା ନିଶ୍ଚିତ ଭାବେ ଜାଣିଥାଅ ଯେ ମୁଁ
ଜଗତର ଶେଷ ପର୍ଯ୍ୟନ୍ତ ତୁମ୍ଭମାନଙ୍କ ସହିତ ଅଛି ।"

# ଯାକୁବଙ୍କ ପତ୍ର

## ୧ମ ଅଧ୍ୟାୟ

୧ ଈଶ୍ୱର ତଥା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦାସ ଯାକୁବ ଚତୁର୍ଦ୍ଦିଗରେ ବିକ୍ଷିପ୍ତ ହୋଇ ବାସ କରୁଥିବା ଯିହୁଦୀ ଖ୍ରୀଷ୍ଟ ବିଶ୍ୱାସୀମାନଙ୍କୁ ଅଭିବାଦନ ଜଣାଉଛନ୍ତି।

### ବିଶ୍ୱାସ ପରୀକ୍ଷା ଓ ଧୈର୍ଯ୍ୟ

୨ ପ୍ରିୟ ଭାଇମାନେ, ତୁମ୍ଭମାନଙ୍କର ଜୀବନ କ'ଣ ନାନାଦି ଦୁଃଖକ୍ଳେଶ ଓ ପ୍ରଲୋଭନ ପୂର୍ଣ୍ଣ? ତାହାହେଲେ, ଆନନ୍ଦିତ ହୁଅ।

୩ କାରଣ ଏ ସମସ୍ତ ତୁମ୍ଭମାନଙ୍କର ବିଶ୍ୱାସ ପରୀକ୍ଷା କରେ ଏବଂ ତଦ୍ଦ୍ୱାରା ତୁମ୍ଭମାନଙ୍କର ଧୈର୍ଯ୍ୟ ବୃଦ୍ଧି ପାଇବାକୁ ସୁଯୋଗ ଲାଭ କରେ।

୪ ତେଣୁ ଧୈର୍ଯ୍ୟ ତୁମ୍ଭମାନଙ୍କଠାରେ ପୂର୍ଣ୍ଣଭାବେ ବିକାଶ ଲାଭ କରୁ। ତାହାହେଲେ, ତୁମ୍ଭେମାନେ ସିଦ୍ଧ ଓ ସମ୍ପୂର୍ଣ୍ଣ ହୋଇ ଯେକୌଣସି ଅବସ୍ଥାର ସମ୍ମୁଖୀନ ହୋଇପାରିବ।

୫ ତୁମ୍ଭମାନଙ୍କ ମଧ୍ୟରୁ କାହାରି ଯେବେ ବୁଦ୍ଧିର ଅଭାବ ଥାଏ, ତେବେ ସେ ଈଶ୍ୱରଙ୍କ ନିକଟରେ ନିବେଦନ କରୁ ଏବଂ ଯେ ମନୁଷ୍ୟମାନଙ୍କୁ ଅକାତରେ ଓ ଅକୁଣ୍ଠିତ ଚିତ୍ତରେ ବୁଦ୍ଧିର ପ୍ରଦାନ କରନ୍ତି, ସେ ତାହାକୁ ଦେବେ।

୬ ସେ ଆଦୌ ଅବିଶ୍ୱାସ ନ କରି ବିଶ୍ୱାସରେ ନିବେଦନ କରୁ। କାରଣ, ଯେ ଅବିଶ୍ୱାସ କରେ, ସେ ପବନରେ ଆନ୍ଦୋଳିତ ଅସ୍ଥିର ସମୁଦ୍ର ତରଙ୍ଗ ସଦୃଶ।

୭, ୮ ସେହି ପ୍ରକାର ମନୁଷ୍ୟ ଈଶ୍ୱରଙ୍କଠାରୁ କିଛି ପାଇବାକୁ ଆଶା ନ କରୁ କାରଣ ସେ ସନ୍ଦିଗ୍ଧମନା ଏବଂ ସବୁ କାର୍ଯ୍ୟରେ ଅସ୍ଥିରମତି।

୯ ଯେଉଁ ଖ୍ରୀଷ୍ଟବିଶ୍ୱାସୀ ଜାଗତିକ ଦୃଷ୍ଟିରୁ ଦୀନ, ସେ ଆନନ୍ଦିତ ହେଉ, କାରଣ ପ୍ରଭୁଙ୍କ ଦୃଷ୍ଟିରେ ସେ ପ୍ରକୃତ ଧନରେ ଧନବାନ।

୧୦, ୧୧ ଧନୀଲୋକ ମଧ୍ୟ ଆନନ୍ଦିତ ହେଉ, କାରଣ ପ୍ରଭୁଙ୍କ ଦୃଷ୍ଟିରେ ତାହାର ଧନସମ୍ପତ୍ତି ମୂଲ୍ୟହୀନ। ପ୍ରଭୁ ଯେପରି ପ୍ରଖର ସୂର୍ଯ୍ୟତାପରେ ମଳିନ ଓ ଶୁଷ୍କ ହୋଇ ତାହାର ସୌନ୍ଦର୍ଯ୍ୟ ହରାଏ ଓ ଶେଷରେ ଝଡ଼ି ପଡ଼େ, ଧନୀଲୋକ ଠିକ୍ ସେହିପରି। ତାହାର କର୍ମବ୍ୟସ୍ତ ଜୀବନର ଶୀଘ୍ର ଅବସାନ ହୁଏ।

୧୨ ଯେଉଁ ମନୁଷ୍ୟ ପ୍ରଲୋଭନର ପ୍ରତିରୋଧ କରି ମନ୍ଦ କର୍ମ କରେ ନାହିଁ, ସେ ସୁଖୀ। କାରଣ ଈଶ୍ୱର ତାଙ୍କର ଭକ୍ତମାନଙ୍କୁ ଯେଉଁ ଜୀବନ ରୂପ ମୁକୁଟ ଦେବାକୁ ପ୍ରତିଜ୍ଞା କରିଛନ୍ତି, ତାହାକୁ ସେ ପୁରସ୍କାର ସ୍ୱରୂପେ ପ୍ରଦାନ କରିବେ।

୧୩ ପୁଣି ମନେରଖ, ଯେତେବେଳେ କେହି ମନ୍ଦ କର୍ମ କରିବାକୁ ଇଚ୍ଛା କରେ, ସେତେବେଳେ ଈଶ୍ୱର ତାହାକୁ ପ୍ରଲୁବ୍ଧ କରନ୍ତି ନାହିଁ, କାରଣ ଈଶ୍ୱର କଦାପି ମନ୍ଦ କର୍ମ କରନ୍ତି ନାହିଁ କିମ୍ବା କାହାକୁ ମନ୍ଦ କର୍ମ କରିବାକୁ ପ୍ରଲୋଭନ ଦେଖାନ୍ତି ନାହିଁ।

୧୪ ମନୁଷ୍ୟ ନିଜର ମନ୍ଦ ଚିନ୍ତା ଓ ଅଭିଳାଷ ଦ୍ୱାରା ପ୍ରଲୋଭନ ଆଡକୁ ଆକୃଷ୍ଟ ହୋଇଥାଏ।

୧୫ ଏହି ସମସ୍ତ ମନ୍ଦ ଚିନ୍ତା ମନ୍ଦ କର୍ମରେ ପରିଣତ ହୁଏ ଏବଂ ପରେ ମୃତ୍ୟୁଦଣ୍ଡ ଆଣେ।

୧୬ ତେଣୁ ଭାଇମାନେ, ଭ୍ରାନ୍ତ ହୁଅ ନାହିଁ।

୧୭ ମାତ୍ର ଯାହା କିଛି ଉତ୍ତମ ଓ ସିଦ୍ଧ, ତାହା ଈଶ୍ୱରଙ୍କଠାରୁ ଆମ୍ଭମାନଙ୍କ ନିକଟକୁ ଆସେ। ସେ ଆଲୋକର ସୃଷ୍ଟିକର୍ତ୍ତା, ଅପରିବର୍ତ୍ତନୀୟ ଓ ଛାୟାବିହୀନ; ସଦା ଜ୍ୟୋତିର୍ମୟ ଅଟନ୍ତି।

୧୮ ତାଙ୍କର ସତ୍ୟବାଣୀ ଦ୍ୱାରା ସେ ଯେଉଁ ଦିନ ଆମ୍ଭମାନଙ୍କୁ ନୂତନ ଜୀବନ ଦାନ କଲେ, ତାହା ତାଙ୍କ ପକ୍ଷେ ଏକ ଆନନ୍ଦର ଦିନ ଏବଂ ଆମ୍ଭେମାନେ ସତେ ଯେପରି ତାଙ୍କର ପରିବାରରେ ପ୍ରଥମ ସନ୍ତାନ ହେଲୁ।

୧୯ ପ୍ରିୟ ଭାଇମାନେ, ଶୁଣିବାରେ ତତ୍ପର ହୁଅ, ଅଳ୍ପ କଥା କୁହ ଓ ହଠାତ୍ କ୍ରୋଧ କର ନାହିଁ।

୨୦ ଈଶ୍ୱର ଯେଉଁ ପ୍ରକାର ଉତ୍ତମତା ଆମ୍ଭମାନଙ୍କଠାରୁ ଆଶା କରନ୍ତି, କ୍ରୋଧ କରିବା ଦ୍ୱାରା ଆମ୍ଭେମାନେ ସେହି ପ୍ରକାର ଉତ୍ତମତା ଲାଭ କରିବାକୁ ଅସମର୍ଥ ହେଉ।

୨୧ ତେଣୁ ତୁମ୍ଭମାନଙ୍କ ଜୀବନରେ ଯାହା କିଛି ପାପ-ଦୋଷ ଅଛି, ସେସମସ୍ତ ତ୍ୟାଗ କର ଏବଂ ଯେଉଁ ଅପୂର୍ବ ବାଣୀ ତୁମ୍ଭମାନଙ୍କ ହୃଦୟରେ ସଂସ୍ଥିତ ହୋଇଛି, ତାହା ନମ୍ରଚିତ୍ତରେ ଗ୍ରହଣ କର। କାରଣ ତାହା ତୁମ୍ଭମାନଙ୍କୁ ପରିତ୍ରାଣ ଦେବାକୁ ସମର୍ଥ।

୨୨ ଏହା ମଧ୍ୟ ମନେରଖ ଯେ ସେହି ବାଣୀ କେବଳ ଶୁଣିବା ନିମନ୍ତେ ନୁହେଁ ମାତ୍ର ପାଳନ କରିବା ନିମନ୍ତେ ଉଦ୍ଦିଷ୍ଟ ତେଣୁ ନିଜକୁ ପ୍ରତାରଣା କରନାହିଁ କାରଣ ଯେଉଁ ବ୍ୟକ୍ତି ସେହି ବାଣୀ କେବଳ ଶୁଣେ ଅଥଚ ପାଳନ କରେ ନାହିଁ, ସେ ଦର୍ପଣରେ ନିଜ ପ୍ରତିବିମ୍ବ ଦେଖିବା ତୁଲ୍ୟ।

୨୪ ଦର୍ପଣ ନିକଟରୁ ଗ୍ଳଲିଯିବା ସଙ୍ଗେ ସଙ୍ଗେ ସେ ଆଉ ନିଜକୁ ଦେଖିପାରେ ନାହିଁ ଓ ସେ ନିଜର ରୂପ ଭୁଲିଯାଏ।

୨୫ କିନ୍ତୁ ମୁକ୍ତିପ୍ରାପ୍ତ ମନୁଷ୍ୟମାନଙ୍କ ନିମନ୍ତେ ଈଶ୍ୱର ଯେଉଁ ନିୟମସମୂହ ଦେଇଛନ୍ତି, ତାହା ପ୍ରତି ଯିଏ ସର୍ବଦା ଲକ୍ଷ୍ୟ ରଖେ, ସେ ଯେ କେବଳ ତାହା ସ୍ମରଣରେ ରଖେ ତାହା ନୁହେଁ, କିନ୍ତୁ ସେ ତାହା ପାଳନ କରେ ଓ ତାହାର ସମସ୍ତ କାର୍ଯ୍ୟରେ ଈଶ୍ୱର ଆଶୀର୍ବାଦ କରନ୍ତି।

୨୬ କେହି ଯେବେ ନିଜକୁ ଖ୍ରୀଷ୍ଟବିଶ୍ୱାସୀ ବୋଲି କହେ ଅଥଚ ନିଜର ତୀକ୍ଷ୍ଣ ଜିହ୍ୱାକୁ ବଶୀଭୂତ କରେ ନାହିଁ ସେ କେବଳ ନିଜକୁ ପ୍ରତାରଣା କରେ ଏବଂ ତାହାର ଧର୍ମର ମୂଲ୍ୟ ନାହିଁ।

୨୭ ଯେଉଁ ଧର୍ମକର୍ମ ପିତା ଈଶ୍ୱରଙ୍କ ଦୃଷ୍ଟିରେ ନିର୍ମଳ ଓ ନିର୍ଦ୍ଦୋଷ ବିବେଚିତ, ତାହା ଏହି : ଅନାଥ ଓ ବିଧବାମାନଙ୍କର ଯତ୍ନ ନେବା ଏବଂ ଜଗତ ସଂସ୍ପର୍ଶରେ ଆସି ମଧ୍ୟ କଳୁଷିତ ନ ହୋଇ ଈଶ୍ୱରଙ୍କଠାରେ ବିଶ୍ୱସ୍ତ ରହିବା।

## ୨ୟ ଅଧ୍ୟାୟ

୧ ପ୍ରିୟ ଭାଇମାନେ, ତୁମ୍ଭେମାନେ ଯଦି ମୁଖାପେକ୍ଷା କରି ଧନୀମାନଙ୍କ ପ୍ରତି ଭଲ ବ୍ୟବହାର କର ଏବଂ ଦରିଦ୍ରମାନଙ୍କୁ ହୀନ ଦୃଷ୍ଟିରେ ଦେଖ, ତେବେ ତୁମ୍ଭେମାନେ ଗୌରବମୟ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ଶିଷ୍ୟ ବୋଲି କିପରି କହି ପାରିବ?

୨, ୩, ୪ ମନେକର, କୌଣସି ବ୍ୟକ୍ତି ମୂଲ୍ୟବାନ ବସ୍ତ୍ର ଓ ସୁନା ମୁଦି ପିନ୍ଧି ତୁମ୍ଭମାନଙ୍କର ମଣ୍ଡଳୀକୁ ଉପାସନା କରିବାକୁ ଆସେ ଓ ସେହି ସମୟରେ ଜଣେ ଦରିଦ୍ର ବ୍ୟକ୍ତି ଜୀର୍ଣ୍ଣଶୀର୍ଣ୍ଣ ବସ୍ତ୍ର ପିନ୍ଧି ସେଠାକୁ ଆସେ ଏବଂ ତୁମ୍ଭେ ଯଦି ଧନୀ ବ୍ୟକ୍ତିକୁ ଅଧିକ ମର୍ଯ୍ୟାଦା ଦେଖାଇ ପ୍ରଧାନ ଆସନ ଦିଅ, ଅଥଚ ଦରିଦ୍ର ବ୍ୟକ୍ତିକୁ କୁହ, "ସେଠାରେ ଠିଆ ହୁଅ, ନଚେତ୍ ଏଠାରେ ତଳେ ବସ", ତାହାହେଲେ ତୁମ୍ଭେ କ'ଣ ଅସତ୍ ଉଦ୍ଦେଶ୍ୟରେ ପାତରଅନ୍ତର ବିଗ୍ଭର କରୁନାହଁ ?

୫ ପ୍ରିୟ ଭାଇମାନେ ଶୁଣ, ଈଶ୍ୱର ଦରିଦ୍ର ଲୋକମାନଙ୍କୁ ବିଶ୍ୱାସରେ ଧନବାନ୍ ହେବାକୁ ମନୋନୀତ କରିଛନ୍ତି ଏବଂ ସ୍ୱର୍ଗରାଜ୍ୟ ସେମାନଙ୍କର, କାରଣ ଯେଉଁମାନେ ତାହାଙ୍କୁ ପ୍ରେମ କରନ୍ତି, ସେମାନଙ୍କୁ ତାହା ଦେବାକୁ ସେ ପ୍ରତିଜ୍ଞା କରିଛନ୍ତି।

୬ ତଥାପି ତୁମ୍ଭମାନେ ଦରିଦ୍ର ଲୋକଙ୍କୁ ତୁଚ୍ଛ କରୁଛ। ସାଧାରଣତଃ ଧନୀ ଲୋକମାନେ ଯେ ତୁମ୍ଭମାନଙ୍କ ଉପରେ ଅତ୍ୟାଗ୍ଭର କରନ୍ତି ଓ ବିଗ୍ଭରାଳୟକୁ ଟାଣି ନିଅନ୍ତି, ଏହା କ'ଣ ତୁମ୍ଭେମାନେ ଜାଣି ନାହଁ।

୭ ଯେଉଁ ଯୀଶୁଖ୍ରୀଷ୍ଟଙ୍କ ମହତ୍ ନାମ ତୁମ୍ଭେମାନେ ଧାରଣ କରିଛ, ସେହି ନାମକୁ ସେମାନେ ଅନେକ ସମୟରେ ଉପହାସ କରନ୍ତି।

୮ 'ତୁମର ପ୍ରତିବାସୀଙ୍କୁ ଆତ୍ମତୁଲ୍ୟ ପ୍ରେମ କର'- ଈଶ୍ୱରଙ୍କ ଏହି ଆଜ୍ଞା ତୁମ୍ଭେମାନେ ଯଦି ପ୍ରକୃତରେ ପାଳନ କରୁଥାଅ, ତେବେ ଅତି ଉତ୍ତମ କଥା।
୯ କିନ୍ତୁ ତୁମ୍ଭେମାନେ ଯେତେବେଳେ ଧନୀ ଲୋକକୁ ଅଧିକ ମର୍ଯ୍ୟାଦା ଦେଖାଇ ପକ୍ଷପାତିତା କରୁଛ, ସେତେବେଳେ ତୁମ୍ଭେମାନେ ପ୍ରଭୁଙ୍କର ଏହି ଆଜ୍ଞା ଲଙ୍ଘନ କରି ପାପ କରୁଛ।

୧୦ କୌଣସି ବ୍ୟକ୍ତି ଈଶ୍ୱରଙ୍କର ସମସ୍ତ ନିୟମ ପାଳନ କରି ସୁଦ୍ଧା ଯଦି ଥରେ ମାତ୍ର ଗୋଟିଏ ନିୟମ ଲଙ୍ଘନ କରେ, ସେହି ବ୍ୟକ୍ତି ସମସ୍ତ ନିୟମ ଲଙ୍ଘନ କରିବା ବ୍ୟକ୍ତି ସଦୃଶ ଦୋଷୀ ହୁଏ।

୧୧ କାରଣ ଯେଉଁ ଈଶ୍ୱର କହିଛନ୍ତି, 'ବ୍ୟଭିଚାର କର ନାହିଁ', ସେ ଏହା ମଧ୍ୟ କହିଛନ୍ତି, 'ନରହତ୍ୟା କର ନାହିଁ'; ତେଣୁ ତୁମ୍ଭେମାନେ ବ୍ୟଭିଚାର ନ କଲେ ସୁଦ୍ଧା ଯଦି ନରହତ୍ୟା କର, ତେବେ ତୁମ୍ଭେମାନେ ଈଶ୍ୱରଙ୍କ ସମସ୍ତ ନିୟମ ଲଙ୍ଘନ କରିଛ ଓ ତାଙ୍କ ଦୃଷ୍ଟିରେ ସମ୍ପୂର୍ଣ୍ଣଭାବେ ଦୋଷୀ।

୧୨ ତୁମ୍ଭେମାନେ ଖ୍ରୀଷ୍ଟଙ୍କର ଇଚ୍ଛା ପାଳନ କରୁଛ କି ନାହିଁ, ତଦନୁସାରେ ବିଚାରିତ ହେବ। ଅତଏବ ତୁମ୍ଭମାନଙ୍କର କାର୍ଯ୍ୟକଳାପ ଓ ଚିନ୍ତାଭାବନାରେ ସାବଧାନ ହୁଅ।

୧୩ କାରଣ ଯେ ଦୟା ପ୍ରଦର୍ଶନ କରି ନାହିଁ, ତାହା ପ୍ରତି ଦୟା ପ୍ରଦର୍ଶନ କରାଯିବ ନାହିଁ। ମାତ୍ର ତୁମ୍ଭେମାନେ ଯଦି ଦୟା ପ୍ରଦର୍ଶନ କରିଥାଅ, ତେବେ ଈଶ୍ୱରଙ୍କ ବିଚାରରେ ତୁମ୍ଭେମାନେ ତାଙ୍କର ଦୟା ଲାଭ କରିବ।

## ସତ୍‌କର୍ମ ବିନା ବିଶ୍ୱାସ ନିରର୍ଥକ

୧୪ ପ୍ରିୟ ଭାଇମାନେ, ତୁମ୍ଭମାନଙ୍କର ବିଶ୍ୱାସ ଅଛି ବୋଲି ତୁମ୍ଭେମାନେ ଯଦି କହୁଛ, କିନ୍ତୁ ଅନ୍ୟମାନଙ୍କର ଉପକାର କରି ତାହା କାର୍ଯ୍ୟରେ ପ୍ରକାଶ କରୁନାହଁ, ତେବେ ସେପରି କହିବାରେ କି ଲାଭ? ସେପ୍ରକାର ବିଶ୍ୱାସ କ'ଣ ତାହାକୁ ରକ୍ଷା କରିପାରେ?

୧୫, ୧୬ ଯଦି ତୁମର କୌଣସି ବିଶ୍ୱାସି ବନ୍ଧୁର ଖାଦ୍ୟ ଓ ବସ୍ତ୍ରର ଅଭାବ ଥାଏ ଏବଂ ତୁମେ ତାକୁ କୁହ, "ଈଶ୍ୱର ତୁମର ମଙ୍ଗଳ କରନ୍ତୁ, ଖାଇପିଇ ଆରାମ କର", ଅଥଚ ତୁମେ ତାକୁ ଖାଦ୍ୟ ବା ବସ୍ତ୍ର ଦିଅ ନାହିଁ, ତେବେ ସେଥିରେ କି ଲାଭ?

୧୭ ତେଣୁ କେବଳ ବିଶ୍ୱାସ ଥିବା ଯଥେଷ୍ଟ ନୁହେଁ। ବିଶ୍ୱାସ ଯଦି ସତ୍‌କର୍ମରେ ପ୍ରକାଶିତ ନ ହୁଏ, ତେବେ ତାହା ମୃତ ଓ ନିରର୍ଥକ।

୧୮ ଏ ବିଷୟରେ ଯୁକ୍ତି କରୁଥିବା ଲୋକଙ୍କୁ ଏହିପରି କୁହାଯାଇପାରେ, "ତୁମେ କହୁଛ, ତୁମର ବିଶ୍ୱାସ ଅଛି ଏବଂ ମୋର ସତ୍‌କର୍ମ ଅଛି। ମୁଁ ମୋର ସତ୍‌କର୍ମ ଦ୍ୱାରା ପ୍ରମାଣ କରିବି ଯେ ମୋର ବିଶ୍ୱାସ ଅଛି ଏବଂ ତୁମେ ସତ୍‌କର୍ମ ବିନା ତୁମର ବିଶ୍ୱାସ ଅଛି ବୋଲୀ ପ୍ରମାଣ ଦିଅ।"

୧୯ ତୁମ୍ଭମାନଙ୍କ ମଧ୍ୟରେ କ'ଣ ଏପରି ଲୋକ ଅଛନ୍ତି, ଯେଉଁମାନେ ମନେ କରନ୍ତି ଯେ କେବଳ ବିଶ୍ୱାସ ଥିବା ଯଥେଷ୍ଟ? ଈଶ୍ୱର ଏକ, ତୁମେ କଣ ଏହା ବିଶ୍ୱାସ କର? ଭଲ କଥା। ଭୂତାତ୍ମାମାନେ ମଧ୍ୟ ତାହା ବିଶ୍ୱାସ କରନ୍ତି ଓ ଭୟରେ ଥରହର ହୁଅନ୍ତି।

୨୦ ହେ ନିର୍ବୋଧ! ଈଶ୍ୱରଙ୍କ ଇଚ୍ଛାମତ କର୍ମ ନ କରି କେବଳ ବିଶ୍ୱାସ କରିବା ଯେ ନିରର୍ଥକ, ଏ କଥା ତୁମ୍ଭେମାନେ କେବେ ଶିଖିବ ? ସତ୍‌କର୍ମବିହୀନ ବିଶ୍ୱାସ ନିଷ୍ଫଳ।

୨୧ ଆମ୍ଭମାନଙ୍କର ପିତୃପୁରୁଷ ଅବ୍ରାହାମ ଈଶ୍ୱରଙ୍କର ଇଚ୍ଛା ପାଳନ କରିବା ନିମନ୍ତେ ନିଜ ପୁତ୍ର ଇସ୍‌ହାକଙ୍କୁ ବଳି ଦେବାକୁ ସୁଦ୍ଧା ପଶ୍ଚାତ୍‌ପଦ ହୋଇ ନ ଥିଲେ। ତଦ୍ୱାରା ସେ ଧାର୍ମିକ ଗଣ୍ୟ ହୋଇଥିଲେ।

୨୨ ତେଣୁ ତୁମ୍ଭେମାନେ ବୁଝିପାରିବ ଯେ ଈଶ୍ୱରଙ୍କଠାରେ ଅବ୍ରହାମଙ୍କର ବିଶ୍ୱାସ ଏତେ ପ୍ରଗାଢ଼ ଥିଲା ଯେ ଈଶ୍ୱର ତାଙ୍କୁ ଯାହା କହିଲେ, ସେ ତାହା କରିବାକୁ କୁଣ୍ଠିତ ହୋଇ ନ ଥିଲେ। ଉତ୍ତମ କାର୍ଯ୍ୟ ଦ୍ୱାରା ତାଙ୍କର ବିଶ୍ୱାସ ପୂର୍ଣ୍ଣତା ଲାଭ କରିଥିଲା।

୨୩ ସେଥିପାଇଁ ଧର୍ମଶାସ୍ତ୍ରରେ ଯାହା ଲିଖିତ ହୋଇଛି, ତାହାର ତାତ୍ପର୍ଯ୍ୟ ଏହି ଯେ ଅବ୍ରହାମ ଈଶ୍ୱରଙ୍କଠାରେ ବିଶ୍ୱାସ କରିବା ଦ୍ୱାରା ଈଶ୍ୱରଙ୍କ ଦୃଷ୍ଟିରେ ଧାର୍ମିକ ଗଣ୍ୟ ହେଲେ, ଏପରି କି ସେ ଈଶ୍ୱରଙ୍କ ବନ୍ଧୁ ବୋଲି ପରିଚିତ ହେଲେ।

୨୪ ତେଣୁ ତୁମ୍ଭେମାନେ ଏଥିରୁ ବୁଝି ପାରିବ ଯେ ମନୁଷ୍ୟ ଆପଣା କର୍ମ ତଥା ବିଶ୍ୱାସ ଦ୍ୱାରା ଧାର୍ମିକ ଗଣ୍ୟ ହୁଏ, କେବଳ ବିଶ୍ୱାସ ଦ୍ୱାରା ହୁଏ ନାହିଁ।

୨୫ ବେଶ୍ୟା ରାହାବ ଏହାର ଅନ୍ୟ ଏକ ଉଦାହରଣ। ସେ ଯାହା କରିଥିଲେ, ତାହା ଦ୍ୱାରା ସେ ଉଦ୍ଧାର ପାଇଥିଲେ। ସେ ବାର୍ତ୍ତାବହମାନଙ୍କୁ ଲୁଚାଇ ରଖି ଅନ୍ୟ ଏକ ପଥ ଦେଇ ନିରାପଦରେ ପଠାଇ ଦେଇଥିଲେ।

୨୬ ଆତ୍ମା ବିନା ଶରୀର ଯେପରି ମୃତ, ସତ୍‌କର୍ମ ବିନା ବିଶ୍ୱାସ ସେହିପରି ମୃତ।

## ଅନାୟତ୍ତ ଜିହ୍ୱାର ଧ୍ୱଂସକାରୀ ଶକ୍ତି

## ଅଧ୍ୟାୟ ୩

୧ ପ୍ରିୟ ଭାଇମାନେ, ଅନ୍ୟମାନଙ୍କ ଦୋଷ ଦର୍ଶାଇବାରେ ତତ୍‌ପର ହୁଅ ନାହିଁ। କାରଣ ଆମ୍ଭେମାନେ ସମସ୍ତେ ଦୋଷ କରିଥାଉ ଏବଂ ଧର୍ମଗୁରୁ ରୂପେ ଆମ୍ଭେମାନେ ଯଦି ଦୋଷ କରୁ, ତେବେ ଅନ୍ୟମାନଙ୍କ ଅପେକ୍ଷା ଆମ୍ଭମାନଙ୍କର ଦଣ୍ଡ ଗୁରୁତର ହେବ। ଯେ ନିଜର ଜିହ୍ୱାକୁ ଆୟତ୍ତ କରିପାରେ, ସେ ଅନ୍ୟସମସ୍ତ ବିଷୟରେ ନିଜକୁ ଆୟତ୍ତ କରିପାରେ।

୩ ଆମ୍ଭେମାନେ ଅଶ୍ୱ ତୁଣ୍ଡରେ ଲଗାମ ଦେଇ ତାହାକୁ ଯେଉଁଆଡ଼େ ଇଚ୍ଛା ସେହିଆଡ଼େ ଚଳାଇ ପାରୁ।

୪ ଏକ ପ୍ରକାଣ୍ଡ ଜାହାଜର ଚାଳକ କ୍ଷୁଦ୍ର ମଙ୍ଗ ସାହାଯ୍ୟରେ ପ୍ରବଳ ପବନ ବହୁଥିବା ସତ୍ତ୍ୱେ ଜାହାଜକୁ ଯେଉଁଆଡ଼େ ଇଚ୍ଛା, ସେହିଆଡ଼େ ଚଳାଇ ନେଇପାରେ।

୫ ଠିକ୍ ସେହିପରି ଜିହ୍ୱା ଏକ କ୍ଷୁଦ୍ର ଅଙ୍ଗ, କିନ୍ତୁ ଏହା କି କ୍ଷତି କରି ନ ପାରେ ! ସାମାନ୍ୟ ଏକ ଅଗ୍ନି ସ୍ଫୁଲିଙ୍ଗ ଦ୍ୱାରା କେତେ ବଡ଼ ଅରଣ୍ୟ ଜଳି ନ ଯାଏ !

୬ ଜିହ୍ୱା ଅଗ୍ନିଶିଖା ତୁଲ୍ୟ, ଏହା ମନ୍ଦତାରେ ପରିପୂର୍ଣ୍ଣ ଏବଂ ସମଗ୍ର ଶରୀରକୁ ବିଷାକ୍ତ କରେ। ଜିହ୍ୱା ନରକର ଅଗ୍ନି ଦ୍ୱାରା ପ୍ରଜ୍ଜ୍ୱଳିତ ହୋଇ ଆମ୍ଭମାନଙ୍କର ସମୂହ ଜୀବନକୁ ପୋଡ଼ି ଛାରଖାର କରେ।

୭ ମନୁଷ୍ୟ ସବୁ ପ୍ରକାର ପଶୁ, ପକ୍ଷୀ, ସରିସୃପ ଓ ମତ୍ସ୍ୟକୁ ବଶ କରିଛି ଓ କରିପାରେ।

୮ କିନ୍ତୁ ମନୁଷ୍ୟ ଜିହ୍ୱାକୁ ବଶ କରିପାରେ ନାହିଁ। ଜିହ୍ୱା ତାହାର ମାରାତ୍ମକ ବିଷ ଉଦ୍‌ଗାର କରିବାକୁ ସଦା ପ୍ରସ୍ତୁତ।

୯ କେବେ କେବେ ଏହା ଆମ୍ଭମାନଙ୍କର ସ୍ୱର୍ଗସ୍ଥ ପିତାଙ୍କର ପ୍ରଶଂସା କରେ ଏବଂ କେବେ କେବେ ଈଶ୍ୱରଙ୍କ ସାଦୃଶ୍ୟରେ ସୃଷ୍ଟ ମନୁଷ୍ୟ ବିରୁଦ୍ଧରେ ଅଭିଶାପ ଉଦ୍‌ଗାର କରେ।

୧୦ ଆଶୀର୍ବାଦ ଓ ଅଭିଶାପ, ଗୋଟିଏ ମୁଖରୁ ନିର୍ଗତ ହୁଏ। ପ୍ରିୟ ଭାଇମାନେ, ଏପରି ହେବା ଆଦୌ ଉଚିତ୍ ନୁହେଁ !

୧୧ ଗୋଟିଏ ଝରଣାରୁ କ'ଣ ମଧୁର ଜଳ ଓ ତିକ୍ତ ଜଳ ନିର୍ଗତ ହୁଏ ?

୧୨ ଭାଇମାନେ, ଡିମ୍ବିରି ବୃକ୍ଷରେ ଅଲିଭ୍ ଫଳେ ନାହିଁ ବା ଅଙ୍ଗୁର ଲତାରେ ଡିମ୍ବିରି ଫଳେ ନାହିଁ; କିମ୍ବା ଲବଣାକ୍ତ ଜଳାଶୟରୁ ମଧୁର ଜଳ ମିଳେ ନାହିଁ।

## ଊର୍ଦ୍ଧ୍ୱରୁ ଆଗତ ବୁଦ୍ଧି

୧୩ ତୁମ୍ଭେମାନେ ଯଦି ବୁଦ୍ଧିମାନ୍, ତେବେ ସର୍ବଦା ସତ୍‌ଜୀବନ ଯାପନ କର; ତାହାହେଲେ ତୁମ୍ଭମାନଙ୍କ ଜୀବନରେ କେବଳ ଉତ୍ତମ କର୍ମ ପ୍ରକାଶିତ ହେବ। ଆଉ, ତୁମ୍ଭେମାନେ ଯଦି ଆପଣା ଆପଣା କର୍ମ ବିଷୟରେ ଗର୍ବ ନ କର, ତାହାହେଲେ ତୁମ୍ଭେମାନେ ପ୍ରକୃତରେ ବୁଦ୍ଧିମାନ୍ !

୧୪ ତୁମ୍ଭମାନଙ୍କ ମନରେ ଯଦି ତିକ୍ତଭାବ ଥାଏ ଓ ତୁମ୍ଭେମାନେ ଯଦି ଈର୍ଷାପରାୟଣ ଓ ସ୍ୱାର୍ଥପର ହୋଇଥାଅ, ତାହାହେଲେ ତୁମ୍ଭେମାନେ ବୁଦ୍ଧିମାନ ଓ ଧାର୍ମିକ ବୋଲି ଗର୍ବ କରନାହିଁ କାରଣ ତାହା ସବୁଠାରୁ ବଡ଼ ମିଥ୍ୟାକଥା ହେବ।

୧୫ ଏ ପ୍ରକାର 'ବୁଦ୍ଧି' ଊର୍ଦ୍ଧ୍ୱରୁ ଆଗତ ନୁହେଁ, ଏହା ସାଂସାରିକ, ପାଶବିକ ଏବଂ ଶୟତାନ ପ୍ରଣୋଦିତ।

୧୬ କାରଣ ଯେଉଁଠାରେ ଈର୍ଷା ବା ସ୍ୱାର୍ଥପରତା ଥାଏ, ସେଠାରେ ବିଶୃଙ୍ଖଳା

ଓ ସମସ୍ତ ପ୍ରକାର ମନ୍ଦତା ଥାଏ।

୧୭ କିନ୍ତୁ ଯେଉଁ ବୁଦ୍ଧି ସ୍ୱର୍ଗରୁ ଆଗତ, ତାହା ମୁଖ୍ୟତଃ ନିର୍ମଳ। ଆହୁରି ମଧ୍ୟ ଏହା ଶାନ୍ତିପ୍ରିୟ, ସୁଶୀଳ ଓ ବନ୍ଧୁଭାବାପନ୍ନ; ଏହା ଦୟାପୂର୍ଣ୍ଣ ଏବଂ ସତ୍‌କର୍ମର ଉତ୍ପାଦକ; ଏହା ନିରପେକ୍ଷ ଓ ନିଷ୍କପଟ।

୧୮ ଯେଉଁମାନେ ଶାନ୍ତିପ୍ରିୟ, ସେମାନେ ଶାନ୍ତିର ବିହନ ବୁଣିବେ ଓ ଉତ୍ତମତାର ଫସଲ ଅମଳ କରିବେ।

## ଜଗତ ସହ ମିତ୍ରତା, ଈଶ୍ୱରଙ୍କ ସହ ଶତ୍ରୁତା

## ଅଧ୍ୟାୟ ୪

୧ ତୁମ୍ଭମାନଙ୍କ ମଧ୍ୟରେ କେଉଁ କାରଣରୁ ବିବାଦ ଓ ସଂଘର୍ଷ ଘଟୁଛି ? ତୁମ୍ଭମାନଙ୍କ ଅନ୍ତରରେ କୁଅଭିଳାଷର ଯେଉଁ ସଂଘର୍ଷ ଲାଗିଛି, ଏହା ତହିଁର କାରଣ ନୁହେଁ କି ?

୨ ତୁମ୍ଭମାନଙ୍କର ଯାହା ନାହିଁ, ତାହା ପାଇବାକୁ ତୁମ୍ଭେମାନେ ଲୋଭ କରିଥାଅ ଏବଂ ତାହା ପାଇବା ନିମନ୍ତେ ହତ୍ୟା ମଧ୍ୟ କରିଥାଅ। ଅନ୍ୟମାନଙ୍କର ଯାହା ଅଛି, ତାହା ପାଇବାକୁ ତୁମ୍ଭେମାନେ ଲାଳାୟିତ ହୋଇ ପାଇବାକୁ ଅକ୍ଷମ ହେବାରୁ ବିବାଦ ଓ ଲଢେଇ କରିଥାଅ। କିନ୍ତୁ ତାହା ନ ପାଇବାର କାରଣ ହେଉଛି, ତୁମ୍ଭେମାନେ ଈଶ୍ୱରଙ୍କୁ ମାଗି ନ ଥାଅ।

୩ ପୁଣି, ତୁମ୍ଭେମାନେ ଯେତେବେଳେ ମାଗ, ତୁମ୍ଭମାନଙ୍କର ଉଦ୍ଦେଶ୍ୟ ମନ୍ଦ ହୋଇଥିବାକୁ ଏବଂ କେବଳ ସୁଖାଭିଳାଷ ନିମନ୍ତେ ମାଗିବାକୁ ତାହା ପାଇ ନ ଥାଅ।

୪ ତୁମ୍ଭେମାନେ ଅବିଶ୍ୱସ୍ତା ସ୍ତ୍ରୀ ତୁଲ୍ୟ, ଯେ କି ନିଜ ସ୍ୱାମୀର ଶତ୍ରୁମାନଙ୍କୁ ପ୍ରେମ କରେ। ତୁମ୍ଭେମାନେ କ'ଣ ବୁଝୁନାହଁ ଯେ ଈଶ୍ୱରଙ୍କ ଶତ୍ରୁମାନଙ୍କ ସଙ୍ଗେ ଅର୍ଥାତ୍ ଏହି ଜଗତର ସୁଖସମ୍ଭୋଗ ସଙ୍ଗେ ବନ୍ଧୁତ୍ୱ ସ୍ଥାପନ କରିବା ଦ୍ୱାରା ତୁମ୍ଭେମାନେ ଈଶ୍ୱରଙ୍କ ଶତ୍ରୁ ହୋଇଥାଅ ? ମୁଁ ତୁମ୍ଭମାନଙ୍କୁ ପୁନର୍ବାର କହେ, ଏହି ପରିତ୍ରାଣବିହୀନ ଜଗତର ମନ୍ଦ ଆମୋଦ ପ୍ରମୋଦ ଉପଭୋଗ କରିବା ଯଦି ତୁମ୍ଭମାନଙ୍କର ଲକ୍ଷ୍ୟ ହୁଏ, ତେବେ ତୁମ୍ଭେମାନେ ଈଶ୍ୱରଙ୍କର ବନ୍ଧୁ ହୋଇ ପାରିବ ନାହିଁ।

୫ ତୁମ୍ଭେମାନେ କ'ଣ ମନେକର ଯେ ଧର୍ମଶାସ୍ତ୍ରରେ ଅକାରଣେ ଏହିପରି ଲିଖିତ ହୋଇଛି-ଈଶ୍ୱର ଆମ ଅନ୍ତରରେ ଯେଉଁ ପବିତ୍ରଆତ୍ମାଙ୍କୁ ବାସ କରିବାକୁ ପ୍ରେରଣ କରିଛନ୍ତି, ସେ ଆମ୍ଭମାନଙ୍କୁ କେବଳ ନିଜ ନିମନ୍ତେ ପାଇବାକୁ ଆକାଂକ୍ଷା କରନ୍ତି ?

୬ କୁଅଭିଳାଷର ପ୍ରତିରୋଧ କରିବା ନିମନ୍ତେ ସେ ଆମ୍ଭମାନଙ୍କୁ ଅଧିକରୁ ଅଧିକ ଶକ୍ତି ଦାନ କରନ୍ତି। କାରଣ ଧର୍ମଶାସ୍ତ୍ରରେ ଲେଖାଅଛି, ଈଶ୍ୱର ନମ୍ର ମନୁଷ୍ୟକୁ ଶକ୍ତି ଦାନ କରନ୍ତି, କିନ୍ତୁ ଗର୍ବୀ ଓ ଉଦ୍ଧତ ମନୁଷ୍ୟର ପ୍ରତିରୋଧ କରନ୍ତି।

୭ ତେଣୁ ନମ୍ର ଭାବରେ ନିଜ ନିଜକୁ ଈଶ୍ୱରଙ୍କ ନିକଟରେ ସମର୍ପଣ କର। ଶୟତାନର ପ୍ରତିରୋଧ କର ଏବଂ ସେ ତୁମ୍ଭମାନଙ୍କ ନିକଟରୁ ପଳାୟନ କରିବ।

୮ ଈଶ୍ୱରଙ୍କ ନିକଟବର୍ତ୍ତୀ ହୁଅ, ତାହାହେଲେ ଈଶ୍ୱର ତୁମ୍ଭମାନଙ୍କର ନିକଟବର୍ତ୍ତୀ ହେବେ। ହେ ଅଧାର୍ମିକମାନେ, ତୁମ୍ଭମାନଙ୍କର ହସ୍ତ ପ୍ରକ୍ଷାଳନ କର; ହେ କପଟାଚାରୀମାନେ, ତୁମ୍ଭମାନଙ୍କ ହୃଦୟ ପବିତ୍ର କର।

୯ ତୁମ୍ଭେମାନେ ଯେଉଁ ସମସ୍ତ ଅଧର୍ମ କରିଛ, ସେଥିନିମନ୍ତେ ଅଶ୍ରୁପାତ କରି ଗଭୀର ଦୁଃଖ ଓ ଶୋକ ପ୍ରକାଶ କର। ହର୍ଷ ପରିବର୍ତ୍ତେ ବିଷାଦ ଏବଂ ଆନନ୍ଦ ପରିବର୍ତ୍ତେ ଦୁଃଖ ପ୍ରକାଶ ପାଉ।

୧୦ ଆଉ, ଯେତେବେଳେ ତୁମ୍ଭେମାନେ ପ୍ରଭୁଙ୍କ ସମ୍ମୁଖରେ ନିଜ ନିଜର ଅଯୋଗ୍ୟତା ଉପଲବ୍ଧି କରିବ, ସେ ତୁମ୍ଭମାନଙ୍କୁ ଉନ୍ନତ, ଉତ୍ପାଦିତ ଓ ସାହାଯ୍ୟ କରିବେ।

୧୧ ପ୍ରିୟ ଭାଇମାନେ, ତୁମ୍ଭେମାନେ ପରସ୍ପରର ସମାଲୋଚନା ଓ ନିନ୍ଦା କର ନାହିଁ। ତାହା କରିବା ଦ୍ୱାରା ତୁମ୍ଭେମାନେ 'ପରସ୍ପରକୁ ପ୍ରେମ କର' ବୋଲି ଈଶ୍ୱରଙ୍କ ଏହି ବିଧିବ୍ୟବସ୍ଥାର ସମାଲୋଚନା ଓ ନିନ୍ଦା କରିଥାଅ। ଈଶ୍ୱରଙ୍କ ବିଧିବ୍ୟବସ୍ଥାର ନିନ୍ଦା ବା ବିଗ୍ଚର କରିବା ତୁମ୍ଭମାନଙ୍କର କର୍ତ୍ତବ୍ୟ ନୁହେଁ; ତାହା ପାଳନ କରିବା କର୍ତ୍ତବ୍ୟ।

୧୨ ଯେ ବିଧିବ୍ୟବସ୍ଥା ପ୍ରଦାନ କରିଛନ୍ତି, କେବଳ ସେ ଆମ୍ଭମାନଙ୍କର ବିଗ୍ଚର କରିପାରିବେ, ଆମ୍ଭମାନଙ୍କୁ ଉଦ୍ଧାର ବା ବିନାଶ କରିବା ନିଷ୍ପତ୍ତି କେବଳ ସେ କରିପାରନ୍ତି। ତେଣୁ ଅନ୍ୟର ବିଗ୍ଚର ବା ସମାଲୋଚନା କରିବାକୁ ତୁମ୍ଭମାନଙ୍କର କି ଅଧିକାର ଅଛି?

୧୩ ତୁମ୍ଭମାନଙ୍କ ମଧ୍ୟରୁ ଯେଉଁମାନେ କହନ୍ତି, ''ଆଜି ବା କାଲି ଆମ୍ଭେମାନେ ଅମୁକ ନଗରକୁ ଯାତ୍ରା କରି ସେଠାରେ ଏକ ବର୍ଷ ରହି ଲାଭଜନକ ବ୍ୟବସାୟ ଆରମ୍ଭ କରିବୁ'', ସେମାନେ ମନଦେଇ ଶୁଣନ୍ତୁ !

୧୪ କାଲି କ'ଣ ଘଟିବ, ତାହା କ'ଣ ତୁମ୍ଭେମାନେ ଜାଣ? କାରଣ ତୁମ୍ଭମାନଙ୍କ ଜୀବନ ସକାଳର କୁହୁଡ଼ି ପରି ଅନିଶ୍ଚିତ - ତାହା କ୍ଷଣକାଳ ପାଇଁ ଦେଖାଯାଇ ଶୀଘ୍ର ଉଭେଇଯାଏ।

୧୫ ଅତଏବ ତୁମ୍ଭମାନଙ୍କର ଏହିପରି କହିବା ଉଚିତ୍, ''ଯଦି ଈଶ୍ୱରଙ୍କର ଇଚ୍ଛା ଥାଏ, ତେବେ ଆମ୍ଭେମାନେ ବଞ୍ଚି ଅମୁକ ଅମୁକ ବିଷୟ କରିବୁ।''

୧୬ ନୋହିଲେ ତୁମ୍ଭେମାନେ କେବଳ ନିଜ ନିଜର କଳ୍ପନାଜଳ୍ପନା ନେଇ ଗର୍ବ କରିବ ଏବଂ ଏହିପ୍ରକାର ଆତ୍ମଗର୍ବ ଈଶ୍ୱରଙ୍କ ସନ୍ତୋଷଜନକ ନୁହେଁ।

୧୭ ଏହା ମଧ୍ୟ ସ୍ମରଣରେ ରଖ ଯେ ଯାହା କରିବା ଉଚିତ, ତାହା ଜାଣି ସୁଦ୍ଧା ନ କରିବା ପାପ।

## ସ୍ୱାର୍ଥପର ଧନୀମାନଙ୍କୁ ଚେତନାବାଣୀ

## ଅଧ୍ୟାୟ ୫

୧ ହେ ଧନୀମାନେ ଶୁଣ, ତୁମ୍ଭମାନଙ୍କ ପ୍ରତି ଯେଉଁ ଭୟଙ୍କର ବିପଦ ଆସୁଛି, ସେଥିନିମନ୍ତେ ଶୋକ ଓ ବିଳାପ କର।

୨ ତୁମ୍ଭମାନଙ୍କର ଧନସମ୍ପତ୍ତି ବର୍ତ୍ତମାନ ସୁଦ୍ଧା କ୍ଷୟ ପାଉଛି ଏବଂ ତୁମ୍ଭମାନଙ୍କର ବହୁମୂଲ୍ୟ ବସ୍ତ୍ରାଦି କୀଟ ନଷ୍ଟ କରୁଛି।

୩ ତୁମ୍ଭମାନଙ୍କ ସ୍ୱର୍ଣ୍ଣ ଓ ରୌପ୍ୟର ମୂଲ୍ୟ ହ୍ରାସ ପାଇବାରେ ଲାଗିଛି, ତଥାପି ସେହିସବୁ ତୁମ୍ଭମାନଙ୍କ ବିରୁଦ୍ଧରେ ସାକ୍ଷ୍ୟ ସ୍ୱରୂପ ହେବ ଏବଂ ଅଗ୍ନି ପରି ତୁମ୍ଭମାନଙ୍କର ଶରୀରକୁ ଗ୍ରାସ କରିବ। ମହାବିଗ୍ଚର ଦିନରେ ତୁମ୍ଭେମାନେ ଏହା ହିଁ ନିଜ ନିମନ୍ତେ ସଞ୍ଚୟ କରିଛ।

୪ କାରଣ କ୍ଷେତର ଯେଉଁ ଶ୍ରମିକମାନଙ୍କୁ ତୁମ୍ଭେମାନେ ସେମାନଙ୍କ ନ୍ୟାଯ୍ୟ ପ୍ରାପ୍ୟରୁ ବଞ୍ଚିତ କରିଛ, ସେମାନେ କିପରି ବିଳାପ କରୁଛନ୍ତି, ତାହା ଶୁଣ ସେମାନଙ୍କର ବିଳାପ ସର୍ବଶକ୍ତିମାନ ପ୍ରଭୁଙ୍କ କର୍ଣ୍ଣଗୋଚର ହୋଇଛି।

୫ ତୁମ୍ଭେମାନେ ଏ ଜଗତରେ ଭୋଗବିଳାସରେ ରହି ହୃଦୟର ସମସ୍ତ ଅଭିଳାଷକୁ ଚରିତାର୍ଥ କରି ନିଜ ନିଜ ଜୀବନ ଅତିବାହିତ କରିଛ ଏବଂ ବର୍ତ୍ତମାନ ତୁମ୍ଭେମାନେ ବଧ ହେବା ନିମନ୍ତେ ପ୍ରସ୍ତୁତ ହୋଇଛ।

୬ ଯେଉଁମାନେ ତୁମ୍ଭମାନଙ୍କୁ ବାଧା ଦେବାକୁ ଶକ୍ତିହୀନ ଥିଲେ, ତୁମ୍ଭେମାନେ ଏପରି ନିର୍ଦ୍ଦୋଷ ଲୋକମାନଙ୍କର ଦଣ୍ଡବିଧାନ କରି ହତ୍ୟା କରିଛ।

୭ ପ୍ରିୟ ଭାଇମାନେ, କୃଷକ ଯେପରି ତାହାର ଫସଲ ପାଚିବାକୁ ପୌଷମାସ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ଅପେକ୍ଷା କରେ, ତୁମ୍ଭେମାନେ ସେହିପରି ପ୍ରଭୁଙ୍କର ପୁନରାଗମନ ନିମନ୍ତେ ଧୈର୍ଯ୍ୟ ସହକାରେ ଅପେକ୍ଷା କର।

୮ ହଁ, ଅପେକ୍ଷା କର ଏବଂ ଦମ୍ଭ ଧର କାରଣ ପ୍ରଭୁଙ୍କର ଆଗମନ ସନ୍ନିକଟ।

୯ ଭାଇମାନେ, ପରସ୍ପର ଉପରେ ଦୋଷାରୋପ କର ନାହିଁ। ତୁମର କ'ଣ ନିଜର ଦୋଷତ୍ରୁଟି ନାହିଁ ? କାରଣ ଦେଖ ! ମହାବିଗ୍ଚରକର୍ତ୍ତା ଆସୁଛନ୍ତି, ସେ ଏଠାରେ ଉପସ୍ଥିତପ୍ରାୟ। [ସେ ସମସ୍ତ ବିଷୟ ବିଗ୍ଚର କରନ୍ତୁ।

୧୦ ଦୁଃଖକ୍ଲେଶରେ ଧୈର୍ଯ୍ୟର ପ୍ରତୀକ ପ୍ରଭୁଙ୍କ ଭାବବାଦୀମାନଙ୍କୁ ଲକ୍ଷ୍ୟ କର।

୧୧ ଆମ୍ଭେମାନେ ଜାଣୁ ଯେ ସେମାନେ ସେ ସମୟରେ ବହୁ ନିର୍ଯ୍ୟାତନା

ସତ୍ତ୍ୱେ ତାଙ୍କଠାରେ ବିଶ୍ୱସ୍ତ ରହିଥିବାରୁ ବର୍ତ୍ତମାନ ସୁଖୀ । ଆୟୁବ ଦୁଃଖ କାଳରେ ପ୍ରଭୁଙ୍କଠାରେ କିପରି ଭରସା ରଖିଥିଲେ, ସେ ବିଷୟ ତୁମ୍ଭେମାନେ ଜାଣ । ତାଙ୍କ ଦୃଷ୍ଟାନ୍ତରୁ ଆମ୍ଭେମାନେ ଦେଖିପାରୁ ଯେ ଅବଶେଷରେ ତାଙ୍କ ପ୍ରତି ପ୍ରଭୁଙ୍କର ସଂକଳ୍ପ ମଙ୍ଗଳଜନକ ହୋଇଥିଲା । କାରଣ ପ୍ରଭୁ ଦୟା ଓ ଅନୁକମ୍ପାରେ ପୂର୍ଣ୍ଣ ଅଟନ୍ତି ।

୧୨ ପ୍ରିୟ ଭାଇମାନେ, ବିଶେଷରେ ରାଣ ପକାଅ ନାହିଁ-ସ୍ୱର୍ଗ, ପୃଥିବୀ ବା ଅନ୍ୟ କୌଣସି ନାମରେ ରାଣ ପକାଅ ନାହିଁ । କେବଳ 'ହଁ' ବା 'ନାହିଁ' କୁହ, ତାହାହେଲେ ତୁମ୍ଭେମାନେ ସେହି ପାପ ଯୋଗୁଁ ଦଣ୍ଡନୀୟ ହେବ ନାହିଁ ।

**ପ୍ରାର୍ଥନାର ଶକ୍ତି**

୧୩ ତୁମ୍ଭମାନଙ୍କ ମଧ୍ୟରୁ କେହି କ'ଣ ଦୁଃଖଦୁର୍ଦ୍ଦଶାରେ ଅଛି ? ତାହାହେଲେ, ସେ ନିରନ୍ତର ପ୍ରାର୍ଥନା କରୁ । କେହି କ'ଣ ସୁଖ ଆନନ୍ଦରେ ଅଛି ? ତେବେ ସେ ନିରନ୍ତର ପ୍ରଭୁଙ୍କ ସ୍ତୁତି ଗାନ କରୁ ।

୧୪ ତୁମ୍ଭମାନଙ୍କ ମଧ୍ୟରୁ କେହି କ'ଣ ପୀଡ଼ିତ ଅଛି ? ସେ ମଣ୍ଡଳୀର ଅଧ୍ୟକ୍ଷମାନଙ୍କୁ ଡାକୁ । ସେମାନେ ପ୍ରଭୁଙ୍କ ନାମରେ ତୈଳ ମଖାଇ ତାହାର ଆରୋଗ୍ୟତା ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧୫ ଆଉ, ସେମାନଙ୍କର ପ୍ରାର୍ଥନା ଯଦି ବିଶ୍ୱାସ ସହକାରେ ହୁଏ, ତେବେ ପ୍ରଭୁ ତାହାକୁ ସୁସ୍ଥ କରିବେ । ତାହାର ରୋଗ ଯଦି କୌଣସି ପାପ ହେତୁ ହୋଇଥାଏ, ତେବେ ପ୍ରଭୁ ତାହାକୁ କ୍ଷମା କରିବେ ।

୧୬ ତୁମ୍ଭେମାନେ ପରସ୍ପର ନିକଟରେ ଆପଣା ଆପଣା ଦୋଷ ସ୍ୱୀକାର କର ଏବଂ ସୁସ୍ଥ ହେବା ପାଇଁ ପରସ୍ପର ନିମନ୍ତେ ପ୍ରାର୍ଥନା କର । ଧାର୍ମିକ ବ୍ୟକ୍ତିର ଆନ୍ତରିକ ପ୍ରାର୍ଥନାରେ ମହାନ୍ ଶକ୍ତି ନିହିତ ଅଛି ଏବଂ ତାହା ଆଶ୍ଚର୍ଯ୍ୟଜନକ କାର୍ଯ୍ୟ ସାଧନ କରେ ।

୧୭ ଏଲୀୟ ଆମ୍ଭମାନଙ୍କ ପରି ମନୁଷ୍ୟ ଥିଲେ ତଥାପି ସେ ଯେତେବେଳେ ବୃଷ୍ଟି ନ ହେବା ନିମନ୍ତେ ଆନ୍ତରିକଭାବେ ପ୍ରାର୍ଥନା କଲେ, ପରବର୍ତ୍ତୀ ସାଢ଼େ ତିନିବର୍ଷ ଆଦୌ ବୃଷ୍ଟି ହେଲା ନାହିଁ !

୧୮ ଏହାପରେ ସେ ବୃଷ୍ଟି ହେବା ନିମନ୍ତେ ପୁନର୍ବାର ପ୍ରାର୍ଥନା କଲେ ଏବଂ ବୃଷ୍ଟି ହେଲା ; ପୃଥିବୀ ଫଳ ଉତ୍ପନ୍ନ କଲା ।

୧୯,୨୦ ପ୍ରିୟ ଭାଇମାନେ, ତୁମ୍ଭମାନଙ୍କ ମଧ୍ୟରୁ କେହି ଯଦି ଈଶ୍ୱରଙ୍କ ପ୍ରତି ବିମୁଖ ହୁଏ, ତାହାହେଲେ ଯେଉଁ ବ୍ୟକ୍ତି ତାହାକୁ ପୁନର୍ବାର ସତ୍ୟ ଉପଲବ୍ଧି କରିବାକୁ ସାହାଯ୍ୟ କରେ, ସେହି ବ୍ୟକ୍ତି ଅର୍ଥାତ୍ ଯେ ତାହାକୁ ଈଶ୍ୱରଙ୍କ ନିକଟକୁ ଫେରାଇ ଆଣି ଗୋଟିଏ ପଥଭ୍ରଷ୍ଟ ଆତ୍ମାକୁ ମୃତ୍ୟୁରୁ ରକ୍ଷା କରେ, ସେ ବହୁ ପାପର କ୍ଷମା ସାଧନ କରେ ।

**ରୋମୀୟ ମଣ୍ଡଳୀକୁ ପାଉଲଙ୍କ ପତ୍ର**

ପାଉଲ ତତ୍କାଳୀନ ଜଗତର କେନ୍ଦ୍ରସ୍ଥଳୀ ରୋମ୍ ମହାନଗରୀରେ ବାସ କରୁଥିବା ଖ୍ରୀଷ୍ଟବିଶ୍ୱାସୀମାନଙ୍କୁ ଏହି ପତ୍ର ଲେଖିଥିଲେ । ସେ ମନୁଷ୍ୟଜାତିର ପାପ ଓ ପାପରୁ ପରିତ୍ରାଣ ସମ୍ବନ୍ଧରେ ବ୍ୟଖ୍ୟା କରିଛନ୍ତି । ସତ୍‌କର୍ମ ଦ୍ୱାରା ପରିତ୍ରାଣଲାଭ ସମ୍ଭବପର କି ? ପାଉଲ ଏହି ପ୍ରଶ୍ନର ଉତ୍ତର ଦେଇଛନ୍ତି ।

---

# ରୋମୀୟ

## ଅଧ୍ୟାୟ ୧

**ପ୍ରିୟ ରୋମ୍‌ବାସୀ ବନ୍ଧୁଗଣ,**

୧ ଏହି ପତ୍ର ମୁଁ ପାଉଲ ଲେଖୁଅଛି, ଯେ କି ଯୀଶୁଖ୍ରୀଷ୍ଟଙ୍କ ହୀତବାସ ଓ ପ୍ରଚାରକ ହେବା ନିମନ୍ତେ ମନୋନୀତ ଓ ଈଶ୍ୱରଙ୍କ ସୁସମାଚାର ପ୍ରଚାର ନିମନ୍ତେ ପ୍ରେରିତ ହୋଇଛି ।

୨ ଈଶ୍ୱର ଏହି ସୁସମାଚାର ଦେବାକୁ ପ୍ରତିଜ୍ଞା କରି ପୁରାକାଳରୁ ତାଙ୍କ ଭାବବାଦୀମାନଙ୍କ ଦ୍ୱାରା ଧର୍ମଶାସ୍ତ୍ରରେ ବ୍ୟକ୍ତ କରିଥିଲେ ।

୩,୪ ଏହା ଈଶ୍ୱରଙ୍କ ପୁତ୍ର, ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ସମ୍ବନ୍ଧୀୟ ସୁସମାଚାର । ସେ ମାନବ ଶିଶୁ ରୂପେ ରାଜା ଦାଉଦଙ୍କ ବଂଶରେ ଜନ୍ମଗ୍ରହଣ କରିଥିଲେ ଏବଂ ମୃତ୍ୟୁରୁ ପୁନରୁତ୍‌ଥିତ ହେବା ଦ୍ୱାରା ଈଶ୍ୱରଙ୍କ ଶକ୍ତିମାନ୍ ପୁତ୍ର ବୋଲି ପ୍ରକାଶିତ ହେଲେ ; ସେ ସ୍ୱୟଂ ଈଶ୍ୱରଙ୍କ ପବିତ୍ର ସ୍ୱଭାବବିଶିଷ୍ଟ ଅଟନ୍ତି ।

୫ ଆମ୍ଭେମାନେ ଅଯୋଗ୍ୟ ହେଲେ ସୁଦ୍ଧା ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ସମସ୍ତ ଅନୁଗ୍ରହ ପ୍ରାପ୍ତ ହୋଇଛୁ ଏବଂ ଈଶ୍ୱରଙ୍କ ମହତ୍ କାର୍ଯ୍ୟ ବିଷୟ ପୃଥିବୀର ସବୁଜାତିର ଲୋକଙ୍କ ନିକଟରେ ପ୍ରଚାର କରିବାକୁ ନିଯୁକ୍ତ ହୋଇଛୁ ଯଦ୍ୱାରା ସେମାନେ ତାହା ବିଶ୍ୱାସ କରିବେ ଓ ତାଙ୍କର ଆଜ୍ଞାବହ ହେବେ ।

୬, ୭ ହେ ରୋମ୍‌ବାସୀ ବନ୍ଧୁଗଣ, ତୁମ୍ଭେମାନେ ମଧ୍ୟ ଈଶ୍ୱରଙ୍କ ପ୍ରିୟପାତ୍ର ଏବଂ ତାଙ୍କର ଏକାନ୍ତ ନିଜର ହୋଇ ପବିତ୍ର ଜୀବନ ଯାପନ କରିବା ନିମନ୍ତେ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆହୂତ । ଆମ୍ଭମାନଙ୍କର ପିତା ଈଶ୍ୱର ଓ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ଦୟା ଓ ଶାନ୍ତି ତୁମ୍ଭମାନଙ୍କ ପ୍ରତି ହେଉ ।

୮ ପ୍ରଥମତଃ ଏହା କହିବାକୁ ଚାହେଁ ଯେ ମୁଁ ଯେଉଁଠାକୁ ଯାଏ, ସେଠାରେ ତୁମ୍ଭମାନଙ୍କ ସମ୍ବନ୍ଧରେ ଶୁଣିବାକୁ ପାଏ ! କାରଣ ତୁମ୍ଭମାନଙ୍କର ଈଶ୍ୱରବିଶ୍ୱାସର କଥା ଚାରିଆଡ଼େ ବିଦିତ ହୋଇଛି । ତୁମ୍ଭମାନଙ୍କ ସମ୍ବନ୍ଧରେ ଏହି ପ୍ରଶଂସାର କଥା ଶୁଣି ମୁଁ ତୁମ ପ୍ରତ୍ୟେକଙ୍କ ପାଇଁ ଯୀଷୁଖ୍ରୀଷ୍ଟଙ୍କ ନାମରେ ଈଶ୍ୱରଙ୍କୁ ଧନ୍ୟବାଦ ଦେଉଛି ।

୯ ଈଶ୍ୱର ଜାଣନ୍ତି, ମୁଁ ତୁମ୍ଭମାନଙ୍କ ନିମନ୍ତେ କେତେ ପ୍ରାର୍ଥନା କରେ । ତାଙ୍କର ପୁତ୍ରଙ୍କ ସମ୍ବନ୍ଧୀୟ ସୁସମାଚାର ପ୍ରଚାର କରି ମୁଁ ମୋର ସମସ୍ତ ଶକ୍ତି ଦେଇ ତାଙ୍କର ସେବା କରେ ଓ ତାଙ୍କ ସମ୍ମୁଖରେ ଦିବାରାତ୍ରି ତୁମ୍ଭମାନଙ୍କୁ ଓ ତୁମ୍ଭମାନଙ୍କର ପ୍ରୟୋଜନୀୟ ସମସ୍ତ ବିଷୟ ସ୍ମରଣ କରି ନିବେଦନ କରୁଥାଏ ।

୧୦ ଆହୁରି ମଧ୍ୟ, ମୁଁ ନିରନ୍ତର ପ୍ରାର୍ଥନା କରୁଛି ଯେ ଈଶ୍ୱରଙ୍କ ଇଚ୍ଛା ହେଲେ ମୁଁ ତୁମ୍ଭମାନଙ୍କ ନିକଟକୁ ଯିବା ପାଇଁ ସୁଯୋଗ ପାଇବି ଓ କୁଶଳରେ ପହଞ୍ଚିପାରିବି ।

୧୧, ୧୨ କାରଣ ତୁମ୍ଭମାନଙ୍କ ମଣ୍ଡଳୀର ଦୃଢ଼ୀକରଣ ପାଇଁ ଯେଉଁ ବିଶ୍ୱାସ ପ୍ରୟୋଜନ, ତାହା ମୁଁ ଯେପରି ତୁମ୍ଭମାନଙ୍କୁ ଦେଇପାରିବି, ସେଥିପାଇଁ ତୁମ୍ଭମାନଙ୍କ ସହିତ ସାକ୍ଷାତ କରିବାକୁ ମୁଁ ଅତ୍ୟନ୍ତ ଆଗ୍ରହୀ । ଅନ୍ୟ ପକ୍ଷରେ, ମୁଁ ମଧ୍ୟ ତୁମ୍ଭମାନଙ୍କର ସାହାଯ୍ୟ ଚାହେଁ । କାରଣ କେବଳ ମୁଁ ଯେ ତୁମ୍ଭମାନଙ୍କୁ ବିଶ୍ୱାସରେ ଦୃଢ଼ କରିପାରେ, ତାହା ନୁହେଁ, ମାତ୍ର ତୁମ୍ଭମାନଙ୍କର ବିଶ୍ୱାସ ଦେଖି ମୁଁ ମଧ୍ୟ ଉତ୍ସାହ ପାଇପାରେ । ଏହାଦ୍ୱାରା ତୁମ୍ଭେମାନେ ଓ ମୁଁ, ଉଭୟପକ୍ଷ ଆଶୀର୍ବାଦର ପାତ୍ର ହୋଇପାରିବୁ ।

୧୩ ପ୍ରିୟ ଭାଇମାନେ, ମନେରଖ, ଅନ୍ୟାନ୍ୟ ଜାତିର ଲୋକମାନଙ୍କ ମଧ୍ୟରେ ଯେପରି, ତୁମ୍ଭମାନଙ୍କ ମଧ୍ୟରେ ସେହିପରି କାର୍ଯ୍ୟ କରି ସୁଫଳ ଦେଖିବା ଆଶାରେ ମୁଁ ତୁମ୍ଭମାନଙ୍କ ନିକଟକୁ ଯିବାପାଇଁ ବହୁବାର ଚେଷ୍ଟା କରିଛି ; କିନ୍ତୁ ବାଧା ପାଇଛି ।

୧୪ ସଭ୍ୟ କି ବର୍ବର, ଶିକ୍ଷିତ କି ଅଶିକ୍ଷିତ, ସମସ୍ତଙ୍କ ନିକଟରେ ମୁଁ ଋଣୀ ।

୧୫ ତେଣୁ ତୁମ୍ଭମାନଙ୍କ ନିକଟରେ ଈଶ୍ୱରଙ୍କ ସୁସମାଚାର ପ୍ରଚାର କରିବା ନିମନ୍ତେ ମୁଁ ରୋମ୍‌କୁ ଯିବାପାଇଁ ପ୍ରସ୍ତୁତ ଅଛି ।

୧୬ କାରଣ ଖ୍ରୀଷ୍ଟଙ୍କ ସମ୍ବନ୍ଧୀୟ ସୁସମାଚାରରେ ମୁଁ ଲଜ୍ଜାବୋଧ କରେ ନାହିଁ । ଏଥିରେ ବିଶ୍ୱାସକାରୀ ପ୍ରତ୍ୟେକଙ୍କୁ ପରିତ୍ରାଣ ଦେବା ନିମନ୍ତେ ଏହା ଈଶ୍ୱରଙ୍କର ଶକ୍ତିଶାଳୀ ପନ୍ଥା । ଏହି ସୁସମାଚାର ପ୍ରଥମେ କେବଳ ଯିହୁଦୀମାନଙ୍କ ନିକଟରେ ପ୍ରଚାରିତ ହୋଇଥିଲା ; ବର୍ତ୍ତମାନ ଏହାଦ୍ୱାରା ଈଶ୍ୱରଙ୍କ ନିକଟକୁ ଯିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରାଯାଉଛି ।

୧୭ ସୁସମାଚାର ଆମ୍ଭମାନଙ୍କ ନିକଟରେ ଏହି କଥା ପ୍ରକାଶ କରେ ଯେ ପରିତ୍ରାଣ ନିମନ୍ତେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ସ୍ଥାପନ କରିବା ଦ୍ୱାରା ଆମ୍ଭେମାନେ ତାହାଙ୍କ ଦୃଷ୍ଟିରେ ଧାର୍ମିକ ବିବେଚିତ ହେଉ । ଏହା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବିଶ୍ୱାସ ଦ୍ୱାରା ସାଧିତ ହୁଏ । ଧର୍ମଶାସ୍ତ୍ରରେ ଲେଖାଯାଏ, "ଯେଉଁ ମନୁଷ୍ୟ ଜୀବନ ଲାଭ କରେ, ସେ ଈଶ୍ୱରଙ୍କଠାରେ ବିଶ୍ୱାସ ହେତୁ ତାହା ଲାଭ କରେ ।"

## ପବିତ୍ର ଈଶ୍ୱର, ପାପୀ ମନୁଷ୍ୟ

୧୮ କିନ୍ତୁ ଯେଉଁମାନେ ପାପିଷ୍ଠ ଓ ଦୁରାଗ୍ରହୀ, ଯେଉଁମାନେ ସତ୍ୟକୁ ଅଗ୍ରାହ୍ୟ କରନ୍ତି, ସେମାନଙ୍କ ପ୍ରତି ଈଶ୍ୱରଙ୍କ କ୍ରୋଧ ସ୍ୱର୍ଗରୁ ପ୍ରକାଶିତ ହୁଏ।

୧୯ କାରଣ ଈଶ୍ୱରଙ୍କ ବିଷୟରେ ସତ୍ୟଜ୍ଞାନ ପାଇବା ମନୁଷ୍ୟ ପକ୍ଷେ ସ୍ୱାଭାବିକ। ଏହି ସତ୍ୟଜ୍ଞାନ ଈଶ୍ୱର ହିଁ ସେମାନଙ୍କ ହୃଦୟରେ ଦେଇଛନ୍ତି।

୨୦ ସୃଷ୍ଟିର ଆରମ୍ଭରୁ ମନୁଷ୍ୟମାନେ ଆକାଶ, ପୃଥିବୀ ପ୍ରଭୃତି ଈଶ୍ୱରଙ୍କ ସମସ୍ତ ସୃଷ୍ଟ ବିଷୟ ଦେଖି ତାହାଙ୍କ ଅସ୍ତିତ୍ୱ ଓ ଅନନ୍ତ, ଅସୀମ ଶକ୍ତିର ପରିଚୟ ପାଇଛନ୍ତି। ଅତଏବ [ମହାବିଚାର ଦିନରେ ଈଶ୍ୱରଙ୍କ ସମ୍ମୁଖରେ ଠିଆ ହେଲାବେଳେ ସେମାନଙ୍କର ଆପତ୍ତି କରିବାର ଅବକାଶ ନାହିଁ।"

## ଈଶ୍ୱରଙ୍କ ନ୍ୟାୟବିଚାର

୨ ତୁମେ ହୁଏତ ମନେ ମନେ କହୁଥିବ, ଏ କିପ୍ରକାର ଭୟାନକ ମନୁଷ୍ୟମାନଙ୍କର କଥା ମୁଁ କହୁଛି! କିନ୍ତୁ ଟିକିଏ ଚିନ୍ତା କରି ଦେଖ! ତୁମେ ନିଜେ ତ ସେହିପରି ମନ୍ଦ। ତୁମେ ଯେତେବେଳେ ସେମାନଙ୍କୁ ପାପଗ୍ରସ୍ତ ଓ ଦଣ୍ଡନୀୟ ବୋଲି କହୁଛ, ସେତେବେଳେ ତୁମେ ନିଜ ବିଷୟରେ ହିଁ କହୁଛ, କାରଣ ତୁମେ ନିଜେ ସେସମସ୍ତ ଦୋଷରେ ଦୋଷୀ ଅଟ।

୨ ଯେ କେହି ଏ ପ୍ରକାର କୁକର୍ମ କରେ, ସେ ଈଶ୍ୱରଙ୍କର ନ୍ୟାୟ ବିଚାରରେ ଦଣ୍ଡନୀୟ ବୋଲି ଆମ୍ଭେମାନେ ଜାଣୁ।

୩ ଏସମସ୍ତ ପାପ ପାଇଁ ଈଶ୍ୱର ଅନ୍ୟମାନଙ୍କୁ ଦଣ୍ଡିତ କରି ତୁମକୁ ନିଷ୍କୃତି ଦେବେ ବୋଲି ମନେ କରୁଛ କି?

୪ ସେ ଯେ ତୁମ ପ୍ରତି ଦୀର୍ଘକାଳ ସହିଷ୍ଣୁତା ବରଣ କରିଛନ୍ତି, ଏହା କ'ଣ ବୁଝିପାରୁନାହିଁ? ତୁମେ ଯେପରି ପାପରୁ ମନ ଫେରାଅ, ଏଥିପାଇଁ ସେ ଯେ ଦୀର୍ଘକାଳ ଅପେକ୍ଷାରେ ରହିଛନ୍ତି, ଏହା କ'ଣ ଜାଣୁନାହିଁ?

୫ କିନ୍ତୁ ତୁମେ ଦାମ୍ଭିକ ଓ ଅନୁତାପରହିତ ହୋଇଥିବାରୁ ନିଜ ନିମନ୍ତେ ଭୟାନକ ଦଣ୍ଡ ସଞ୍ଚୟ କରୁଛ। କାରଣ ଯେଉଁ ଦିନ ଈଶ୍ୱର ଜଗତବାସୀଙ୍କର ନ୍ୟାୟବିଚାର କରିବେ, ଏପରି କ୍ରୋଧର ଦିନ ଆସୁଛି।

୬ ସେ ପ୍ରତ୍ୟେକ ମନୁଷ୍ୟକୁ ତାହାର କାର୍ଯ୍ୟର ସମୁଚିତ ଫଳ ଦେବେ।

୭ ଯେଉଁମାନେ ଧୈର୍ଯ୍ୟ ସହକାରେ ଈଶ୍ୱରଙ୍କର ଇଚ୍ଛା ସାଧନ କରି ତାହାଙ୍କ ଦତ୍ତ ଅଦୃଶ୍ୟ ଗୌରବ, ସମ୍ମାନ ଓ ଅମରତ୍ୱ ଅନ୍ୱେଷଣ କରନ୍ତି, ସେ ସେମାନଙ୍କୁ ଅନନ୍ତ ଜୀବନ ଦେବେ।

୮ କିନ୍ତୁ ଯେଉଁମାନେ ଈଶ୍ୱରଙ୍କ ସତ୍ୟର ବିରୁଦ୍ଧାଚରଣ କରି ବିପଥଗାମୀ ହୁଅନ୍ତି, ସେମାନଙ୍କ ଉପରେ ତାଙ୍କର ମହା କ୍ରୋଧ ବର୍ତ୍ତିବ।

୯ ଯିହୁଦୀ ବା ଅଣଯିହୁଦୀ, ଯେତେ ଲୋକ ପାପାଚରଣ କରନ୍ତି, ସେସମସ୍ତେ ଦୁଃଖ ଓ କ୍ଲେଶ ଭୋଗ କରିବେ।

୧୦ ଅନ୍ୟ ପକ୍ଷରେ ଯିହୁଦୀ ବା ଅଣଯିହୁଦୀ, ଯେତେ ଲୋକ ଈଶ୍ୱରଙ୍କର ଇଚ୍ଛା ସାଧନ କରନ୍ତି, ସେସମସ୍ତଙ୍କୁ ଈଶ୍ୱର ଗୌରବ, ସମ୍ମାନ ଓ ଶାନ୍ତି ଦେବେ।

୧୧ କାରଣ ଈଶ୍ୱର ପକ୍ଷପାତ କରନ୍ତି ନାହିଁ।

## ବିଧିବ୍ୟବସ୍ଥାରେ ପରିତ୍ରାଣ ନାହିଁ

୧୨-୧୫ ସେ ଯେ କେହି ହେଉ ନା କାହିଁକି, ଯେ ପାପ କରେ, ସେ ଦଣ୍ଡିତ ହେବ। ଅଣଯିହୁଦୀମାନେ ଈଶ୍ୱରଙ୍କ ଲିଖିତ ବିଧିବ୍ୟବସ୍ଥା ନ ପାଇଲେ ସୁଦ୍ଧା ହୃଦୟରେ ଭଲମନ୍ଦର ଜ୍ଞାନ ପାଇଥିବାରୁ ପାପ କଲେ ଦଣ୍ଡିତ ହେବେ। କାରଣ ଈଶ୍ୱରଙ୍କର ଆଜ୍ଞା ସେମାନଙ୍କର ଅନ୍ତର ମଧ୍ୟରେ ଲିଖିତ ଅଛି, ଅର୍ଥାତ୍ ସେମାନଙ୍କର ବିବେକ ସେମାନଙ୍କୁ ଦୋଷୀ ବା ନିର୍ଦ୍ଦୋଷ କରେ। ପୁଣି, ଯିହୁଦୀମାନେ ଈଶ୍ୱରଙ୍କର ଲିଖିତ ବିଧିବ୍ୟବସ୍ଥା ପାଇ ଆଜ୍ଞା ଲଙ୍ଘନ କଲେ, ଦଣ୍ଡିତ ହେବେ। କାରଣ କର୍ତ୍ତବ୍ୟ ଜାଣିବା ଦ୍ୱାରା ପରିତ୍ରାଣ ମିଳେ ନାହିଁ, ପାଳନ କରିବା ଦ୍ୱାରା ମିଳେ।

୧୬ ଦିନ ଆସିବ, ଯେଉଁଦିନରେ କି ଈଶ୍ୱରଙ୍କ ଆଜ୍ଞାମତେ ଯୀଶୁଖ୍ରୀଷ୍ଟ ପ୍ରତ୍ୟେକ ମନୁଷ୍ୟର ଅନ୍ତରସ୍ଥ ଗୁପ୍ତ ଚିନ୍ତା, ଭାବନା ଓ କଳ୍ପନା ପରୀକ୍ଷା କରିବେ। ଏହା ଈଶ୍ୱରଙ୍କ ମହାସଙ୍କଳ୍ପ ଓ ଏହାହିଁ ମୁଁ ଘୋଷଣା କରୁଛି।

୧୭ ତୁମେ ଯିହୁଦୀମାନେ ମନେ କରୁଛ, ତୁମ୍ଭେମାନେ ଈଶ୍ୱରଙ୍କ ଦୃଷ୍ଟିରେ ଧାର୍ମିକ, କାରଣ ସେ ତୁମ୍ଭମାନଙ୍କୁ ତାଙ୍କର ବିଧିବ୍ୟବସ୍ଥା ଦେଇଛନ୍ତି। ଅତଏବ ତୁମ୍ଭେମାନେ ତାଙ୍କର ବିଶିଷ୍ଟ ଲୋକ ବୋଲି ଗର୍ବ ଅନୁଭବ କରୁଛ।

୧୮ ହଁ, ସେ ତୁମ୍ଭମାନଙ୍କ ନିକଟରୁ କ'ଣ ଆଶା କରନ୍ତି, ତାହା ତୁମ୍ଭେମାନେ ଜାଣ। ସତ୍ ଓ ଅସତ୍‌ର ଜ୍ଞାନ ତୁମ୍ଭମାନଙ୍କର ଅଛି; କାରଣ ତରୁଣ ବୟସରୁ ତୁମ୍ଭେମାନେ ତାହାଙ୍କ ବିଧିବ୍ୟବସ୍ଥାରେ ଶିକ୍ଷାପ୍ରାପ୍ତ ହୋଇ ସତ୍ ବିଷୟ ପସନ୍ଦ କରି ଜାଣଛ। ୧୯ ତୁମ୍ଭେମାନେ ଈଶ୍ୱରଙ୍କ ନିକଟକୁ ଯିବାର ପଥ ଏଡ଼େ ନିଶ୍ଚିତ ଭାବରେ ଜାଣ ବୋଲି ମନେ କର ଯେ ତୁମ୍ଭେମାନେ ଜଣେ ଅନ୍ଧକୁ ସୁଦ୍ଧା ସେହି ପଥ ନିର୍ଦ୍ଦେଶ କରି ପାରିବ। ଯେଉଁମାନେ ଈଶ୍ୱରଙ୍କଠାରୁ ଦୂରରେ ରହି ଅନ୍ଧକାରରେ ବିନଷ୍ଟ ହେଉଛନ୍ତି, ଏପରି ଲୋକଙ୍କୁ ପଥ ଦର୍ଶାଇବା ନିମନ୍ତେ ତୁମ୍ଭେମାନେ ଆପଣା ଆପଣାକୁ ପଥପ୍ରଦର୍ଶକ ଆଲୋକ ବୋଲି ମନେ କରୁଛ।

୨୦ ଈଶ୍ୱରଙ୍କର ଯେଉଁ ବିଧିବ୍ୟବସ୍ଥା ଜ୍ଞାନ ଓ ସତ୍ୟତାରେ ପୂର୍ଣ୍ଣ, ସେସମସ୍ତ ତୁମ୍ଭେମାନେ ଜାଣିଥିବାରୁ ଆପଣା ଆପଣାକୁ ନିର୍ବୋଧମାନଙ୍କର ଗୁରୁ ଓ ଶିଶୁମାନଙ୍କର ଶିକ୍ଷକ ବୋଲି ମନେ କରୁଛ।

୨୧ ତୁମ୍ଭେମାନେ ଅନ୍ୟମାନଙ୍କୁ ଶିକ୍ଷା ଦିଅ, ଅଥଚ ନିଜକୁ ଶିକ୍ଷା ଦିଅ ନାହିଁ କାହିଁକି? ଚୋରି କରନାହିଁ ବୋଲି ଅନ୍ୟକୁ କହି ତୁମ୍ଭେମାନେ ନିଜେ ଚୋରୀ କରକି? ୨୨ ବ୍ୟଭିଚାର କର ନାହିଁ ବୋଲି ଅନ୍ୟକୁ ଶିକ୍ଷା ଦେଇ ତୁମ୍ଭେମାନେ ନିଜେ ବ୍ୟଭିଚାର ପାପ କର କି? ପ୍ରତିମା ପୂଜା କରନାହିଁ ବୋଲି ତୁମ୍ଭେମାନେ କହିଥାଅ ଅଥଚ ଧନସମ୍ପତ୍ତିଙ୍କୁ ଦେବତା ରୂପେ ପୂଜା କର କି?

୨୩ ଈଶ୍ୱରଙ୍କ ବିଧିବ୍ୟବସ୍ଥା ଜାଣିଥିବା ହେତୁ ତୁମ୍ଭେମାନେ ଗର୍ବ ଅନୁଭବ କରିଥାଅ ମାତ୍ର ତାଙ୍କର ଦତ୍ତ ଆଜ୍ଞା ଲଙ୍ଘନ କରି ତୁମ୍ଭେମାନେ ତାହାଙ୍କୁ ଅପମାନ ଦେଇଥାଅ।

୨୪ ଧର୍ମଶାସ୍ତ୍ରରେ ଲେଖାଅଛି, "ତୁମ୍ଭମାନଙ୍କ ସକାଶେ ଈଶ୍ୱରଙ୍କ ନାମ ଅନ୍ୟ ଜାତୀୟ ଲୋକଙ୍କ ମଧ୍ୟରେ ନିନ୍ଦିତ ହେଉଛି।"

୨୫ ତୁମ୍ଭେମାନେ ଯଦି ଈଶ୍ୱରଙ୍କ ବିଧିବ୍ୟବସ୍ଥା ପାଳନ କରୁଛ, ତେବେ ଆପଣାକୁ ଯିହୁଦୀ ବୋଲାଇବା ସାର୍ଥକ ହେବ। କିନ୍ତୁ ଯଦି ପାଳନ କରୁନାହଁ, ତେବେ ତୁମ୍ଭେମାନେ ଅଣଯିହୁଦୀ ଜାତିମାନଙ୍କଠାରୁ କୌଣସି ଗୁଣରେ ଶ୍ରେୟସ୍କର ନୁହଁ।

୨୬ ଆଉ, ଅଣଯିହୁଦୀମାନେ ଯଦି ଈଶ୍ୱରଙ୍କ ବିଧିବ୍ୟବସ୍ଥା ପାଳନ କରନ୍ତି, ତେବେ ଯୁହୁଦୀମାନଙ୍କର ପ୍ରାପ୍ୟ ସମସ୍ତ ଅଧିକାର ଓ ସମ୍ମାନ ଈଶ୍ୱର କ'ଣ ସେମାନଙ୍କୁ ଦେବେ ନାହିଁ ?

୨୭ ପ୍ରକୃତ ପକ୍ଷେ, ଯିହୁଦୀମାନଙ୍କଠାରୁ ସେହି ଅଣଯିହୁଦୀମାନଙ୍କ ଦଶା ଭଲ ହେବ, କାରଣ ତୁମେ ଯିହୁଦୀମାନେ ଈଶ୍ୱରଙ୍କ ସମ୍ବନ୍ଧୀୟ ଜ୍ଞାନ ଓ ତାଙ୍କର ପ୍ରତିଜ୍ଞା ବଚନ ପାଇ ସୁଦ୍ଧା ବିଧିବ୍ୟବସ୍ଥା ପାଳନ କରୁନାହଁ।

୨୮ ଯିହୁଦୀ ଜାତିରେ ଜନ୍ମଗ୍ରହଣ କରି କିମ୍ବା ଯିହୁଦୀମାନଙ୍କର ସୁନ୍ନତ ବିଧି ପାଳନ କରି ତୁମ୍ଭେମାନେ ଯେ ପ୍ରକୃତ ଯିହୁଦୀ ହୋଇପାର, ତା'ନୁହେଁ।

୨୯ କିନ୍ତୁ ଯାହାର ହୃଦୟ ଈଶ୍ୱରଙ୍କ ଦୃଷ୍ଟିରେ ଯଥାର୍ଥ, ତାହାକୁ ହିଁ ପ୍ରକୃତ ଯିହୁଦୀ ଆଖ୍ୟା ଦିଆଯାଇପାରେ। ଈଶ୍ୱର କେବଳ ଶାରୀରିକ ସୁନତ ଗ୍ରହାନ୍ତି ନାହିଁ, ସେ ଗ୍ରହାନ୍ତି ହୃଦୟର ସୁନତି ଅର୍ଥାତ ହୃଦୟ ପରିବର୍ତ୍ତନ। ଯାହାର ଜୀବନରେ ଏହି ପ୍ରକାର ପରିବର୍ତ୍ତନ ଆସିଛି, ସେ ମନୁଷ୍ୟର ପ୍ରଶଂସା ନ ପାଇଲେ ସୁଦ୍ଧା ଈଶ୍ୱରଙ୍କ ପ୍ରଶଂସାର ପାତ୍ର।

୩ ତେବେ ଯିହୁଦୀ ହେବା ଦ୍ୱାରା ବିଶେଷ କିଛି ଲାଭ ଅଛି କି? ଯିହୁଦୀୟ ସୁନତ ବିଧିର କୌଣସି ମୂଲ୍ୟ ଅଛି କି?

୨ ହଁ, ଅନେକ ଅଛି।

ପ୍ରଥମତଃ, ଈଶ୍ୱର ଯିହୁଦୀମାନଙ୍କୁ ତାଙ୍କର ବିଧିବ୍ୟବସ୍ଥା ଦେଲେ (ସେମାନେ ଯେପରି ତାହା ଜ୍ଞାତ ହୋଇ ତାଙ୍କର ଇଚ୍ଛା ପାଳନ କରିବେ)।

୩ ହଁ, ଏ କଥା ସତ୍ୟ ଯେ ଯିହୁଦୀମାନଙ୍କ ମଧ୍ୟରୁ କେହି କେହି ଅବିଶ୍ୱସ୍ତ ହେଲେ। କିନ୍ତୁ ସେମାନେ ଈଶ୍ୱରଙ୍କ ସାକ୍ଷାତରେ କରିଥିବା ପ୍ରତିଜ୍ଞା ଭଙ୍ଗ କଲେ ବୋଲି ଈଶ୍ୱର କ'ଣ ଆପଣା ପ୍ରତିଜ୍ଞା ଭଙ୍ଗ କରିବେ?

୪ କଦାପି ନୁହେଁ! ଏ ଜଗତରେ ସମସ୍ତେ ମିଥ୍ୟାବାଦୀ ହେଲେ ସୁଦ୍ଧା ଈଶ୍ୱର ସତ୍ୟବାଦୀ। ଧର୍ମଶାସ୍ତ୍ରରେ ଲିଖିତ ଅଛି, "ଈଶ୍ୱରଙ୍କ କଥାକୁ ଯେ କେହି ପ୍ରଶ୍ନ କରୁ ନା କାହିଁକି, ତାହା ଚିରକାଳ ସତ୍ୟ ଓ ଯଥାର୍ଥ ପ୍ରମାଣିତ ହେବ।"

୫ କେହି କେହି ଏହିପରି ଯୁକ୍ତି କରନ୍ତି, "ଯଦି ଈଶ୍ୱରଙ୍କ ପ୍ରତି ଆମ୍ଭମାନଙ୍କର ଅବିଶ୍ୱସ୍ତତା ଓ ପାପ ଈଶ୍ୱରଙ୍କ ଧାର୍ମିକତା ଅଧିକ ଭାବରେ ପ୍ରମାଣ କରେ, ତେବେ ସେ ଆମ୍ଭମାନଙ୍କୁ ପାପର ଦଣ୍ଡ ଦେବା ଦ୍ୱାରା ଅନ୍ୟାୟ କରୁ ନାହାନ୍ତି କି?"

୬ କଦାପି ନୁହେଁ! ତାହାହେଲେ, ସେ ଜଗତବାସୀଙ୍କର ବିଚାର କରିବେ କିପରି।

୭ ମୋର ଅବିଶ୍ୱସ୍ତତା ଯଦି ଈଶ୍ୱରଙ୍କ ବିଶ୍ୱସ୍ତତାକୁ ଅଧିକ ଭାବରେ ପ୍ରକାଶ କରି ତାହାଙ୍କୁ ଗୌରବାନ୍ୱିତ କରେ, ତେବେ ସେ କେବେହେଲେ ମୋତେ ପାପୀ ବୋଲି ବିଚାର କରି ଦଣ୍ଡ ଦେଇପାରିବେ ନାହିଁ।

୮ ପୁଣି, ଯଦି ଏହି ଭାବରେ ଯୁକ୍ତି କରାଯାଏ, ତେବେ ତ ଆମ୍ଭେମାନେ ଯେତେ ମନ୍ଦ ହେବୁ, ଈଶ୍ୱରଙ୍କ ଉତ୍ତମତା ସେତେ ପ୍ରକାଶ ପାଇବ! କିନ୍ତୁ ଯେଉଁମାନେ ଏହା କହନ୍ତି, ସେମାନଙ୍କର ଦଣ୍ଡ ପାଇବା ନ୍ୟାୟସଙ୍ଗତ। ତଥାପି ମୁଁ ଏହା ପ୍ରଚାର କରୁଛି ବୋଲି କେହି କେହି ମୋତେ ଅପବାଦ ଦେଉଛନ୍ତି!

## ପାପରେ ପତିତ ମନୁଷ୍ୟଜାତି

୯ ତେବେ, ଆମେ ଯିହୁଦୀମାନେ କ'ଣ ଅନ୍ୟମାନଙ୍କ ଅପେକ୍ଷା ଉତ୍ତମ? ନା, ଆଦୌ ନୁହେଁ। କାରଣ, ଯିହୁଦୀ, ଅଣଯିହୁଦୀ ନିର୍ବିଶେଷରେ, ମନୁଷ୍ୟମାତ୍ରେ ସମସ୍ତେ ପାପୀ, ଏହା ଆମ୍ଭେମାନେ ପୂର୍ବେ ଦର୍ଶାଇଛୁ।

୧୦ ଧର୍ମଶାସ୍ତ୍ରରେ ଯେପରି ଲିଖିତ ଅଛି, "କେହି ଜଣେ ହେଲେ ଧାର୍ମିକ ନୁହେଁ, ଜଗତରେ କେହି ନିଷ୍ପାପ ନୁହେଁ।

୧୧ "କେହି ଜଣେ ହେଲେ ଈଶ୍ୱରଙ୍କ ମାର୍ଗରେ ଯାଉନାହିଁ କି ଯିବାକୁ ପ୍ରକୃତରେ ଇଚ୍ଛା ମଧ୍ୟ କରୁନାହିଁ।

୧୨ "ସମସ୍ତେ ବିପଥଗାମୀ ହୋଇଛନ୍ତି, ସମସ୍ତେ ଭ୍ରଷ୍ଟାଚାରୀ ହୋଇଛନ୍ତି। କେହି ଜଣେ ସୁଦ୍ଧା ସତ୍‌କର୍ମରେ ତତ୍‌ପର ନୁହେଁ।

୧୩ "ଖୋଲା ସମାଧିରୁ ନିର୍ଗତ ପୂତିଗନ୍ଧ ତୁଲ୍ୟ ସେମାନଙ୍କର ଭାଷା ଅଶ୍ଳୀଳ। ସେମାନଙ୍କର ଜିହ୍ୱା ମିଥ୍ୟାରେ ଜିହ୍ୱା। ସେମାନଙ୍କର କଥା ବିଷଧର ସର୍ପର ଗରଳ ତୁଲ୍ୟ ମାରାତ୍ମକ।

୧୪ "ସେମାନଙ୍କର ମୁଖ ଅଭିଶାପ ଓ କଟୁବାକ୍ୟରେ ପରିପୂର୍ଣ୍ଣ।

୧୫ "ସେମାନେ ପ୍ରାଣନାଶ କରିବାକୁ ସଦା ତତ୍ପର। ସେମାନେ ପରମତ ଅସହିଷ୍ଣୁ।

୧୬ "ସେମାନେ ଯେଉଁଆଡ଼େ ଯାଆନ୍ତି, ସେହିଆଡ଼େ ଦୁଃଖ ଓ ବିପଦ ବୁଣିଯାଆନ୍ତି।

୧୭ ସେମାନେ ଶାନ୍ତିର ମାର୍ଗ କିମ୍ବା ଈଶ୍ୱରଙ୍କ ଆଶୀର୍ବାଦ ଉପଭୋଗ କରିବା ଜାଣନ୍ତି ନାହିଁ।

୧୮ "ସେମାନଙ୍କ ମନରେ ଈଶ୍ୱରଭୟ ନାହିଁ।"

୧୯ ଅତଏବ ଯେଉଁ ଯିହୁଦୀମାନଙ୍କୁ ଈଶ୍ୱରଙ୍କ ବିଧିବ୍ୟବସ୍ଥା ପାଳନ କରିବା ଦାୟିତ୍ୱ ଦିଆ ହୋଇଚି, ସେମାନେ ତାହା ପାଳନ କରିବା ପରିବର୍ତ୍ତେ ଯଦି ପାପକର୍ମ କରନ୍ତି, ସେମାନଙ୍କ ଉପରେ ଈଶ୍ୱରଙ୍କ ଗୁରୁତର ଦଣ୍ଡାଜ୍ଞା ରହିଛି; ସେମାନଙ୍କ ମଧ୍ୟରୁ କାହାରି ସୁଦ୍ଧା ଆପତ୍ତି କରିବାର କାରଣ ନାହିଁ। ପ୍ରକୃତରେ କହିବାକୁ ଗଲେ, ସର୍ବଶକ୍ତିମାନ୍ ଈଶ୍ୱରଙ୍କ ଛାମୁରେ ସମଗ୍ର ଜଗତ ନିରୁତ୍ତର ଓ ଦୋଷୀ ସାବ୍ୟସ୍ତ ହେବ।

୨୦ ବର୍ତ୍ତମାନ ବୁଝିପାରୁଛ? ବିଧିବ୍ୟବସ୍ଥାର ଦାବୀ ସବୁ ପାଳନ କରି କେହି କେବେ ଈଶ୍ୱରଙ୍କ ଦୃଷ୍ଟିରେ ଧାର୍ମିକ ବିବେଚିତ ହୋଇପାରେ ନାହିଁ। କାରଣ ଆମେ ଈଶ୍ୱରଙ୍କ ବିଧିବ୍ୟବସ୍ଥା ଯେତେ ଅଧିକତର ଜାଣୁ, ସେତେ ସ୍ପଷ୍ଟତର ବୁଝୁ ଯେ ଆମେ ସେସବୁ ପାଳନ କରୁନାହୁଁ। ଈଶ୍ୱରଙ୍କ ବିଧିବ୍ୟବସ୍ଥା ଆମ୍ଭମାନଙ୍କୁ ପାପୀ ବୋଲି କେବଳ ଦର୍ଶାଇବାରେ ସାହାଯ୍ୟ କରୁଛି।

୨୧, ୨୨ ମାତ୍ର ଆମ୍ଭେମାନେ ବିଧିବ୍ୟବସ୍ଥା ପାଳନ ଦ୍ୱାରା ଧାର୍ମିକ ବିବେଚିତ ହେବାକୁ ଚେଷ୍ଟା ନ କରି ବର୍ତ୍ତମାନ କାଳରେ ଈଶ୍ୱରଙ୍କର ଧର୍ମପଥ ଦ୍ୱାରା ଧାର୍ମିକ ବିବେଚିତ ହୋଇପାରୁ। (ଏହା ଯେ ନୂତନ ପଥ, ତାହା ନୁହେଁ, କାରଣ ବହୁକାଳ ପୂର୍ବରୁ ଧର୍ମଶାସ୍ତ୍ରରେ ଏହି ବିଷୟ ଲିଖିତ ହୋଇଛି।) ଏବେ ଈଶ୍ୱର କହନ୍ତି, ପାପରୁ ମୁକ୍ତି ପାଇବାକୁ ଆମ୍ଭେମାନେ ଯେବେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରୁ, ତେବେ ସେ ଆମ୍ଭମାନଙ୍କୁ କ୍ଷମା ଦେଇ ନିର୍ଦ୍ଦୋଷ ବୋଲି ଗ୍ରହଣ କରିବେ। ପୁଣି, ଆମ୍ଭେମାନେ ସମସ୍ତେ - ଆମେ ଯେ କେହି ହେଉନା କାହିଁକି, ଆମର ବିଗତ ଜୀବନ ଯାହା ହେଉ ନା କାହିଁକି - ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ପରିତ୍ରାଣ ପାଇପାରୁ।

୨୩ ହଁ, ସମସ୍ତେ ପାପ କରିଛନ୍ତି; ଈଶ୍ୱରଙ୍କ ଗୌରବମୟ ଆଦର୍ଶରୁ ସମସ୍ତେ ପତିତ ହୋଇଛନ୍ତି।

୨୪ ତଥାପି, ଯେ କୃପା କରି ବିନାମୂଲ୍ୟରେ ଆମ୍ଭମାନଙ୍କର ଈଶ୍ୱର ଦ୍ରୋହଜନିତ ପାପ ଦୂର କରନ୍ତି, ସେହି ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ଈଶ୍ୱର ଏବେ ଆମ୍ଭମାନଙ୍କୁ ନିର୍ଦ୍ଦୋଷ ବୋଲି ଘୋଷଣା କରୁଛନ୍ତି।

୨୫ କାରଣ ଆମ୍ଭମାନଙ୍କର ପାପର ଦଣ୍ଡ ବହନ କରିବାକୁ ଓ ଆମ୍ଭମାନଙ୍କର ପ୍ରତି ଈଶ୍ୱରଙ୍କ କ୍ରୋଧର ଅବସାନ ଘଟାଇବାକୁ ଈଶ୍ୱର ଯୀଶୁଖ୍ରୀଷ୍ଟଙ୍କୁ ପଠାଇଲେ। ଈଶ୍ୱରଙ୍କ କ୍ରୋଧରୁ ଉଦ୍ଧାର ପାଇବା ନିମନ୍ତେ ଖ୍ରୀଷ୍ଟଙ୍କର ପ୍ରାୟଶ୍ଚିତ୍ତ ବଳିର ରକ୍ତ ଏବଂ ଆମ୍ଭମାନଙ୍କର ବିଶ୍ୱାସ ଆବଶ୍ୟକ। ଈଶ୍ୱର ପୂର୍ବକୃତ ପାପସମୂହ କ୍ଷମା କଲେ ସୁଦ୍ଧା ନ୍ୟାୟବାନ୍ ଅଟନ୍ତି। କାରଣ ଯେଉଁ ସମୟରେ ଖ୍ରୀଷ୍ଟ ଆସି ସେହି ପାପସବୁ ଦୂର କରିବେ, ଈଶ୍ୱର ସେହି ସମୟକୁ ଲକ୍ଷ୍ୟ କରୁଥିଲେ।

୨୬ ବର୍ତ୍ତମାନକାଳରେ ମଧ୍ୟ ସେ ପାପୀମାନଙ୍କୁ ସେହିପରି ଭାବରେ ଗ୍ରହଣ କରିପାରନ୍ତି, କାରଣ ଯୀଶୁ ସେମାନଙ୍କର ପାପ ଦୂର କରିଛନ୍ତି। ତେବେ ପାପୀମାନଙ୍କୁ କ୍ଷମା ଦେଇ ସେମାନଙ୍କୁ ନିର୍ଦ୍ଦୋଷ ଘୋଷଣା କରିବା ଦ୍ୱାରା ଈଶ୍ୱର କ'ଣ ଅନ୍ୟାୟ ବିଚାର କରୁ ନାହାନ୍ତି? ନାଁ, ଯୀଶୁ ସେମାନଙ୍କର ପାପ ଦୂର କଲେ ବୋଲି ଯେଉଁମାନେ ତାଙ୍କଠାରେ ବିଶ୍ୱାସ କରନ୍ତି, ସେହି ବିଶ୍ୱାସ ହେତୁ ସେ ସେମାନଙ୍କୁ କ୍ଷମା ଦିଅନ୍ତି।

୨୭ ତେବେ କର୍ମଦ୍ୱାରା ପରିତ୍ରାଣ ଲାଭରେ ଆମ୍ଭେମାନେ ଗର୍ବ କରିପାରୁ କି? ଏଠାରେ ଗର୍ବର ସ୍ଥାନ ନାହିଁ। କିପରି? କାରଣ ଆମ୍ଭମାନଙ୍କର ସତ୍‌କର୍ମ ଉପରେ ପରିତ୍ରାଣ ନିର୍ଭର କରେ ନାହିଁ କିନ୍ତୁ ଆମ୍ଭମାନଙ୍କର ପାଇଁ ଖ୍ରୀଷ୍ଟଙ୍କ କୃତ କର୍ମ ଓ ତାଙ୍କଠାରେ ଆମ୍ଭମାନଙ୍କର ବିଶ୍ୱାସ ଉପରେ ନିର୍ଭର କରେ।

୨୮ ଅତଏବ ଆମ୍ଭେମାନେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ହେତୁ ପରିତ୍ରାଣ ଲାଭ କରୁ, ଆମ୍ଭମାନଙ୍କର ସତ୍‌କର୍ମ ହେତୁ ତାହା ଲାଭ କରୁନାହିଁ।

୨୯ ତେବେ ଈଶ୍ୱର କ'ଣ କେବଳ ଯିହୁଦୀମାନଙ୍କୁ ଏହି ଉପାୟରେ ପରିତ୍ରାଣ କରନ୍ତି? ନା, ସେ ଅଣଯିହୁଦୀ ଜାତିମାନଙ୍କୁ ମଧ୍ୟ ଏହି ଉପାୟରେ ପରିତ୍ରାଣ କରନ୍ତି।

୩୦ ଈଶ୍ୱର ଆମ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି। ଯିହୁଦୀ ବା ଅଣଯିହୁଦୀ, ସମସ୍ତେ ବିଶ୍ୱାସ ଦ୍ୱାରା ପରିତ୍ରାଣ ଲାଭ କରନ୍ତି।

୩୧ ଆମ୍ଭେମାନେ ଯେବେ ବିଶ୍ୱାସ ଦ୍ୱାରା ପରିତ୍ରାଣ ଲାଭ କରୁ, ତେବେ ଈଶ୍ୱରଙ୍କ ବିଧିବ୍ୟବସ୍ଥା ପାଳନ କରିବା ଆଉ ପ୍ରୟୋଜନ ନାହିଁ ବୋଲି ମନେ କରିବା କି? ନା, ତାହା ନୁହେଁ। ବରଂ ଆମ୍ଭେମାନେ ଯେତେବେଳେ ଯୀଶୁଙ୍କଠାରେ ବିଶ୍ୱାସ କରୁ, ସେତେବେଳେ ହିଁ ଆମ୍ଭେମାନେ ତାଙ୍କର ବିଧିବ୍ୟବସ୍ଥାସମୂହ ଯଥାର୍ଥ ଭାବରେ ପାଳନ କରିପାରୁ।

## ବିଶ୍ୱାସୀର ଆଦର୍ଶ-ଅବ୍ରହାମ

### ଅଧ୍ୟାୟ ୪

୧ ଜାଗତିକ ଦୃଷ୍ଟିରୁ ଦେଖିବାକୁ ଗଲେ, ଅବ୍ରହାମ ହେଉଛନ୍ତି ଆମ ଯିହୁଦୀ ଜାତିର ଜନକ। ବିଶ୍ୱାସ ଦ୍ୱାରା ପରିତ୍ରାଣ ଲାଭ ସମ୍ପର୍କରେ ତାଙ୍କର ଅନୁଭୂତି କ'ଣ ଥିଲା ? ଈଶ୍ୱର କ'ଣ ତାଙ୍କୁ ତାଙ୍କର ସତ୍‌କର୍ମ ଯୋଗୁଁ ଗ୍ରହଣ କରିଥିଲେ ? ଯଦି ତାହା ହୋଇଥାଆନ୍ତା, ତେବେ ଅବ୍ରହାମଙ୍କର ଗର୍ବ କରିବାର କାରଣ ଥାଆନ୍ତା। କିନ୍ତୁ ଈଶ୍ୱରଙ୍କ ଦୃଷ୍ଟିରୁ ଅବ୍ରହାମଙ୍କର ଗର୍ବ କରିବାର କୌଣସି କାରଣ ନ ଥିଲା।

୩ କାରଣ ଧର୍ମଶାସ୍ତ୍ର କହେ, "ଅବ୍ରହାମ ଈଶ୍ୱରଙ୍କଠାରେ ବିଶ୍ୱାସ କଲେ ଏବଂ ସେଥିପାଇଁ ଈଶ୍ୱର ତାଙ୍କର ସମସ୍ତ ପାପ କ୍ଷମା କରି ତାଙ୍କୁ ନିର୍ଦ୍ଦୋଷ ଘୋଷଣା କଲେ।"

୪, ୫ କିନ୍ତୁ ସତ୍‌କର୍ମ ଦ୍ୱାରା ସେ ସ୍ୱର୍ଗଲାଭର ଯୋଗ୍ୟତା ଅର୍ଜନ କରି ଥିଲେ କି ? ନା, କାରଣ ପରିତ୍ରାଣ ଏକ ଦାନ। କେହି ଯେବେ ସତ୍କର୍ମ ଦ୍ୱାରା ପରିତ୍ରାଣକୁ ତାହାର ପ୍ରାପ୍ୟ ବୋଲି ମନେ କରେ, ତେବେ ତାହା ଦାନ ନୁହେଁ। କିନ୍ତୁ ପରିତ୍ରାଣ ଏକ ଅମୁଲ୍ୟ ଦାନ ! ଯେଉଁମାନେ କ୍ରିୟାକର୍ମ ଦ୍ୱାରା ପରିତ୍ରାଣ ଅର୍ଜନ କରିବାକୁ ଚେଷ୍ଟା କରନ୍ତି ନାହିଁ, ସେହିମାନେ ତାହା ଲାଭ କରନ୍ତି। ପାପୀ ହେଲେ ମଧ୍ୟ ଯେଉଁମାନେ ଈଶ୍ୱରଙ୍କ କ୍ରୋଧରୁ ରକ୍ଷା ପାଇବା ପାଇଁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରନ୍ତି, ସେହିମାନେ ଈଶ୍ୱରଙ୍କ ଦୃଷ୍ଟିରେ ଧାର୍ମିକ ବିବେଚିତ ହୁଅନ୍ତି।

୬ ଈଶ୍ୱରଙ୍କ ଦ୍ୱାରା ନିର୍ଦ୍ଦୋଷ ବିବେଚିତ ହୋଇଥିବା ଜଣେ ପାପୀର ଆନନ୍ଦକୁ ବର୍ଣ୍ଣନା କରି ରାଜା ଦାଉଦ ଏହିପରି କହିଛନ୍ତି,

୭ "ସୁଖୀ ସେହିମାନେ, ଯେଉଁମାନଙ୍କର ପାପ କ୍ଷମା ହୋଇଛି ଓ ଦୃଷ୍ଟିପଥରୁ ଅପସାରିତ ହୋଇଛି।

୮ ସୁଖୀ ସେହି ଜନ, ପ୍ରଭୁ ଯାହାର ପାପ ଆଉ ଗଣନା କରିବେ ନାହିଁ।"

୯ ତେବେ ଯେଉଁମାନେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରନ୍ତି କିନ୍ତୁ ଯିହୁଦୀୟ ସୁନ୍ନତ ବିଧି ମଧ୍ୟ ପାଳନ କରନ୍ତି, କେବଳ ସେହିମାନଙ୍କୁ କ'ଣ ଏହି ଆଶୀର୍ବାଦ ମିଳେ କିମ୍ବା ଯେଉଁମାନେ ଯିହୁଦୀୟ ସୁନ୍ନତ ବିଧି ପାଳନ ନ କରି କେବଳ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରନ୍ତି, ସେହିମାନଙ୍କୁ ମଧ୍ୟ ଏହି ଆଶୀର୍ବାଦ ମିଳେ? ଅବ୍ରହାମଙ୍କ ବିଷୟରେ କ'ଣ କୁହାଯିବ ? ଆମେ କହୁ ଯେ ସେ ବିଶ୍ୱାସ ଦ୍ୱାରା ଏହି ଆଶୀର୍ବାଦ ପ୍ରାପ୍ତ ହେଲେ। ଏହା କ'ଣ ସେ କେବଳ ବିଶ୍ୱାସ ଦ୍ୱାରା ପାଇଲେ? ନା, ସେ ଯିହୁଦୀୟ ସୁନ୍ନତ ବିଧି ମଧ୍ୟ ପାଳନ କରିବାରୁ ପାଇଲେ ?

୧୦ ଈଶ୍ୱର ଅବ୍ରହାମଙ୍କୁ କେଉଁ ସମୟରେ ଏହି ଆଶୀର୍ବାଦ ଦେଇଥିଲେ ? ସେ ଯିହୁଦୀ ହେବା ପୂର୍ବରୁ, ଅର୍ଥାତ୍ ସେ ଯିହୁଦୀୟ ସୁନ୍ନତ ବିଧିରେ ଦୀକ୍ଷିତ ହେବା ପୂର୍ବରୁ ପାଇଥିଲେ କି ?

୧୧ ସେ ସୁନ୍ନତ ହେବା ପରେ ପାଇ ନ ଥିଲେ, ସୁନ୍ନତ ହେବା ପୂର୍ବରୁ ତାହା ପାଇଥିଲେ। ଈଶ୍ୱର ତାଙ୍କୁ ଆଶୀର୍ବାଦର ପ୍ରତିଶ୍ରୁତି ଦେବାର ବହୁ ପରେ ସେ ସୁନ୍ନତ ହୋଇଥିଲେ। ସୁନ୍ନତ ବିଧି ପୂର୍ବରୁ ଅବ୍ରହାମଙ୍କର ଯେ ବିଶ୍ୱାସ ଥିଲା ଏବଂ ଈଶ୍ୱର ଯେ ତାଙ୍କୁ ଗ୍ରହଣ କରି ତାହାଙ୍କ ଦୃଷ୍ଟିରେ ଧାର୍ମିକ ଓ ଯଥାର୍ଥ ବୋଲି ଘୋଷଣା କରିଥିଲେ, ସୁନ୍ନତ ବିଧି ତାହାର ଏକ ନିଦର୍ଶନ ଥିଲା। ଅତଏବ ଅବ୍ରହାମ ଯିହୁଦୀୟ ସୁନ୍ନତ ବିଧି ପାଳନ କରି ନ ଥିବା ପରିତ୍ରାଣପ୍ରାପ୍ତ ବିଶ୍ୱାସୀମାନଙ୍କର ଆଧ୍ୟତ୍ମିକ ପିତା। ତେଣୁ ଆମ୍ଭେମାନେ ଦେଖୁଛୁ ଯେ ଯେଉଁମାନେ ଏହି ବିଧି ସବୁ ପାଳନ କରନ୍ତି ନାହିଁ, ସେମାନେ ବିଶ୍ୱାସ ଯୋଗୁଁ ଈଶ୍ୱରଙ୍କ ଦ୍ୱାରା ଧାର୍ମିକ ବିବେଚିତ ହୁଅନ୍ତି।

୧୨ ପୁଣି, ଅବ୍ରହାମ ସୁନ୍ନତ ବିଧି ପାଳନକାରୀ ଯିହୁଦୀମାନଙ୍କର ମଧ୍ୟ ଆଧ୍ୟାତ୍ମିକ ପିତା। ସେମାନେ ତାଙ୍କର ଆଦର୍ଶ ଦେଖି ଜାଣିପାରନ୍ତି ଯେ ସୁନ୍ନତ ବିଧି ଦ୍ୱାରା ପରିତ୍ରାଣ ମିଳେ ନାହିଁ, କାରଣ ସୁନ୍ନତ ହେବା ପୂର୍ବରୁ ଅବ୍ରହାମ କେବଳ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥିଲେ।

୧୩ ଅବ୍ରହାମ ଓ ତାଙ୍କ ବଂଶଧର ସମଗ୍ର ପୃଥିବୀର ଅଧିକାରୀ ହେବେ ବୋଲି ଈଶ୍ୱର ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଥିରୁ ସ୍ପଷ୍ଟ ବୁଝାଯାଏ ଯେ ଅବ୍ରହାମ ଈଶ୍ୱରଙ୍କ ବିଧି ପାଳନ କରିଥିବାରୁ ଏହି ପ୍ରତିଶ୍ରୁତି ପାଇ ନ ଥିଲେ ମାତ୍ର ଈଶ୍ୱର ଆପଣା ପ୍ରତିଶ୍ରୁତି ରକ୍ଷା କରିବେ ବୋଲି ବିଶ୍ୱାସ କରିଥିବାରୁ ତାହା ପାଇଥିଲେ।

୧୪ ତେଣୁ ବିଧିବ୍ୟବସ୍ଥା ପାଳନ ଦ୍ୱାରା ଯଦି ଈଶ୍ୱରଙ୍କ ଆଶୀର୍ବାଦ ମିଳେ ବୋଲି ତୁମେ କହୁଛ, ତେବେ ତ ବିଶ୍ୱାସ କରିବା ନିରର୍ଥକ ଓ ବିଶ୍ୱାସ ମୂର୍ଖତା ମାତ୍ର।

୧୫ ଆମ୍ଭେ ଯଦି ବିଧିବ୍ୟବସ୍ଥା ପାଳନ ଦ୍ୱାରା ଈଶ୍ୱରଙ୍କ ଆଶୀର୍ବାଦ ଓ ପରିତ୍ରାଣ ଅର୍ଜନ କରିବାକୁ ଚେଷ୍ଟା କରୁ, ତେବେ ଆମ ଉପରେ ତାଙ୍କର କ୍ରୋଧ ବର୍ତ୍ତେ, କାରଣ ଆମେ ସେସମସ୍ତ ପାଳନରେ ଅକୃତକାର୍ଯ୍ୟ ହୋଇଥାଉ। ଯଦି କୌଣସି ବିଧିବ୍ୟବସ୍ଥା ନ ଥାଆନ୍ତା, ତେବେ ବିଧିବ୍ୟବସ୍ଥା ଲଙ୍ଘନର ପ୍ରଶ୍ନ ଉଠନ୍ତା ନାହିଁ !

୧୬ ଈଶ୍ୱରଙ୍କ ଆଶୀର୍ବାଦ ବିଶ୍ୱାସ ଦ୍ୱାରା ବିନାମୂଲ୍ୟରେ ମିଳିଥାଏ। ଆମର ବିଶ୍ୱାସ ଯଦି ଅବ୍ରହାମଙ୍କର ବିଶ୍ୱାସ ତୁଲ୍ୟ ହୁଏ, ତେବେ ଆମେ ଯିହୁଦୀୟ ବିଧିବ୍ୟବସ୍ଥା ପାଳନ କରୁ ବା ନ କରୁ, ଈଶ୍ୱରଙ୍କ ଆଶୀର୍ବାଦ ନିଶ୍ଚୟ ପ୍ରାପ୍ତ ହେବୁ। ତେଣୁ ଅବ୍ରହାମଙ୍କ ଅନୁରୂପ ପ୍ରତ୍ୟେକଙ୍କ ବିଶ୍ୱାସୀର ସେ ପିତା ଅଟନ୍ତି।

୧୭ ସେଥିପାଇଁ ଧର୍ମଶାସ୍ତ୍ରରେ ଈଶ୍ୱର ଅବ୍ରହାମଙ୍କୁ ଏହିପରି କହିବାର ଲେଖାଅଛି, "ତୁମେ ଅନେକ ଜାତିର ପିତା ହେବ।" ଈଶ୍ୱର ପ୍ରତ୍ୟେକ ଜାତିରୁ ଅବ୍ରହାମଙ୍କ ତୁଲ୍ୟ ବିଶ୍ୱାସୀମାନଙ୍କୁ ଗ୍ରହଣ କରିବେ। ଯେ ମୃତମାନଙ୍କୁ ଜୀବିତ କରନ୍ତି ଓ ଭାବୀ ଘଟଣାବଳୀ ଏପରି ସୁନିଶ୍ଚିତ ଭାବରେ ପ୍ରକାଶ କରନ୍ତି ଯେ ସତେ ଯେପରି ସେଗୁଡ଼ିକ ଘଟିଗଲାଣି, ସେହି ଈଶ୍ୱର ସ୍ୱୟଂ ଏହା ପ୍ରତିଜ୍ଞା କରିଛନ୍ତି।

୧୮ ଈଶ୍ୱର ଅବ୍ରହାମଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ତାଙ୍କର ଏକ ପୁତ୍ର ଜନ୍ମ ହେବ ଓ ତାଙ୍କର ବଂଶଧରମାନେ ଏକ ମହାଜାତି ରୂପେ ଖ୍ୟାତ ହେବେ। ଈଶ୍ୱରଙ୍କର ଏହି ପ୍ରତିଜ୍ଞା ଅସମ୍ଭବ ବୋଧ ହେଲେ ସୁଦ୍ଧା ଅବ୍ରହାମ ତହିଁରେ ବିଶ୍ୱାସ କଲେ !

୧୯ ଅବ୍ରହାମଙ୍କର ଶଏ ବର୍ଷ ବୟସରେ ସନ୍ତାନର ପିତା ହେବା ଯେପରି ଅସମ୍ଭବ ଥିଲା, ନବେ ବର୍ଷ ବୟସରେ ସାରାଙ୍କର ଗର୍ଭଧାରଣ ମଧ୍ୟ ସେହିପରି ଅସମ୍ଭବ ଥିଲା ; ତଥାପି ଅବ୍ରହାମଙ୍କର ବିଶ୍ୱାସ ଏତେ ଦୃଢ଼ ଥିଲା ଯେ ସେ ଈଶ୍ୱରଙ୍କ ପ୍ରତିଜ୍ଞାରେ ବିଶ୍ୱାସ କରିଥିଲେ।

୨୦ ଅବ୍ରହାମ ଆଦୌ ଅବିଶ୍ୱାସ କରି ନ ଥିଲେ କିମ୍ବା ଈଶ୍ୱରଙ୍କ ପ୍ରତିଜ୍ଞା ବିଷୟରେ ତାଙ୍କ ମନରେ କୌଣସି ସନ୍ଦେହ ନ ଥିଲା। ସେହି ବିଶ୍ୱାସରେ ସେ ଶକ୍ତିମାନ ହେଲେ, ଏପରିକି ଈଶ୍ୱରଙ୍କ ପ୍ରତିଜ୍ଞା ବଚନ ସଫଳ ହେବା ପୂର୍ବରୁ ଏହି ଆଶୀର୍ବାଦ ନିମନ୍ତେ ସେ ତାଙ୍କର ପ୍ରଶଂସା କରିଥିଲେ।

୨୧ ଈଶ୍ୱର ଯେ ଆପଣା ପ୍ରତିଜ୍ଞା ବଚନ ସଫଳ କରିବାକୁ ସମର୍ଥ, ଏ ବିଷୟରେ ତାଙ୍କର ଦୃଢ଼ ହୃଦ୍‌ବୋଧ ହୋଇଥିଲା।

୨୨ ସେଥିପାଇଁ ସେ ଈଶ୍ୱରଙ୍କ ଦ୍ୱାରା କ୍ଷମା ପ୍ରାପ୍ତ ହୋଇ ନିର୍ଦ୍ଦୋଷ ବିବେଚିତ ହେଲେ।

୨୩ 'ବିଶ୍ୱାସ ହେତୁ ଈଶ୍ୱର ଅବ୍ରହାମଙ୍କୁ ଗ୍ରହଣ କଲେ'- ଏହି ଉକ୍ତି ଯେ କେବଳ ତାଙ୍କ ନିମନ୍ତେ ଲିଖିତ ହୋଇଛି, ତାହା ନୁହେଁ।

୨୪ ତାହା ଆମ୍ଭମାନଙ୍କ ନିମନ୍ତେ ମଧ୍ୟ ଲିଖିତ ହୋଇଛି। ଆମ୍ଭମାନଙ୍କର ପ୍ରଭୁ ଯୀଶୁଙ୍କୁ ଯେଉଁ ଈଶ୍ୱର ମୃତମାନଙ୍କ ମଧ୍ୟରୁ ପୁନରୁଜ୍ଜୀବିତ କଲେ, ତାଙ୍କ ପ୍ରତିଜ୍ଞା ବଚନରେ ଆମ୍ଭେମାନେ ଯଦି ବିଶ୍ୱାସ କରୁ, ତେବେ ସେ ଅବ୍ରହାମଙ୍କୁ ଯେପରି ଗ୍ରହଣ କରିଥିଲେ, ଆମ୍ଭମାନଙ୍କୁ ମଧ୍ୟ ସେହିପରି ଗ୍ରହଣ କରିବେ।

୨୫ ପ୍ରଭୁ ଯୀଶୁ ଆମ୍ଭମାନଙ୍କର ପାପ ପାଇଁ ଜୀବନ ଦେଲେ ଏବଂ ଆମ୍ଭମାନଙ୍କୁ ଈଶ୍ୱରଙ୍କ ଧାର୍ମିକତାରେ ପୂର୍ଣ୍ଣ କରି ତାହାଙ୍କ ସହିତ ପୁନର୍ମିଳିତ କରିବା ପାଇଁ ମୃତ୍ୟୁରୁ ପୁନରୁତ୍‌ଥିତ ହେଲେ।

### ଅଧ୍ୟାୟ ୫

୧ ଏବେ ଆମ୍ଭେମାନେ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କ ଦୃଷ୍ଟିରେ ଧାର୍ମିକ ବିବେଚିତ ହୋଇଥିବାରୁ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ହେତୁ ଈଶ୍ୱରଙ୍କ ସହ ଶାନ୍ତି ଲାଭ କରିଛୁ।

୨ ଆମ୍ଭମାନଙ୍କର ବିଶ୍ୱାସ ଯୋଗୁଁ ସେ ଆମ୍ଭମାନଙ୍କୁ ଈଶ୍ୱରଙ୍କ ଅନୁଗ୍ରହ ଲାଭର ଅନୁଭୂତି ଦେଇଛନ୍ତି ଓ୨୍ରୁଓ ଆମ୍ଭେମାନେ ବର୍ତ୍ତମାନ ଜୀବନଯାପନ କରୁଛୁ ଏବଂ ଈଶ୍ୱରଙ୍କ ଗୌରବରେ ଭାଗୀ ହେବା ପାଇଁ ଆଶା ଓ ଆନନ୍ଦରେ ଅପେକ୍ଷା କରୁଛୁ ।

୩ ପୁଣି, ନାନାଦି ସମସ୍ୟା ଓ ପରୀକ୍ଷା ଆସିଲେ ସୁଦ୍ଧା ସେସମସ୍ତ ଆମ୍ଭମାନଙ୍କ ପ୍ରତି ମଙ୍ଗଳଜନକ ବୋଲି ଜାଣି ଆମ୍ଭେମାନେ ଆନନ୍ଦ ଲାଭ କରିପାରୁ, କାରଣ ସେସମସ୍ତ ଆମ୍ଭମାନଙ୍କୁ ଧୈର୍ଯ୍ୟ ଶିଖାଏ ।

୪ ଧୈର୍ଯ୍ୟ ସତଚରିତ୍ରର ବିକାଶ ସାଧନ କରେ ଏବଂ ଆମର ବିଶ୍ୱାସ ସୁଦୃଢ଼ ଓ ଅଟଳ ହେବା ପର୍ଯ୍ୟନ୍ତ ଈଶ୍ୱରଙ୍କଠାରେ ନିର୍ଭର କରିବାକୁ ଶିଖାଏ ।

୫ ସେତେବେଳେ ଯାହା କିଛି ଘଟୁ ନା କାହିଁକି, ଆମେ ନିରାଶ ନ ହୋଇ ସବୁ ଘଟଣା ଆମ ପ୍ରତି ମଙ୍ଗଳକର ବୋଲି ଜାଣୁ । କାରଣ ଆମେ ଆମ ଅନ୍ତର ମଧ୍ୟରେ ଈଶ୍ୱରଙ୍କ ଗଭୀର ପ୍ରେମର ଅନୁଭୂତି ପାଇଛୁ । ସେ ଆମ୍ଭମାନଙ୍କୁ ପବିତ୍ରଆତ୍ମାଙ୍କୁ ଦେଇ ଆମ ହୃଦୟ ତାଙ୍କର ପ୍ରେମରେ ଭରି ଦେଇଛନ୍ତି ।

୬ ଆମେ ଯେତେବେଳେ ଉଦ୍ଧାର ପାଇବାକୁ ନିତାନ୍ତ ନିରୁପାୟ ଅବସ୍ଥାରେ ଥିଲୁ, ସେତେବେଳେ ଖ୍ରୀଷ୍ଟ ଉପଯୁକ୍ତ ସମୟରେ ଆସିଲେ ଓ ଆମ ପରି ପାପୀମାନଙ୍କ ପାଇଁ ପ୍ରାଣ ଦେଲେ ।

୭ ଆମେ ଯଦି ଅବା ଧାର୍ମିକ ହୋଇଥାଆନ୍ତୁ, ତେବେ ସୁଦ୍ଧା ଆମ ପାଇଁ କେହି ପ୍ରାଣ ଦେବ ବୋଲି ଆଶା କରନ୍ତୁ ନାହିଁ । ତଥାପି ହୁଏତ କେହି ପ୍ରାଣ ଦେଇପାରେ ।

୮ କିନ୍ତୁ ଆମେ ପାପରେ ଜୀବନ କାଟୁଥିବା ସମୟରେ ଆମ ନିମନ୍ତେ ପ୍ରାଣବଳି ଦେବାକୁ ଈଶ୍ୱର ଖ୍ରୀଷ୍ଟଙ୍କୁ ପଠାଇ ଆମ ପ୍ରତି ମହାଦୟା ପ୍ରକାଶ କରିଛନ୍ତି ।

୯ ଆମେ ପାପୀ ଥିବା ସମୟରେ ସେ ଯଦି ଆପଣା ରକ୍ତ ଦେଇ ଆମ ପାଇଁ ଏସମସ୍ତ ସାଧନ କଲେ, ତେବେ ବର୍ତ୍ତମାନ ଆମେ ତାହାଙ୍କ ଦ୍ୱାରା ନିର୍ଦ୍ଦୋଷ ସ୍ୱୀକୃତ ହେବାରୁ ସେ ଆମ ପାଇଁ କେତେ ଅଧିକ ନ କରିବେ; ସେ ଅବଶ୍ୟ ଆମ୍ଭମାନଙ୍କୁ ଈଶ୍ୱରଙ୍କ ଆଗାମୀ କ୍ରୋଧରୁ ରକ୍ଷା କରିବେ ।

୧୦ ଆହୁରି ମଧ୍ୟ, ଆମେ ଈଶ୍ୱରଙ୍କ ବିରୁଦ୍ଧାଚାରୀ ଥିଲାବେଳେ ତାଙ୍କ ପୁତ୍ରଙ୍କ ମୃତ୍ୟୁ ଦ୍ୱାରା ତାଙ୍କ ସହ ପୁନର୍ମିଳିତ ହେଲୁ, ଏବେ ଆମେ ତାଙ୍କର ବନ୍ଧୁ ହେବାରୁ ଓ ସେ ଆମ ଅନ୍ତରରେ ବାସ କରୁଥିବାରୁ ଆମ୍ଭମାନଙ୍କୁ କେତେ ଆଶୀର୍ବାଦ ନ କରିବେ!

୧୧ ବର୍ତ୍ତମାନ ଆମ୍ଭେମାନେ ଈଶ୍ୱରଙ୍କ ସହ ଏହି ନୂତନ ସମ୍ବନ୍ଧ ଲାଭ କରି ଆନନ୍ଦୋଲ୍ଲାସ କରୁଛୁ । ଆମ୍ଭମାନଙ୍କର ପ୍ରଭୁ ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ପାଇଁ ପ୍ରାଣ ଦେଇ ଏସମସ୍ତ ସାଧନ କରିଛନ୍ତି । ସେ ଈଶ୍ୱର ଓ ଆମ୍ଭମାନଙ୍କ ମଧ୍ୟରେ ବନ୍ଧୁତ୍ୱ ସ୍ଥାପନ କରିଛନ୍ତି ।

### ଆଦମଙ୍କ ହେତୁ ମୃତ୍ୟୁ, ଖ୍ରୀଷ୍ଟଙ୍କ ହେତୁ ଅନନ୍ତ ଜୀବନ

୧୨ ଆଦମ ଯେତେବେଳେ ପାପ କଲେ, ସେତେବେଳେ ସମଗ୍ର ମନୁଷ୍ୟ ଜାତି ମଧ୍ୟରେ ପାପ ପ୍ରବେଶ କଲା । ତାଙ୍କର ପାପ ହେତୁ ସାରା ଜଗତରେ ମୃତ୍ୟୁ ମଧ୍ୟ ପ୍ରବେଶ କଲା । ତେଣୁ ସମସ୍ତଙ୍କ ପ୍ରତି ବାର୍ଦ୍ଧକ୍ୟ ଓ ମୃତ୍ୟୁ ଆସିଲା, କାରଣ ସମସ୍ତେ ହିଁ ପାପ କଲେ ।

୧୩ ମୋଶାଙ୍କ ଦ୍ୱାରା ବିଧିବ୍ୟବସ୍ଥା ପ୍ରଦତ୍ତ ହେବା ପୂର୍ବରୁ ଜଗତରେ ମନୁଷ୍ୟମାନେ ପାପ କରୁଥିଲେ ସତ, କିନ୍ତୁ ଈଶ୍ୱର ସେମାନଙ୍କୁ ବିଧିବ୍ୟବସ୍ଥା ଦେଇ ନ ଥିବାରୁ ଆଜ୍ଞାଲଙ୍ଘନଜନିତ ପାପ ଗଣନା କରୁ ନ ଥିଲେ ।

୧୪ ତଥାପି ସମସ୍ତଙ୍କ ଉପରେ ମୃତ୍ୟୁ ଆଧିପତ୍ୟ ବିସ୍ତାର କଲା । ସେମାନେ ଯଦିଚ ଆଦମଙ୍କ ପରି ନିଷିଦ୍ଧ ଫଳ ଖାଇ ଈଶ୍ୱରଙ୍କ ନିର୍ଦ୍ଦିଷ୍ଟ ଆଜ୍ଞାଲଙ୍ଘନ କରି ନ ଥିଲେ, ତଥାପି ମୃତ୍ୟୁର କବଳରେ ପଡ଼ିଲେ ।

କିନ୍ତୁ ଆଦମ ଓ ତାଙ୍କ ପରେ ଆଗତ ଖ୍ରୀଷ୍ଟଙ୍କ ମଧ୍ୟରେ କି ପ୍ରଭେଦ!

୧୫ ପୁଣି, ମନୁଷ୍ୟର ପାପ ଓ ଈଶ୍ୱରଙ୍କ କ୍ଷମା ମଧ୍ୟରେ କି ପ୍ରଭେଦ!

କାରଣ ଜଣଙ୍କର, ଅର୍ଥାତ୍ ଆଦମଙ୍କ ପାପ ଦ୍ୱାରା ଅନେକେ ମୃତ୍ୟୁଭୋଗ କଲେ । କିନ୍ତୁ ଅନ୍ୟ ଜଣଙ୍କ ଅର୍ଥାତ୍ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହ ହେତୁ ଅନେକେ କ୍ଷମା ଲାଭ କଲେ ।

୧୬ ଆଦମଙ୍କର ଗୋଟିଏ ପାପ ଅନେକଙ୍କ ନିମନ୍ତେ ମୃତ୍ୟୁଦଣ୍ଡ ଆଣିଲା, ଅଥଚ ଖ୍ରୀଷ୍ଟ ଅନେକଙ୍କ ପାପ ଅକାତରେ କ୍ଷମା କରି ତାହା ପରିବର୍ତ୍ତେ ଗୌରବମୟ ଜୀବନ ଦିଅନ୍ତି ।

୧୭ ଜଣଙ୍କର, ଅର୍ଥାତ୍ ଆଦମଙ୍କର ପାପ ହେତୁ ସମସ୍ତଙ୍କ ଉପରେ ମୃତ୍ୟୁ ରାଜତ୍ୱ କଲା, କିନ୍ତୁ ଆଉ ଜଣଙ୍କର, ଅର୍ଥାତ୍ ଯୀଶୁଖ୍ରୀଷ୍ଟଙ୍କ ହେତୁ ଈଶ୍ୱରଙ୍କ କ୍ଷମା ଓ ମୁକ୍ତି ରୂପ ଦାନ ଗ୍ରହଣ କରୁଥିବା ମନୁଷ୍ୟମାନେ ଜୀବନରେ ରାଜତ୍ୱ କରନ୍ତି ।

୧୮ ହଁ, ଆଦମଙ୍କର ପାପ ସମସ୍ତଙ୍କ ପ୍ରତି ଦଣ୍ଡ ଆଣିଲା, କିନ୍ତୁ ଖ୍ରୀଷ୍ଟଙ୍କର ଧାର୍ମିକତା ମନୁଷ୍ୟମାନଙ୍କୁ ଈଶ୍ୱରଙ୍କ ସହିତ ପୁନର୍ମିଳିତ କରାଇ ଜୀବନ ଦାନ କରେ ।

୧୯ ଈଶ୍ୱରଙ୍କ ପ୍ରତି ଆଦମଙ୍କର ଅବାଧ୍ୟତା ହେତୁ ଅନେକେ ପାପୀ ହେଲେ, କିନ୍ତୁ ଖ୍ରୀଷ୍ଟଙ୍କର ବାଧ୍ୟତା ଦ୍ୱାରା ଅନେକେ ଈଶ୍ୱରଙ୍କ ଦୃଷ୍ଟିରେ ଧାର୍ମିକ ବିବେଚିତ ହେଲେ ।

୨୦ ବିଧିବ୍ୟବସ୍ଥା ଦତ୍ତ ହେବା ଦ୍ୱାରା ତାହା ପାଳନ କରିବାରେ ସମସ୍ତେ କେତେ ଦୂର ବିଫଳ ହୋଇଛନ୍ତି, ତାହା ହିଁ ଜଣାଗଲା । କିନ୍ତୁ ଆମ୍ଭେମାନେ ପାପର ଆଧିକ୍ୟ ଯେତେ ଦେଖି ଲୁ, ଈଶ୍ୱରଙ୍କ ଅନୁଗ୍ରହର ପ୍ରଚୁରତା ସେତେ ଉପଲବ୍ଧି କଲୁ ।

୨୧ ପୂର୍ବେ ସମସ୍ତଙ୍କ ଉପରେ ପାପର ଆଧିପତ୍ୟ ହେତୁ ସମସ୍ତେ ମୃତ୍ୟୁର ଅଧୀନ ହୋଇଥିଲେ, ବର୍ତ୍ତମାନ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହ ରାଜତ୍ୱ କରୁଛି । ତାହା ଆମ୍ଭମାନଙ୍କୁ ଧାର୍ମିକ ବୋଲି ସ୍ୱୀକୃତି ଦେଇ ଅନନ୍ତ ଜୀବନ ପ୍ରଦାନ କରୁଛି ।

## ପାପ ପ୍ରତି ମୃତ, ଖ୍ରୀଷ୍ଟଙ୍କ ପ୍ରତି ଜୀବିତ

### ଅଧ୍ୟାୟ ୬

୧ ତାହାହେଲେ, ଈଶ୍ୱର ଯେପରି ଅଧିକରୁ ଅଧିକ ଦୟା ଓ କ୍ଷମା ପ୍ରଦର୍ଶନ କରିପାରନ୍ତି, ଏଥିପାଇଁ ଆମ୍ଭେମାନେ କ'ଣ ପାପ କରୁଥିବା?

୨, ୩ କଦାପି ନୁହେଁ । କାରଣ ଆମ୍ଭେମାନେ ଯେତେବେଳେ ଖ୍ରୀଷ୍ଟବିଶ୍ୱାସୀ, ହେଲୁ, ସେତେବେଳେ ଆମ୍ଭମାନଙ୍କ ଉପରୁ ପାପର କର୍ତ୍ତୃତ୍ୱ ଲୋପ ପାଇଲା ଏବଂ ଆମ୍ଭେମାନେ ଜଳଦୀକ୍ଷାରେ ଦୀକ୍ଷିତ ହୋଇ ଖ୍ରୀଷ୍ଟଙ୍କର ଅଙ୍ଗୀଭୂତ ହେଲୁ । ତାଙ୍କର ମରଣରେ ଆମ୍ଭମାନଙ୍କର ପାପ ପ୍ରବୃତ୍ତି ଧ୍ୱଂସ ପାଇଲା ।

୪ ଆମ୍ଭେମାନେ ଦୀକ୍ଷିତ ହେଲାବେଳେ ଆମ୍ଭମାନଙ୍କର ପୁରାତନ ପାପ ପ୍ରବୃତ୍ତି ତାଙ୍କ ମରଣରେ ତାଙ୍କ ସହିତ ସମାଧିପ୍ରାପ୍ତ ହେଲା । ଆଉ, ପିତା ଈଶ୍ୱର ଆପଣାର ଗୌରବମୟ ଶକ୍ତିରେ ଯେତେବେଳେ ତାଙ୍କୁ ମୃତମାନଙ୍କ ମଧ୍ୟରୁ ପୁନରୁଜ୍ଜୀବିତ କଲେ, ସେତେବେଳେ ଆମ୍ଭେମାନେ ଏହି ଅପୂର୍ବ ନୂତନ ଜୀବନ ଲାଭ କଲୁ ।

୫ କାରଣ ଆମ୍ଭେମାନେ ତାଙ୍କର ସହଭାଗୀ ହୋଇଥିବାରୁ ତାଙ୍କ ମରଣରେ ତାଙ୍କ ସହିତ ମୃତ୍ୟୁଭୋଗ କରିଛୁ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ଏବଂ ବର୍ତ୍ତମାନ ଆମ୍ଭେମାନେ ତାଙ୍କର ନୂତନ ଜୀବନରେ ସହଭାଗୀ ହୋଇଛୁ ଓ ତାଙ୍କ ତୁଲ୍ୟ ପୁନରୁଜ୍ଜୀବିତ ହେବୁ ।

୬ ତାଙ୍କ ସହିତ ଆମ୍ଭମାନଙ୍କର ସମସ୍ତ ପୁରାତନ ପାପଭିଳାଷ କ୍ରୁଶରେ କଣ୍ଟାବିଦ୍ଧ ହୋଇଛି । ଆମର ପତିତ ସ୍ୱଭାବ ସମୂଳେ ବିନଷ୍ଟ ଓ ଉତ୍ପାଟିତ ହୋଇଛି, ଯେପରି ଆମ୍ଭମାନଙ୍କର ପାପାଶକ୍ତ ଶରୀର ଆଉ ପାପର ଅଧୀନ ବା ଦାସ ନ ହୁଏ । ୭ କାରଣ ଆମ୍ଭେମାନେ ଯେତେବେଳେ ପାପ ପ୍ରତି ମୃତ, ଆମ୍ଭେମାନେ ପାପର ଶକ୍ତି ଓ ପ୍ରଲୋଭନରୁ ମୁକ୍ତ ।

୮ ପୁଣି, ଏହା ସୁନିଶ୍ଚିତ ଯେ ଆମ୍ଭମାନଙ୍କର ପୁରାତନ ପାପାଭିଳାଷୀ ସ୍ୱଭାବ ଖ୍ରୀଷ୍ଟଙ୍କ ସହିତ ମୃତ ହୋଇଥିବାରୁ ତାଙ୍କର ନୂତନ ଜୀବନରେ ଆମ୍ଭେମାନେ ତାଙ୍କ ସହିତ ଭାଗୀ ହେବୁ ।

୯ ଖ୍ରୀଷ୍ଟ ମୃତ୍ୟୁରୁ ସଜୀବ ହେଲେ, ସେ ଆଉ କେବେ ହେଁ ମୃତ୍ୟୁଭୋଗ କରିବେ ନାହିଁ । ତାଙ୍କ ଉପରେ ମୃତ୍ୟୁର କୌଣସି ଶକ୍ତି ନାହିଁ ।

୧୦ କାରଣ ସେ ଏକାଥରକେ ପାପର ଶକ୍ତି ଖଣ୍ଡନ କରିବାକୁ ପ୍ରାଣ ଦେଲେ, କିନ୍ତୁ ବର୍ତ୍ତମାନ ସେ ଈଶ୍ୱରଙ୍କ ସହ ଅବିଚ୍ଛେଦ୍ୟ ସହଭାଗିତାରେ ଚିରଜୀବିତ ଅଟନ୍ତି।

୧୧ ଅତଏବ ମନେରଖ, ତୁମ୍ଭମାନଙ୍କର ପୁରାତନ ପାପ ପ୍ରବୃତ୍ତି ମୃତ ଏବଂ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ତୁମ୍ଭେମାନେ ଈଶ୍ୱରଙ୍କ ପ୍ରତି ସଜୀବ ଓ ସଜାଗ ଅଟ।

୧୨ ତୁମ୍ଭମାନଙ୍କର ଏହି ମର ଶରୀରରେ ପାପ ଆଉ ପ୍ରଭୁତ୍ୱ ନ କରୁ, ତୁମ୍ଭେମାନେ କୁଅଭିଳାଷର ଆଉ ବଶବର୍ତ୍ତୀ ନ ହୁଅ।

୧୩ ତୁମ୍ଭମାନଙ୍କ ଶରୀରର କୌଣସି ଅଙ୍ଗ ପାପ କାର୍ଯ୍ୟର ଅସ୍ତ୍ର ରୂପେ ବ୍ୟବହୃତ ନ ହେଉ, ବରଂ ତୁମ୍ଭେମାନେ ଆପଣା ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଈଶ୍ୱରଙ୍କ ନିକଟରେ ସମର୍ପଣ କର। କାରଣ ତୁମ୍ଭେମାନେ ମୃତ୍ୟୁରୁ ସଜୀବ ହୋଇଛ ଏବଂ ଈଶ୍ୱରଙ୍କ ମଙ୍ଗଳମୟ ସଂକଳ୍ପ ସାଧନାର୍ଥେ ତାଙ୍କ ହସ୍ତରେ ଅସ୍ତ୍ର ରୂପେ ବ୍ୟବହୃତ ହେବାକୁ ଇଚ୍ଛା କରୁଛ।

୧୪ ତୁମ୍ଭମାନଙ୍କ ଉପରେ ପାପ ଆଉ ପ୍ରଭୁତ୍ୱ କରିବ ନାହିଁ। କାରଣ ତୁମ୍ଭେମାନେ ଯେଉ ବିଧିବ୍ୟବସ୍ଥା ଲଙ୍ଘନ କରି ପାପର ବଶବର୍ତ୍ତୀ ହୋଇଥାଅ, ତୁମ୍ଭେମାନେ ଆଉ ସେଥିରେ ବନ୍ଧା ନୁହଁ, ମାତ୍ର ଈଶ୍ୱରଙ୍କ ମହାନୁଗ୍ରହ ଓ କୃପାରୁ ମୁକ୍ତି ପାଇଛ।

## ଖ୍ରୀଷ୍ଟବିଶ୍ୱାସୀ ପାପର କବଳରୁ ମୁକ୍ତ

୧୫ ତାହାହେଲେ ଆମ୍ଭମାନଙ୍କର ପରିତ୍ରାଣ ବିଧିବ୍ୟବସ୍ଥା ପାଳନ ଉପରେ ନିର୍ଭର ନ କରି ଈଶ୍ୱରଙ୍କ ଅନୁଗ୍ରହ ଉପରେ ନିର୍ଭର କରୁଛି ବୋଲି ଆମେ କ'ଣ ଏଣିକି ନିର୍ବିକାର ଚିତ୍ତରେ ପାପ କରିବା ? ନା, ଆଦୌ ନୁହେଁ !

୧୬ ତୁମ୍ଭେମାନେ କାହାକୁ ପ୍ରଭୁ ବୋଲି ସ୍ୱୀକାର କର, ତାହା ଯେ ନିଜେ ନିଷ୍ପତ୍ତି କରିଥାଅ, ଏହା କ'ଣ ଜାଣିନାହିଁ ? ପାପ (ଯାହାର ପରିଣାମ ମୃତ୍ୟୁ) କିମ୍ବା ଆଜ୍ଞା ପାଳନ (ଯାହାର ପରିଣାମ ମୁକ୍ତି), ଏ ଦୁଇ ମଧ୍ୟରୁ ତୁମେ ଯାହା ନିକଟରେ ନିଜକୁ ସମର୍ପଣ କରିବ, ସେ ତୁମର ପ୍ରଭୁ ହେବ ଓ ତୁମେ ତାହାର ଦାସ ହେବ।

୧୭ ଧନ୍ୟ ଈଶ୍ୱର ! ତୁମ୍ଭେମାନେ ପୂର୍ବେ ପାପର କ୍ରୀତଦାସ ଥିଲେ ସୁଦ୍ଧା ଏବେ ମନପ୍ରାଣ ଦେଇ ଈଶ୍ୱରଦତ୍ତ ଧର୍ମଶିକ୍ଷାର ଆଜ୍ଞାବହ ହୋଇଛ।

୧୮ ଆଉ, ତୁମ୍ଭେମାନେ ଏବେ ତୁମ୍ଭମାନଙ୍କର ପୁରାତନ ପ୍ରଭୁ ଅର୍ଥାତ୍ ପାପର କବଳରୁ ମୁକ୍ତ ହୋଇ ତୁମ୍ଭମାନଙ୍କର ନୂତନ ପ୍ରଭୁ ଅର୍ଥାତ୍ ଧର୍ମର ଦାସ ହୋଇଛ।

୧୯ ବୁଝିବାକୁ ସହଜ ହେବ ବୋଲି ମୁଁ ଦାସ ଓ ମୁନିବର ଉଦାହରଣ ଦେଇ କହୁଛି। ପୂର୍ବେ ତୁମ୍ଭେମାନେ ଯେପରି ପାପର ଦାସ ଥିଲ, ବର୍ତ୍ତମାନ ସେହିପରି ଧାର୍ମିକତା ଓ ପବିତ୍ରତାର ଦାସ ହୁଅ।

୨୦ ତୁମ୍ଭେମାନେ ଯେତେବେଳେ ପାପର ଦାସ ଥିଲ, ସେତେବେଳେ ଧାର୍ମିକତା ପାଇଁ ଆଗ୍ରହୀ ନ ଥିଲ।

୨୧ ଫଳତଃ, ସେହି ସମୟର କାର୍ଯ୍ୟକଳାପ ଏବେ ସ୍ମରଣ କରିବାକୁ ସୁଦ୍ଧା ତୁମ୍ଭମାନଙ୍କର ଲଜ୍ଜାବୋଧ ହେଉଛି। କାରଣ ସେସବୁର ପରିଣାମ ହେଉଛି ମୃତ୍ୟୁ।

୨୨ ମାତ୍ର ବର୍ତ୍ତମାନ ତୁମ୍ଭେମାନେ ପାପର ଶକ୍ତିରୁ ମୁକ୍ତ ହୋଇ ଈଶ୍ୱରଙ୍କ କ୍ରୀତଦାସ ହୋଇଛ ଏବଂ ଫଳସ୍ୱରୂପ ପବିତ୍ରତା ଓ ଅନନ୍ତ ଜୀବନ ଲାଭ କରିଛ।

୨୩ କାରଣ ପାପର ବେତନ ମୃତ୍ୟୁ, କିନ୍ତୁ ଆମ୍ଭମାନଙ୍କର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହ ଦାନ ଅନନ୍ତ ଜୀବନ ଅଟେ।

## ଅଧ୍ୟାୟ ୭

୧ ହେ ଯିହୁଦୀ ଭାଇମାନେ, ତୁମ୍ଭେମାନେ କ'ଣ ଜାଣି ନାହଁ ଯେ ମୃତ୍ୟୁ ପରେ ମନୁଷ୍ୟ ଉପରେ ବିଧିବ୍ୟବସ୍ଥାର କୌଣସି ଅଧିକାର ନ ଥାଏ ?

୨ ଉଦାହରଣ ସ୍ୱରୂପ, ନିୟମ ଅନୁସାରେ ସ୍ୱାମୀ ଯେପର୍ଯ୍ୟନ୍ତ ଜୀବିତ ଥାଏ, ସ୍ତ୍ରୀର ଜୀବନ ତାହାର ସ୍ୱାମୀର ଜୀବନ ସହିତ ବନ୍ଧା ଥାଏ। କିନ୍ତୁ ସ୍ୱାମୀ ଯଦି ମରିଯାଏ, ତେବେ ସ୍ତ୍ରୀ ବୈବାହିକ ବନ୍ଧନରୁ ମୁକ୍ତ ହୁଏ।

୩ ସେତେବେଳେ ସେ ଇଚ୍ଛା କଲେ, ଅନ୍ୟକୁ ବିବାହ କରିପାରେ। କିନ୍ତୁ ସ୍ୱାମୀର ଜୀବିତାବସ୍ଥାରେ ସ୍ତ୍ରୀ ଯଦି ଅନ୍ୟକୁ ବିବାହ କରେ, ତେବେ ତାହା ପାପ ବୋଲି ଧରାଯାଏ। କିନ୍ତୁ ସ୍ୱାମୀର ମୃତ୍ୟୁ ପରେ ତାହା ପାପ ବୋଲି ଧରାଯାଏ ନାହିଁ।

୪ ପୂର୍ବେ ଯିହୁଦୀୟ ବିଧିବ୍ୟବସ୍ଥା ତୁମ୍ଭମାନଙ୍କର 'ସ୍ୱାମୀ' ବା ପ୍ରଭୁ ସ୍ୱରୂପ ଥିଲା। କିନ୍ତୁ ତୁମ୍ଭେମାନେ କ୍ରୁଶରେ ଖ୍ରୀଷ୍ଟଙ୍କ ସହ 'ମୃତ' ହେବାରୁ ବିଧିବ୍ୟବସ୍ଥା ଆଉ ତୁମ୍ଭମାନଙ୍କର 'ସ୍ୱାମୀ' ନୁହେଁ କିମ୍ବା ତୁମ୍ଭମାନଙ୍କ ଉପରେ ତାହାର ଆଉ ଅଧିକାର ନାହିଁ। ଖ୍ରୀଷ୍ଟଙ୍କ ସହିତ ତୁମ୍ଭେମାନେ ମୃତ୍ୟୁରୁ ପୁନରୁଜ୍ଜୀବିତ ହୋଇ ନୂତନ ମନୁଷ୍ୟ ହେଲ। ଯେ ମୃତ୍ୟୁରୁ ପୁନରୁତ୍ଥିତ ହେଲେ, ତୁମ୍ଭେମାନେ ଏବେ ତାଙ୍କରି ସହିତ ମିଳିତ ହୋଇଛ, ଯଦ୍ୱାରା ତୁମ୍ଭେମାନେ ଈଶ୍ୱରଙ୍କ ନିମନ୍ତେ ସତ୍କର୍ମ ରୂପ ସୁଫଳ ଉତ୍ପନ୍ନ କରିପାରିବ।

୫ ପୂର୍ବେ ତୁମ୍ଭମାନଙ୍କର ପୁରାତନ ସ୍ୱଭାବ ଈଶ୍ୱରଙ୍କ ବିରୁଦ୍ଧାଚରଣ କରି କୁଅଭିଳାଷଜାତ କାର୍ଯ୍ୟ ସବୁ କରିବାକୁ ପ୍ରବର୍ତ୍ତନା ଦେଉଥିଲା ଓ ମୃତ୍ୟୁଜନକ ଫଳ ଉତ୍ପନ୍ନ କରୁଥିଲା।

୬ କିନ୍ତୁ ବର୍ତ୍ତମାନ ତୁମ୍ଭେମାନେ ବିଧିବ୍ୟବସ୍ଥା ପ୍ରତି ମୃତ ହୋଇ ତାହାର ବନ୍ଧନରୁ ମୁକ୍ତ ହୋଇଛ, ତେଣୁ ପୁରାତନ ଅଭ୍ୟାସବଶତଃ କେବଳ କେତେଗୁଡ଼ିଏ ବିଧି ଓ ନିୟମ ପାଳନ ନ କରି ତୁମ୍ଭେମାନେ ଏବେ ନୂତନ ଭାବରେ (ମନପ୍ରାଣ ଦେଇ) ଈଶ୍ୱରଙ୍କର ପ୍ରକୃତ ସେବା କରିପାରିବ।

## ବିଧିବ୍ୟବସ୍ଥା ଓ ପାପ

୭ ତେବେ ତୁମେ କ'ଣ ଭାବୁଛ, ମୁଁ ଈଶ୍ୱରଙ୍କର ବିଧିବ୍ୟବସ୍ଥା ସବୁ ମନ୍ଦ ବୋଲି କହୁଛି ? ତାହା ନୁହେଁ ! ବିଧିବ୍ୟବସ୍ଥା ପାପଜନକ ନୁହେଁ, ବିଧିବ୍ୟବସ୍ଥା ଯୋଗୁଁ ହିଁ ମୁଁ ମୋର ପାପ ଦେଖିପାରିଲି। ''ଲୋଭ କରିବ ନାହିଁ'', ଏହି ଆଜ୍ଞା ଯଦି ନ ଥାଆନ୍ତା, ତେବେ ମୋର ହୃଦୟସ୍ଥ ଗୁପ୍ତ ପାପ ଲୋଭକୁ ମୁଁ ଜାଣି ନ ଥାଆନ୍ତି।

୮ କିନ୍ତୁ ପାପ ଏହି ଆଜ୍ଞାର ସୁଯୋଗ ନେଇ ଲୋଭ କରିବା ଯେ ନିଷିଦ୍ଧ, ତାହା ମୋତେ ମନେ ପକାଇ ମୋ' ମଧ୍ୟରେ ସବୁ ପ୍ରକାର ଲୋଭ ଜନ୍ମାଇଲା ! ଆଜ୍ଞା ଲଙ୍ଘନ କରିବା ପାଇଁ ଯଦି କୌଣସି ବିଧିବ୍ୟବସ୍ଥା ନ ଥାଆନ୍ତା, ତେବେ ତ ପାପକର୍ମ ମଧ୍ୟ ନ ଥାଆନ୍ତା।

୯ ଏକ ସମୟରେ ମୁଁ ବିଧିବ୍ୟବସ୍ଥାର ଦାବୀ ସମ୍ପର୍କରେ ଅଜ୍ଞ ଥାଇ ଜୀବନଯାପନ କରୁଥିଲି। କିନ୍ତୁ ସତ୍ୟଜ୍ଞାନ ପାଇବା ମାତ୍ରେ ହୃଦୟଙ୍ଗମ କଲି ଯେ ମୁଁ ଜଣେ ଆଜ୍ଞାଲଙ୍ଘନକାରୀ ପାପୀ ଓ ମୋ' ଉପରେ ମୃତ୍ୟୁଦଣ୍ଡ ରହିଛି।

୧୦ ଏହାଦ୍ୱାରା ଯେଉଁ ବିଧିବ୍ୟବସ୍ଥା ମୋତେ ଜୀବନ ପଥରେ କଢ଼ାଇ ନେଇଥାଆନ୍ତା, ତାହା ମୋର ମୃତ୍ୟୁଦଣ୍ଡର କାରଣ ହେଲା।

୧୧ ଈଶ୍ୱରଙ୍କର ଉତ୍ତମ ବିଧିବ୍ୟବସ୍ଥା ସମୂହକୁ ନେଇ ପାପ ମୋତେ ଭୁଲାଇ ମୃତ୍ୟୁଦଣ୍ଡର ଯୋଗ୍ୟ କଲା।

୧୨ କିନ୍ତୁ ମନେରଖ, ବିଧିବ୍ୟବସ୍ଥା ସମ୍ପୂର୍ଣ୍ଣ ନ୍ୟାୟସଙ୍ଗତ ଓ ଉତ୍ତମ।

୧୩ ତେବେ ବିଧିବ୍ୟବସ୍ଥା ଯଦି ଉତ୍ତମ, ତାହା ମୋ' ପ୍ରତି ମୃତ୍ୟୁଜନକ ହେଲା କିପରି ? ନା, ପାପ ଏକ ଉତ୍ତମ ବିଷୟର ସୁଯୋଗ ନେଇ ମୋ' ଉପରେ ମୃତ୍ୟୁଦଣ୍ଡ ଆଣିଲା। ଏଥିରୁ ତୁମେ ବୁଝିପାରିବ ଯେ ପାପ କେଡ଼େ ମାରାତ୍ମକ ଓ ଜଘନ୍ୟ ! କାରଣ ପାପ ଈଶ୍ୱରଙ୍କର ଉତ୍ତମ ବିଧିବ୍ୟବସ୍ଥାକୁ ନେଇ ନିଜର ମନ୍ଦ ଅଭିପ୍ରାୟରେ ବ୍ୟବହାର କରେ।

୧୪ ବିଧିବ୍ୟବସ୍ଥା ଉତ୍ତମ ; କିନ୍ତୁ ସମସ୍ୟାଟା ମୋ' ମଧ୍ୟରେ, କାରଣ ମୁଁ ପାପର କ୍ରୀତଦାସ।

୧୫ ଏ ବିଷୟରେ ମୁଁ ନିଜେ ନିଜକୁ ବୁଝିବାକୁ ଅକ୍ଷମ, କାରଣ ଯାହା ଉତ୍ତମ, ମୁଁ ତାହା କରିବାକୁ ଇଚ୍ଛା କରି ସୁଦ୍ଧା କରିପାରୁନାହିଁ। ଅଥଚ ଯାହା କରିବାକୁ ଇଚ୍ଛା କରେ ନାହିଁ ବା କରିବାକୁ ଘୃଣା କରେ, ତାହା ମୁଁ କରେ।

୧୬ ମୁଁ ଯାହା କରେ, ତାହା ମନ୍ଦ ବୋଲି ଭଲରୂପେ ଜାଣେ ଏବଂ ମୋର

ବିବେକ ମୋତେ ଦୋଷୀ କରୁଥିବାରୁ ମୁଁ ଜାଣେ ଯେ ମୁଁ ଆଜ୍ଞାଲଙ୍ଘନ କରୁଛି।

୧୭ ମୁଁ ନିଜେ ନିଜକୁ କ୍ଷାନ୍ତ କରିପାରେ ନାହିଁ। କାରଣ ଏହା ଯେ ମୁଁ କରେ, ତାହା ନୁହେଁ; ମୋ' ମଧ୍ୟରେ ଥିବା ପାପ ମୋ'ଠାରୁ ଅଧିକ ଶକ୍ତିଶାଳୀ ହୋଇଥିବାରୁ ମୋତେ ମନ୍ଦ କାର୍ଯ୍ୟ କରିବାକୁ ପ୍ରବର୍ତ୍ତାଏ।

୧୮ ମୁଁ ଜାଣେ ଯେ ମୋର ପୁରାତନ ପାପପ୍ରବୃତ୍ତି ଯୋଗୁଁ ମୋର ଅନ୍ତର ମଧ୍ୟରେ କୌଣସି ଉତ୍ତମତା ନାହିଁ। ଉତ୍ତମ କାର୍ଯ୍ୟ କରିବାକୁ ଇଚ୍ଛା ଥିଲେ ସୁଦ୍ଧା କାର୍ଯ୍ୟରେ ପରିଣତ କରିବାକୁ ମୁଁ ଶକ୍ତିହୀନ।

୧୯ ମୁଁ ଯେତେବେଳେ ଉତ୍ତମ କାର୍ଯ୍ୟ କରିବାକୁ ଇଚ୍ଛା କରେ, ତାହା କରେ ନାହିଁ ; ଆଉ ଯେତେବେଳେ ମନ୍ଦ କାର୍ଯ୍ୟ କରିବାକୁ ଇଚ୍ଛା କରେ ନାହିଁ, ତାହା ହିଁ କରିଥାଏ।

୨୦ ଯଦି ମୁଁ କୌଣସି ବିଷୟ କରିବାକୁ ଇଚ୍ଛା ନ କରି ସୁଦ୍ଧା କରୁଛି, ତେବେ ଏହା ସୁସ୍ପଷ୍ଟ ଯେ ମୁଁ ଆହୁରି ପାପର କବଳରେ ରହିଛି।

୨୧ ପ୍ରକୃତରେ, ମୁଁ ଉତ୍ତମ ବିଷୟ କରିବାକୁ ଯାଇ ମନ୍ଦ କାର୍ଯ୍ୟ ହିଁ କରିଦେଉଛି।

୨୨ ମୁଁ ମୋର ନୂତନ ସ୍ୱଭାବ ଦ୍ୱାରା ଈଶ୍ୱରଙ୍କ ଇଚ୍ଛା ପାଳନ କରିବାକୁ ଭଲ ପାଏ।

୨୩, ୨୪, ୨୫ କିନ୍ତୁ ମୋର ଅନ୍ତର ମଧ୍ୟରେ ନୀଚ ପ୍ରବୃତ୍ତିର ଏକ ଶକ୍ତି ମୋ' ମନ ବିରୁଦ୍ଧରେ ଯୁଦ୍ଧ କରି ଜୟଲାଭ କରୁଛି, ଯାହା ଫଳରେ ମୋର ମଧ୍ୟସ୍ଥ ପାପର ମୁଁ କ୍ରିତଦାସ ହୋଇ ରହିଛି। ମନରେ ମୁଁ ଈଶ୍ୱରଙ୍କ ସେବକ ହେବାକୁ ଇଚ୍ଛା କଲେ ସୁଦ୍ଧା ପାପର ବନ୍ଦୀ ହୋଇ ରହିଛି। ମୋର ନୂତନ ସ୍ୱଭାବ ଉତ୍ତମ କାର୍ଯ୍ୟ କରିବାକୁ ମୋତେ ପ୍ରବର୍ତ୍ତନା ଦେଉଛି କିନ୍ତୁ ମୋର ମଧ୍ୟରେ ଥିବା ପୁରାତନ ସ୍ୱଭାବ ପାପ କରିବାକୁ ପ୍ରବଳ ଇଚ୍ଛା ଜନ୍ମାଉଛି। ହାୟ, ମୁଁ କେଡ଼େ ହତଭାଗ୍ୟ ! ଏହି ମାରାତ୍ମକ ପାପ ପ୍ରବୃତ୍ତିରୁ କି ଏ ମୋତେ ମୁକ୍ତି ଦେବ ? ଧନ୍ୟ ଈଶ୍ୱର ! ପ୍ରଭୁ ଯୀଶୁଖ୍ରୀଷ୍ଟ ଏହା ସାଧନ କରିଛନ୍ତି ; ସେ ମୋତେ ମୁକ୍ତି ଦେଇଛନ୍ତି।

## ପବିତ୍ରଆତ୍ମା ଅଧିକୃତ ଜୀବନ

## ଅଧ୍ୟାୟ ୮

ଅତଏବ ଯେଉଁମାନେ ଖ୍ରୀଷ୍ଟଙ୍କର, ସେମାନଙ୍କ ଉପରେ ବର୍ତ୍ତମାନ କୌଣସି ଦଣ୍ଡାଜ୍ଞା ନାହିଁ।

୨ କାରଣ, ପବିତ୍ରଆତ୍ମାଙ୍କର ଯେଉଁ ଜୀବନଦାୟକ ଶକ୍ତି ମୁଁ ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ପାଇଛି, ସେହି ଶକ୍ତି ମୋତେ ପାପ ଓ ମୃତ୍ୟୁରୁ ମୁକ୍ତ କରିଛି।

୩ ଈଶ୍ୱରଙ୍କ ଆଜ୍ଞାସମୂହ କେବଳ ଜାଣିବା ଦ୍ୱାରା ଆମେ ପାପର କବଳରୁ ରକ୍ଷା ପାଉନାହୁଁ, କାରଣ ଆମେ ତ ସେସମସ୍ତ ପାଳନ କରୁନାହୁଁ କିମ୍ବା କରିପାରୁନାହୁଁ। କିନ୍ତୁ ଈଶ୍ୱର ଆମ୍ଭମାନଙ୍କର ପରିତ୍ରାଣ ନିମନ୍ତେ ଏକ ଭିନ୍ନ ପରିକଳ୍ପନା କାର୍ଯ୍ୟକାରୀ କଲେ। ସେ ଆପଣା ପୁତ୍ରଙ୍କୁ ମନୁଷ୍ୟ ରୂପରେ ପ୍ରେରଣ କଲେ ; ପ୍ରଭେଦ ଏହି ଯେ ଆମ୍ଭମାନଙ୍କର ଶରୀର ପାପପୂର୍ଣ୍ଣ (କିନ୍ତୁ ତାଙ୍କଠାରେ ପାପର ଲେଶମାତ୍ର ନ ଥିଲା) । ଆଉ, ଆମ୍ଭମାନଙ୍କର ପାପ ପାଇଁ ସେ ଆପଣାକୁ ବଳି ରୂପେ ଉତ୍ସର୍ଗ କରିବା ଦ୍ୱାରା ଆମ୍ଭମାନଙ୍କ ଉପରୁ ପାପର ଶକ୍ତିକୁ ବିନାଶ କଲେ।

୪ ତେଣୁ ବର୍ତ୍ତମାନ ହୃଦୟସ୍ଥ ପୁରାତନ ପାପ ପ୍ରକୃତିର ବଶୀଭୂତ ନ ହୋଇ ଯଦି ଆମ୍ଭେମାନେ ପବିତ୍ରଆତ୍ମାଙ୍କ ଆଜ୍ଞାବହ ହେଉ, ତେବେ ଈଶ୍ୱରଙ୍କ ବିଧିବ୍ୟବସ୍ଥା ପାଳନ କରିପାରିବୁ।

୫ ଯେଉଁମାନେ ନୀଚ ପ୍ରକୃତିର ବଶୀଭୂତ ହୋଇ ଜୀବନ କାଟନ୍ତି, ସେମାନେ କେବଳ ନିଜକୁ ହିଁ ସନ୍ତୁଷ୍ଟ କରିଥାଆନ୍ତି। ମାତ୍ର ଯେଉଁମାନେ ପବିତ୍ରଆତ୍ମାଙ୍କର ଆଜ୍ଞାବହ ହୁଅନ୍ତି, ସେମାନେ ଈଶ୍ୱରଙ୍କ ସନ୍ତୋଷଜନକ କାର୍ଯ୍ୟ କରିଥାଆନ୍ତି।

୬ ପବିତ୍ରଆତ୍ମାଙ୍କ ଅନୁଗାମୀ ହେବାର ପରିଣାମ ହେଉଛି ଜୀବନ ଓ ଶାନ୍ତି। ଶାନ୍ତି। ପୁରାତନ ସ୍ୱଭାବର ଅନୁଗାମୀ ହେବାର ପରିଣାମ ହେଉଛି ମୃତ୍ୟୁ।

୭ କାରଣ, ଆମ୍ଭମାନଙ୍କର ଅନ୍ତରସ୍ଥ ପୁରାତନ ପାପ ପ୍ରକୃତି ଈଶ୍ୱରବିରୋଧୀ ଅଟେ। ତାହା ଈଶ୍ୱରଙ୍କ ବିଧିବ୍ୟବସ୍ଥା କେବେ ପାଳନ କରିନାହିଁ କିମ୍ବା କେବେ କରିବ ନାହିଁ।

୮ ସେଥିପାଇଁ ଯେଉଁମାନେ ପୁରାତନ ପାପ ପ୍ରକୃତିର ଆହୁରି ବଶବର୍ତ୍ତୀ ହୋଇ ପୁରାତନ କୁଅଭିଳାଷ ଚରିତାର୍ଥ କରିବାରେ ଲାଳାୟିତ, ସେମାନେ କେବେ ଈଶ୍ୱରଙ୍କ ସନ୍ତୋଷଜନକ ହେବେ ନାହିଁ।

୯ କିନ୍ତୁ ତୁମ୍ଭେମାନେ ସେପରି ନୁହଁ। ତୁମ୍ଭମାନଙ୍କ ଅନ୍ତର ମଧ୍ୟରେ ଈଶ୍ୱରଙ୍କ ପବିତ୍ରଆତ୍ମା ଯଦି ବାସ କରୁଛନ୍ତି, ତେବେ ତୁମ୍ଭେମାନେ ନୂତନ ସ୍ୱଭାବର ବଶୀଭୂତ ଅଟ। ମନେରଖ, ଯଦି କାହାରି ଅନ୍ତର ମଧ୍ୟରେ ଖ୍ରୀଷ୍ଟଙ୍କର ଆତ୍ମା ନାହାନ୍ତି, ତେବେ ସେ ଖ୍ରୀଷ୍ଟଙ୍କର ନୁହେଁ।

୧୦ ତଥାପି, ଖ୍ରିଷ୍ଟ ତୁମ ମଧ୍ୟରେ ବାସ କଲେ ସୁଦ୍ଧା ପାପ ହେତୁ ତୁମ ଶରୀରର ମୃତ୍ୟୁ ହେବ; କିନ୍ତୁ ତୁମ ଆତ୍ମା ଜୀବିତ ରହିବ କାରଣ ଖ୍ରୀଷ୍ଟ ତାହାକୁ କ୍ଷମା ଦେଇଛନ୍ତି।

୧୧ ଆହୁରି ମଧ୍ୟ, ଯେଉଁ ଈଶ୍ୱର ମୃତମାନଙ୍କ ମଧ୍ୟରୁ ଯୀଶୁଙ୍କୁ ପୁନରୁତ୍ଥିତ କଲେ, ତାଙ୍କରି ଆତ୍ମା ଯଦି ତୁମ ଅନ୍ତରରେ ବାସ କରୁଛନ୍ତି, ତେବେ ତୁମ ଅନ୍ତରସ୍ଥ ସେହି ପବିତ୍ରଆତ୍ମା ମୃତ୍ୟୁ ପରେ ତୁମର ମର୍ତ୍ତ୍ୟଶରୀରକୁ ପୁନର୍ବାର ସଜୀବ କରିବେ।

୧୨ ତେଣୁ ପ୍ରିୟ ଭାଇମାନେ, ତୁମ୍ଭ ମାନଙ୍କର ପୁରାତନ ପାପ ପ୍ରବୃତ୍ତିର ଅଭିଳାଷ ସାଧନ କରିବାକୁ ତୁମ୍ଭେମାନେ କୌଣସିମତେ ବାଧ୍ୟ ନୁହଁ।

୧୩ କାରଣ ତାହାର ଅନୁଗାମୀ ହେଲେ ତୁମ୍ଭେମାନେ ବିନଷ୍ଟ ଓ ଧ୍ୱଂସପ୍ରାପ୍ତ ହେବ। କିନ୍ତୁ ପବିତ୍ରଆତ୍ମାଙ୍କ ଶକ୍ତିରେ ତୁମ୍ଭେମାନେ ଯଦି ପାପ ପ୍ରବୃତ୍ତି ଓ ତହିଁରୁ ଜାତ ପାପକର୍ମ ସବୁ ଧ୍ୱଂସ କର, ତେବେ ତୁମ୍ଭେମାନେ ବଞ୍ଚିବ।

୧୪ କାରଣ ଯେଉଁମାନେ ଈଶ୍ୱରଙ୍କ ଆତ୍ମାଙ୍କ ଚାଳନାରେ ଜୀବନଯାପନ କରନ୍ତି, ସେମାନେ ସମସ୍ତେ ଈଶ୍ୱରଙ୍କ ସନ୍ତାନ।

୧୫ ତେଣୁ ଭୀରୁ କ୍ରୀତଦାସମାନଙ୍କ ତୁଲ୍ୟ ଆଚରଣ ନ କରି ଈଶ୍ୱରଙ୍କ ସନ୍ତାନୋଚିତ ଆଚରଣ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ। କାରଣ ଆମ୍ଭେମାନେ ଈଶ୍ୱରଙ୍କ ପରିବାରରେ ଗ୍ରହଣଯୋଗ୍ୟ ହୋଇ ତାହାଙ୍କୁ "ପିତା, ପିତା" ବୋଲି ସମ୍ବୋଧନ କରିଥାଉ।

୧୬ ତାଙ୍କର ପବିତ୍ରଆତ୍ମା ଆମ୍ଭମାନଙ୍କ ହୃଦୟ ମଧ୍ୟରେ ଏହି କଥା ଜଣାଉଛନ୍ତି ଯେ ଆମ୍ଭେମାନେ ପ୍ରକୃତରେ ତାଙ୍କର ସନ୍ତାନ।

୧୬ ଆମ୍ଭେମାନେ ତାଙ୍କର ସନ୍ତାନ ହୋଇଥିବାରୁ ତାଙ୍କର ଐଶ୍ୱର୍ଯ୍ୟରେ ସହଭାଗୀ ଅଟୁ, କାରଣ ଈଶ୍ୱର ଯାହା ଯାହା ଆପଣା ପୁତ୍ର ଯୀଶୁଙ୍କୁ ଦିଅନ୍ତି, ବର୍ତ୍ତମାନ ସେସମସ୍ତ ଆମ୍ଭମାନଙ୍କର ମଧ୍ୟ ଅଟେ। କିନ୍ତୁ ଆମ୍ଭେମାନେ ଯଦି ତାଙ୍କ ଗୌରବରେ ସହଭାଗୀ, ତେବେ ତାଙ୍କ ଦୁଃଖଭୋଗରେ ମଧ୍ୟ ସହଭାଗୀ ହେବା ଆମର ଉଚିତ।

### ଭବିଷ୍ୟତ୍ ଗୌରବମୟ

୧୮ ପରବର୍ତ୍ତୀ କାଳରେ ସେ ଆମ୍ଭମାନଙ୍କୁ ଯେଉଁ ଗୌରବ ପ୍ରଦାନ କରିବେ, ତାହା ତୁଳନାରେ ଏହି ବର୍ତ୍ତମାନକାଳର ଦୁଃଖ କିଛିହିଁ ନୁହେଁ।

୧୯ କାରଣ, ଯେଉଁଦିନ ଈଶ୍ୱର ଆପଣା ସନ୍ତାନମାନଙ୍କୁ ପୁନରୁଜ୍ଜୀବିତ କରିବେ, ସମଗ୍ର ସୃଷ୍ଟି ଧୈର୍ଯ୍ୟ ସହକାରେ ସେହି ଆଗାମୀ ଦିନର ଅପେକ୍ଷାରେ ରହିଛି।

୨୦, ୨୧ ଯେହେତୁ ସେହିଦିନରେ ପାପ, ମୃତ୍ୟୁ ଓ କ୍ଷୟ - ଯାହା କିଛି ଜଗତର ଇଚ୍ଛା ବିରୁଦ୍ଧରେ ଈଶ୍ୱରଙ୍କ ଆଦେଶରେ ଜଗତକୁ ବଶୀଭୂତ କଲା, ' ସେ ସମସ୍ତ ଲୋପ ପାଇବ ଏବଂ ଈଶ୍ୱରଙ୍କ ସନ୍ତାନମାନେ ଯେଉଁ ପାପମୁକ୍ତ ଗୌରବମୟ ସ୍ୱାଧୀନତା ଉପଭୋଗ କରନ୍ତି, ଆମ୍ଭମାନଙ୍କର ଚତୁର୍ଦ୍ଦିଗସ୍ଥ ସୃଷ୍ଟି ମଧ୍ୟ ସେହି ସ୍ୱାଧୀନତା ଉପଭୋଗ କରିବ।

୨୨ କାରଣ ଆମ୍ଭେମାନେ ଜାଣୁ ଯେ ସେହି ମହାଦିବସର ଅପେକ୍ଷାରେ ରହି ସମଗ୍ର ସୃଷ୍ଟି ଏପରି କି ପ୍ରାଣୀ ଓ ଉଦ୍ଭିଦ ଜଗତ ମଧ୍ୟ ରୋଗ, ବ୍ୟାଧି

ଓ ମୃତ୍ୟୁଭୋଗ କରୁଛି ।

୨୩ ପୁଣି, ଆମେ ଖ୍ରୀଷ୍ଟବିଶ୍ୱାସୀମାନେ ଭବିଷ୍ୟଦ୍ ଗୌରବର ପୂର୍ବାଭାସ ରୂପେ ଆମ ଅନ୍ତରରେ ପବିତ୍ରଆତ୍ମାଙ୍କୁ ପାଇଥିଲେ ମଧ୍ୟ ଦୁଃଖକଷ୍ଟରୁ ମୁକ୍ତିଲାଭ ଆଶାରେ ଆର୍ତ୍ତନାଦ କରୁଛୁ । ଆମେ ମଧ୍ୟ ଧୈର୍ଯ୍ୟ ସହକାରେ ସେହିଦିନର ଅପେକ୍ଷାରେ ରହିଛୁ, ଯେଉଁଦିନରେ କି ଈଶ୍ୱର ଆମ୍ଭମାନଙ୍କୁ ତାଙ୍କର ସନ୍ତାନତ୍ୱର ପୂର୍ଣ୍ଣ ଅଧିକାର ଦେବେ । ତହିଁ ସଙ୍ଗେ ସେ ତାଙ୍କର ପ୍ରତିଜ୍ଞାନୁସାରେ ଆମ୍ଭମାନଙ୍କୁ ନୂତନ ଶରୀର ଦେବେ । ଏହି ଶରୀର ଆଉ କେବେହେଲେ ବ୍ୟାଧିଗ୍ରସ୍ତ ହେବ ନାହିଁ କି ମୃତ୍ୟୁଭୋଗ କରିବ ନାହିଁ ।

୨୪ ଆମେ ବିଶ୍ୱାସ ଦ୍ୱାରା ପରିତ୍ରାଣ ପାଇଛୁ । ବିଶ୍ୱାସର ଅର୍ଥ ଏହି ଯେ ଯାହା ପାଇ ନାହୁଁ, ତାହା ପାଇବା ଆଶାରେ ଅପେକ୍ଷା କରିବା । କାରଣ କୌଣସି ଲୋକ ଯଦି କିଛି ପାଇସାରିଛି, ତାହା ପାଇବା ଆଶାରେ ସେ ଆଉ ଅପେକ୍ଷା କରେ ନାହିଁ ।

୨୫ ମାତ୍ର ଆମେ ଯେବେ ଅଦୃଶ୍ୟ ବିଷୟ ପାଇବାକୁ ଈଶ୍ୱରଙ୍କ ସମ୍ମୁଖରେ ଅପେକ୍ଷାରେ ରହୁ, ତେବେ ଆମ୍ଭେମାନେ ଧୈର୍ଯ୍ୟ ଧରିବାକୁ ଓ ଭରସା କରିବାକୁ ଶିଖୁ ।

୨୬ ସେହିପରି ଭାବରେ ବିଶ୍ୱାସ ଦ୍ୱାରା ପବିତ୍ରଆତ୍ମା ଆମ୍ଭମାନଙ୍କର ଦୈନନ୍ଦିନ ସମସ୍ୟାଗୁଡ଼ିକରେ ଓ ପ୍ରାର୍ଥନାରେ ଆମ୍ଭମାନଙ୍କୁ ସାହାଯ୍ୟ କରନ୍ତି । କାରଣ, କ'ଣ ପ୍ରାର୍ଥନା କରିବା ଓ କିପରି ପ୍ରାର୍ଥନା କରିବା ଉଚିତ, ତାହା ଆମେ ଜାଣି ପାରୁନା । କିନ୍ତୁ ପବିତ୍ରଆତ୍ମା ଏତେ ଆବେଗରେ ଆମ ନିମନ୍ତେ ପ୍ରାର୍ଥନା କରନ୍ତି ଯେ ତାହା ଭାଷାରେ ବ୍ୟକ୍ତ କରାଯାଇ ପାରେ ନାହିଁ ।

୨୭ ପୁଣି, ଯେଉଁ ପିତା ଈଶ୍ୱର ସମସ୍ତଙ୍କ ହୃଦୟ ଅନୁସନ୍ଧାନ କରନ୍ତି, ପବିତ୍ରଆତ୍ମା କ'ଣ ନିବେଦନ କରନ୍ତି, ତାହା ସେ ଜାଣନ୍ତି । କାରଣ ଆତ୍ମା ଈଶ୍ୱରଙ୍କ ଇଚ୍ଛା ସହିତ ଇଚ୍ଛା ମିଳାଇ ଆମ୍ଭମାନଙ୍କ ପାଇଁ ପ୍ରାର୍ଥନା କରନ୍ତି ।

୨୮ ଆମ୍ଭେମାନେ ଜାଣୁ ଯେ ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି ଓ ତାଙ୍କର ଅଭିପ୍ରାୟ ସାଧନ କରନ୍ତି, ସେମାନଙ୍କ ପ୍ରତି ଯାହା କିଛି ଘଟୁ ନା କାହିଁକି, ସମସ୍ତ ବିଷୟ ସେମାନଙ୍କ ନିମନ୍ତେ ମଙ୍ଗଳଜନକ ହୁଏ ।

୨୯ କାରଣ ଆଦ୍ୟରୁ ଈଶ୍ୱର ସ୍ଥିର କରିଛନ୍ତି ଯେ ଯେଉଁମାନେ ତାଙ୍କ ନିକଟକୁ ଆସିବେ - ଆଉ, କେଉଁମାନେ ଆସିବେ, ତାହା ସେ ଜାଣନ୍ତି - ସେମାନେ ତାଙ୍କ ପୁତ୍ରଙ୍କ ସଦୃଶ ହେବେ ହେଲେ ଯେପରି କି ତାଙ୍କ ପୁତ୍ର ଅନେକ ଭ୍ରାତା ମଧ୍ୟରେ ଅଗ୍ରଜ ହେବେ ।

୩୦ ସେ ଆମ୍ଭମାନଙ୍କୁ ମନୋନୀତ କରି ତାଙ୍କ ନିକଟକୁ ଯିବା ପାଇଁ ଆହ୍ୱାନ କଲେ । ଆମ୍ଭେମାନେ ତାଙ୍କ ନିକଟକୁ ଯିବାରୁ ସେ ଆମ୍ଭମାନଙ୍କୁ ନିର୍ଦ୍ଦୋଷ ଘୋଷଣା କଲେ । ସେ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କର ଧାର୍ମିକତାରେ ପୂର୍ଣ୍ଣ କଲେ, ଆପଣା ସହିତ ପୁନର୍ମିଳିତ କଲେ ଏବଂ ଆପଣାର ଗୌରବ ଆମ୍ଭମାନଙ୍କୁ ଦେବା ନିମନ୍ତେ ପ୍ରତିଜ୍ଞା କଲେ ।

୩୧ ଏ ପ୍ରକାର ଅପୂର୍ବ ବିଷୟରେ ଆମେ କ'ଣ କହିପାରୁ ? ଈଶ୍ୱର ଯଦୀ ଆମ ସପକ୍ଷରେ ଅଛନ୍ତି, ଆମର ବିପକ୍ଷ କିଏ ହୋଇପାରେ ?

୩୨ ସେ ଯଦୀ ତାଙ୍କର ପୁତ୍ରଙ୍କୁ ସୁଦ୍ଧା ରକ୍ଷା ନ କରି ଆମ ପାଇଁ ସମର୍ପି ଦେଲେ, ତେବେ ସେ କ'ଣ ଅନ୍ୟ ସମସ୍ତ ବିଷୟ ଆମ୍ଭମାନଙ୍କୁ ଦେବେ ନାହିଁ ?

୩୩ ଈଶ୍ୱର ଯେଉଁମାନଙ୍କୁ ନିଜସ୍ୱ କରିବା ନିମନ୍ତେ ମନୋନୀତ କଲେ, ସେମାନଙ୍କ ବିରୁଦ୍ଧରେ କିଏ ଅଭିଯୋଗ କରିପାରେ ? ଈଶ୍ୱର ତ ତାହା କରିବେ ନାହିଁ । ସେ ସେମାନଙ୍କର ପାପ କ୍ଷମା କରି ସେମାନଙ୍କୁ ଆପଣା ସହିତ ମିଳିତ କରିଛନ୍ତି ।

### ଖ୍ରୀଷ୍ଟଙ୍କ ପ୍ରେମର ବନ୍ଧନ

୩୪ ତେବେ କିଏ ଆମ୍ଭମାନଙ୍କୁ ଦଣ୍ଡାଜ୍ଞା ଦେବ ଖ୍ରୀଷ୍ଟ ତ ଦେବେ ନାହିଁ । କାରଣ ସେ ଆମ୍ଭମାନଙ୍କ ନିମନ୍ତେ ଜୀବନ ଦେଲେ, ପୁନରୁଜ୍ଜୀବିତ ହେଲେ ଏବଂ ସ୍ୱର୍ଗରେ ଈଶ୍ୱରଙ୍କ ଦକ୍ଷିଣ ପାଶ୍ୱରେ ବସି ଆମ୍ଭମାନଙ୍କ ନିମନ୍ତେ ନିବେଦନ କରୁଛନ୍ତି ।

୩୫ ତେବେ ଖ୍ରୀଷ୍ଟଙ୍କ ପ୍ରେମରୁ କିଏ ଆମ୍ଭମାନଙ୍କୁ ବିଚ୍ଛିନ୍ନ କରିପାରେ ? ଆମ୍ଭେମାନେ ଯେତେ ବେଳେ ନାନାଦି କ୍ଳେଶ ଓ ସଙ୍କଟର ସମ୍ମୁଖୀନ ହେଉ ଆମ ପ୍ରତି ନିର୍ଯ୍ୟାତନା ଆସେ, ତେବେ ସେ କଣ ଆମ୍ଭମାନଙ୍କୁ ସେତେବେଳେ ପ୍ରେମ କରନ୍ତି ନାହିଁ ବୋଲି ବୁଝିବା ? ପୁଣି, ଆମ୍ଭେମାନେ ଯେତେବେଳେ କ୍ଷୁଧିତ ବା ଅଭାବଗ୍ରସ୍ତ ହେଉ ବା ବିପଦରେ ପଡୁ ବା ଆମର ଜୀବନ ବିପନ୍ନ ହୁଏ, ସେତେବେଳେ ଈଶ୍ୱର ଆମ୍ଭମାନଙ୍କୁ କ'ଣ ପରିତ୍ୟାଗ କରିଛନ୍ତି ବୋଲି ମନେ କରିବା ?

୩୬ ନା, କାରଣ ଧର୍ମଶାସ୍ତ୍ରରେ ଲିଖିତ ଅଛି, ଆମ୍ଭେମାନେ ତାଙ୍କ ସକାଶେ ମୃତ୍ୟୁଭୋଗ କରିବାକୁ ପ୍ରତି ମୂହୁର୍ତ୍ତ ପ୍ରସ୍ତୁତ ଥିବା ଉଚିତ । କାରଣ ଆମ୍ଭେମାନେ ହଣା ହେବା ଅପେକ୍ଷାରେ ରହିଥିବା ମେଷ ତୁଲ୍ୟ ।

୩୭ ଏହାସତ୍ତ୍ୱେ, ଆମ୍ଭେମାନେ ଖ୍ରୀଷ୍ଟଙ୍କ ଦ୍ୱାରା ବିଜୟୀ ଜୀବନ ଯାପନ କରୁଛୁ । କାରଣ ସେ ଆମ୍ଭମାନଙ୍କୁ ଏତେ ପ୍ରେମ କଲେ ଯେ ଆମ୍ଭମାନଙ୍କ ନିମନ୍ତେ ପ୍ରାଣ ଦେଲେ ମୁଁ ନିଶ୍ଚିତ ଭାବେ ଜାଣେ ଯେ କୌଣସି ବିଷୟ ଆମ୍ଭମାନଙ୍କୁ ତାହାଙ୍କ ପ୍ରେମରୁ କଦାପି ବିଚ୍ଛିନ୍ନ କରିପାରିବ ନାହିଁ ; ମୃତ୍ୟୁ କି ଜୀବନ ତାହା କରିପାରିବେ ନାହିଁ ; ସ୍ୱର୍ଗଦୂତମାନେ ତାହା କରିବେ ନାହିଁ ଏବଂ ନରକର ସମସ୍ତ ଶକ୍ତି ଈଶ୍ୱରଙ୍କ ପ୍ରେମକୁ ଦୂରେଇ ରଖି ପାରିବ ନାହିଁ । ବର୍ତ୍ତମାନ ନିମନ୍ତେ ଆଶଙ୍କା କି ଭବିଷ୍ୟଦ୍ ନିମନ୍ତେ ଆମର ଦୁଶ୍ଚିନ୍ତା କିମ୍ବା ଆମେ ଯେଉଁଠାରେ ଥାଉ ନା କାହିଁକି-ମହାକାଶରେ ବା ଗଭୀର ସାଗର ମଧ୍ୟରେ-ଏପରି କୌଣସି ବିଷୟ ନାହିଁ ଯାହା ଆମ୍ଭମାନଙ୍କର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ମୃତ୍ୟୁରେ ପ୍ରକାଶିତ ଈଶ୍ୱରଙ୍କ ପ୍ରେମରୁ ଆମ୍ଭମାନଙ୍କୁ ବିଚ୍ଛିନ୍ନ କରିପାରିବ ।

---

# ପିତରଙ୍କ ପ୍ରଥମ ପତ୍ର

## ଅଧ୍ୟାୟ ୧

ଯୀଶୁଙ୍କର ପ୍ରଧାନ ଶିଷ୍ୟ ପିତର ଯେଉଁ ସମୟରେ ଏହି ପତ୍ରଟି ଲେଖିଥିଲେ, ସେତେବେଳେ ଖ୍ରୀଷ୍ଟବିଶ୍ୱାସୀମାନେ ଦୁଃସହ ନିର୍ଯ୍ୟାତନାର ସମ୍ମୁଖୀନ ହୋଇଥିଲେ । ସେଥିପାଇଁ ପିତର ଏହି ପତ୍ରରେ ସେମାନଙ୍କୁ ଉତ୍ସାହ ଦେଇ ବିଶ୍ୱାସରେ ଅଟଳ କରିବାକୁ ଓ ସ୍ୱର୍ଗରେ ସଞ୍ଚିତ ଅକ୍ଷୟ ଉତ୍ତରାଧିକାର ପ୍ରତି ଲକ୍ଷ୍ୟ ରଖିବାକୁ ବିଶେଷଭାବେ ସ୍ମରଣ କରାଇଛନ୍ତି ।

୧ ଯୀଶୁଖ୍ରୀଷ୍ଟଙ୍କର ପ୍ରେରିତଶିଷ୍ୟ ମୁଁ ପିତର, ଏହି ପତ୍ର ଲେଖୁଅଛି । ଯେଉଁ ଯୀହୂଦୀ ଖ୍ରୀଷ୍ଟବିଶ୍ୱାସୀମାନେ ଦେଶରୁ ନିର୍ବାଚିତ ହୋଇ ପନ୍ତସ, ଗାଲାତୀଆ, କାପାଦୋସୀଆ, ଏସିଆ ଏବଂ ବିଥିନୀଆ ଦେଶରେ ବାସ କରୁଛନ୍ତି, ମୁଁ ସେମାନଙ୍କୁ ଅଭିବାଦନ ଜଣାଉଛି ।

୨ ପ୍ରିୟ ବନ୍ଧୁଗଣ, ପିତା ଈଶ୍ୱର ତୁମ୍ଭମାନଙ୍କୁ ବହୁ ପୂର୍ବରୁ ମନୋନୀତ କରିଥିଲେ ଏବଂ ତୁମ୍ଭେମାନେ ତାଙ୍କର ସନ୍ତାନ ବୋଲି ଜାଣିଥିଲେ । ତୁମ୍ଭେମାନେ ଯେପରି ଯୀଶୁଖ୍ରୀଷ୍ଟଙ୍କ ରକ୍ତରେ ପବିତ୍ରୀକୃତ ହୋଇ ତାଙ୍କର ସନ୍ତୋଷଭାଜନ ହେବ, ଏଥିପାଇଁ ପବିତ୍ରଆତ୍ମା ତୁମ୍ଭମାନଙ୍କ ହୃଦୟରେ କାର୍ଯ୍ୟ କରିଛନ୍ତି । ଈଶ୍ୱରଙ୍କ ଅନୁଗ୍ରହ ଓ ଶାନ୍ତି ବହୁଳ ଭାବରେ ତୁମ୍ଭମାନଙ୍କ ପ୍ରତି ବର୍ତ୍ତୁ ।

### ବିଶ୍ୱାସର ଅଗ୍ନି ପରୀକ୍ଷା

୩ ଆମ୍ଭମାନଙ୍କର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ପିତା ଈଶ୍ୱରଙ୍କ ଗୌରବ ହେଉ । ଆମ୍ଭେମାନେ ଈଶ୍ୱରଙ୍କ ଅସୀମ ଅନୁଗ୍ରହରୁ ନୂତନ ଜନ୍ମଲାଭ କରି ତାଙ୍କ ପରିବାରଭୁକ୍ତ ହୋଇଛୁ ଏବଂ ଯୀଶୁଖ୍ରୀଷ୍ଟ ମୃତ୍ୟୁରୁ ପୁନରୁତ୍‌ଥିତ ହେବା ଦ୍ୱାରା ଆମ୍ଭେମାନେ ଅନନ୍ତଜୀବନ ଭରସାରେ ଜୀବନ ଯାପନ କରୁଛୁ ।

୪ ପୁଣି, ଈଶ୍ୱର ତାହାଙ୍କ ସନ୍ତାନମାନଙ୍କ ନିମନ୍ତେ ଅନନ୍ତଜୀବନ ରୂପ ଯେଉଁ ଅମୂଲ୍ୟ ଦାନ ରଖିଛନ୍ତି, ସେହି ଅକ୍ଷୟ, ଅକଳୁଷିତ, ଅପରିବର୍ତ୍ତନୀୟ ଉତ୍ତରାଧିକାର ତୁମ୍ଭମାନଙ୍କ ନିମନ୍ତେ ସ୍ୱର୍ଗରେ ସଂରକ୍ଷିତ ଅଛି ।

୫ ତାହା ପ୍ରାପ୍ତ ନ ହେବା ପର୍ଯ୍ୟନ୍ତ ଈଶ୍ୱର ତୁମ୍ଭମାନଙ୍କ ବିଶ୍ୱାସ ହେତୁ ତାହାଙ୍କ ମହାଶକ୍ତିରେ ତୁମ୍ଭମାନଙ୍କୁ ରକ୍ଷା କରିବେ । ଅନ୍ତିମକାଳରେ ତାହା ତୁମ୍ଭମାନଙ୍କର

ହେବ ଓ ସମସ୍ତଙ୍କ ନିକଟରେ ପ୍ରକାଶିତ ହେବ ।

୬ ତେଣୁ ଆନନ୍ଦିତ ହୁଅ । ସଂପ୍ରତି ଏ ଜଗତରେ ନାନାଦୀ ଦୁଃଖକ୍ଳେଶ ଭୋଗ କରିବାକୁ ହେଲେ ସୁଦ୍ଧା ତୁମ୍ଭମାନଙ୍କ ନିମନ୍ତେ ଅପୂର୍ବ ଆନନ୍ଦ ସଞ୍ଚିତ ଅଛି ।

୭ ଏହି ପ୍ରକାର ଅଗ୍ନି ପରୀକ୍ଷା ତୁମ୍ଭମାନଙ୍କ ବିଶ୍ୱାସର ଦୃଢ଼ତା ଓ ଯଥାର୍ଥତା ପରୀକ୍ଷା ନିମନ୍ତେ ଉଦ୍ଦିଷ୍ଟ । ସୁବର୍ଣ୍ଣ କ୍ଷୟଶୀଳ ପଦାର୍ଥ ହେଲେ ସୁଦ୍ଧା ତାହା ବିଶୁଦ୍ଧ କି ନାହିଁ, ଅଗ୍ନିରେ ପରୀକ୍ଷା କରାଯାଏ । ସେହିପରି ତୁମ୍ଭମାନଙ୍କର ବିଶ୍ୱାସ, ଯାହା କି ସୁବର୍ଣ୍ଣଠାରୁ ମୂଲ୍ୟବାନ, ତାହା ଦୁଃଖକ୍ଳେଶ ରୂପ ଅଗ୍ନିପରୀକ୍ଷା ଦ୍ୱାରା ପରୀକ୍ଷିତ ହେଉଛି । ତୁମ୍ଭମାନଙ୍କର ବିଶ୍ୱାସ ଅଟଳ ରହିଲେ ଯୀଶୁଖ୍ରୀଷ୍ଟଙ୍କର ପୁନରାଗମନ ଦିନରେ ତୁମ୍ଭେମାନେ ପ୍ରଶଂସା, ଗୌରବ ଓ ସମ୍ମାନ ଲାଭ କରିବ ।

୮ ତୁମ୍ଭେମାନେ ତାଙ୍କୁ ଦେଖିନାହିଁ ତଥାପି ପ୍ରେମ ଓ ଭକ୍ତି କରୁଛ । ପୁଣି, ବର୍ତ୍ତମାନ ନ ଦେଖିଲେ ହେଁ ତାଙ୍କଠାରେ ବିଶ୍ୱାସ କରୁଛ ଏବଂ ବର୍ଣ୍ଣନାତୀତ ସ୍ୱର୍ଗୀୟ ଆନନ୍ଦ ଲାଭ କରୁଛ ।

୯ ଆହୁରି ମଧ୍ୟ, ତୁମ୍ଭମାନଙ୍କର ବିଶ୍ୱାସର ଫଳ ସ୍ୱରୂପ ତୁମ୍ଭମାନଙ୍କର ଆତ୍ମା ପରିତ୍ରାଣ ପାଇବ ।

୧୦ ଏହି ପିରତ୍ରାଣ ସମ୍ବନ୍ଧରେ ଭାବବାଦୀମାନେ ପୂର୍ବକାଳରେ ଲେଖିଥିଲେ, କିନ୍ତୁ ସେମାନେ ତାହା ସମ୍ପୂର୍ଣ୍ଣଭାବେ ବୁଝି ନ ଥିଲେ । ସେମାନଙ୍କର ମନରେ ଅନେକ ପ୍ରଶ୍ନ ଉଠିଥିଲା ।

୧୧ ସେମାନଙ୍କ ଅନ୍ତରରେ ଖ୍ରୀଷ୍ଟଙ୍କର ଆତ୍ମା ଯେତେବେଳେ ଖ୍ରୀଷ୍ଟଙ୍କର ଦୁଃଖଭୋଗ ଓ ପରବର୍ତ୍ତୀ ଗୌରବ ବିଷୟରେ ସେମାନଙ୍କୁ ଭବିଷ୍ୟଦ୍‌ବାଣୀ ଲେଖିବାକୁ କହିଥିଲେ, ସେତେବେଳେ ସେସବୁ କେଉଁ ସମୟରେ ଓ କାହା ପ୍ରତି ଘଟିବ, ତାହା ସେମାନେ ଜାଣିବାକୁ ଇଚ୍ଛା କରିଥିଲେ ।

୧୨ ଅବଶେଷରେ ସେମାନଙ୍କୁ କୁହା ହୋଇଥିଲା ଯେ ସେହି ସମସ୍ତ ଘଟନା ସେମାନଙ୍କ ଜୀବଦଶାରେ ଘଟିବ ନାହିଁ ମାତ୍ର ବହୁ ବର୍ଷ ପରେ ତୁମ୍ଭମାନଙ୍କର ସମୟରେ ଘଟିବ । ସ୍ୱର୍ଗରୁ ପ୍ରେରିତ ଯେଉଁ ପବିତ୍ରଆତ୍ମା ସେମାନଙ୍କୁ ସେତେବେଳେ ବାର୍ତ୍ତା ଦେଇଥିଲେ, ସେହିଁ ପବିତ୍ରଆତ୍ମାଙ୍କ ଶକ୍ତିରେ ସୁସମାଗ୍ଭର ପ୍ରଗ୍ଭରକମାନେ ଏବେ ତୁମ୍ଭମାନଙ୍କ ନିକଟରେ ସେହି ସବୁ ବିଷୟ ସ୍ପଷ୍ଟଭାବେ ପ୍ରକାଶ କରିଛନ୍ତି । ଏହିସବୁ ବିଷୟ ଆହୁରି ଅଧିକ ଜାଣିବାକୁ ସ୍ୱର୍ଗଦୂତମାନେ ସୁଦ୍ଧା ଆଗ୍ରହୀ ।

୧୩ ଅତଏବ ସଚେତନ ଥାଅ, ଆତ୍ମସଂଯମୀ ହୁଅ ଯୀଶୁଖ୍ରୀଷ୍ଟଙ୍କର ପୁନରାଗମନ ସମୟରେ ଈଶ୍ୱରଙ୍କ ଅନୁଗ୍ରହ ଲାଭ କରିବାକୁ ପୂର୍ଣ୍ଣ ବିଶ୍ୱାସ ରଖ ।

## ପବିତ୍ର ଜୀବନ ନିମନ୍ତେ ଆହ୍ୱାନ

୧୪ ତୁମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ହୋଇଥିବାରୁ ତାହାଙ୍କର ଆଜ୍ଞାବହ ହୁଅ । ଅଜ୍ଞାନତାବଶତଃ ପୂର୍ବେ ଯେପରି କୁଅଭିଳାଷର ବଶବର୍ତ୍ତୀ ହେଉଥିଲ, ଆଉ ସେପରି ହୁଅ ନାହିଁ ।

୧୫ କିନ୍ତୁ ତୁମ୍ଭମାନଙ୍କର ଆହ୍ୱାନକର୍ତ୍ତା ଯେପରି ପବିତ୍ର, ତୁମ୍ଭେମାନେ ବର୍ତ୍ତମାନ ନିଜ ନିଜ କାର୍ଯ୍ୟକଳାପରେ ସେହିପରି ପବିତ୍ର ହୁଅ ।

୧୬ ଧର୍ମଶାସ୍ତ୍ରରେ ସ୍ୱୟଂ ଈଶ୍ୱର କହିଛନ୍ତି, "ତୁମ୍ଭେମାନେ ପବିତ୍ର ହୁଅ, କାରଣ ମୁଁ ପବିତ୍ର ।"*

୧୭ ମନେରଖ, ତୁମ୍ଭେମାନେ ଯେଉଁ ସ୍ୱର୍ଗସ୍ଥ ପିତାଙ୍କ ନିକଟରେ ପ୍ରାର୍ଥନା କର, ସେ ପ୍ରତ୍ୟେକର କର୍ମାନୁସାରେ ନିରପେକ୍ଷ ବିଗ୍ଭର କରନ୍ତି, ତେଣୁ ଇହ ଜୀବନରେ ତାଙ୍କ ପ୍ରତି ଭୟ ଓ ଭକ୍ତି ସହକାରେ ଆଚରଣ କର ।

୧୮ ତୁମ୍ଭମାନଙ୍କର ପିତୃପୁରୁଷ ମାନେ, ତୁମ୍ଭ ମାନଙ୍କୁ ସ୍ୱର୍ଗ ଲାଭର ଯେଉଁ ଅସାର ପନ୍ଥା ଅବଲମ୍ବନ କରିବାକୁ ଶିଖାଇଥିଲେ, ସେହିଁ ଅସାର ପନ୍ଥାରୁ ଈଶ୍ୱର ତୁମ୍ଭମାନଙ୍କୁ ମୁକ୍ତ କରିଛନ୍ତି, ଏହା ତୁମ୍ଭେମାନେ ଜାଣ । ସେ ଯେଉଁ ମହାମୂଲ୍ୟ ଦେଇ ତୁମ୍ଭମାନଙ୍କୁ ମୁକ୍ତି ଦେଇଛନ୍ତି, ତାହା ସୁନା କି ରୂପା ଭଳି କ୍ଷୟଶୀଳ ବିଷୟ ନୁହେଁ ।

୧୯ ମାତ୍ର ନିର୍ଦ୍ଦୋଷ, ନିଷ୍କଳଙ୍କ 'ମେଷ ଶାବକ' ଯେ ଖ୍ରୀଷ୍ଟ, ତାହାଙ୍କ ଅମୂଲ୍ୟ ରକ୍ତ ଦ୍ୱାରା ତୁମ୍ଭେମାନେ ମୁକ୍ତି ପାଇଛି ।

୨୦ ଜଗତର ସୃଷ୍ଟି ପୂର୍ବରୁ ଈଶ୍ୱର ଏହି ଉଦ୍ଦେଶ୍ୟ ସାଧନ ନିମନ୍ତେ ଖ୍ରୀଷ୍ଟଙ୍କୁ ମନୋନୀତ କରିଥିଲେ ସୁଦ୍ଧା ଏବେ ଏହି ଶେଷକାଳରେ ତୁମ୍ଭମାନଙ୍କ କଲ୍ୟାଣାର୍ଥେ ଖ୍ରୀଷ୍ଟ ପ୍ରକାଶିତ ହେଲେ ।

୨୧ ଯେଉଁ ଈଶ୍ୱର ଖ୍ରୀଷ୍ଟଙ୍କୁ ମୃତ୍ୟୁରୁ ପୁନରୁତ୍‌ଥିତ କରି ଗୌରବାନ୍ୱିତ କରିଛନ୍ତି, ସେହି ଈଶ୍ୱରଙ୍କଠାରେ ତୁମ୍ଭେମାନେ ଖ୍ରୀଷ୍ଟଙ୍କ ହେତୁ ବିଶ୍ୱାସ ସ୍ଥାପନ କରିଛ; ତେଣୁ ଏବେ କେବଳ ସେ ତୁମ୍ଭମାନଙ୍କର ଆଶା ଓ ବିଶ୍ୱାସର ସ୍ଥଳ ।

୨୨ ତୁମ୍ଭେମାନେ ପରିତ୍ରାଣ ନିମନ୍ତେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିଥିବାରୁ ତୁମ୍ଭମାନଙ୍କର ଆତ୍ମା ନିଃସ୍ୱାର୍ଥପର ଓ ନିଷ୍କପଟ ଭ୍ରାତୃପ୍ରେମ ନିମନ୍ତେ ଶୁଦ୍ଧ ହୋଇଛି । ତେଣୁ ପରସ୍ପରକୁ ଆନ୍ତରିକତା ସହ ପ୍ରେମ କରିବା ତୁମ୍ଭମାନଙ୍କର କର୍ତ୍ତବ୍ୟ ।

୨୩ ତୁମ୍ଭେମାନେ ଏକ ନୂତନ ଜୀବନ ପାଇଛ । ଏହି ଜୀବନ ତୁମ୍ଭମାନଙ୍କର ପିତାମାତାଙ୍କଠାରୁ ପ୍ରାପ୍ତ ମର ଜୀବନ ନୁହେଁ । ଏହି ନୂତନ ଜୀବନ ଅମର, କାରଣ ଏହା ଖ୍ରୀଷ୍ଟଙ୍କଠାରୁ ଆଗତ ଏବଂ ଖ୍ରୀଷ୍ଟ ହେଉଛନ୍ତି ମନୁଷ୍ୟମାନଙ୍କ ପ୍ରତି ଈଶ୍ୱରଙ୍କର ଅନନ୍ତ, ଅମର ବାଣୀ ।

୨୪, ୨୫ କାରଣ "ମର ଜୀବନ ଘାସ ତୁଲ୍ୟ, ଜୀବନର ସମସ୍ତ ଗୌରବ ଘାସ ଫୁଲ ସଦୃଶ । ଘାସ ଝାଉଁଳି ଯାଏ, ଫୁଲ ଝଡ଼ିପଡ଼େ, ମାତ୍ର ପ୍ରଭୁଙ୍କର ବାଣୀ ଚିରସ୍ଥାୟୀ ।" ଆଉ, ତୁମ୍ଭମାନଙ୍କ ନିକଟରେ ପ୍ରଗ୍ଭରିତ ସୁସମାଗ୍ଭର ହିଁ ସେହି ବାଣୀ ଅଟେ ।

## ତୁମ୍ଭେମାନେ ଈଶ୍ୱରଙ୍କ ମନୋନୀତ

### ଅଧ୍ୟାୟ ୨

୧ ଅତଏବ ସମସ୍ତ ପ୍ରକାର ବିଦ୍ୱେଷଭାବେ, ଛଳନା, ଅସାଧୁତା, ଈର୍ଷା ଓ ପରନିନ୍ଦା ପରିହାର କର ।

୨, ୩ ନବଜାତ ଶିଶୁ ଯେପରି ଦୁଗ୍ଧ ପାଇଁ ଲାଳାୟିତ ହୁଏ, ତୁମ୍ଭେମାନେ ସେହିପରି ବିଶୁଦ୍ଧ ଦୁଗ୍ଧ ରୂପ ଆଧ୍ୟାତ୍ମିକ ବିଷୟ ପ୍ରତି ଲାଳାୟିତ ହୁଅ । ତାହାହେଲେ, ତୁମ୍ଭେମାନେ ବୃଦ୍ଧି ଲାଭ କରି ପରିତ୍ରାଣର ପୂର୍ଣ୍ଣତା ପ୍ରାପ୍ତ ହେବ ।

୪ କାରଣ ତୁମ୍ଭେମାନେ ପ୍ରଭୁଙ୍କର ମହାଦୟା ଉପଲବ୍ଧି କରିଛ । ଖ୍ରୀଷ୍ଟଙ୍କ ନିକଟକୁ ଆସ; ସେ ଜୀବନ୍ତ ଭିତ୍ତି ପ୍ରସ୍ତର ସ୍ୱରୂପ, ମନୁଷ୍ୟର ଅଗ୍ରାହ୍ୟ ହେଲେ ହେଁ ଈଶ୍ୱରଙ୍କ ମନୋନୀତ ଓ ତାଙ୍କ ଦୃଷ୍ଟିରେ ଅମୂଲ୍ୟ ।

୫ ତୁମ୍ଭେମାନେ ଈଶ୍ୱରଙ୍କ ମନ୍ଦିର ଗଠନରେ ବ୍ୟବହୃତ ହେବା ପାଇଁ ଜୀବନ୍ତ ପ୍ରସ୍ତର ସ୍ୱରୂପ ହେବାକୁ ଆସ । ଅଧିକନ୍ତୁ, ତୁମ୍ଭେମାନେ ତାଙ୍କର ପବିତ୍ର ଯାଜକକୂଳ (ଏବଂ ଖ୍ରୀଷ୍ଟଙ୍କ ହେତୁ ଈଶ୍ୱରଙ୍କ ଗ୍ରହଣୀୟ ହୋଇଥିବାରୁ) ତାହାଙ୍କ ଉଦ୍ଦେଶ୍ୟରେ ସୁଗ୍ରାହ୍ୟ ଆତ୍ମିକ ବଳି ଉତ୍ସର୍ଗ କରିବାକୁ ଆସ ।

୬ ଧର୍ମଶାସ୍ତ୍ରରେ ଏହିପରି ଲେଖାଅଛି :

'ଦେଖ, ମୁଁ ଖ୍ରୀଷ୍ଟଙ୍କୁ ମୋର ମଣ୍ଡଳୀର ବହୁମୂଲ୍ୟ କୋଣପ୍ରସ୍ତର ସ୍ୱରୂପ ମନୋନୀତ କରି ପ୍ରେରଣ କରୁଛି । ଯେ ତାଙ୍କଠାରେ ବିଶ୍ୱାସ କରେ, ସେ କେବେ ନିରାଶ ହେବ ନାହିଁ ।

୭ ତୁମ୍ଭେମାନେ ବିଶ୍ୱାସୀ ହୋଇଥିବାରୁ ସେ ତୁମ୍ଭମାନଙ୍କ ପ୍ରତି ଅତି ମୂଲ୍ୟବାନ୍ । କିନ୍ତୁ ଯେଉଁମାନେ ତାଙ୍କୁ ଅଗ୍ରାହ୍ୟ କରନ୍ତି, ସେମାନଙ୍କ ପ୍ରତି ସେ ସେହି ପ୍ରସ୍ତର ସ୍ୱରୂପ, 'ଯେଉଁ ପ୍ରସ୍ତର, ନିର୍ମାଣକାରୀମାନେ ଅଗ୍ରାହ୍ୟ କଲେ କିନ୍ତୁ ତାହା କୋଣପ୍ରସ୍ତର ରୂପେ ଗୃହର ପ୍ରଧାନ ଓ ବିଶିଷ୍ଟ ପ୍ରସ୍ତର ହେଲା ।'

୮ ଧର୍ମଶାସ୍ତ୍ରରେ ଆହୁରି ମଧ୍ୟ ଲେଖାଅଛି, 'ଯେଉଁ ପ୍ରସ୍ତର ଉପରେ ଅନେକେ ଝୁଣ୍ଟିବେ, ସେ ସେହି ପ୍ରସ୍ତର ସ୍ୱରୂପ ହେବେ ଏବଂ ଯେଉଁ ଶିଳାଖଣ୍ଡ ସେମାନଙ୍କ ପତନର କାରଣ ହେବ, ସେ ସେହି ଶିଳା ସ୍ୱରୂପ ହେବେ? ।' ସେମାନଙ୍କର ଝୁଣ୍ଟିବାର କାରଣ ହେଉଛି, ସେମାନେ ଈଶ୍ୱରଙ୍କ ବାଣୀ ପ୍ରତି ମନୋଯୋଗୀ ନୁହନ୍ତି କିମ୍ବା ତାଙ୍କର ଆଜ୍ଞାବହ ନୁହନ୍ତି । ତେଣୁ ସେମାନଙ୍କର ପତନ ହିଁ ସେମାନଙ୍କର ଦଣ୍ଡ ହେବ ।

୯ ଯେଉଁ ଈଶ୍ୱର ତୁମ୍ଭମାନଙ୍କୁ ଅନ୍ଧକାର ମଧ୍ୟରୁ ତାଙ୍କର ଅପୂର୍ବ ଆଲୋକକୁ ଆହ୍ୱାନ କରିଛନ୍ତି, ତୁମ୍ଭେମାନେ ଯେପରି ତାଙ୍କର ମହିମା ଅନ୍ୟମାନଙ୍କ ନିକଟରେ ପ୍ରକାଶ କରିବ, ସେଥିପାଇଁ ତୁମ୍ଭେମାନେ ତାଙ୍କର ମନୋନୀତ ଲୋକ, ରାଜାଙ୍କର ଯାଜକକୁଳ, ପବିତ୍ରଜାତି ଓ ଈଶ୍ୱରଙ୍କ ସ୍ୱଜନ ହୋଇଅଛ।

୧୦ ପୂର୍ବେ ତୁ ମ୍ଭେମାନେ ଈଶ୍ୱରଙ୍କ ସ୍ୱଜନ ନ ଥିଲ, ବର୍ତ୍ତମାନ ତାଙ୍କର ସ୍ୱଜନ ହୋଇଛ। ପୂର୍ବେ ତୁମ୍ଭେମାନେ ଈଶ୍ୱରଙ୍କ ଦୟା ସମ୍ବନ୍ଧରେ ଅଜ୍ଞ ଥିଲ, ବର୍ତ୍ତମାନ ତାଙ୍କର ଦୟା ତୁମ୍ଭମାନଙ୍କର ଜୀବନକୁ ପରିବର୍ତ୍ତିତ କରିଛି।

୧୧ ପ୍ରିୟ ଭାଇମାନେ, ତୁମ୍ଭେମାନେ ଏ ଜଗତରେ ବିଦେଶୀ ତୁଲ୍ୟ ବାସ କରୁଛ; କାରଣ ତୁମ୍ଭମାନଙ୍କର ପ୍ରକୃତ ଗୃହ ସ୍ୱର୍ଗରେ ଅଛି। ତେଣୁ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଛି, ଜାଗତିକ କୁଅଭିଳାଷରୁ ମୁକ୍ତ ରୁହ କାରଣ ତାହା ତୁମ୍ଭମାନଙ୍କର ନିମନ୍ତେ ନୁହେଁ, ତାହା ତୁମ୍ଭମାନଙ୍କ ଆତ୍ମା ବିରୁଦ୍ଧରେ ଯୁଦ୍ଧ କରେ।

## ଦେଶର ଶାସନବିଧି ମାନି ଚଳ

୧୨ ପରିତ୍ରାଣ ପାଇ ନ ଥିବା ପ୍ରତିବାସୀଙ୍କ ନିକଟରେ କିପରି ଆଚରଣ କରୁଛ, ସେ ବିଷୟରେ ସାବଧାନ ଥାଅ। ଯଦ୍ୟପି ସେମାନେ ତୁମ୍ଭମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖନ୍ତି ଓ ତୁମ୍ଭମାନଙ୍କର ନିନ୍ଦା କରନ୍ତି, ତଥାପି ସେମାନେ ତୁମ୍ଭମାନଙ୍କର ସତ୍‌କର୍ମ ଦେଖି ଖ୍ରୀଷ୍ଟଙ୍କ ଆଗମନ ଦିନରେ ଈଶ୍ୱରଙ୍କ ପ୍ରଶଂସା କରିବେ।

୧୩, ୧୪ ପ୍ରଭୁଙ୍କ ସକାଶେ ଦେଶର ଶାସନବିଧି ଓ ନିୟମ ମାନି ଚଳ। ଦେଶର ସର୍ବୋଚ୍ଚ ଶାସନକର୍ତ୍ତା ଭାବରେ ରାଜାଙ୍କୁ ଏବଂ କର୍ମଗ୍ରାରୀମାନଙ୍କୁ ମାନ୍ୟ କର କାରଣ ସେମାନେ ଦୁଷ୍ଟମାନଙ୍କୁ ଦଣ୍ଡ ଦେବାକୁ ଓ ସଦାଗ୍ରାରୀମାନଙ୍କୁ ପ୍ରଶଂସା କରିବାକୁ ରାଜାଙ୍କ ଦ୍ୱାରା ନିଯୁକ୍ତ।

୧୫ ଯେଉଁମାନେ ନିଜେ କେବେ ସୁସମାଗ୍ରରର ଶକ୍ତି ଅନୁଭବ କରିନାହାନ୍ତି, ସେମାନେ ଅଜ୍ଞାନତାବଶତଃ ସୁସମାଗ୍ରରର ନିନ୍ଦା କରିଥାଆନ୍ତି। ତେଣୁ ତୁମ୍ଭେମାନେ ଯେପରି ସତ୍‌ଜୀବନ ଦ୍ୱାରା ସେହି ଲୋକମାନଙ୍କୁ ନିରୁତ୍ତର କରିବ, ଏହା ଈଶ୍ୱରଙ୍କ ଇଚ୍ଛା।

୧୬ ତୁମ୍ଭେମାନେ ସ୍ୱାଧୀନ କିନ୍ତୁ ଅସତ୍ କର୍ମ କରିବାକୁ ତୁମର ସ୍ୱାଧୀନତା ବ୍ୟବହାର କର ନାହିଁ ବରଂ ଈଶ୍ୱରଙ୍କ ଇଚ୍ଛା ପାଳନକାରୀ ସେବକ ତୁଲ୍ୟ ଜୀବନଯାପନ କର।

୧୭ ସମସ୍ତଙ୍କୁ ସମ୍ମାନ ଦିଅ। ସର୍ବତ୍ର ଖ୍ରୀଷ୍ଟବିଶ୍ୱାସୀ ଭ୍ରାତୃବର୍ଗଙ୍କୁ ସ୍ନେହ କର। ଈଶ୍ୱରଙ୍କୁ ଭୟ ଓ ଭକ୍ତି କର। ଶାସନକର୍ତ୍ତାଙ୍କୁ ସମ୍ମାନ ଦିଅ।

୧୮ ହେ ଦାସମାନେ, ମୁନିବମାନଙ୍କୁ ଭକ୍ତି କର ଓ ସେମାନଙ୍କର ଆଦେଶ ପାଳନ କର - ଯେଉଁମାନେ ଦୟାଳୁ ଓ ସହାନୁଭୂତିଶୀଳ, କେବଳ ସେମାନଙ୍କର ବାଧ୍ୟ ନ ହୋଇ କଠିନମନା ଓ ନିର୍ଦ୍ଦୟ ମୁନିବମାନଙ୍କର ମଧ୍ୟ ବାଧ୍ୟ ହୁଅ।

୧୯ ଯାହା ନ୍ୟାଯ୍ୟ ଓ ଉଚିତ, ତାହା କରିବା ଦ୍ୱାରା ତୁମେ ଯେବେ ଦଣ୍ଡିତ ହୁଅ, ତେବେ ପ୍ରଭୁଙ୍କର ପ୍ରଶଂସା କର।

୨୦ କିନ୍ତୁ ତୁମେ ଯେବେ ଦୋଷ କରିବା ଦ୍ୱାରା ଦଣ୍ଡିତ ହୁଅ ଓ ତାହା ଧୈର୍ଯ୍ୟ ସହକାରେ ସହ୍ୟ କର, ତେବେ ସେଥିରେ ପ୍ରଶଂସାର କୌଣସି କାରଣ ନାହିଁ। କିନ୍ତୁ ନ୍ୟାଯ କାର୍ଯ୍ୟ କରି ତୁମେ ଯେବେ ଧୈର୍ଯ୍ୟ ସହକାରେ କଷ୍ଟ ସହ୍ୟ କର, ତେବେ ତୁମେ ଈଶ୍ୱରଙ୍କ ସନ୍ତୋଷଭାଜନ।

## ଖ୍ରୀଷ୍ଟଙ୍କ ତୁଲ୍ୟ ଦୁଃଖ ସହ୍ୟ କର

୨୧ ତୁମର ଏହିପ୍ରକାର କଷ୍ଟ ସହ୍ୟ କରିବା ଈସ୍ୱରଙ୍କ ଅଭିମତ ଅଟେ। ତୁମ ନିମନ୍ତେ ଖ୍ରୀଷ୍ଟ ମଧ୍ୟ ଦୁଃଖ ସହ୍ୟ କରିଛନ୍ତି ଓ ସେ ତୁମର ଆଦର୍ଶ ଅଟନ୍ତି। ତାଙ୍କରି ଆଦର୍ଶ ଅନୁସରଣ କର।

୨୨, ୨୩ ସେ କେବେ ପାପ କରି ନ ଥିଲେ, କେବେ ମିଥ୍ୟା କହି ନ ଥିଲେ, ସେ ନିନ୍ଦା ପରିବର୍ତ୍ତେ ନିନ୍ଦା କରି ନ ଥିଲେ, ଦୁଃଖଭୋଗ କରିବା ସମୟରେ ପ୍ରତିଶୋଧ ନେବାକୁ ଭୟ ଦେଖାଇ ନ ଥିଲେ। ମାତ୍ର ନ୍ୟାୟ ବିଗ୍ରର କର୍ତ୍ତା ଈଶ୍ୱରଙ୍କ ହସ୍ତରେ ବିଗ୍ରର ଭାର ସମର୍ପଣ କରିଥିଲେ।

୨୪ ସେ କ୍ରୁଶକାଠ ଉପରେ ଆମ୍ଭମାନଙ୍କର ପାପଭାର ସ୍ୱଦେହରେ ବହନ କଲେ ଯେପରି କି ଆମ୍ଭମାନଙ୍କର ପାପଜୀବନର ଅବସାନ ହେବ ଓ ଆମ୍ଭେମାନେ ଧର୍ମଜୀବନ ଯାପନ କରିବୁ। ତୁମ୍ଭେମାନେ ତାଙ୍କର କ୍ଷତ ଦ୍ୱାରା ସୁସ୍ଥ ହୋଇଛ।

୨୫ କାରଣ ମେଷମାନଙ୍କ ତୁଲ୍ୟ ତୁମ୍ଭେମାନେ ବିପଥଗାମୀ ହୋଇଥିଲ କିନ୍ତୁ ଏବେ ତୁମ୍ଭମାନଙ୍କର ପାଳକ ଓ ଆତ୍ମାର ରକ୍ଷକଙ୍କ ନିକଟକୁ ଫେରି ଆସିଛ।

## ସ୍ତ୍ରୀ ଓ ସ୍ୱାମୀମାନଙ୍କ ପ୍ରତି
## ଅଧ୍ୟାୟ ୩

୧ ହେ ସ୍ତ୍ରୀମାନେ, ତୁମ୍ଭେମାନେ ସ୍ୱାମୀମାନଙ୍କର ଅନୁଗତା ହୁଅ; ତାହାହେଲେ ସେମାନେ ଯଦିବା ପ୍ରଭୁଙ୍କ ବିଷୟରେ ତୁମର କଥା ଶୁଣିବାକୁ ଅନିଚ୍ଛୁକ ହୁଅନ୍ତି, ତଥାପି ସ୍ତ୍ରୀର ଭକ୍ତିପୂର୍ଣ୍ଣ ଓ ପବିତ୍ର ଆଚରଣ ଦେଖି ପ୍ରଭୁଙ୍କ ପ୍ରତି ଆକୃଷ୍ଟ ହେବେ। ତୁମ୍ଭମାନଙ୍କର କଥା ଅପେକ୍ଷା ଧାର୍ମିକ ଜୀବନ ସେମାନଙ୍କୁ ଅଧିକ ଆକୃଷ୍ଟ କରିବ।

୩, ୪ କେଶ ବିନ୍ୟାସ, ସୁବର୍ଣ୍ଣ ଅଳଙ୍କାର, ସୁନ୍ଦର ବସ୍ତ୍ର ପ୍ରଭୃତି ବାହ୍ୟ ବେଶଭୂଷା ଉପରେ ତୁମର ସୌନ୍ଦର୍ଯ୍ୟ ନିର୍ଭର ନ କରୁ; ବରଂ ତୁମର ଅନ୍ତରସ୍ଥ ସୌନ୍ଦର୍ଯ୍ୟ ପ୍ରକାଶ ପାଉ। ଯେଉଁ ଚିର ସୁନ୍ଦର ବିନୟ ଓ ସୁଶୀଳ ସ୍ୱଭାବ ଈଶ୍ୱରଙ୍କ ଦୃଷ୍ଟିରେ ବହୁମୂଲ୍ୟ, ସେହି ସୁନ୍ଦର ସ୍ୱଭାବରେ ବିଭୂଷିତା ହୁଅ।

୫ ପୁରାକାଳର ଯେଉଁ ଧାର୍ମିକା ନାରୀମାନେ ଈଶ୍ୱରଙ୍କଠାରେ ଭରସା ରଖିଥିଲେ ଓ ସ୍ୱାମୀମାନଙ୍କର ଅନୁଗତା ଥିଲେ, ସେମାନଙ୍କଠାରେ ଏହି ପ୍ରକାର ସୌନ୍ଦର୍ଯ୍ୟ ଦେଖାଯାଇଥିଲା।

୬ ଉଦାହରଣ ସ୍ୱରୂପ, ସାରା ତାଙ୍କ ସ୍ୱାମୀ ଅବ୍ରହାମଙ୍କର ଆଜ୍ଞାବହ ଥିଲେ ଏବଂ ଗୃହର କର୍ତ୍ତା ଭାବରେ ତାଙ୍କୁ ସମ୍ମାନ ଦେଉଥିଲେ। ତଦ୍ରୂପ ତୁମ୍ଭେମାନେ ସାରାଙ୍କର କନ୍ୟା ରୂପେ କର୍ତ୍ତବ୍ୟ ପାଳନ କରି ତାଙ୍କ ଆଦର୍ଶ ଅନୁସରଣ କର ; ତାହାହେଲେ [ସ୍ୱାମୀମାନଙ୍କୁ ଅସନ୍ତୁଷ୍ଟ କରିବା]· ଭୟ ତୁମ୍ଭମାନଙ୍କ ମନରେ ରହିବ ନାହିଁ।

୭ ସେହିପରି ହେ ସ୍ୱାମୀମାନେ, ତୁମ୍ଭେମାନେ ନିଜ ନିଜ ସ୍ତ୍ରୀମାନଙ୍କ ପ୍ରତି ମନୋଯୋଗୀ ଓ ସହାନୁଭୂତିଶୀଳ ହୁଅ ଓ ସ୍ତ୍ରୀମାନେ ଅବଳା ଜାତି ଜାଣି ସେମାନଙ୍କୁ ସମ୍ମାନ ଦିଅ। ମନେରଖ, ତୁମ୍ଭେମାନେ ତଥା ତୁମ୍ଭମାନଙ୍କର ସ୍ତ୍ରୀମାନେ ସମଭାବରେ ଈଶ୍ୱରଙ୍କ ଆଶୀର୍ବାଦର ଅଧିକାରୀ ଅଟ। ତୁମ୍ଭେମାନେ ଯଦୀ ସେମାନଙ୍କ ପ୍ରତି ଯଥୋଚିତ ବ୍ୟବହାର କର, ତେବେ ତୁମ୍ଭମାନଙ୍କର ପ୍ରାର୍ଥନା ବାଧାପ୍ରାପ୍ତ ହେବ ନାହିଁ।

୮ ପରିଶେଷରେ ତୁମ ସମସ୍ତଙ୍କୁ ମୁଁ କହୁଛି, ତୁମ୍ଭେମାନେ ଗୋଟିଏ ବଡ଼, ସୁଖୀ ପରିବାର ଭଳି ଚଳ ଏବଂ ପରସ୍ପର ପ୍ରତି ସହାନୁଭୂତିଶୀଳ ହୁଅ। ପୁଣି, ଭ୍ରାତୃପ୍ରେମୀ, ଦୟାଳୁ ଓ ନମ୍ରମନା ହୁଅ।

୯ ଅନିଷ୍ଟ ପରିବର୍ତ୍ତେ କାହାର ଅନିଷ୍ଟ କର ନାହିଁ କିମ୍ବା ନିନ୍ଦା ପରିବର୍ତ୍ତେ କାହାର ନିନ୍ଦା କର ନାହିଁ। ବରଞ୍ଚ ସେମାନଙ୍କ ନିମନ୍ତେ ଈଶ୍ୱରଙ୍କ ଆଶୀର୍ବାଦ ଭିକ୍ଷା କର। ତୁମ୍ଭେମାନେ ଅନ୍ୟର ମଙ୍ଗଳ କରିବାକୁ ଆହ୍ୱାନ ପାଇଛ ଏବଂ ତାହା କରିବା ଦ୍ୱାରା ତୁମ୍ଭେମାନେ ନିଜେ ଆଶୀର୍ବାଦ ପ୍ରାପ୍ତ ହେବ।

୧୦ ଧର୍ମଶାସ୍ତ୍ରରେ ଲେଖାଅଛି, "ଯେ ଜୀବନରେ ଆନନ୍ଦ ଓ ମଙ୍ଗଳ ଲାଭ କରିବାକୁ ଇଚ୍ଛା କରେ, ସେ ନିଜର ଜିହ୍ୱାକୁ ଆୟତ୍ତ କରୁ ଏବଂ ଓଷ୍ଠାଧରକୁ ମିଥ୍ୟା କଥାରୁ ନିବୃତ୍ତ କରୁ।

୧୧ ସେ ମନ୍ଦରୁ ବିମୁଖ ହୋଇ ସତ୍‌କର୍ମ କରୁ। ସେ ଶାନ୍ତି କାମନା କରୁ ଓ ଶାନ୍ତିରେ ବାସ କରିବାକୁ ସଦା ଯତ୍ନଶୀଳ ହେଉ।

୧୨ କାରଣ, ପ୍ରଭୁଙ୍କର ଦୃଷ୍ଟି ତାଙ୍କର ସନ୍ତାନମାନଙ୍କ ଉପରେ ଥାଏ ଏବଂ ସେମାନଙ୍କ ବିନତି ପ୍ରତି ତାଙ୍କର କର୍ଣ୍ଣ ମୁକ୍ତ ଥାଏ। ମାତ୍ର ଦୁଷ୍ଟମାନଙ୍କ ପ୍ରତି ସେ ବିମୁଖ ହୁଅନ୍ତି।'

## ସତ୍କର୍ମ ସକାଶେ ଦୁଃଖଭୋଗ

୧୩ ତୁମେ ମଙ୍ଗଳକର କାର୍ଯ୍ୟ କଲେ କିଏ କାହିଁକି ତୁମର ଅନିଷ୍ଟ କରିବ ?

୧୪ ଯଦିବା କେହି ଅନିଷ୍ଟ କରେ, ତେବେ ତୁମେ ଈଶ୍ୱରଙ୍କ ଆଶୀର୍ବାଦର ପାତ୍ର। ସେମାନଙ୍କୁ ଭୟ କର ନାହିଁ କିମ୍ବା ମନରେ ବ୍ୟସ୍ତ ହୁଅ ନାହିଁ।

୧୫ ମାତ୍ର ତୁମର ପ୍ରଭୁ ଖ୍ରୀଷ୍ଟଙ୍କଠାରେ ପୂର୍ଣ୍ଣ ବିଶ୍ୱାସ ରଖ। ପୁଣି, କେହି ଯଦି ତୁମ ବିଶ୍ୱାସର କାରଣ ଜାଣିବାକୁ ଇଚ୍ଛା କରେ, ତେବେ ତାହାର ପ୍ରଶ୍ନର ଉତ୍ତର ଦେବାକୁ ପ୍ରସ୍ତୁତ ଥାଅ କିନ୍ତୁ ମୃଦୁ ଓ ଭଦ୍ର ଭାବରେ ଉତ୍ତର ଦିଅ।

୧୬ ଯାହା ଯଥାର୍ଥ, ତାହା ହିଁ କର, ତାହାହେଲେ ଯଦିବା ଲୋକେ ତୁମକୁ ମିଥ୍ୟାରେ ଅପବାଦ ଦିଅନ୍ତି ଓ ଖ୍ରୀଷ୍ଟଙ୍କର ଶିଷ୍ୟଭାବରେ ତୁମର ସଦ୍‌ଆଚରଣର ନିନ୍ଦା କରନ୍ତି, ତେବେ ସେମାନେ ନିଜେ ଲଜ୍ଜିତ ହେବେ।

୧୭ କାରଣ ଯଦି ଈଶ୍ୱରଙ୍କ ଇଚ୍ଛା ଯେ ତୁମେ ଦୁଃଖକ୍ଲେଶ ସହ୍ୟ କର, ତେବେ ଅପକର୍ମ ସକାଶେ ଦୁଃଖଭୋଗ କରିବା ଅପେକ୍ଷା ସତ୍‌କର୍ମ ସକାଶେ ଦୁଃଖଭୋଗ କରିବା ଉତ୍ତମ। ଯେହେତୁ ଖ୍ରୀଷ୍ଟ ମଧ୍ୟ ଦୁଃଖଭୋଗ କଲେ। ସେ ନିଷ୍ପାପ ହୋଇ ସୁଦ୍ଧା ପାପୀମାନଙ୍କର ପାପ ସକାଶେ ଥରେ ପ୍ରାଣ ଦେଲେ ଯଦ୍ଦ୍ୱାରା ସେ ଆମ୍ଭମାନଙ୍କୁ ଈଶ୍ୱରଙ୍କ ନିକଟକୁ ଆଣି ପାରିବେ। ତାଙ୍କର ଶରୀର ମୃତ ହେଲା ସତ, କିନ୍ତୁ ତାଙ୍କର ଆତ୍ମା ଚିରଜୀବିତ।

୧୯, ୨୦ ସେ ଆତ୍ମାରେ ଯାଇ ବନ୍ଦୀ ଆତ୍ମାଗଣ ଅର୍ଥାତ୍ ଯେଉଁ ଆତ୍ମାଗଣ ନୋହଙ୍କ ସମୟରେ ଈଶ୍ୱରଙ୍କ ବାଣୀ ଅଗ୍ରାହ୍ୟ କରିଥିଲେ, ସେମାନଙ୍କ ନିକଟରେ ପ୍ରଚାର କଲେ। କାରଣ ନୋହ ଜାହାଜ ନିର୍ମାଣ କରୁଥିବା ସମୟରେ ଈଶ୍ୱର ସେମାନଙ୍କ ହୃଦୟ ପରିବର୍ତ୍ତନ ପାଇଁ ଧୈର୍ଯ୍ୟ ସହକାରେ ଅପେକ୍ଷା କରିଥିଲେ। ତଥାପି ଶେଷରେ କେବଳ ଆଠଜଣ ଜଳପ୍ଳାବନରୁ ରକ୍ଷା ପାଇଲେ।

୨୧ ଏହା ଆମ୍ଭମାନଙ୍କ ନିମନ୍ତେ ଜଳଦୀକ୍ଷାର ଏକ ଚିତ୍ର : ଜଳଦୀକ୍ଷା ନେବା ସମୟରେ ଆମ୍ଭେମାନେ ଖ୍ରୀଷ୍ଟଙ୍କ ପୁନରୁତ୍‌ଥାନ ଦ୍ୱାରା ମୃତ୍ୟୁ ଓ ଦଣ୍ଡରୁ ରକ୍ଷା ପାଇଛୁ ବୋଲି ପ୍ରକାଶ କରୁ - ଆମ୍ଭମାନଙ୍କ ଶରୀର ଯେ ଧୌତ ହୋଇ ପରିଷ୍କୃତ ହୁଏ, ତାହା ନୁହେଁ, ମାତ୍ର ଜଳଦୀକ୍ଷା ଦ୍ୱାରା ଆମ୍ଭମାନଙ୍କ ହୃଦୟ ପାପରୁ ଧୌତ କରିବାକୁ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁ।

୨୨ ଖ୍ରୀଷ୍ଟ ସ୍ୱର୍ଗରେ ଈଶ୍ୱରଙ୍କ ଦକ୍ଷିଣପାର୍ଶ୍ୱରେ ଉପବିଷ୍ଟ ହୋଇ ସ୍ୱର୍ଗଦୂତ ଓ ସମସ୍ତ ଶକ୍ତି ଦ୍ୱାରା ପୂଜା ଓ ସେବା ପାଉଛନ୍ତି।

## ଅଧ୍ୟାୟ ୪

୧ ଖ୍ରୀଷ୍ଟ ଶାରୀରିକ ଦୁଃଖକଷ୍ଟ ଭୋଗ କଲେ, ତେଣୁ ତୁମ୍ଭମାନଙ୍କର ମନୋଭାବ ତାଙ୍କ ପରି ହେଉ ; ତୁମ୍ଭେମାନେ ମଧ୍ୟ ଦୁଃଖକଷ୍ଟ ସହ୍ୟ କରିବାକୁ ପ୍ରସ୍ତୁତ ଥାଅ। କାରଣ ମନେରଖ, ତୁମର ଶରୀର ଯେତେବେଳେ ଦୁଃଖକଷ୍ଟ ଭୋଗ କରେ, ପାପର ଶକ୍ତି ଲୋପ ପାଏ।

୨ ତାହାହେଲେ ତୁମ୍ଭେମାନେ ଜୀବନର ଅବଶିଷ୍ଟ କାଳ କୁଅଭିଳାଷ ପୂରଣରେ କ୍ଷେପଣ କରିବ ନାହିଁ କିନ୍ତୁ ଈଶ୍ୱରଙ୍କ ଇଚ୍ଛା ପାଳନ କରିବାରେ ଆଗ୍ରହୀ ହେବ।

୩ ଅଧାର୍ମିକ ଲୋକମାନେ ଯେଉଁ ସମସ୍ତ ପାପକର୍ମ କରିବାକୁ ଭଲ ପାଆନ୍ତି ଅର୍ଥାତ୍ କାମୁକତା, କୁଅଭିଳାଷ, ମଦମତ୍ତତା, ମଦ୍ୟପାନୋତ୍ସବ, ରଙ୍ଗରସ ଓ ପ୍ରତିମାପୂଜା, ତୁମ୍ଭେମାନେ ବିଗତ ଜୀବନରେ ସେହିସବୁ ପାପକାର୍ଯ୍ୟରେ ଯଥେଷ୍ଟ ସମୟ କ୍ଷେପଣ କରିଛ।

୪ ତୁମ୍ଭେମାନେ ଯେ ବର୍ତ୍ତମାନ ସେହି ପ୍ରକାର ଉଚ୍ଛୃଙ୍ଖଳ କାର୍ଯ୍ୟରେ ସେମାନଙ୍କ ସହିତ ଯୋଗ ଦେଉନାହଁ, ଏଥିରେ ସେମାନେ ଆଶ୍ଚର୍ଯ୍ୟ ହୁଅନ୍ତି ଓ ତୁମ୍ଭମାନଙ୍କର ନିନ୍ଦା କରନ୍ତି।

୫ କିନ୍ତୁ ମନେରଖ, ଯେ ଜୀବିତ ଓ ମୃତମାନଙ୍କର ଅର୍ଥାତ ସମସ୍ତଙ୍କର ବିଚାରକର୍ତ୍ତା, ସେ ସେମାନଙ୍କ କାର୍ଯ୍ୟକଳାପର ବିଚାର ଓ ଦଣ୍ଡବିଧାନ କରିବେ।

୬ ସେଥିସକାଶେ ମୃତମାନଙ୍କ ନିକଟରେ ମଧ୍ୟ ସୁସମାଚାର ପ୍ରଚାରିତ ହେଲା ଯେପରି କି ସେମାନେ ଶାରୀରିକ ମୃତ୍ୟୁଭୋଗ କଲେ ହେଁ ଈଶ୍ୱରଙ୍କ ସଦୃଶ ଆତ୍ମିକଭାବେ ଜୀବିତ ହେବେ।

୭ ଜଗତର ଅନ୍ତିମକାଳ ସନ୍ନିକଟ। ଅତଏବ ଆତ୍ମସଂଯମୀ ହୁଅ, ସଜାଗ ଥାଅ ଓ ପ୍ରାର୍ଥନାରେ ରତ ହୁଅ।

୮ ବିଶେଷରେ, ପରସ୍ପରକୁ ଆନ୍ତରିକ ଭାବରେ ପ୍ରେମ କର କାରଣ ପ୍ରେମ ଅନେକ ଦୋଷତ୍ରୁଟି ମାର୍ଜନା କରେ।

୯ ଅକୁଣ୍ଠିତ ଚିତ୍ତରେ ପରସ୍ପରର ଆତିଥ୍ୟ କର।

### ଈଶ୍ୱରପ୍ରଦତ୍ତ ଦକ୍ଷତାର ସଦ୍‌ବ୍ୟବହାର

୧୦ ଈଶ୍ୱର ତୁମ ପ୍ରତ୍ୟେକଙ୍କୁ କୌଣସି ନା କୌଣସି ବିଶେଷ ଦକ୍ଷତା ଦେଇଛନ୍ତି ; ତାହାର ସଦ୍‌ବ୍ୟବହାର କରି ପରସ୍ପରକୁ ସାହାଯ୍ୟ କର ଓ ଈଶ୍ୱରଙ୍କଠାରୁ ପ୍ରାପ୍ତ ବହୁବିଧ ଆଶୀର୍ବାଦ ବିଶ୍ୱାସ ଭାବରେ ଅନ୍ୟମାନଙ୍କୁ ବିତରଣ କର।

୧୧ ତୁମେ କ'ଣ ପ୍ରଚାର କରିବାକୁ ଆହ୍ୱାନ ପାଇଛ ? ତାହାହେଲେ, ତୁମେ ଈଶ୍ୱରଙ୍କ ବାର୍ତ୍ତାବହ ରୂପେ ପ୍ରଚାର କର। ତୁମେ କ'ଣ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଆହ୍ୱାନ ପାଇଛ ? ତାହାହେଲେ, ଈଶ୍ୱରଙ୍କଠାରୁ ପ୍ରାପ୍ତ ଶକ୍ତି ଓ ସାମର୍ଥରେ ଅନ୍ୟମାନଙ୍କର ସାହାଯ୍ୟ କର ଯେପରି କି ସବୁ କାର୍ଯ୍ୟରେ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱର ଗୌରବାନ୍ୱିତ ହେବେ ; ତାହାଙ୍କର ମହିମା ଓ ପରାକ୍ରମ ଯୁଗେ ଯୁଗେ ହେଉ। ଆମେନ

୧୨ ପ୍ରିୟ ବନ୍ଧୁଗଣ, ଆଗାମୀ ଅଗ୍ନିପରୀକ୍ଷା ମଧ୍ୟରେ ଗଲାବେଳେ ହତବୁଦ୍ଧି ବା ଆଚମ୍ବିତ ହୁଅ ନାହିଁ। ତାହା ତୁମ ପ୍ରତି କୌଣସି ଅଦ୍ଭୁତ ଓ ଅସ୍ୱାଭାବିକ ଘଟନା ବୋଲି ଭାବ ନାହିଁ।

୧୩ ବରଞ୍ଚ ଆନନ୍ଦିତ ହୁଅ ଯେ ଏହିପରି ଅଗ୍ନି ପରୀକ୍ଷା ଦ୍ୱାରା ତୁମେ ଖ୍ରୀଷ୍ଟଙ୍କ ଦୁଃଖଭୋଗରେ ଭାଗୀ ହେଉଛ ଏବଂ ପରେ ତାଙ୍କର ମହିମା ପ୍ରକାଶିତ ହେବା ଦିନରେ ତୁମେ ତାଙ୍କ ମହିମାରେ ଭାଗୀ ହୋଇ ଅପୂର୍ବ ଆନନ୍ଦ ଲାଭ କରିବ।

୧୪ ଖ୍ରୀଷ୍ଟଙ୍କର ଶିଷ୍ୟ ଭାବରେ ତୁମକୁ ଯେବେ ନିନ୍ଦିତ ହେବାକୁ ପଡ଼େ, ତେବେ ଆନନ୍ଦିତ ହୁଅ। କାରଣ ସେତେବେଳେ ଈଶ୍ୱରଙ୍କ ଆତ୍ମା ମହିମାରେ ତୁମଠାରେ ଅଧିଷ୍ଠାନ କରିବେ।

୧୫ ତୁମ ମଧ୍ୟରୁ କେହୀ ନରହତ୍ୟା ବା ଚୋର ବା ଦୁରାଚାରୀ ବା ଅନଧିକାର ଚର୍ଚ୍ଚାକାରୀ ବୋଲି ଦୁଃଖକଷ୍ଟ ଭୋଗ ନ କରୁ।

୧୬ କିନ୍ତୁ ଖ୍ରୀଷ୍ଟବିଶ୍ୱାସୀ ବୋଲି ତୁମକୁ ଯେବେ ଦୁଃଖ ସହ୍ୟ କରିବାକୁ ହୁଏ, ତେବେ ତାହା ଲଜ୍ଜାର ବିଷୟ ନୁହେଁ। ଖ୍ରୀଷ୍ଟଙ୍କ ପରିବାରଭୁକ୍ତ ତଥା ତାଙ୍କ ନାମଧାରୀ ହେବାର ଯେଉଁ ସୌଭାଗ୍ୟ, ସେଥିପାଇଁ ଈଶ୍ୱରଙ୍କ ପ୍ରଶଂସା କର !

୧୭ କାରଣ ବିଚାରକାଳ ଆସନ୍ନ ଓ ତାହା ଈଶ୍ୱରଙ୍କ ସନ୍ତାନମାନଙ୍କଠାରୁ ପ୍ରଥମେ ଆରମ୍ଭ ହେବ। ପୁଣି, ଆମେ ଖ୍ରୀଷ୍ଟବିଶ୍ୱାସୀମାନେ ଯଦି ବିଚାରର ସମ୍ମୁଖୀନ ହେଉ, ତେବେ ଯେଉମାନେ ପ୍ରଭୁଙ୍କଠାରେ ଆଦୌ ବିଶ୍ୱାସ କଲେ ନାହିଁ, ସେମାନଙ୍କର ଶେଷ ଦଶା କ'ଣ ନ ହେବ !

୧୮ ଧାର୍ମିକ ଲୋକ ଯେବେ ଅଳ୍ପକେ ରକ୍ଷା ପାଏ, ତେବେ ଅଧାର୍ମିକମାନଙ୍କର ଦଶା କ'ଣ ନ ହେବ !

୧୯ ଅତଏବ ତୁମ୍ଭେମାନେ ଯେବେ ଈଶ୍ୱରଙ୍କ ଇଚ୍ଛାନୁସାରେ ଦୁଃଖକଷ୍ଟ ଭୋଗ କରୁଛ, ତେବେ ସତ୍‌କର୍ମ କରୁଥାଅ ଓ ତୁମର ସୃଷ୍ଟିକର୍ତ୍ତା ଈଶ୍ୱରଙ୍କଠାରେ ନିଜକୁ ସମର୍ପଣ କର। କାରଣ ସେ କେବେହେଲେ ତୁମକୁ ନିରାଶ କରିବେ ନାହିଁ।

## ମଣ୍ଡଳୀର ସଭ୍ୟମାନଙ୍କ କର୍ତ୍ତବ୍ୟ

## ଅଧ୍ୟାୟ ୫

୧ ବର୍ତ୍ତମାନ ମୁଁ ମଣ୍ଡଳୀର ଅଧ୍ୟକ୍ଷମାନଙ୍କୁ କିଛି କହିବାକୁ ଇଚ୍ଛା କରୁଛି। ମୁଁ ନିଜେ ଜଣେ ଅଧ୍ୟକ୍ଷ ; ମୁଁ ସ୍ୱଚକ୍ଷୁରେ ଖ୍ରୀଷ୍ଟଙ୍କର ଦୁଃଖଭୋଗ ଦେଖିଛି ଏବଂ ତାଙ୍କର ପୁନରାଗମନ ସମୟରେ ମୁଁ ମଧ୍ୟ ତାଙ୍କର ଗୌରବରେ ଭାଗୀ ହେବି।

୨ ଈଶ୍ୱରଙ୍କ 'ପଲ'ର ପ୍ରତିପାଳନ କର - କୁଣ୍ଠିତ ଭାବରେ ନ କରି ଅକୁଣ୍ଠିତ ଚିତ୍ତରେ ପ୍ରତିପାଳନ କର। ହୀନ ଧନଲାଭ ଆଶାରେ ତାହା ନ କରି ଆଗ୍ରହରେ ପ୍ରଭୁଙ୍କର ସେବା କଲା ପରି ପ୍ରତିପାଳନ କର।

୩ ତୁମ ଦାୟିତ୍ୱାଧୀନରେ ଥିବା ଲୋକମାନଙ୍କ ଉପରେ ପ୍ରଭୁତ୍ୱ ନ କରି

ତୁମର ଉତ୍ତମ ଆଦର୍ଶ ଦ୍ୱାରା ସେମାନଙ୍କୁ ପ୍ରତିପାଳନ କର।

୪ ଆଉ, 'ପ୍ରଧାନ ପାଳକଙ୍କର' ଯେତେବେଳେ ଆଗମନ ହେବ, ସେତେବେଳେ ତୁମେ ଅକ୍ଷୟ ଗୌରବରୂପ ମୁକୁଟ ପୁରସ୍କାର ପାଇବ।

୫ ମଣ୍ଡଳୀର ତରୁଣ ସଭ୍ୟମାନଙ୍କୁ ମୁଁ ଏହା କହିବାକୁ ଚାହେଁ, ମଣ୍ଡଳୀର ବୟୋଜ୍ୟେଷ୍ଠମାନଙ୍କର ନେତୃତ୍ୱ ମାନି ଚଳ। ସମସ୍ତେ ନମ୍ର ଭାବରେ ପରସ୍ପରର ସେବା କର। କାରଣ ଈଶ୍ୱର ନମ୍ରମନା ଲୋକଙ୍କୁ ବିଶେଷ ଆଶୀର୍ବାଦ କରନ୍ତି, କିନ୍ତୁ ଅହଙ୍କାରୀମାନଙ୍କର ପ୍ରତିରୋଧ କରନ୍ତି।

୬ ତୁମେ ଯେବେ ଈଶ୍ୱରଙ୍କ ଶକ୍ତିମନ୍ତ ହସ୍ତ ତଳେ ନିଜକୁ ନତ କର, ତାହାହେଲେ ସେ ଯଥାସମୟରେ ତୁମକୁ ଉନ୍ନତ କରିବେ।

୭ ତୁମର ସମସ୍ତ ଚିନ୍ତାର ଭାବ ତାଙ୍କ ନିକଟରେ ସମର୍ପଣ କର କାରଣ ସେ ତୁମ ନିମନ୍ତେ ଚିନ୍ତା କରନ୍ତି।

୮ ସତର୍କ ଥାଅ, ତୁମର ଶତ୍ରୁ ଶୟତାନ ପକ୍ଷରୁ ଆକ୍ରମଣ ପ୍ରତି ସଜାଗ ରୁହ। ସେ ଗର୍ଜନ କରୁଥିବା କ୍ଷୁଧିତ ସିଂହ ତୁଲ୍ୟ ଶିକାର ଖୋଜି ବୁଲୁଛି।

୯ ସେ ଆକ୍ରମଣ କରିବା ସମୟରେ ତାହାର ପ୍ରତିରୋଧ କର ଓ ପ୍ରଭୁଙ୍କଠାରେ ବିଶ୍ୱାସରେ ଅଟଳ ରୁହ। ମନେରଖ, ଜଗତର ବିଭିନ୍ନ ସ୍ଥାନରେ ଅନ୍ୟ ଖ୍ରୀଷ୍ଟବିଶ୍ୱାସୀମାନେ ଏହିପରି ଦୁଃଖକ୍ଳେଶ ସହ୍ୟ କରୁଛନ୍ତି।

୧୦ ଆମ୍ଭମାନଙ୍କର ଯେଉଁ ଦୟାମୟ ଈଶ୍ୱର ତୁମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ହେତୁ ତାଙ୍କର ଅନନ୍ତ ଗୌରବରେ ଭାଗୀ ହେବାକୁ ଆହ୍ୱାନ କରିଛନ୍ତି, ସେ ଏହି କ୍ଷଣିକ ଦୁଃଖକ୍ଳେଶ ପରେ ନିଜେ ତୁମ୍ଭମାନଙ୍କୁ ସିଦ୍ଧ, ସୁଦୃଢ଼ ଓ ଶକ୍ତିମନ୍ତ କରିବେ।

୧୧ ସର୍ବ ବିଷୟ ଉପରେ ତାଙ୍କରି ପରାକ୍ରମ ଯୁଗେ ଯୁଗେ ହେଉ। ଆମେନ୍

୧୨ ସିଲ୍ଲାନସ୍ ଯେ କି ମୋର ମତରେ ଜଣେ ଅତି ବିଶ୍ୱସ୍ତ ଭାଇ, ମୁଁ ତାଙ୍କରି ହାତରେ ଏହି ପତ୍ର ପଠାଉଛି। ମୋର ଆଶା ଯେ ମୁଁ ତୁମ୍ଭମାନଙ୍କ ଏହି ପତ୍ରରେ ଉତ୍ସାହ ଦେଉଛି, କାରଣ ଈଶ୍ୱରଙ୍କ ଆଶୀର୍ବାଦ ଲାଭର ପନ୍ଥା ବିଷୟରେ ମୁଁ ଏଥିରେ ଏକ ପ୍ରକୃତ ବିବରଣୀ ଦେଉଛି। ତାହାଙ୍କ ପ୍ରେମରେ ଅଟଳ ରହିବାକୁ ଏହା ତୁମ୍ଭମାନଙ୍କୁ ସାହାଯ୍ୟ କରିବ।

୧୩ ରୋମର ଭଗ୍ନୀ ମଣ୍ଡଳୀ' ତୁମ୍ଭମାନଙ୍କୁ ଅଭିବାଦନ ଜଣାଉଛି ଏବଂ ମୋର ଧର୍ମପୁତ୍ର ମାର୍କ ମଧ୍ୟ ଅଭିବାଦନ ଜଣାଉଛନ୍ତି।

୧୪ ପରସ୍ପରକୁ ଖ୍ରୀଷ୍ଟୀୟ ପ୍ରେମର ଅଭିବାଦନ ଜଣାଅ। ଖ୍ରୀଷ୍ଟାଶ୍ରୀତ ତୁମ ସମସ୍ତଙ୍କ ପ୍ରତି ଶାନ୍ତି ହେଉ।

---

# ୧ କରିନ୍ଥୀୟ

## ମୃତ୍ୟୁ ପରେ ଜୀବନ

### ଅଧ୍ୟାୟ ୧୫

୧ ହେ ଭାଇମାନେ, ସୁସମାଚାର ଓ ତାହାର ପ୍ରକୃତ ଅର୍ଥ ବିଷୟରେ ମୁଁ ତୁମ୍ଭମାନଙ୍କୁ ସ୍ମରଣ କରିଦେବାକୁ ଇଚ୍ଛା କରୁଛି। ମୁଁ ତୁମ୍ଭମାନଙ୍କ ନିକଟରେ ଯେଉଁ ସୁସମାଚାର ପ୍ରଚାର କରିଥିଲି, ଏହା ସେହି ଅପରିବର୍ତ୍ତନୀୟ ସୁସମାଚାର। ତୁମ୍ଭେମାନେ ଏହି ସୁସମାଚାରକୁ ସ୍ୱାଗତ ଓ ଗ୍ରହଣ କରିଛ। ଏହି ଭିତ୍ତି ଉପରେ ତୁମ୍ଭମାନଙ୍କର ବିଶ୍ୱାସ ସୁଦୃଢ଼ ରହିଛି।

୨ ପୁଣି, ତୁମ୍ଭେମାନେ ଯଦି ଏହି ସୁସମାଚାରକୁ ଦୃଢ଼ଭାବେ ଧରି ରଖ, ତେବେ ତୁମ୍ଭେମାନେ ଅବଶ୍ୟ ତାହା ଦ୍ୱାରା ପରିତ୍ରାଣ ପାଇବ, ନଚେତ୍ ଆରମ୍ଭରୁ ତୁମ୍ଭେମାନେ ଏଥିରେ ପୂର୍ଣ୍ଣ ବିଶ୍ୱାସ କରି ନ ଥିଲ ବୋଲି ଜଣାଯିବ।

୩, ୪ ଯେଉଁ ଧର୍ମଶିକ୍ଷା ମୋ' ହସ୍ତରେ ସମର୍ପିତ ହୋଇଥିଲା, ମୁଁ ଆରମ୍ଭରୁ ତୁମ୍ଭମାନଙ୍କୁ ସେହି ଶିକ୍ଷା ଦେଇଛି। ତାହା ହେଉଛି, ଧର୍ମଶାସ୍ତ୍ରର ଉକ୍ତି ଅନୁସାରେ ଖ୍ରୀଷ୍ଟ ଆମ୍ଭମାନଙ୍କ ପାପ ପାଇଁ ଜୀବନ ଦେଲେ ଓ ସମାଧିସ୍ଥ ହେଲେ। ପୁଣି, ଭବିଷ୍ୟଦ୍ ବକ୍ତାମାନଙ୍କ ଭବିଷ୍ୟଦ୍‌ବାଣୀ ଅନୁସାରେ ତୃତୀୟ ଦିନରେ ସମାଧିରୁ ପୁନରୁତ୍ଥିତ ହେଲେ।

୫ ସେ ପିତରଙ୍କୁ, ତାହାପରେ "ଦ୍ୱାଦଶଙ୍କୁ" ଦେଖାଦେଲେ। ୬ ଏହାପରେ ସେ ପାଞ୍ଚଶହରୁ ଅଧିକ ଖ୍ରୀଷ୍ଟବିଶ୍ୱାସୀ ଭାଇମାନଙ୍କୁ ଏକସଙ୍ଗେ ଦେଖାଦେଲେ; ଏମାନଙ୍କ ମଧ୍ୟରୁ ଯଦିଚ କେହି ମଲେଣି, ଅଧିକାଂଶ ଏପର୍ଯନ୍ତ ଜୀବିତ ଅଛନ୍ତି।

୭ ତତ୍ପରେ ଯାକୁବ ଏବଂ ପରେ ଅନ୍ୟ ପ୍ରେରିତଶିଷ୍ୟ ସମସ୍ତେ ତାହାଙ୍କର ଦର୍ଶନ ପାଇଥିଲେ।

୮ ସର୍ବଶେଷରେ ମୁଁ ମଧ୍ୟ ତାହାଙ୍କର ଦର୍ଶନ ପାଇଲି, ସତେ ଯେପରି ମୁଁ ବିଳମ୍ବରେ ଜନ୍ମଲାଭ କଲି।

୯ କାରଣ ପ୍ରେରିତଶିଷ୍ୟମାନଙ୍କ ମଧ୍ୟରେ ମୁଁ ସର୍ବାପେକ୍ଷା ନଗଣ୍ୟ ଏବଂ ପ୍ରେରିତଶିଷ୍ୟ ଆଖ୍ୟା ପାଇବାକୁ ସୁଦ୍ଧା ଅଯୋଗ୍ୟ, କାରଣ ମୁଁ ଏକଦା ଈଶ୍ୱରଙ୍କ ମଣ୍ଡଳୀକୁ ନିର୍ଯ୍ୟାତନା କରୁଥିଲି।

୧୦ କିନ୍ତୁ ବର୍ତ୍ତମାନ ମୁଁ ଜୀବନରେ ଯାହା ହୋଇ ପାରିଛି, ତାହା କେବଳ ଈଶ୍ୱରଙ୍କ ଦୟା ଓ ଅନୁଗ୍ରହ ହେତୁ ହୋଇପାରିଛି। ମୋ' ପ୍ରତି ତାଙ୍କର ଦୟା ଓ ଅନୁଗ୍ରହ ବିଫଳ ହୋଇନାହିଁ। କାରଣ ମୁଁ ଅନ୍ୟମାନଙ୍କ ଅପେକ୍ଷା ଅଧିକ ପରିଶ୍ରମ କରିଛି। ତଥାପି ମୁଁ ନୁହେଁ, ମାତ୍ର ମୋର ସହବର୍ତ୍ତୀ ଈଶ୍ୱରଙ୍କ ଅନୁଗ୍ରହ ତାହା କରିଅଛି।

୧୧ କିନ୍ତୁ ମୁଁ କିମ୍ବା ସେମାନେ, କିଏ ଅଧିକ ପରିଶ୍ରମ କରିଛି, ତାହା ପ୍ରଧାନ ବିଷୟ ନୁହେଁ। ପ୍ରଧାନ ବିଷୟ ହେଉଛି, ଆମ୍ଭେମାନେ ତୁମ୍ଭମାନଙ୍କ ନିକଟରେ ସୁସମାଚାର ପ୍ରଚାର କଲୁ ଏବଂ ତୁମ୍ଭେମାନେ ସେଥିରେ ବିଶ୍ୱାସ କଲ।

୧୨ ଖ୍ରୀଷ୍ଟ ମୃତମାନଙ୍କ ମଧ୍ୟରୁ ଉତ୍‌ଥିତ ହେଲେ, ଏହା ଆମ୍ଭେମାନେ ପ୍ରଚାର କଲୁ ଓ ତୁମ୍ଭେମାନେ ସେଥିରେ ବିଶ୍ୱାସ କଲ। ତେବେ କାହିଁକି ତୁମ ମଧ୍ୟରୁ କେହି କେହି କହୁଛନ୍ତି ଯେ ମୃତ ଲୋକମାନେ କେବେ ପୁନରୁଜ୍ଜୀବିତ ହେବେ ନାହିଁ?

୧୩ ଯଦି ମୃତମାନଙ୍କର ପୁନରୁତ୍ଥାନ ନାହିଁ, ତେବେ ଖ୍ରୀଷ୍ଟ ପୁନରୁତ୍ଥିତ ହୋଇନାହାନ୍ତି।

୧୪ ଆଉ, ସେ ଯଦି ମୃତ ତେବେ ଆମ୍ଭମାନଙ୍କର ପ୍ରଚାର ବୃଥା ଏବଂ ଈଶ୍ୱରଙ୍କଠାରେ ତୁମର ବିଶ୍ୱାସ ମଧ୍ୟ ବୃଥା ଓ ନିରର୍ଥକ।

୧୫ ପୁଣି, ଈଶ୍ୱର ଖ୍ରୀଷ୍ଟଙ୍କୁ ମୃତ୍ୟୁରୁ ପୁନରୁତ୍ଥିତ କରିଛନ୍ତି ବୋଲି କହିଥିବାରୁ ଆମ୍ଭେମାନେ ମିଥ୍ୟାବାଦୀ କାରଣ ମୃତମାନେ ଯଦି ପୁନରୁଜ୍ଜୀବିତ ନ ହୁଅନ୍ତି, ତେବେ ତ ଖ୍ରୀଷ୍ଟ ମଧ୍ୟ ପୁନରୁତ୍‌ଥିତ ହୋଇନାହାନ୍ତି ଓ ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କଠାରେ ତୁମ୍ଭମାନଙ୍କର ବିଶ୍ୱାସ ମୂର୍ଖତା ମାତ୍ର ଓ ତୁମ୍ଭେମାନେ ଏପର୍ଯ୍ୟନ୍ତ ଆପଣା ଆପଣା ପାପ ପାଇଁ ଦଣ୍ଡନୀୟ!

୧୮ ତାହା ଯଦି ସତ୍ୟ ହୋଇଥାଆନ୍ତା, ତେବେ ତ ମୃତ ଖ୍ରୀଷ୍ଟବିଶ୍ୱାସୀମାନେ ମଧ୍ୟ ବିନାଶପ୍ରାପ୍ତ!

୧୯ ଆଉ, ଯଦି ଖ୍ରୀଷ୍ଟଙ୍କଠାରେ ଆମ୍ଭମାନଙ୍କର ବିଶ୍ୱାସ କେବଳ ଇହଜୀବନ ପାଇଁ ଆଶାପ୍ରଦ, ତେବେ ତ ଆମ୍ଭେମାନେ ସମସ୍ତଙ୍କଠାରୁ ହତଭାଗ୍ୟ!

୨୦ କିନ୍ତୁ ଖ୍ରୀଷ୍ଟ ବାସ୍ତବରେ ମୃତ୍ୟୁରୁ ଉଠିଛନ୍ତି। ପୁଣି ଏପରି ଦିନ ଆସିବ, ଯେଉଁ ଦିନରେ କି ଲକ୍ଷ ଲକ୍ଷ ମୃତ ଲୋକ ପୁନରୁଜ୍ଜୀବିତ ହେବେ। ଖ୍ରୀଷ୍ଟ ଏମାନଙ୍କ ମଧ୍ୟରେ ପ୍ରଥମ ଅଟନ୍ତି।

୨୧ ଜଣଙ୍କର (ଅର୍ଥାତ୍ ଆଦମଙ୍କ) କୃତ କର୍ମର ପରିଣତି ସରୂପେ ମୃତ୍ୟୁ ଏ ଜଗତରେ ପ୍ରବେଶ କଲା ଏବଂ ଅନ୍ୟ ଜଣଙ୍କର (ଅର୍ଥାତ୍ ଖ୍ରୀଷ୍ଟଙ୍କ) ହେତୁ ମୃତ୍ୟୁରୁ ପୁନରୁତ୍‌ଥାନ ଅଛି।

୨୨ ଆମ୍ଭେମାନେ ସମସ୍ତେ ଆଦମଙ୍କ ବଂଶଧର ଭ୍ରଷ୍ଟ ମନୁଷ୍ୟଜାତି ହୋଇଥିବାରୁ ମୃତ୍ୟୁଭୋଗ କରୁଛୁ କାରଣ ପାପର ପରିଣତି ମୃତ୍ୟୁ। କିନ୍ତୁ ଯେଉଁମାନେ ଖ୍ରୀଷ୍ଟଙ୍କର, ସେମାନେ ସମସ୍ତେ ପୁନରୁତ୍‌ଥିତ ହେବେ।

୨୩ ପ୍ରତ୍ୟେକ ଜଣ ଆପଣା ଆପଣା ସମୟାନୁସାରେ ଉତ୍‌ଥିତ ହେବେ - ସର୍ବପ୍ରଥମେ ଖ୍ରୀଷ୍ଟ ଉଠିଛନ୍ତି, ତତ୍ପରେ ଖ୍ରୀଷ୍ଟଙ୍କ ପୁନରାଗମନବେଳେ ତାଙ୍କର ଭକ୍ତମାନେ ଉଠିବେ। ୨୪ ଏହାପରେ ଅନ୍ତିମ କାଳ ଆସିବ। ସେତେବେଳେ

ସେ ସବୁ ଶତ୍ରୁଙ୍କୁ ଧ୍ୱଂସ କରିବେ, ତପରେ ପିତା ଈଶ୍ୱରଙ୍କୁ ରାଜ୍ୟ ସମର୍ପଣ କରିବେ।

୨୫, ୨୬ କାରଣ ତାଙ୍କର ସମସ୍ତ ଶତ୍ରୁଙ୍କୁ ତଥା ଶେଷ ଶତ୍ରୁ ମୃତ୍ୟୁକୁ ଜୟ ନ କରିବା ପର୍ଯ୍ୟନ୍ତ ଖ୍ରୀଷ୍ଟ ରାଜତ୍ୱ କରିବେ। ଏହି ଶେଷ ଶତ୍ରୁ ମଧ୍ୟ ଅବଶ୍ୟ ପରାଜିତ ଓ ଧ୍ୱଂସପ୍ରାପ୍ତ ହେବ।

୨୭ କାରଣ ପିତା ଈଶ୍ୱର ଖ୍ରୀଷ୍ଟଙ୍କୁ ସମସ୍ତ ବିଷୟ ଉପରେ ଶାସନଭାର ଓ କ୍ଷମତା ଦେଇଛନ୍ତି। ଅବଶ୍ୟ ଯେ ତାଙ୍କୁ ଏହି ଶାସନାଧିକାର ଦେଇଛନ୍ତି, ସ୍ୱୟଂ ସେହି ପିତାଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କ ଉପରେ ସେ ରାଜତ୍ୱ କରିବେ।

୨୮ ସବୁ ଶତ୍ରୁଙ୍କ ଉପରେ ଜୟଲାଭ କରିବା ପରେ ସ୍ୱୟଂ ଈଶ୍ୱରଙ୍କ ପୁତ୍ର ଆପଣାକୁ ପିତାଙ୍କ କର୍ତ୍ତୃତ୍ୱାଧୀନ କରିବେ ଓ ଈଶ୍ୱର, ଯେ କି ତାହାଙ୍କୁ ସମସ୍ତ ବିଷୟ ଉପରେ ବିଜୟୀ କଲେ, ସେ ସର୍ବେସର୍ବା ହେବେ।

୨୯ ମୃତଲୋକମାନେ ଯଦି ପୁନରୁଜ୍ଜୀବିତ ନ ହୁଅନ୍ତି, ତେବେ ମୃତମାନଙ୍କ ନିମନ୍ତେ ଯେଉଁମାନେ ଜଳଦୀକ୍ଷା ଗ୍ରହଣ କରନ୍ତି, ସେମାନେ କ'ଣ ଅକାରଣେ ତାହା କରନ୍ତି? ମୃତମାନଙ୍କ ପୁନରୁତ୍‌ଥାନରେ ଯଦି ବିଶ୍ୱାସ ନାହିଁ, ତେବେ ସେମାନଙ୍କ ପାଇଁ ଜଳଦୀକ୍ଷା ଗ୍ରହଣରେ କି ଲାଭ?

୩୦ ପୁଣି, ଆମ୍ଭେମାନେ କାହିଁକି ପ୍ରତି ମୁହୂର୍ତ୍ତ ନିଜ ଜୀବନକୁ ବିପନ୍ନ କରୁଛୁ?

୩୧ କାରଣ ମୁଁ ଯେ ପ୍ରତିଦିନ ମୃତ୍ୟୁର ସମ୍ମୁଖୀନ ହେଉଛି, ଏକଥା ଯେପରି ସତ୍ୟ, ପ୍ରଭୁଙ୍କ ବିଷୟରେ ତୁମ୍ଭମାନଙ୍କ ବୃଦ୍ଧି ଲାଭରେ ମୋର ଗର୍ବ ମଧ୍ୟ ସେହିପରି ସତ୍ୟ।

୩୨ ଏଫିସସ୍ ନଗରରେ 'ହିଂସ୍ରକ ପଶୁମାନଙ୍କ' ସହିତ ମୋର ଯୁଦ୍ଧ କରିବା ଯଦି କେବଳ ଇହଜୀବନ ପାଇଁ ହୋଇଥାଆନ୍ତା, ତେବେ ସେଥିରେ କି ଲାଭ? ମୃତ୍ୟୁ ପରେ ଯଦି ଆମ୍ଭେମାନେ ପୁନର୍ବାର ଜୀବିତ ନ ହେଉ, ତେବେ 'ଆସ, ଭୋଜନପାନ ଓ ଆମୋଦପ୍ରମୋଦରେ ଦିନ କାଟିବା, କାରଣ କାଲିକି ଆମର ଜୀବନ ଶେଷ'।

୩୩ ଯେଉଁମାନେ ଏହି ପ୍ରକାର କଥା କହନ୍ତି, ସେମାନଙ୍କ ଦ୍ୱାରା ଭ୍ରାନ୍ତ ହୁଅନାହିଁ। ତୁମେ ଯେବେ ସେମାନଙ୍କ କଥାରେ ମନୋଯୋଗ କର, ତେବେ ତୁମର କାର୍ଯ୍ୟକଳାପ ମଧ୍ୟ ସେମାନଙ୍କ ତୁଲ୍ୟ ହେବ।

୩୪ ବୁଦ୍ଧି ବିବେଚନା ସହ କାର୍ଯ୍ୟ କର, ପାପ ପରିହାର କର। କାରଣ ମୁଁ ତୁମ୍ଭମାନଙ୍କର ଲଜ୍ଜା ନିମନ୍ତେ ଏହା କହୁଛି ଯେ ତୁମ୍ଭମାନଙ୍କ ମଧ୍ୟରୁ କେହି କେହି ଈଶ୍ୱରଙ୍କୁ ପ୍ରକୃତରେ ଜାଣି ନାହିଁ।

୩୫ କିନ୍ତୁ କେହି କେହି ହୁଏତ ପ୍ରଶ୍ନ କରିପାରେ, "ମୃତ ଲୋକମାନେ କିପରି ପୁନର୍ବାର ଜୀବିତ ହେବେ? ସେମାନେ କି ପ୍ରକାର ଦେହ ଧାରଣ କରିବେ?"

୩୬ କେଡ଼େ ନିର୍ବୋଧ ପ୍ରଶ୍ନ। ତୁମେ ଯେଉଁ ମଞ୍ଜି ମାଟିରେ ବୁଣ, ତାହା ପୁନର୍ବାର ସଜୀବ ହୋଇ ଉଠିବା ପୂର୍ବରୁ ତାହାକୁ ମରିବାକୁ ହୁଏ।

୩୭ ତୁମେ ଯାହା ମାଟିରେ ବୁଣ,ତାହା କେବଳ ଗୋଟିଏ ଶୁଷ୍କ ମଞ୍ଜି, ହୁଏତ ଗହମ ଦାନାଟିଏ ବା ଅନ୍ୟ କୌଣସି ଶସ୍ୟର ମଞ୍ଜି। ମଞ୍ଜିରୁ ଯେଉଁ କଅଁଳ ଅଙ୍କୁର ବାହାରେ, ତାହା ତୁମେ ପୋତିଥିବା ମଞ୍ଜିଠାରୁ ସମ୍ପୂର୍ଣ୍ଣ ଭିନ୍ନ।

୩୮ ଯେପରି ବିଭିନ୍ନ ପ୍ରକାର ମଞ୍ଜି ଓ ବିଭିନ୍ନ ପ୍ରକାର ଶରୀର ମଧ୍ୟ ଅଛି। ମନୁଷ୍ୟ, ପଶୁ, ପକ୍ଷୀ, ମତ୍ସ୍ୟ ପ୍ରଭୃତି ପ୍ରତ୍ୟେକଙ୍କ ଭିନ୍ନ ଭିନ୍ନ ଶରୀର ଅଛି।

୪୦ ଯେପରି ପାର୍ଥିବ ଶରୀର ଅଛି, ସେହିପରି ଅପାର୍ଥିବ ଶରୀର ମଧ୍ୟ ଅଛି। କିନ୍ତୁ ଅପାର୍ଥିବ ଶରୀରର ସୌନ୍ଦର୍ଯ୍ୟ ଓ ତେଜ ପାର୍ଥିବ ଶରୀରର ସୌନ୍ଦର୍ଯ୍ୟ ଓ ତେଜଠାରୁ ଭିନ୍ନ।

୪୧ ସୂର୍ଯ୍ୟର ଏକ ପ୍ରକାର ତେଜ, ଚନ୍ଦ୍ରର ତେଜ ଅନ୍ୟ ପ୍ରକାର ଓ ନକ୍ଷତ୍ରମାନଙ୍କର ତେଜ ଆଉ ଏକ ପ୍ରକାର। ପୁଣି, ନକ୍ଷତ୍ରମାନେ ସୌନ୍ଦର୍ଯ୍ୟ ଓ ତେଜରେ ପରସ୍ପରଠାରୁ ଭିନ୍ନ।

୪୨ ମୃତ ଲୋକମାନଙ୍କର ପୁନରୁତ୍ଥାନ ଏହିପରି ହେବ। ଏହି କ୍ଷୟଶୀଳ ଶରୀର ସମାଧିସ୍ଥ ହୁଏ, କିନ୍ତୁ ତାହା ଅକ୍ଷୟ ହୋଇ ଉତ୍ଥିତ ହେବ। ୪୩ ଶରୀର ଅନାଦୃତ ହୋଇ ସମାଧିସ୍ଥ ହୁଏ, କିନ୍ତୁ ତାହା ମହା ଗୌରବରେ ଉତ୍ଥିତ ହେବ। ଶରୀର ଦୁର୍ବଳ ଅବସ୍ଥାରେ ସମାଧିସ୍ଥ ହୁଏ, କିନ୍ତୁ ତାହା ଶକ୍ତିମନ୍ତ ହୋଇ ଉତ୍ଥିତ ହେବ।

୪୪ ସମାଧିସ୍ଥ ହେଲାବେଳେ ତାହା ପାର୍ଥିବ ଶରୀର, କିନ୍ତୁ ଉତ୍ଥିତ ହେଲାବେଳେ ତାହା ଦିବ୍ୟ ଶରୀର ହେବ। ଯଦି ପାର୍ଥିବ ଶରୀର ଅଛି, ତେବେ ଦିବ୍ୟ ଶରୀର ମଧ୍ୟ ଅଛି।

୪୫ ଧର୍ମଶାସ୍ତ୍ରରେ ଲିଖିତ ଅଛି, ପ୍ରଥମ ମନୁଷ୍ୟ ଆଦମଙ୍କର ଏକ ପ୍ରାକୃତିକ, ମାନବୀୟ ଶରୀର ଥିଲା, ମାତ୍ର ଖ୍ରୀଷ୍ଟ ଜୀବନଦାୟକ ଆତ୍ମା।

୪୬ ଅତଏବ ଆମ୍ଭମାନଙ୍କୁ ପ୍ରଥମେ ମାନବୀୟ ଶରୀର ଦତ୍ତ ହୋଇଛି ଏବଂ ପରେ ଈଶ୍ୱର ଆମ୍ଭମାନଙ୍କୁ ସ୍ୱର୍ଗୀୟ ଶରୀର ଦେବେ।

୪୭ ପ୍ରଥମ ମନୁଷ୍ୟ ଆଦମ ଏହି ପୃଥିବୀର ମାଟିରୁ ସୃଷ୍ଟ, କିନ୍ତୁ ଖ୍ରୀଷ୍ଟ ସ୍ୱର୍ଗରୁ ଆଗତ।

୪୮ ଆଦମଙ୍କ ପରି ପ୍ରତ୍ୟେକ ମନୁଷ୍ୟର ମାଟିର ଶରୀର ଅଛି, ମାତ୍ର ଯେଉଁମାନେ ଖ୍ରୀଷ୍ଟଙ୍କର, ସେମାନେ ତାହାଙ୍କ ଶରୀର ତୁଲ୍ୟ ସ୍ୱର୍ଗୀୟ ଶରୀର ଧାରଣ କରିବେ।

୪୯ ବର୍ତ୍ତମାନ ଆମେ ପ୍ରତ୍ୟେକେ ଯେପରି ଆଦମଙ୍କ ଶରୀର ତୁଲ୍ୟ ଶରୀର ଧାରଣ କରିଛୁ, ସେହିପରି ଦିନେ ଖ୍ରୀଷ୍ଟଙ୍କ ଶରୀର ତୁଲ୍ୟ ଶରୀର ଧାରଣ କରିବା।

୫୦ ହେ ମୋର ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଏହି କଥା ଜଣାଇବାକୁ ଚାହେଁ ଯେ ରକ୍ତମାଂସ ବିଶିଷ୍ଟ ପାର୍ଥିବ ଶରୀର ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିପାରେ ନାହିଁ। ଏହି କ୍ଷୟଶୀଳ ଶରୀର ଅକ୍ଷମ, ଅମର ହୋଇ ରହିପାରେ ନାହିଁ।

୫୧ କିନ୍ତୁ ମୁଁ ତୁମ୍ଭମାନଙ୍କୁ ଏକ ନିଗୁଢ଼ ବିଷୟ ଜଣାଉଛି, ଆମେ ସମସ୍ତେ ନୂତନ ଶରୀର ଲାଭ କରିବା!

୫୨ ମୁହୂର୍ତ୍ତକ ମଧ୍ୟରେ, ଆଖି ପିଛୁଳାକେ, ଶେଷ ତୂରୀ ଧ୍ୱନି ହେବା ମାତ୍ରକେ ଆମେ ରୂପାନ୍ତରିତ ହେବା! କାରଣ ଆକାଶରୁ ତୂରୀଧ୍ୱନି ହେବ ଓ ମୃତ ଖ୍ରୀଷ୍ଟବିଶ୍ୱାସୀମାନେ ନୂତନ, ଅମର ଶରୀରରେ ପୁନରୁଜ୍ଜୀବିତ ହୋଇ ଉଠିବେ ଏବଂ ଆମ ମଧ୍ୟରୁ ଯେଉଁମାନେ ଜୀବିତ ଥିବେ, ସେମାନେ ନୂତନ, ଅମର ଶରୀରରେ ରୂପାନ୍ତରିତ ହେବେ।

୫୩ କାରଣ ଆମ୍ଭମାନଙ୍କର ଏହି ପାର୍ଥିବ, ମର ଶରୀର ଅକ୍ଷୟ, ଅମର, ସ୍ୱର୍ଗୀୟ ଶରୀରରେ ରୂପାନ୍ତରିତ ହେବ।

୫୪ ସେତେବେଳେ ଧର୍ମଶାସ୍ତ୍ରର ଏହି ଉକ୍ତି ସଫଳ ହେବ, - "ମୃତ୍ୟୁ ସମୂଳେ ବିନଷ୍ଟ ଓ ସମ୍ପୂର୍ଣ୍ଣ ପରାଜିତ ହୋଇଛି।

୫୫, ୫୬ "ହେ ମୃତ୍ୟୁ, କାହିଁ ତୋର ବିଜୟ? ହେ ମୃତ୍ୟୁ, କାହିଁ ତୋର ନାହୁଡ଼? କାରଣ ପାପ ରୂପ ଯେଉଁ ନାହୁଡ଼ ମୃତ୍ୟୁ ଘଟାଏ, ତାହା ଲୋପ ପାଇବ ଏବଂ ଯେଉଁ ବିଧିବ୍ୟବସ୍ଥା ଆମ୍ଭମାନଙ୍କର ପାପ ପ୍ରକାଶ କରେ, ତାହା ଆଉ ଆମର ବିଗ୍ରହକ ହେବ ନାହିଁ।

୫୭ ଧନ୍ୟ ଈଶ୍ୱର! ସେ ଆମ୍ଭମାନଙ୍କର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କୁ ବିଜୟୀ କରାନ୍ତି।

୫୮ ଅତଏବ ମୋର ପ୍ରିୟ ଭାଇମାନେ, ଆମ୍ଭମାନଙ୍କର ବିଜୟ ସୁନିଶ୍ଚିତ, ତେଣୁ ଦୃଢ଼ ଓ ଅଟଳ ରହି ସର୍ବଦା ଯଥାସାଧ୍ୟ ପ୍ରଭୁଙ୍କ କାର୍ଯ୍ୟ କରୁଥାଏ। କାରଣ ତୁମ୍ଭେମାନେ ଜାଣ ଯେ ପ୍ରଭୁଙ୍କ ନିମନ୍ତେ ତୁମ୍ଭମାନଙ୍କର ପରିଶ୍ରମ କେବେ ବୃଥା ହେବ ନାହିଁ।

# ହଜିଲା ପୁଅ

ଜଣେ ଲୋକର ଦୁଇଟା ପୁଅ ଥିଲେ । ଦିନେ ସାନ ପୁଅ ବାପାକୁ କହିଲା "ତୁମ ଅନ୍ତେ ମୁଁ ସମ୍ପତ୍ତିର ଯେଉଁ ଭାଗ ପାଇବା କଥା, ତାହା ମୋତେ ଏବେ ଦେଇଦିଅ କାରଣ ମୁଁ ସେତେଦିନ ଯାଏ ଅପେକ୍ଷା କରି ପାରିବି ନାହିଁ ।" ତେଣୁ ବାପଟି ତା' ସମ୍ପତ୍ତି ଦୁଇ ପୁଅଙ୍କ ମଧ୍ୟରେ ବାଣ୍ଟି ଦେବାକୁ ରାଜି ହୋଇଗଲା । କିଛି ଦିନ ପରେ ସାନ ପୁଅ ତା'ର ସବୁ ଜିନିଷ ଧରି ଗୋଟିଏ ଦୂର ଜାଗାକୁ ଯାତ୍ରା କଲା । ସେଠାରେ ସେ ବିଳାସ ଓ ବେଶ୍ୟାଗମନ କରି ସବୁ ପଇସା ଭଡେଇ ଦେଲା ।

ତା'ର ଯେତେବେଳେ ସବୁ ପଇସା ସରିଗଲା-ଦେଶରେ ଦୁର୍ଭିକ୍ଷ ପଡିଲା । ସେ ଭୋକ ଉପାସରେ ଦିନ କଟାଇଲା । ସେ ସେଇ ସହରର ଜଣେ ଚାଷୀ ପାଖରେ ତା'ର ଘୁଷୁରୀ ଚରେଇବା କାମରେ ନିଯୁକ୍ତି ପାଇଲା । ପିଲାଟି ଏତେ ଭୋକିଲା ଥିଲା ଯେ ଘୁଷୁରୀ ମାନଙ୍କର ଦାନା ବି ତାକୁ ଭଲ ଲାଗିଲା । କେହି ତାକୁ କିଛି ଦେଲେ ନାହିଁ ।

ଯେତେବେଳେ ଶେଷରେ ତା'ର ବୁଦ୍ଧି ପଶିଲା - ସେ ମନେ ମନେ ଭାବିଲା - "ଘରେ ମୂଲିଆ ମାନେ ବି ଯଥେଷ୍ଟ ଖାଇ, ବଳି ପଡୁଛି, ଆଉ ଏଠି ମୁଁ ଭୋକ ଉପାସରେ ସଢି ମରୁଛି । ମୁଁ ବାପାଙ୍କ ପାଖକୁ ଯିବି ଏବଂ କହିବି "ବାପା, ମୁଁ ଉଭୟ ତୁମ ବିରୁଦ୍ଧରେ ଓ ଈଶ୍ୱରଙ୍କ ବିରୁଦ୍ଧରେ ପାପ କରିଛି । ମୁଁ ତୁମର ପୁଅ ବୋଲାଇବା ପାଇଁ ଯୋଗ୍ୟ ନୁହେଁ । ତୁମର ଜଣେ ମୂଲିଆ ଭାବରେ ମୋତେ ଗ୍ରହଣ କର ।"

ଏହା ଭାବି ସେ ତା'ର ବାପା ପାଖକୁ ଫେରି ଚାଲିଲା । ଯେତେବେଳେ ସେ ଘରଠାରୁ ଯଥେଷ୍ଟ ଦୂରରେ ଥିଲା, ତା'ର ବାପା ତାକୁ ଦେଖିଲା ଏବଂ ପ୍ରେମ ଓ ଦୟାରେ ତା'ର ପେଟ ପୂରି ଉଠିଲା । ସେ ପୁଅ ପାଖକୁ ଦୌଡିଲା । ତାକୁ କୋଳ କଲା ଓ ଚୁମା ଦେଲା । ପୁଅ ବାପାକୁ କହିଲା, "ମୁଁ ତୁମ ବିରୁଦ୍ଧରେ ଏବଂ ଈଶ୍ୱରଙ୍କ ବିରୁଦ୍ଧରେ ପାପ କରିଛି । ତୁମର ପୁଅ ହେବାର ଯୋଗ୍ୟତା ମୋର ନାହିଁ" କିନ୍ତୁ ବାପା, ତା'ର ଚାକର ମାନଙ୍କୁ ଆଜ୍ଞା ଦେଲା "ଜଲଦି, ଘରେଥିବା ସବୁଠାରୁ ଭଲ ଲୁଗା ଆଣି ମୋ ପୁଅକୁ ପିନ୍ଧାଅ । ତା'ର ଆଙ୍ଗୁଠିରେ ସୁନାମୁଦି ଦିଅ । ଆଉ ତା'ର ପାଦରେ ଯୋତା । ଆଉ ବହୁତ ହୃଷ୍ଟପୁଷ୍ଟ ଗୋଟିଏ ବାଛୁରୀ ମାର । ଆମେ ଭୋଜୀ କରି ଏ ଉତ୍ସବ ମନେଇବା । **କାରଣ ମୋର ଏ ପୁଅ ମରିଯାଇଥିଲା - ପୁଣିଜୀବନ ପାଇଲା । ସେ ହଜି ଯାଇଥିଲା ଏବଂ ମିଳିଲା ।"**

ତେଣୁ ଭୋଜୀଭାତ ଆରମ୍ଭ ହେଲା । ଏତିକି ବେଳକୁ ବଡ ପୁଅ କ୍ଷେତରେ  କାମ କରୁଥିଲା । ସେ ଯେତେବେଳେ ଘରକୁ ଫେରିଲା, ଘର ଭିତରୁ ନାଚ ଗୀତର ଶବ୍ଦ ଆସୁଥିବାର ଶୁଣି ପାରିଲା । ସେ ଚାକର ମାନଙ୍କ ଭିତରୁ ଜଣକୁ ପଚାରିଲା - "ଏ କଣ ହେଉଛି?" ସେ କହିଲା - ତୁମର ଭାଇ ଫେରି ଆସିଛି । ଏବଂ ତୁମର ବାପା, ଆମେ ଯେଉଁ ବାଛୁରୀକୁ ମୋଟା ସୋଟା କରୁଥିଲୁ ତାକୁ ମାରି ଏ ବଡ ଭୋଜୀର ଆୟୋଜନ କରିଛନ୍ତି କାରଣ ତୁମର ଭାଇ ଅକ୍ଷତ ଅବସ୍ଥାରେ ଫେରି ଆସିଛି ।

ବଡ ପୁଅ ରାଗିଲା - ଘରକୁ ଯିବାକୁ ଇଚ୍ଛା କଲା ନାହିଁ । ତା' ବାପା ବାହାରକୁ ଆସିଲେ ଏବଂ ତାକୁ ଭିତରକୁ ଡାକିଲେ, କିନ୍ତୁ ପୁଅ କହିଲା "ବାପା, ଆଜିଯାଏ ମୁଁ ତୁମ ପାଇଁ କଠିନ ପରିଶ୍ରମ କରିଛି । ତୁମର କୌଣସି ଗୋଟିଏ କଥାର ବି-ମୁଁ ଅବାଧ୍ୟ ହୋଇ ନାହିଁ । ତଥାପି ଏତେଦିନ ଭିତରେ ମୋ ସାଙ୍ଗ ମାନଙ୍କ ସାଙ୍ଗରେ ଭୋଜୀ କରିବାକୁ ତୁମେ ମୋତେ ଗୋଟିଏ ଛେଳି ଛୁଆ ବି ଦେଇ ନାହଁ । କିନ୍ତୁ ତୁମର ଏ ପୁଅ ଯେତେବେଳେ ତୁମର ପଇସା ବେଶ୍ୟାମାନଙ୍କ ପଛରେ ଭଡେଇ ଫେରି ଆସିଲା - ତୁମେ ଆମର ସବୁଠାରୁ ଭଲ ବାଛୁରୀ ମାରି ଉତ୍ସବ କରୁଛ ।"

ବାପ ତାକୁ କହିଲା "ଧନରେ! ଶୁଣ, ତୋର ଓ ମୋର ସମ୍ପର୍କ ଅତି ଘନିଷ୍ଠ । ମୋର ଯାହା ଅଛି-ସବୁ ତୋର ।

**କିନ୍ତୁ ଆମର ଉତ୍ସବ କରିବା ଠିକ୍ କାରଣ ତୋର ଏ ଭାଇ ମରି ଯାଇଥିଲା - ପୁଣି ଜୀବନ ପାଇଛି । ସେ ହଜିଯାଇଥିଲା - ମିଳିଛି ।"**

ଲୁକ ୧୫: ୧୧-୩୨

# ଧନୀଲୋକ ଓ ଲାଜାର

ଯୀଶୁ କହିଲେ - ''ଜଣେ ଧନୀ ଲୋକଥିଲା ଯିଏକି ସୁନ୍ଦର ସୁନ୍ଦର ପୋଷାକ ପିନ୍ଧୁଥିଲା । ବିଳାସ ବ୍ୟସନରେ ଦିନ କାଟୁଥିଲା ।

ଦିନେ ଲାଜାର ନାମକ ଗୋଟିଏ ରୋଗୀ ଭିଖାରୀ ତା ଦୁଆରକୁ ଆସିଲା ।

ଲାଜାର ଯେତେବେଳେ, ସେ ଧନୀ ଲୋକର ମେଜରୁ ତଳେ ପଡି ଯାଉଥିବା ଖାଦ୍ୟ ଟୁକୁଡା ପାଇଁ ବିକଳ ହୋଇ ଚ୍ହାହିଁ ରହୁଥିଲା, କୁକୁର ମାନେ ଆସି ତା' ଘା' ଚାଟୁଥିଲେ ।

ଶେଷରେ ଦିନେ ସେ ଭିଖାରୀ ମରିଗଲା । ଧାର୍ମିକ ମୃତ ଲୋକମାନଙ୍କ ସ୍ଥାନରେ, ଅବ୍ରାହାମଙ୍କ ସହିତ ରହିବାକୁ, ଦୂତମାନେ ତାକୁ ବୋହିନେଲେ । ଧନୀ ଲୋକଟି ମଧ୍ୟ ମରିଗଲା ଓ ସମାଧିସ୍ଥ ହେଲା । ଏବଂ ତା'ର ଆତ୍ମା ନରକକୁ ଗଲା ।

ସେଠାରେ ଯନ୍ତ୍ରଣା ପାଉଥିବା ବେଳେ ସେ ଦୂରରୁ ଲାଜାରକୁ, ଅବ୍ରାହାମଙ୍କ ସହିତ ଦେଖିଲା ।

'ପିତା ଅବ୍ରାହାମ୍, ମୋତେ ଦୟାକର' ବୋଲି ସେ ଚିହ୍ନାର କଲା । ''ଲାଜାରକୁ ଏଠାକୁ ପଠାଇ ଦିଅନ୍ତୁ - ସେ ତା'ର ଆଙ୍ଗୁଠିର ଟିପ ପାଣିରେ ବୁଡାଇ ମୋର ଜିଭକୁ ଶୀତଳ କରିବ । କାରଣ ଏ ନିଆଁରେ ମୁଁ ଜଳିପୋଡ଼ି ଯାଉଛି ।'' କିନ୍ତୁ ଅବ୍ରାହାମ ତାକୁ କହିଲେ ''ପୁଅ, ମନେ ପକାଅ, ତୁମ ଜୀବନ କାଳ ମଧ୍ୟରେ ତୁମେ ଯାହା ଚ୍ହାହିଁଥିଲ ସବୁ ପାଇଥିଲ । ଲାଜାର ର କିଛି ନ ଥିଲା । ତେଣୁ ସେ ଏବେ ଏଠି ସୁଖରେ ଅଛି ଆଉ ତୁମେ ଯନ୍ତ୍ରଣା ଭୋଗୁଛ ।

ତା' ଛଡ଼ା, ଆମ ଦୁହିଁଙ୍କୁ ଗୋଟିଏ ବିରାଟ ଶୂନ୍ୟତା ଅଲଗା କରି ରଖିଛି । କେହି ଯଦି ଏଠାରୁ ତୁମ ପାଖକୁ ଆସିବାକୁ ଇଚ୍ଛା କରିବ ତାକୁ ଅଟକେଇ ଦିଆଯିବ ଓ ସେଠାରୁ ମଧ୍ୟ ଏଠାକୁ ଏ ମହାଶୂନ୍ୟ ପାରହୋଇ କେହି ଆସି ପାରିବେ ନାହିଁ ।''

ତା'ପରେ ଧନୀ ଲୋକଟି କହିଲା ''ହେ ପିତା ଅବ୍ରାହାମ୍, ତା' ହେଲେ ତାକୁ ମୋ ବାପାଙ୍କ ଘରକୁ ପଠାଇ ଦିଅନ୍ତୁ । କାରଣ ମୋର ପାଞ୍ଚ ଭାଇ ଅଛନ୍ତି । କାଳେ ସେମାନେ ମରିଗଲେ ଏଠାକୁ ଆସିଯିବେ । ଲାଜାର ସେମାନଙ୍କୁ ଏ ଯନ୍ତ୍ରଣାମୟ ସ୍ଥାନ ବିଷୟରେ ସତର୍କ କରାଇ ଦେବ ।''

କିନ୍ତୁ ଅବ୍ରାହାମ କହିଲେ ''ଧର୍ମଶାସ୍ତ୍ର ସେମାନଙ୍କୁ ବାରବାର ସତର୍କ କରି ଦେଇଛି । ତୁମର ଭାଇମାନେ ଯେତେବେଳେ ଇଚ୍ଛା ତାହା ପଢି ପାରନ୍ତି ।''

ଧନୀ ଲୋକଟି ଉତ୍ତର ଦେଲା ''ପିତା ଅବ୍ରାହାମ୍ ସେମାନେ ଧର୍ମଶାସ୍ତ୍ର ପଢିବାକୁ ଏତେ ଆଗ୍ରହୀ ନୁହନ୍ତି । କିନ୍ତୁ କେହି ଯଦି ସେମାନଙ୍କ ପାଖକୁ ପଠା ହେବ - ତେବେ ସେମାନେ ତାଙ୍କ ପାପରୁ ଓହରୀ ଆସି ପାରନ୍ତି ।''

କିନ୍ତୁ ଅବ୍ରାହାମ କହିଲେ ''ଯଦି ସେମାନେ ମୋଶାଙ୍କ କଥା ଓ ଭବିଷ୍ୟତ ବକ୍ତା ମାନଙ୍କ କଥା ନ ଶୁଣନ୍ତି ମଲାମାନଙ୍କ ଭିତରୁ ଉଠି ଆସିଥିବା ଲୋକର କଥା ବି ସେମାନେ ଶୁଣିବେ ନାହିଁ ।

ଲୁକ ୧୬:୧୯-୩୧

ଯୀଶୁ ଖ୍ରୀଷ୍ଟ କହନ୍ତି "ଦେଖ! ମୁଁ ଦ୍ୱାର ନିକଟରେ ଛିଡା ହୋଇ ଦ୍ୱାରରେ ମାରି ଡାକୁଛି । କେହି ଯେବେ ମୋ ସ୍ୱର ଶୁଣେ ଓ କବାଟ ଫିଟାଏ, ମୁଁ ଭିତରକୁ ଆସିବି ଏବଂ ତା' ସହିତ ଭୋଜନ କରିବି ଓ ସେ ମୋ ସହିତ ଭୋଜନ କରିବ ।

